# ଧରିତ୍ରୀ
DHARITRI

ଭୁବନେଶ୍ୱର, ଗୁରୁବାର, ଅଗଷ୍ଟ ୩୧/୨୦୨୩ (୧୬ ପୃଷ୍ଠା) | Bhubaneswar, Thursday, August 31/2023 | Page 16 | ₹ 7.00

୪୯ଶ ଭାଗ ୨୭୬ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul | VOLUME 49 ISSUE 276 | ମୂଲ୍ୟ ₹୭/-




## ଇଫ୍ତିଖାରଙ୍କ ପ୍ରଥମ ଶତକ

ମୁଲତାନରେ ଅନୁଷ୍ଠିତ ଏସିଆ କପ୍ କ୍ରିକେଟ ଟୁର୍ଣ୍ଣାମେଣ୍ଟର ନେପାଳ ବିପକ୍ଷ ମ୍ୟାଚରେ କ୍ୟାରିୟରର ପ୍ରଥମ ଦିନିକିଆ ଶତକ ହାସଲ କରିଛନ୍ତି ପାକିସ୍ତାନର ଇଫ୍ତିଖାର ଅହମଦ। ୧୪

୧୩

## ଅନୁଷ୍କାଙ୍କ ଇଚ୍ଛା ପୂରଣ ହେଲା

କ୍ରିକେଟ୍‌ଭିତ୍ତିକ ସିନେମାରେ ଅଭିନୟ କରିବାକୁ ଅଭିନେତ୍ରୀ ଅନୁଷ୍କା ଶର୍ମାଙ୍କ ଇଚ୍ଛା ପୂରଣ ହୋଇଛି। ଫିଲ୍ମ 'ଚକଦା ଏକ୍ସପ୍ରେସ୍'ରେ ସେ ଫାଷ୍ଟ ବୋଲର ଝୁଲଣ ଗୋସ୍ୱାମୀଙ୍କ ଭୂମିକା ନିଭାଇଛନ୍ତି।








ଚନ୍ଦ୍ର ପୃଷ୍ଠରେ ରୋଭର 'ପ୍ରଜ୍ଞାନ' ବୁଧବାର ଉଠାଇଥିବା ଲ୍ୟାଣ୍ଡର 'ବିକ୍ରମ'ର ଫଟୋ। ଉତ୍ତାପ ମାପିବା ପାଇଁ ବିକ୍ରମରେ ସଂଯୁକ୍ତ ଥିବା ଦୁଇ ଯନ୍ତ୍ରାଂଶ 'ଚାଷ୍ଟେ' ଏବଂ 'ଇଲ୍‌ସା'କୁ ଇସ୍ରୋ ପକ୍ଷରୁ ଦର୍ଶାଯାଇଛି।

# ବିକ୍ରମର ଫଟୋ ଉଠାଇଲା ପ୍ରଜ୍ଞାନ

## 'ଇମେଜ୍ ଅଫ୍ ଦି ମିଶନ' ଆଖ୍ୟା ଦେଲା ଇସ୍ରୋ

ନୂଆଦିଲ୍ଲୀ/ବେଙ୍ଗାଲୁରୁ,୩୦ା୮

ଚନ୍ଦ୍ରୟାନ-୩ ରୋଭର ପ୍ରଜ୍ଞାନ ବୁଧବାର ଲ୍ୟାଣ୍ଡର ବିକ୍ରମର ଏକ ଫଟୋ ଶେୟାର କରିଛି। ପ୍ରଜ୍ଞାନ ପ୍ରଥମ ଥର ପାଇଁ ନାଭିଗେଶନ କ୍ୟାମେରାରେ ଏହାକୁ ଉତ୍ତୋଳନ କରିଛି। ଅଗଷ୍ଟ ୨୩ରେ ଚନ୍ଦ୍ରପୃଷ୍ଠର ଦକ୍ଷିଣ ମେରୁରେ ସୂକ୍ଷ୍ମାବତରଣ କରିବା ପରେ ଏହା ହେଉଛି ରୋଭର ଦ୍ୱାରା ଉତ୍ତୋଳିତ ତଥା ପ୍ରେରିତ ପ୍ରଥମ ଫଟୋ। ଏଯାଏ ଜହ୍ନରେ ଫଟୋ ଓ ଭିଡିଓ ସବୁ ବିକ୍ରମ ଉଠାଇଆସୁଥିଲା। ପ୍ରଜ୍ଞାନ ପଠାଇଥିବା ଫଟୋକୁ ଭାରତୀୟ ମହାକାଶ ଗବେଷଣା ପ୍ରତିଷ୍ଠାନ (ଇସ୍ରୋ) ଏକ୍ସ'ରେ ଶେୟାର କରି ଏହାକୁ 'ଇମେଜ୍ ଅଫ୍ ଦି ମିଶନ' ଆଖ୍ୟା ଦେଇଛି। ସ୍ପେସ୍ ଏଜେନ୍ସି ଏଥିରେ କ୍ୟାପ୍ସନ ଲେଖିଛି, 'ସ୍ମାଇଲ୍ ପ୍ଲିଜ୍'। ରୋଭରରେ ଥିବା ନାଭ୍‌କ୍ୟାମ୍‌କୁ ଇସ୍ରୋର ବେଙ୍ଗାଲୁରୁସ୍ଥିତ ଲାବୋରେଟୋରି ଫର୍ ଇଲେକ୍ଟ୍ରୋ-ଅପ୍ଟିକ୍ସ ସିଷ୍ଟମ୍ (ଏଲ୍‌ଇଓଏସ୍) ପକ୍ଷରୁ ବିକଶିତ କରାଯାଇଛି। ରୋଭର ପ୍ରଜ୍ଞାନ ସାଉଥ୍ ପୋଲ୍‌ରେ ମଙ୍ଗଳବାର ସଲଫର, ଆଲୁମିନିୟମ, ☞ପୃଷ୍ଠା-୨

# ନାମୀ ବ୍ରାଣ୍ଡରେ ନକଲି ପୋଷାକ

**ଲୋକଙ୍କ ମଧ୍ୟରେ ବିଶେଷକରି ଯୁବପିଢ଼ି ବ୍ରାଣ୍ଡେଡ୍ କମ୍ପାନୀର ପୋଷାକ କିଣିବାକୁ ଆଗ୍ରହ ଦେଖାଉଛନ୍ତି। ଏବେ ପାର୍ବଣ ଋତୁ ପାଖେଇ ଆସିଥିବାବେଳେ ବଜାରରେ ନୂଆ ପୋଷାକ କିଣାକିଣି ବଢ଼ିଲାଣି। ଏହାର ସୁଯୋଗ ନେଇ କେତେଜଣ ଅସାଧୁ ବ୍ୟବସାୟୀ ନାମୀ ବ୍ରାଣ୍ଡ ନାଁରେ ନକଲି ପୋଷାକ ବିକ୍ରି କରୁଛନ୍ତି। ରାୟପୁରରୁ ନକଲି ପୋଷାକ ଅଣାଯାଇ ଅସଲି ବ୍ରାଣ୍ଡ ନାଁରେ ବିକ୍ରି କରି ସେମାନେ ଲାଭବାନ ହେଉଥିବା ଜଣାପଡ଼ିଛି। ବୁଧବାର ବଲାଙ୍ଗୀର ସହରର ଏକ ଗାର୍ମେଣ୍ଟସ୍ ଦୋକାନରୁ ବିପୁଳ ନକଲି ବ୍ରାଣ୍ଡେଡ୍ ପୋଷାକ ଜବତ ହୋଇଛି। ତେବେ ଏହି କାରବାର ପଛରେ ର୍‌ୟାକେଟ୍ ସକ୍ରିୟ ଥିବା ଏବଂ ଏହାର ଚେର ରାଜ୍ୟର ବିଭିନ୍ନ ସ୍ଥାନକୁ ଲମ୍ବିଥିବା ସନ୍ଦେହ କରାଯାଉଛି। ଧରପଗଡ଼ ଠିକଣା ଢଙ୍ଗରେ ହେଲେ ଗ୍ରାହକ ଠକାମିରୁ ବର୍ତ୍ତିପାରିବେ ବୋଲି ଆଶା କରାଯାଉଛି।**

- **ରାୟପୁରରୁ ଲମ୍ବିଛି କାରବାର**
- **୪୦ ଲକ୍ଷର ନକଲି ବ୍ରାଣ୍ଡେଡ୍ ଗାର୍ମେଣ୍ଟସ୍ ଜବତ, ଜଣେ ଗିରଫ**

ବଲାଙ୍ଗୀର ଅଫିସ,୩୦ା୮
(ବୀରେନ୍ଦ୍ର କୁମାର ଝାଙ୍କର)

ବଲାଙ୍ଗୀର ଟାଉନ୍ ଥାନା ପୋଲିସ ବୁଧବାର ସହରର ଲଖାନୀ ନ୍ୟୁ ଗାର୍ମେଣ୍ଟସ୍‌ରେ ଚଢ଼ାଉକରି ପ୍ରାୟ ୪୦ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କାର ନକଲି ବ୍ରାଣ୍ଡେଡ୍ ରେଡିମେଡ୍ ଲୁଗାପଟା ଜବତ କରିଛି। ଏଥିସହ ଦୋକାନ ମାଲିକ ରାଜେଶ କୁମାର ଲଖାନୀ (୫୩)ଙ୍କୁ ଗିରଫ କରି କୋର୍ଟଚାଲାଣ କରାଯାଇଛି। ରାୟପୁରରୁ ବଲାଙ୍ଗୀରକୁ ନକଲି କମ୍ପାନୀର ଲୁଗାପଟା ବିପୁଳ ମାତ୍ରାରେ ଅଣାଯାଇ ସେଥିରେ ବ୍ରାଣ୍ଡେଡ୍ କମ୍ପାନୀର ଲୋଗୋ ଲଗାଯାଇ ଗ୍ରାହକଙ୍କୁ ଲୁଟ୍ କରାଯାଉଛି ବୋଲି ଏସ୍‌ଡିପିଓ ତୋଫାନ ବାଗ ଟାଉନ ଥାନା ପରିସରରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ସୂଚନା ଦେଇଛନ୍ତି।

ମିଳିଥିବା ସୂଚନା ମୁତାବକ ମହାରାଷ୍ଟ୍ରର ମୁମ୍ବାଇରୁ ଆସିଥିବା ମେସର୍ସ ନେତ୍ରିକା କନ୍‌ସଲ୍‌ଟିଂ ଇଣ୍ଡିଆ ପ୍ରାଇଭେଟ୍ ଲିମିଟେଡ୍‌ର ଜଣେ ସ୍ୱୀକୃତିପ୍ରାପ୍ତ ଅଧିକାରୀ ଦୀପେଶ ଗୁପ୍ତା ବୁଧବାର ଟାଉନ୍ ଥାନାକୁ ଆସି ବ୍ରାଣ୍ଡେଡ୍ ଲୁଗାପଟା ବେପାରରେ କପିରାଇଟ୍ ଉଲ୍ଲଂଘନ କରାଯାଉଥିବା ଲିଖିତ ଭାବେ ଅଭିଯୋଗ କରିଥିଲେ। ଏସ୍‌ପି ଋଷିକେଶ ଖିଲାରୀ ମାମଲାର ଗୁରୁତ୍ୱକୁ ଉପଲବ୍ଧି କରି ଏହାରି ଭିତରେ ଆନ୍ତଃ ରାଜ୍ୟ ରାକେଟ୍ ସକ୍ରିୟ ଥିବା ଅଭିଯୋଗକୁ ଭିତ୍ତିକରି ଏକ ସ୍ୱତନ୍ତ୍ର ପୋଲିସ ଅନୁସନ୍ଧାନ ଟିମ୍ ଗଠନ କରିଥିଲେ। ଟାଉନ୍ ଥାନା ଆଇଆଇସି ବିଶ୍ୱଜିତ ମନବୋଧଙ୍କ ନେତୃତ୍ୱରେ ସ୍ୱତନ୍ତ୍ର ଟିମ୍ ଗାନ୍ଧୀନଗର ବାଇପାସ୍ ନିକଟରେ ଥିବା ଲଖାନୀ ଗାର୍ମେଣ୍ଟସ୍ ଗୋଦାମରେ ଚଢ଼ାଉ କରିଥିଲେ। ସେଠାରେ ଥିବା ୩୪୬ଟି ଲେଡିସ୍ ଷ୍ଟ୍ରାଉସ୍ ଜିନ୍ସ, ୫୦୦ଟି ଅଣ୍ଡର ଆରମର ଟ୍ରାକ୍‌ପ୍ୟାଣ୍ଟ ଓ ୪୧୦ଟି କେଲଭିନ୍ କ୍ଲିନ୍ ଜିନ୍ସ ଜବତ କରିଥିଲେ। ଜବତ ଗାର୍ମେଣ୍ଟସ୍‌ର ମୂଲ୍ୟ ୪୦ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କାର ହେବ ବୋଲି ଏସ୍‌ଡିପିଓ ବାଗ ସୂଚନା ଦେଇଛନ୍ତି। ରାୟପୁରରୁ ନକଲି ବ୍ରାଣ୍ଡର ଲୁଗାପଟା କିଣି ବ୍ରାଣ୍ଡେଡ୍ କମ୍ପାନୀର ଲେବୁଲ ଲଗାଇ ଗ୍ରାହକଙ୍କୁ ବିକ୍ରି କରୁଥିଲେ। ☞ପୃଷ୍ଠା-୨

**ଆଜିର ସମ୍ପାଦକୀୟ** ବିଷ୍ଣୁ ଶୋଇଛନ୍ତି




**ସଂକ୍ଷେପରେ**

## ବର୍ଷକରେ ୧୫ ହଜାର ଭାରତୀୟ କର୍ମଜୀବୀ କାନାଡ଼ା ଯାଇଛନ୍ତି

**ଅଟାଓ୍ୱା,୩୦।୮:** ବିଶ୍ୱରେ ବିଭିନ୍ନ ଶିଳ୍ପ କ୍ଷେତ୍ର ଲାଗି ଭାରତୀୟଙ୍କ ଅବଦାନ ଅଧିକ ବୋଲି କୁହାଯାଉଛି। ଏହି କ୍ରମରେ ୨୦୨୨ ଏପ୍ରିଲରୁ ୨୦୨୩ ମାର୍ଚ୍ଚ ମଧ୍ୟରେ ଭାରତରୁ ପ୍ରାୟ ୧୫ ହଜାରରୁ ଊର୍ଦ୍ଧ୍ୱ କର୍ମଜୀବୀ କାନାଡ଼ା ସ୍ଥାନାନ୍ତର ହୋଇଛନ୍ତି। କାନାଡ଼ାର ଶିଳ୍ପ ପ୍ରସାରଣରେ ଭାରତୀୟଙ୍କ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି ବୋଲି ଉତ୍ତର ଆମେରିକାର ଟେକନୋଲୋଜି କାଉନସିଲ୍‌ର ଏକ ରିପୋର୍ଟରେ କୁହାଯାଇଛି। ଭାରତର ୩୨ ହଜାରରୁ ଊର୍ଦ୍ଧ୍ୱ କର୍ମଜୀବୀଙ୍କ ମଧ୍ୟରୁ ୧୫,୦୯୭ ଜଣ କାନାଡ଼ା ଯିବାକୁ ସ୍ଥିର କରିଥିଲେ। କାନାଡ଼ାର ଉତ୍ତମ ଆବାସିକ ନୀତି ଏବଂ ଉଚ୍ଚ ଦରମା ଏହାର ମୁଖ୍ୟ କାରଣ ବୋଲି କୁହାଯାଉଛି।

**ମଣିପୁର ହିଂସା**

## ୨୭ ମାମଲା ଗ୍ରହଣ କଲା ସିବିଆଇ

**ନୂଆଦିଲ୍ଲୀ,୩୦।୮:** କେନ୍ଦ୍ରୀୟ ତଦନ୍ତ ବ୍ୟୁରୋ(ସିବିଆଇ) ମଣିପୁର ହିଂସାକାଣ୍ଡ ମାମଲାର ୨୭ ଏଫ୍‌ଆଇଆର୍ ଗ୍ରହଣ କରିଛି। ଦୀର୍ଘ ୪ ମାସ ଧରି ଲାଗି ରହିଥିବା ଏହି ହିଂସାକାଣ୍ଡରେ ୧୬୧ଜଣଙ୍କ ମୃତ୍ୟୁ ଘଟିଥିଲା। ସ୍ଥାନୀୟ ପୋଲିସ ରୁଜୁ କରିଥିବା ୨୭ଟି ମାମଲାକୁ ସିବିଆଇକୁ ହସ୍ତାନ୍ତର କରିଛି। ସେଥିମଧ୍ୟରୁ ୧୯ଟି ମାମଲା ମହିଳାମାନଙ୍କୁ ନିର୍ଯାତନା ଜନିତ ଥିବାବେଳେ ୩ଟି ଅସ୍ତ୍ରଶସ୍ତ୍ର ଲୁଟ୍, ଦୁଇଟି ହତ୍ୟା ଏବଂ ଅନ୍ୟଗୁଡିକ ଅପହରଣ ଓ ସାଧାରଣ ଅପରାଧଜନିତ ରହିଛି। ସିବିଆଇ ଏହି ମାମଲା ଗୁଡ଼ିକର ପୁନଃ ପଞ୍ଜୀକରଣ କରିଥିବାବେଳେ ତଦନ୍ତ ପ୍ରକ୍ରିୟା ପ୍ରଭାବିତ ଆଶଙ୍କାରେ ମାମଲା ସମ୍ପର୍କରେ କୌଣସି ସୂଚନା ଦେଇନାହିଁ। ତେବେ ସିବିଆଇ ଟିମ୍ ଏବେ ଅଭିଯୁକ୍ତ ଏବଂ ପୀଡ଼ିତ ମାନଙ୍କୁ ପଚରାଉଚରା ଆରମ୍ଭ କରିଛି। ମଣିପୁର ପହଞ୍ଚି ସମସ୍ତ ଘଟଣାର ତଦନ୍ତ କରିବାବେଳେ ସିବିଆଇକୁ ବିଭିନ୍ନ ପ୍ରତିବନ୍ଧକର ସାମ୍ନା କରିବାକୁ ପଡ଼ିପାରେ। କାରଣ ଗୋଟିଏପକ୍ଷର ସମ୍ପୃକ୍ତି ନେଇ ଅଭିଯୋଗ କଲେ ଅନ୍ୟପକ୍ଷ ଅସନ୍ତୋଷ ପ୍ରକାଶ କରିବାର ସମ୍ଭାବନା ରହିଛି।

# ଅକ୍ସାଇ ଚୀନରେ ଚାଇନା ବଙ୍କର




**ନୂଆଦିଲ୍ଲୀ,୩୦।୮**

ପ୍ରକୃତ ନିୟନ୍ତ୍ରଣରେଖା (ଏଲ୍‌ଏସି)ଠାରୁ ୭୦ କି.ମି. ଦୂରରେ ଅବସ୍ଥିତ ଅକ୍ସାଇ ଚୀନକୁ ଆକାଶମାର୍ଗ ଆକ୍ରମଣରୁ ରକ୍ଷା କରିବା ପାଇଁ ସେଠାରେ ବଙ୍କର ଓ ଭୂତଳ ଭିତ୍ତିଭୂମି ନିର୍ମାଣ କରିଚାଲିଛି ଚାଇନାର ପିପୁଲ୍ସ ଲିବରେଶନ୍ ଆର୍ମି (ପିଏଲ୍‌ଏ)। ଅକ୍ସାଇ ଚୀନର ୧୫ ବର୍ଗ କି.ମି. ବିସ୍ତୃତ ଅଞ୍ଚଳର ୬ଟି ସ୍ଥାନରେ ଏହି ଭୂତଳ ବଙ୍କରଗୁଡ଼ିକୁ ନିର୍ମାଣ କରାଯାଇଛି। ୨୦୨୧ ଡିସେମ୍ବର ୬ ଏବଂ ୨୦୨୩ ଅଗଷ୍ଟ ୧୮ରେ ନିଆଯାଇଥିବା ଉପଗ୍ରହ ଚିତ୍ରରୁ ଏହି ବିଷୟ ସ୍ପଷ୍ଟ ହୋଇଥିବା କେତେକ ଜାତୀୟ ଗଣମାଧ୍ୟମରେ ରିପୋର୍ଟ ପ୍ରକାଶ ପାଇଛି।

ଗତ ମେ'ରେ ମିଳିଥିବା ଉପଗ୍ରହ ଚିତ୍ରକୁ ଅନୁଧ୍ୟାନ କଲେ ଜଣାପଡୁଛି ଯେ, ଅକ୍ସାଇ ଚୀନରେ ସାମରିକ ଅଭିଯାନ ପାଇଁ ଚାଇନା କେତେକ ନୂଆ ରନ୍‌ଓ୍ୱେ, ଜେଟ୍ ପ୍ରୋଟେକ୍ସନ ଶେଲ୍ଟର ଓ ନୂଆ ବିଲ୍ଡିଂ ନିର୍ମାଣ କରିଛି। ଏଲ୍‌ଏସିରେ ନିଜ ବାୟୁସେନା ଘାଟିର ବିସ୍ତାର ଏବଂ ଏହା ଜରିଆରେ ବିସ୍ତୃତ ଅପରେଶନ ଚଳାଇବା ହେଉଛି ଉକ୍ତ ନିର୍ମାଣର ଲକ୍ଷ୍ୟ। ଏପରି କି କେତେକ ଅଞ୍ଚଳରେ ଭାରତକୁ ମିଳୁଥିବା ସୁବିଧାକୁ ବନ୍ଦ କରିବା ପାଇଁ ଚାଇନା ଯଥାସାଧ୍ୟ ଉଦ୍ୟମ କରୁଛି।

ନୂଆ ସାଟେଲାଇଟ୍ ଇମେଜରୁ ଏବେ ଜଣାପଡ଼ିଛି, ପିଏଲ୍‌ଏ ସୈନ୍ୟମାନେ ଭୂତଳ ବଙ୍କରଗୁଡ଼ିକୁ ବ୍ୟବହାର କରୁଛନ୍ତି। ବଙ୍କର ଉପରେ ଆକାଶମାର୍ଗରୁ ବୋମାମାଡ଼ ହେଲେ ଯେପରି ସୁରକ୍ଷିତ ଭାବେ ବର୍ତ୍ତିଯିବେ, ସେଥିଲାଗି ସ୍ୱତନ୍ତ୍ର 'ପ୍ରବେଶ' ଓ 'ପ୍ରସ୍ଥାନ' ପଥର ବ୍ୟବସ୍ଥା କରାଯାଇଛି। କେତେକ ପାର୍ବତ୍ୟାଞ୍ଚଳରେ ନୂଆ ସୁଡ଼ଙ୍ଗ ମଧ୍ୟ ନିର୍ମାଣ କରାଯାଇଛି।

## ମୋଦି ମୁହଁ ଖୋଲନ୍ତୁ: ରାହୁଲ



ଲଦାଖରେ ପଡ଼ୋଶୀ ଦେଶ ଭାରତର ଭୂମି ଛଡ଼ାଇ ନେଇସାରିଥିବାବେଳେ ଏସବୁ ଉପରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ମୁହଁ ଖୋଲିବା ଉଚିତ ବୋଲି କଂଗ୍ରେସ ନେତା ରାହୁଲ ଗାନ୍ଧୀ କହିଛନ୍ତି। କର୍ଣ୍ଣାଟକ ଗସ୍ତ ପୂର୍ବରୁ ଦିଲ୍ଲୀରେ ରାହୁଲ କହିଥିଲେ, ଲଦାଖରୁ ମୁଁ ସଦ୍ୟ ଫେରିଛି। ଲଦାଖରେ ଆମର ୧ ଇଞ୍ଚ ବି ଭୂମି ଚାଇନା ହାତକୁ ଯାଇନାହିଁ ବୋଲି ପ୍ରଧାନମନ୍ତ୍ରୀ କହୁଥିବା ମିଛ ଏବେ ଧରାପଡ଼ିଛି। ଆମ ଭୂମି ଉପରେ ଚାଇନା ମାଡ଼ିଆସିଥିବା କଥା ସମଗ୍ର ଲଦାଖ ଜାଣିଛି। ଚାଇନା ମାନଚିତ୍ରରେ ଭାରତର ଅରୁଣାଚଳ ପ୍ରଦେଶ ଓ ଅକ୍ସାଇ ଚୀନକୁ ଚାଇନା ସ୍ଥାନିତ କରିବା ଅତ୍ୟନ୍ତ ଗମ୍ଭୀର ପ୍ରସଙ୍ଗ।

## ରାହୁଲଙ୍କ ଅଭିଯୋଗ ଭିତ୍ତିହୀନ: ଭାଜପା

କଂଗ୍ରେସ ନେତା ରାହୁଲ ଗାନ୍ଧୀ ଚାଇନା ମାନଚିତ୍ର ପ୍ରସଙ୍ଗ ଉଠାଇ ପ୍ରଧାନମନ୍ତ୍ରୀଙ୍କୁ ଟାର୍ଗେଟ କରିଥିବାବେଳେ ଭାଜପା ଏହାର ଜବାବ ରଖିଛି। କେନ୍ଦ୍ରମନ୍ତ୍ରୀ ପ୍ରହ୍ଲାଦ ଜୋଶୀ କହିଛନ୍ତି, ରାହୁଲଙ୍କ ଦାବି ଅମୂଳକ। ସେ ଭିତ୍ତିହୀନ ଅଭିଯୋଗ ଆଣୁଛନ୍ତି। ଚାଇନା ଆମର ଜମି ଛଡ଼ାଇ ନେଇଥିବା କଥା ରାହୁଲ କହୁଛନ୍ତି। କିନ୍ତୁ ଚାଇନା ସେହି ଜମିକୁ ପ୍ରଥମ ପ୍ରଧାନମନ୍ତ୍ରୀ ଜବାହରଲାଲ ନେହେରୁଙ୍କ ଅମଳରେ ଛଡ଼ାଇ ନେଇଥିଲା।

ଏହା ଉପରେ ଭାରତ ପକ୍ଷରୁ କୌଣସି ପ୍ରତିକ୍ରିୟା ପ୍ରକାଶ ପାଇନାହିଁ। ଚାଇନା ଅରୁଣାଚଳ ପ୍ରଦେଶ ଓ ଅକ୍ସାଇ ଚୀନକୁ ନିଜ ଭୂଖଣ୍ଡର ଏକ ଅଂଶ ଭାବେ ଏହାର ନୂଆ ଷ୍ଟାଣ୍ଡାର୍ଡ ମ୍ୟାପ୍‌ରେ ଦର୍ଶାଇବା ପରେ ଏହି ରିପୋର୍ଟ ସାମ୍ନାକୁ ଆସିଛି।

## ଖୁବ୍‌ଶୀଘ୍ର ଉପଲବ୍ଧ ହେବ ମ୍ୟାଲେରିଆ ଭ୍ୟାକ୍‌ସିନ୍


ସାଇରସ୍ ପୁନାଓ୍ୱାଲା

**ପୁନେ,୩୦।୮**

ଖୁବ୍‌ଶୀଘ୍ର ମ୍ୟାଲେରିଆ ଭ୍ୟାକ୍‌ସିନ ଉପଲବ୍ଧ ହେବ ବୋଲି ସେରମ୍ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଇଣ୍ଡିଆ(ଏସ୍‌ଆଇଆଇ)ର ପରିଚାଳନା ନିର୍ଦ୍ଦେଶକ ସାଇରସ୍ ପୁନାଓ୍ୱାଲା ବୁଧବାର ଘୋଷଣା କରିଛନ୍ତି। ଏହି ଭ୍ୟାକ୍‌ସିନ୍ କେବଳ ଭାରତ ନୁହେଁ ବରଂ ଆଫ୍ରିକାର ମ୍ୟାଲେରିଆପ୍ରବଣ ଅଞ୍ଚଳରେ ମଧ୍ୟ ଉପଲବ୍ଧ ହେବ। କୋଭିଡ୍ ଭ୍ୟାକ୍‌ସିନ୍ 'କୋଭିସିଲ୍ଡ'ର ସଫଳତା ପରେ ଏସ୍‌ଆଇଆଇ ଖୁବ୍‌ଶୀଘ୍ର ମ୍ୟାଲେରିଆ ଭ୍ୟାକସିନ୍ ଉବଲବ୍ଧ କରିବାକୁ ଯାଉଛି ବୋଲି ପୁନାଓ୍ୱାଲା କହିଛନ୍ତି। ସେ ଆହୁରି ମଧ୍ୟ କହିଛନ୍ତି, ଏସ୍‌ଆଇଆଇ ଡେଙ୍ଗୁଜ୍ୱର ଲାଗି ମଧ୍ୟ ଭ୍ୟାକ୍‌ସିନ୍ ପ୍ରସ୍ତୁତିରେ ଲାଗିଛି ଯାହା ଆସନ୍ତା ବର୍ଷ ଉପଲବ୍ଧ ହେବ। ମଶା କାମୁଡ଼ାରୁ ସୃଷ୍ଟି ହେଉଥିବା ଏହି ଦୁଇ ଜ୍ୱରର ଭ୍ୟାକ୍‌ସିନ୍ ପ୍ରସ୍ତୁତି ଲାଗି ତାଙ୍କ କମ୍ପାନୀ ଦୀର୍ଘବର୍ଷ ହେଲା କାର୍ଯ୍ୟ କରି ଆସୁଥିଲା।

## ମେହବୁବାଙ୍କ ମିଡିଆ ପରାମର୍ଶଦାତା ଝିଅ ଇଲ୍‌ତିଜା

**ଶ୍ରୀନଗର,୩୦।୮**


ଇଲ୍‌ତିଜା ମୁଫତି

ଜମ୍ମୁ-କଶ୍ମୀରର ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ପିପୁଲ୍ସ ଡେମୋକ୍ରାଟିକ ପାର୍ଟି(ପିଡିପି) ମୁଖ୍ୟ ମେହବୁବା ମୁଫତିଙ୍କ ଝିଅ ଇଲ୍‌ତିଜା ମୁଫତିଙ୍କୁ ତାଙ୍କ ମିଡିଆ ପରାମର୍ଶଦାତା ନିଯୁକ୍ତ କରାଯାଇଛି। ୩୫ ବର୍ଷୀୟା ଇଲ୍‌ତିଜା ୨୦୧୯ରେ ମେହବୁବାଙ୍କ ସମେତ କଶ୍ମୀର ନେତାମାନଙ୍କୁ ଗୃହବନ୍ଦୀ କରାଯିବା ସମୟ ପରଠୁ ମେହବୁବାଙ୍କ ସୋସିଆଲ ମିଡିଆ ଆକାଉଣ୍ଟଗୁଡ଼ିକୁ ପରିଚାଳନା କରୁଛନ୍ତି।

## ଆଜି ମୁମ୍ବାଇରେ ଇଣ୍ଡିଆ ବୈଠକ

**ମୁମ୍ବାଇ/ନୂଆଦିଲ୍ଲୀ,୩୦।୮**

ବିରୋଧୀ ବ୍ଲକ୍ ଇଣ୍ଡିଆନ୍ ନ୍ୟାଶନାଲ ଡେଭେଲପ୍‌ମେଣ୍ଟାଲ ଇନ୍‌କ୍ଲୁସିଭ୍ ଆଲାଏନ୍ସ (ଇଣ୍ଡିଆ)ର ତୃତୀୟ ବୈଠକ ଗୁରୁବାର ମୁମ୍ବାଇରେ ଆରମ୍ଭ ହେବ। ଏହି ୨ ଦିନିଆ ସମାବେଶରେ ମେଣ୍ଟ ପାଇଁ ଏକ ସମନ୍ୱୟ ସମିତି ଘୋଷଣା ସହ ଲୋଗୋ ଜାରି କରାଯିବ। ପରସ୍ପର ମଧ୍ୟରେ ଥିବା ମତଭେଦକୁ ଦୂରକରି ୨୦୨୪ ଲୋକ ସଭା ନିର୍ବାଚନ ସକାଶେ ଇଣ୍ଡିଆ ପକ୍ଷରୁ ମିଳିତ ରଣନୀତି ପ୍ରସ୍ତୁତ କରାଯିବ। ମେଣ୍ଟର ସମାନ ସର୍ବନିମ୍ନ କାର୍ଯ୍ୟସୂଚୀ ଚିଠା ପ୍ରସ୍ତୁତ, ଦେଶବ୍ୟାପୀ ବିକ୍ଷୋଭ ପ୍ରଦର୍ଶନ ଲାଗି ମିଳିତ ଯୋଜନା ଏବଂ ଆସନ ଭାଗବଣ୍ଟା କରିବା ପାଇଁ କେତୋଟି କମିଟି ମଧ୍ୟ ଗଠନ କରାଯିବ। ବର୍ତ୍ତମାନର ସରକାରଙ୍କ ନକାରାତ୍ମକ ନୀତିଗୁଡ଼ିକ ବିରୋଧରେ ଏକ ବିକଳ୍ପ ଛିଡ଼ା କରାଇବା ପାଇଁ ମୁମ୍ବାଇ ବୈଠକରୁ ସ୍ପଷ୍ଟ ରୋଡ୍‌ମ୍ୟାପ ମିଳିବ ବୋଲି ରାଷ୍ଟ୍ରୀୟ ଜନତା ଦଳ (ଆର୍‌ଜେଡି) ନେତା ମନୋଜ ଝା କହିଛନ୍ତି।

ଇଣ୍ଡିଆ ବ୍ଲକ୍ ଦିଲ୍ଲୀରେ ଏକ ସେକ୍ରେଟାରିଏଟ୍ ଗଠନ କରିବାକୁ ଯାଉଛି, ଯେଉଁଠି ଏହାର ଅଂଶୀଦାର ଦଳଗୁଡ଼ିକ ମଧ୍ୟରେ ସମନ୍ୱୟ ରକ୍ଷା କରାଯାଇପାରିବ। ଏହାବାଦ୍ ମେଣ୍ଟର ସଂଯୋଜକ କିମ୍ବା ଅଧ୍ୟକ୍ଷ ନିଯୁକ୍ତି ସମ୍ପର୍କରେ ମଧ୍ୟ ଆଲୋଚନା ହେବ। ବିହାର ମୁଖ୍ୟମନ୍ତ୍ରୀ ନୀତୀଶ କୁମାର ସଂଯୋଜକ ପଦ ଦୌଡ଼ରେ ଆଗୁଆ ଥିବା କୁହାଯାଉଛି। ସେହିପରି କଂଗ୍ରେସ ନେତ୍ରୀ ସୋନିଆ ଗାନ୍ଧୀଙ୍କୁ ମେଣ୍ଟର ମୁଖ୍ୟ ଘୋଷଣା କରାଯାଇପାରେ। ବର୍ତ୍ତମାନ ଇଣ୍ଡିଆରେ ୨୬ ଦଳ ଥିବାବେଳେ ମୁମ୍ବାଇ ବୈଠକରେ ଆଉ କେତୋଟି ଦଳକୁ ସାମିଲ କରାଯାଇପାରେ।

## ଫ୍ୟାକ୍ଟ୍ରିରେ ବିଷାକ୍ତ ଗ୍ୟାସ: ୫ ଶ୍ରମିକ ମୃତ

**ମୋରେନା,୩୦।୮**

ମଧ୍ୟପ୍ରଦେଶର ମୋରେନା ସ୍ଥିତ ଏକ ଫ୍ୟାକ୍ଟ୍ରିରୁ ବୁଧବାର ବିଷାକ୍ତ ଗ୍ୟାସ ନିର୍ଗତ ହେବା ପରେ ୫ ଜଣ ଶ୍ରମିକଙ୍କ ମୃତ୍ୟୁ ଘଟିଛି। ଫ୍ୟାକ୍ଟ୍ରିରେ ଥିବା ଏକ ଟ୍ୟାଙ୍କରରୁ ପୂର୍ବାହ୍ନ ୧୧ଟାରେ ଗ୍ୟାସ ନିର୍ଗତ ହେଉଥିବା ଜଣାପଡ଼ିଥିଲା। ଏଥିରେ ଅସୁସ୍ଥ ହୋଇପଡ଼ିଥିବା ୫ ଶ୍ରମିକଙ୍କୁ ସ୍ଥାନୀୟ ସିଭିଲ୍ ସର୍ଜନ ହସ୍ପିଟାଲକୁ ନିଆଯାଇଥିବାବେଳେ ସେଠାରେ ଡାକ୍ତର ସେମାନଙ୍କୁ ମୃତ ଘୋଷଣା କରିଥିଲେ।

## ଲୋକ ସଭାରୁ ଅଧୀରଙ୍କ ନିଲମ୍ବନ ପ୍ରତ୍ୟାହୃତ

**ନୂଆଦିଲ୍ଲୀ,୩୦।୮**

ଲୋକ ସଭାରେ କଂଗ୍ରେସ ନେତା ଅଧୀର ରଞ୍ଜନ ଚୌଧରୀଙ୍କ ବିବାଦୀୟ ମନ୍ତବ୍ୟ ଯୋଗୁ ତାଙ୍କ ସଦସ୍ୟତା ରଦ୍ଦ କରାଯାଇଥିଲା। ବୁଧବାର ଏକ ସଂସଦୀୟ କମିଟି ସଦସ୍ୟତା ତତ୍କାଳ ଫେରାଇବା ପାଇଁ ସୁପାରିସ କରିବା ପରେ ଏହାକୁ ପ୍ରତ୍ୟାହାର କରାଯାଇଛି। ସ୍ୱାଧିକାର ଭଙ୍ଗ କମିଟି ପକ୍ଷରୁ କରାଯାଇଥିବା ସୁପାରିସକୁ ଲୋକ ସଭା ବାଚସ୍ପତି ଓମ୍ ବିର୍ଲାଙ୍କୁ ଦିଆଯାଇଥିବା ଜଣାପଡ଼ିଛି।



## ସ୍ପେନ୍‌ରେ ଲା ଟମାଟିନା ଉତ୍ସବ

ସ୍ପେନ୍‌ର ବୁନୋଲ ସହରରେ ୭୬ତମ ବାର୍ଷିକ ଲା ଟମାଟିନା ଉତ୍ସବ ପାଳିତ ହୋଇଛି। ପ୍ରତିବର୍ଷ ଅଗଷ୍ଟ ଶେଷ ବୁଧବାର ପାଳିତ ହେଉଥିବା ଏହି ଫୁଡ୍ ଫାଇଟ୍ ଫେଷ୍ଟିଭାଲରେ ବିଶ୍ୱର ବିଭିନ୍ନ ଭାଗରୁ ଆସିଥିବା ଅନେକ ହଜାର ଲୋକ ସାମିଲ ହୋଇ ପରସ୍ପରକୁ ପାଚିଲା ଲାଲ୍ ଟମାଟୋ ମାଡ଼ କରିଥାଆନ୍ତି। କେହି କେହି ନିଜ ଆଖିର ସୁରକ୍ଷା ପାଇଁ ଚଷମା ପିନ୍ଧିଥାନ୍ତି। ପୂର୍ବାହ୍ନ ୧୧ଟାରେ ପ୍ଲାଜା ଡେଲ୍ ପୁଏବ୍ଲୋଠାରେ ଟମାଟୋ ବୋଝେଇ ଏକ ଟ୍ରକ୍ ପହଞ୍ଚିବା ପରେ ଏହି ଉତ୍ସବ ଆରମ୍ଭ ହୋଇଥାଏ। ଏହା ପରେ ଟମାଟୋ ଫିଙ୍ଗା ପର୍ବ ଚାଲେ। ଘଣ୍ଟାଏ ଧରି ଟମାଟୋ ମାଡ଼ ଚାଲିବା ପରେ ସଫେଇ ଆରମ୍ଭ ହୋଇଥାଏ। ଏକ ଓ୍ୱାଟର କ୍ୟାନନ୍ ଜରିଆରେ ଲୋକଙ୍କ ଉପରକୁ ପାଣି ବର୍ଷା କରାଯାଏ।

## କୋର୍ଟରେ ଓକିଲଙ୍କୁ ଗୁଳିକରି ହତ୍ୟା

**ଗାଜିଆବାଦ,୩୦।୮**


ମୃତକ ମନୋଜ ଚୌଧୁରୀ

ଉତ୍ତରପ୍ରଦେଶର ଗାଜିଆବାଦ ଜିଲା ତହସିଲ କୋର୍ଟ ପରିସରରେ ବୁଧବାର ଜଣେ ଓକିଲଙ୍କୁ ଦୁଇଜଣ ଦୁର୍ବୃତ୍ତ ଗୁଳିକରି ହତ୍ୟା କରିଛନ୍ତି। ମୃତକ ମନୋଜ ଚୌଧୁରୀ କୋର୍ଟ ପରିସରରେ ଥିବା ତାଙ୍କ ଚାମ୍ବରରେ ମଧ୍ୟାହ୍ନ ଭୋଜନ କରୁଥିବାବେଳେ ଦୁଇ ଜଣ ଅଜଣା ଦୁର୍ବୃତ୍ତ ହଠାତ୍ ସେଠାରେ ପହଞ୍ଚି ତାଙ୍କ ଉପରକୁ ଗୁଳିମାଡ଼ କରିଥିଲେ। ଫଳରେ ଘଟଣାସ୍ଥଳରେ ହିଁ ତାଙ୍କର ମୃତ୍ୟୁ ଘଟିଥିଲା। ଘଟଣାପରେ ପୋଲିସ ସାଇଣ୍ଟିଫିକ ଟିମ୍ ସହ ସେଠାରେ ପହଞ୍ଚି ତଦନ୍ତ ଆରମ୍ଭ କରିଥିଲା। ଏଥିସହ ମୃତଦେହ ଜବତ କରି ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଥିଲା। ଅଭିଯୁକ୍ତମାନଙ୍କୁ ଧରିବା ଲାଗି ପୋଲିସ କୋର୍ଟ ରୁମ୍ ପରିସରରେ ଲାଗିଥିବା ସିସିଟିଭି କ୍ୟାମେରାର ଫୁଟେଜ୍ ଯାଞ୍ଚ କରୁଛି। ଆକ୍ରମଣବେଳେ ଅନ୍ୟ ଓକିଲମାନେ ପଶ୍ଚିମ ଉତ୍ତରପ୍ରଦେଶ ଓକିଲ ସଂଘ ଦ୍ୱାରା ଡାକରା ଦିଆଯାଇଥିବା ଆନ୍ଦୋଳନ ସମ୍ପର୍କରେ ଆଲୋଚନା କରୁଥିଲେ। ମୃତକଙ୍କ ସ୍ତ୍ରୀ କବିତା ଚୌଧୁରୀ, ଅମିତ ଡଗର, ନୀତୀନ ଡଗର, ମନନ ଡଗର, ଅଞ୍ଜୁ ଏବଂ ଅମିତଙ୍କ ବିରୋଧରେ ଏତଲା ଦେଇଛନ୍ତି। ସମସ୍ତ ଅଭିଯୁକ୍ତ ଗୁଳିକାଣ୍ଡବେଳେ କୋର୍ଟ ପରିସରରେ ଉପସ୍ଥିତ ଥିଲେ ବୋଲି ସେ ଅଭିଯୋଗ କରିଛନ୍ତି।

## ବିଦେଶରେ ବଢୁଛି ଭାରତର ପ୍ରଭାବ

**ନୂଆଦିଲ୍ଲୀ,୩୦।୮**

ବିଶ୍ୱରେ ଭାରତର ପ୍ରଭାବ ବୃଦ୍ଧି ପାଉଛି ବୋଲି ପ୍ରାୟ ୭୦% ଭାରତୀୟ ମନେକରନ୍ତି। ଥିଙ୍କଟ୍ୟାଙ୍କ ପିଉ ରିସର୍ଚ୍ଚ ସେଣ୍ଟରର ଏକ ସଦ୍ୟ ସର୍ବେକ୍ଷଣରୁ ଏହି ବିଷୟ ଜଣାପଡ଼ିଛି। ସର୍ଭେ କରାଯାଇଥିବା ଅନ୍ୟ ୨୩ଟି ଦେଶର ୪୬% ଲୋକ ଭାରତ ପ୍ରତି ସକାରାତ୍ମକ ମତାମତ ଦେଇଛନ୍ତି। ଅନ୍ୟପକ୍ଷେ ୩୪% ଲୋକ ଭାରତ ଉପରେ ନକାରାତ୍ମକ ମତ ନେଇଥିବାବେଳେ ୧୬% କିଛି କହିବାକୁ ମନା କରିଦେଇଛନ୍ତି। ଭାରତ ସପକ୍ଷରେ ମତଦେଇଥିବା ସର୍ବାଧିକ ୫୧% ହେଉଛନ୍ତି ଆମେରିକୀୟ। ଗତବର୍ଷ ୧୯ଟି ଦେଶରେ କରାଯାଇଥିବା ଏକ ସର୍ଭେରେ ୨୮% ଲୋକ ବିଶ୍ୱରେ ଭାରତର ପ୍ରଭାବ ବୃଦ୍ଧି ଘଟୁଥିବା କହିଥିଲେ।

## ଗାବୋନ୍‌ରେ ସାମରିକ ବିଦ୍ରୋହ

**ଲିବ୍ରେଭିଲେ,୩୦।୮**



ଆଫ୍ରିକୀୟ ରାଷ୍ଟ୍ର ଗାବୋନ ନିର୍ବାଚନରେ ରାଷ୍ଟ୍ରପତି ଅଲୀ ବୋଙ୍ଗୋ ଅଣ୍ଡିମ୍ବାଙ୍କ ବିଜୟ ପରେ ବୁଧବାର ସାମରିକ ବିଦ୍ରୋହ ଦେଖିବାକୁ ମିଳିଛି। ସେନା ରାଷ୍ଟ୍ରପତିଙ୍କୁ ଗୃହବନ୍ଦୀ କରି କ୍ଷମତା ଦଖଲ କରିଛି। ବର୍ତ୍ତମାନର ଶାସନ ଶେଷ ହେଲା ବୋଲି କେତେଜଣ ସୈନ୍ୟ ଟିଭିରେ ଘୋଷଣା କରିଛନ୍ତି। ଏଥିସହ ଅଗଷ୍ଟ ୨୬ରେ ଅନୁଷ୍ଠିତ ସାଧାରଣ ନିର୍ବାଚନ ଫଳାଫଳକୁ ଅସିଦ୍ଧ ଘୋଷଣା କରିଛନ୍ତି। ସେମାନେ ସରକାର, ସିନେଟ୍, ନ୍ୟାଶନାଲ ଆସେମ୍ବ୍ଲି ଏବଂ ସାମ୍ବିଧାନିକ ଅଦାଲତ ସମେତ ଦେଶର ସମସ୍ତ ଅନୁଷ୍ଠାନକୁ ଭଙ୍ଗ କରିଦେଇଛନ୍ତି। ନୂଆ ନୋଟିସ ଜାରି ହେବା ପର୍ଯ୍ୟନ୍ତ ଦେଶର ସବୁ ସୀମାକୁ ସିଲ୍ କରିଦିଆଯାଇଛି। ରାଜଧାନୀ ଲିବ୍ରେଭିଲେରେ ଗୁଳିଗୋଳାର ଶବ୍ଦ ଶୁଣିବାକୁ ମିଳୁଛି। ବିଦ୍ରୋହ କରିଥିବା ସୈନ୍ୟଙ୍କ ମଧ୍ୟରେ ରିପବ୍ଲିକାନ୍ ଗାର୍ଡ ଏବଂ ପୋଲିସ ଅଧିକାରୀମାନେ ମଧ୍ୟ ସାମିଲ ଅଛନ୍ତି। ଦୀର୍ଘ ୧୪ ବର୍ଷ ଧରି କ୍ଷମତାରେ ଥିବା ବୋଙ୍ଗୋ ଶନିବାର

**ରାଷ୍ଟ୍ରପତି ଗୃହବନ୍ଦୀ**

୬୪.୨୭% ଭୋଟ ପାଇ ତୃତୀୟ ଥର ପାଇଁ ରାଷ୍ଟ୍ରପତି ହେବାକୁ ଯାଉଥିବାବେଳେ ତାଙ୍କ ପ୍ରତିଦ୍ୱନ୍ଦ୍ୱୀ ଆଲବର୍ଟ ଅଣ୍ଡୋ ଓସା ମାତ୍ର ୩୦.୭୭% ପାଇଛନ୍ତି।

**ବ୍ରିଟେନର ନୂଆ କ୍ୟାନ୍‌ସର ଟିକା**

## ରୋଗୀଙ୍କ ଚିକିତ୍ସା ଅବଧି କମାଇବ

**ଲଣ୍ଡନ,୩୦।୮**




ବ୍ରିଟେନ ସରକାର ଏଭଳି ଏକ ଟିକା ପ୍ରସ୍ତୁତ କରିଛନ୍ତି, ଯାହା କ୍ୟାନସର ଚିକିତ୍ସାରେ ଅଧିକ ଫଳପ୍ରଦ ହେବ। ଏହି ଟିକା କ୍ୟାନସର ରୋଗୀଙ୍କ ଚିକିତ୍ସା ଅବଧିକୁ ପ୍ରାୟ ୩ ମାସ ହ୍ରାସ କରୁଛି। ଏହା ଇଂଲଣ୍ଡର ଔଷଧ ଓ ସ୍ୱାସ୍ଥ୍ୟସେବା ଏଜେନ୍ସି ଦ୍ୱାରା ଅନୁମୋଦନ ହୋଇଛି। ଏନେଇ ଜାତୀୟ ସ୍ୱାସ୍ଥ୍ୟସେବା ସଂସ୍ଥା ପକ୍ଷରୁ କୁହାଯାଇଛି, ପୂର୍ବରୁ କ୍ୟାନସର ରୋଗୀମାନେ ନିଜର ରୋଗ ପ୍ରତିରୋଧକ ଶକ୍ତି ବୃଦ୍ଧି କରିବା ଲାଗି ଯେଉଁ ଟିକା ନେଉଥିଲେ ତାହା ଏହି ରୋଗର ଚିକିତ୍ସା ଲାଗି ଅଧିକ ସମୟ ନେଉଥଲା। ଜାତୀୟ ସ୍ୱାସ୍ଥ୍ୟ ସେବା ସଂସ୍ଥାର ପରାମର୍ଶଦାତା ଡ. ଆଲେକଜାଣ୍ଡାର ମାର୍ଟିନ କହିଛନ୍ତି ଏହି ଟିକା କମ୍ ସମୟରେ ଅଧିକ ଫଳପ୍ରଦ ହେଉଥିବାରୁ ଅଧିକ ସଂଖ୍ୟକ ରୋଗୀ ଏହି ରୋଗରୁ ଉପଶମ ପାଇପାରିବେ। ଇଂଲଣ୍ଡର ପ୍ରସ୍ତୁତ ଏହି ଟିକାର ନାମ ଟେକେନ୍‌ଟ୍ରିକ୍ୟୁ, ଯାହା ରୋଗୀଙ୍କ ଶରୀରରେ ଲଗାଇବାକୁ ପ୍ରାୟ ୭ ମିନିଟ୍ ସମୟ ନେବ। ପୂର୍ବରୁ ଯେଉଁ ଟିକା ଲଗାଯାଉଥିଲା ତାହା ରୋଗୀଙ୍କ ସ୍ନାୟୁରେ ଦିଆଯାଉଥିଲା। ଏଥିପାଇଁ ଅଧଘଣ୍ଟାରୁ ଏକଘଣ୍ଟା ଲାଗୁଥିଲା। କିନ୍ତୁ ଟେକେନ୍‌ଟ୍ରିକ୍ୟୁ ଟିକା ଲଗାଇବାକୁ ମାତ୍ର ୭ ମିନିଟ ସମୟ ଲାଗିବ ବୋଲି ଜାତୀୟ ସ୍ୱାସ୍ଥ୍ୟ ନିର୍ଦ୍ଦେଶକ ମାରିୟୁସ ସ୍କୋଲଜ୍ କହିଛନ୍ତି। ଏହି ଟିକା ରୋଗୀଙ୍କ ଦେହର ରୋଗ ପ୍ରତିରୋଧକ ଶକ୍ତି ବୃଦ୍ଧି କରିବା ସହ କ୍ୟାନସରକାରକ ସେଲ୍ ଗୁଡ଼ିକୁ ନଷ୍ଟ କରୁଥିବା କୁହାଯାଉଛି। ବର୍ତ୍ତମାନ ଏହି ଟିକା ଫୁସ୍‌ଫୁସ୍, ସ୍ତନ, ଯକୃତ କ୍ୟାନସର ରୋଗୀଙ୍କ ଚିକିତ୍ସାରେ ବ୍ୟବହାର କରାଯାଉଥିବା ନେଇ ଜାତୀୟ ସ୍ୱାସ୍ଥ୍ୟସେବା ସଂସ୍ଥା ପକ୍ଷରୁ କୁହାଯାଇଛି। ଇଂଲଣ୍ଡର ଜାତୀୟ ସେବା ସଂସ୍ଥା ପକ୍ଷରୁ କୁହାଯାଇଛି, ପ୍ରତିବର୍ଷ ୩୬୦୦ ରୋଗୀଙ୍କୁ ଏହି ଟିକା ଦିଆଯିବ। ଫଳରେ ଏହା ରୋଗୀଙ୍କ ଚିକିତ୍ସା ଅବଧି କମାଇବା ସହ କମ୍ ସମୟ ମଧ୍ୟରେ ଅଧିକ ରୋଗୀଙ୍କୁ ଚିକିତ୍ସା କରାଯାଇପାରିବ। ସେହିପରି ରୋଗୀମାନେ କେମୋଥେରାପି ସହ ଏହି ଟିକା ନେଇ ପାରିବେ ବୋଲି କୁହାଯାଇଛି। କ୍ୟାନସର ପାଇଁ ନିଯୁକ୍ତ ଇଂଲଣ୍ଡର ଜାତୀୟ ନିର୍ଦ୍ଦେଶକ ପ୍ରଫେସର ପିଟର୍ ଜନସନ୍ କହିଛନ୍ତି, କ୍ୟାନସର ରୋଗୀଙ୍କୁ ଆଧୁନିକ ସେବା ଯୋଗାଇବା ଲାଗି ସରକାର ଗୁରୁତ୍ୱ ଦେଉଛନ୍ତି।

ଧରିତ୍ରୀ
DHARITRI
ଭୁବନେଶ୍ୱର, ଗୁରୁବାର, ଅଗଷ୍ଟ ୩୧/୨୦୨୩ | Bhubaneswar, Thursday, August 31/2023 | ପୃଷ୍ଠା-୧

# ଶୁଖିଲା ଅଗଷ୍ଟ: ୧୨୨ ବର୍ଷର ରେକର୍ଡ ଭଙ୍ଗ

- ୧୧ ଜିଲାରେ ଭୟଙ୍କର ମରୁଡ଼ି ଆସନ୍ନ
- ସେପ୍ଟେମ୍ବରରେ ବି ସ୍ୱାଭାବିକ ହେବନି ବର୍ଷା
- ମରୁଡ଼ି ମୁକାବିଲା ପାଇଁ ଆପତ୍‌କାଳୀନ ଯୋଜନା

ଭୁବନେଶ୍ୱର,୩୦।୮ (ଅନିଲ ଦାସ)

ବର୍ଷାରେ ଆଷାଢ଼ ଶ୍ରାବଣ, ମେଘ ବରଷେ ଘନଘନ। ଋତୁଚକ୍ରକୁ ଦେଖି କେଉଁ କାଳରୁ ଏହି ଲୋକକଥା ପ୍ରଚଳିତ ହୋଇଆସିଛି। ଏବେ ଆଉ ଶ୍ରାବଣରେ ଘନଘନ ବର୍ଷା ନାହିଁ। ଚଳିତ ବର୍ଷ ଜଳବାୟୁ ପରିବର୍ତ୍ତନର ସାଂଘାତିକ ପ୍ରଭାବ ଦେଖିବାକୁ ମିଳିଛି। ଅଗଷ୍ଟ ମାସରେ ସାରା ରାଜ୍ୟ ଭୟଙ୍କର ଶୁଷ୍କ ପରିବେଶର ସମ୍ମୁଖୀନ ହୋଇଛି। ଦେଶରେ ମଧ୍ୟ ସମାନ ଅବସ୍ଥା। ଅଗଷ୍ଟ ମାସର ଶୁଖିଲା ଦିନ ଗତ ୧୨୨ ବର୍ଷର ରେକର୍ଡକୁ ଭାଙ୍ଗିଛି। ୧୯୦୧ ପରଠାରୁ ଭାରତରେ ଏଭଳି ଶୁଷ୍କ ମାସ କେବେ ଦେଖିବାକୁ ମିଳି ନ ଥିଲା। ଭାରତୀୟ ପାଣିପାଗ ବିଭାଗ ସୂଚନା ଅନୁଯାୟୀ, ଚଳିତ ବର୍ଷ ଅଗଷ୍ଟ ମାସରେ ୩୩ ପ୍ରତିଶତ ବର୍ଷା କମ୍ ହୋଇଛି। ସ୍ୱାଭାବିକ ଭାବେ ଏହି ମାସରେ ୨୪୧ ମିଲିମିଟର ବର୍ଷା ହେବାକୁ ଥିବାବେଳେ ହୋଇଛି ମାତ୍ର ୧୬୦.୩ ମିଲିମିଟର।

ପ୍ରଶାନ୍ତ ମହାସାଗରରେ ସୃଷ୍ଟି ହୋଇଥିବା ଏଲନିନ୍ୟୋ ପ୍ରଭାବ ଯୋଗୁ ସମଗ୍ର ଦେଶ ବର୍ଷାଭାବ ପରିସ୍ଥିତିର ସମ୍ମୁଖୀନ ହେଉଛି। ଭାରତ ମହାସାଗରର ଉପରି ଭାଗ ଜଳର ତାପମାତ୍ରା ବୃଦ୍ଧି ହେବା କାରଣରୁ ମୌସୁମୀ ପ୍ରଭାବିତ ହୋଇଛି। ମୌସୁମୀ ପ୍ରବେଶର ମଧ୍ୟଭାଗରେ ଏଲନିନ୍ୟୋର ଉତ୍ପତ୍ତି ହୋଇଥିବା ପାଣିପାଗ ବିଭାଗ ପକ୍ଷରୁ କୁହାଯାଇଛି। ଏହାର ପ୍ରଭାବ ୨୦୨୪ ମାର୍ଚ୍ଚ ଯାଏ ବଳବତ୍ତର ରହିବ ବୋଲି ମନ୍‌ସୁନ ମିଶନ କ୍ଲାଇମେଟ୍ ଚେଞ୍ଜ ଫୋର୍‌କାଷ୍ଟିଂ ସିଷ୍ଟମ୍(ଏମ୍‌ଏମ୍‌ସିଏଫ୍‌ଏସ୍) ପକ୍ଷରୁ ପୂର୍ବାନୁମାନ କରାଯାଇଛି। ଆସନ୍ତା ମାସଗୁଡ଼ିକରେ ମଧ୍ୟ ଉତ୍ତର ଏବଂ ପୂର୍ବ ଭାରତ ରାଜ୍ୟଗୁଡ଼ିକ ଆହୁରି ଶୁଷ୍କ ପରିସ୍ଥିତିର ସମ୍ମୁଖୀନ ହେବେ ବୋଲି ପାଣିପାଗ ବିଭାଗ ଅନୁମାନ କରିଛି। ମୌସୁମୀ ସମୟ ଜୁନ୍ ପହିଲାରୁ ସେପ୍ଟେମ୍ବର ୩୦ ମଧ୍ୟରେ ସ୍ୱାଭାବିକଠାରୁ ୮% କମ୍ ବର୍ଷା ହେବ। ୨୦୧୫ରେ ଦେଶରେ ଏଲନିନ୍ୟୋ ପ୍ରଭାବ ଯୋଗୁ ଏଭଳି ଶୁଷ୍କ ପରିବେଶ ସୃଷ୍ଟି ହୋଇଥିବା କୁହାଯାଇଛି।

ଦକ୍ଷିଣ-ପଶ୍ଚିମ ମୌସୁମୀ ଦୁର୍ବଳ ଯୋଗୁ ରାଜ୍ୟରେ ଅସ୍ୱାଭାବିକ ପରିସ୍ଥିତି ସୃଷ୍ଟି ହୋଇଛି। ☞ପୃଷ୍ଠା-୨

## ୩ରେ ଲଘୁଚାପ

ଉତ୍ତର-ପୂର୍ବ ବଙ୍ଗୋପସାଗରରେ ବୁଧବାର ଏକ ଘୂର୍ଣ୍ଣିବଳୟ ସୃଷ୍ଟି ହୋଇଛି। ଆସନ୍ତା ୩ ତାରିଖରେ ଏହା ଲଘୁଚାପରେ ପରିଣତ ହେବାର ସମ୍ଭାବନା ରହିଛି। ଘୂର୍ଣ୍ଣିବଳୟ ପ୍ରଭାବରେ ସେପ୍ଟେମ୍ବର ୨ ତାରିଖରୁ ରାଜ୍ୟରେ ବର୍ଷା ହେବାର ସମ୍ଭାବନା ରହିଛି। ୩ ଓ ୪ ତାରିଖରେ ଉତ୍ତର ଓଡ଼ିଶା ସମେତ ପଶ୍ଚିମ ଏବଂ ଉପକୂଳବର୍ତ୍ତୀ ଜିଲାଗୁଡ଼ିକରେ ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି। ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ର ସୂଚନା ଅନୁସାରେ ସେପ୍ଟେମ୍ବର ୧ରେ ସୁନ୍ଦରଗଡ଼, ☞ପୃଷ୍ଠା-୨

# ଜିଏମ୍ ଆଇରନ ପ୍ଲାଣ୍ଟରେ ବିସ୍ଫୋରଣ, ୬ ଆହତ

ପରଜଙ୍ଗ, ୩୦।୮ (ନିଗମାନନ୍ଦ ଦଳବେହେରା)/ ଢେଙ୍କାନାଳ (ରତନ ନାୟକ)

ଢେଙ୍କାନାଳ ଜିଲା ପରଜଙ୍ଗ ଥାନା ଦଦରାଘାଟି ଫାଣ୍ଡି ଅଧୀନ ଗେଙ୍ଗୁଟିଆ ପଞ୍ଚାୟତର କୁଲେଇ ଗ୍ରାମସ୍ଥିତ ଜିଏମ୍ ଆଇରନ ଆଣ୍ଡ ଷ୍ଟିଲ୍ ପ୍ରାଇଭେଟ୍ ଲିମିଟେଡ୍‌ର ୩ ନମ୍ବର ଫର୍ନେସରେ ବୁଧବାର ଅପରାହ୍ନରେ ବିସ୍ଫୋରଣ ଘଟିଛି। ଏହି ଦୁର୍ଘଟଣାରେ ୬ ଜଣ ଶ୍ରମିକ ଆଦିତ୍ୟ ଭୂତିଆ (ତାଳଚେର), ମନୋଜ କେଶି (ଭଦ୍ରକ), ଚିନ୍ମୟ ମହାକୁଡ (ଭଦ୍ରକ), ବିମ୍ବାଧର ବେହେରା, ବଂଶୀଧର ଧଳ ଏବଂ ସୁଶୀଲ ସାହୁ (କିଶୋରନଗର) ଆହତ ହୋଇଛନ୍ତି। ଏମାନଙ୍କ ବୟସ ୩୦ରୁ ୩୫ ବର୍ଷ ମଧ୍ୟରେ ହେବ ବୋଲି ଅନୁମାନ କରାଯାଉଛି। ସମସ୍ତ ଆହତଙ୍କୁ ପ୍ରଥମେ ଅନୁଗୋଳ ଜିଲା ବଁଅରପାଳସ୍ଥିତ ଏକ ଘରୋଇ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ପରେ ସେଠାରୁ ଅନ୍ୟତ୍ର ସ୍ଥାନାନ୍ତର କରାଯାଇଛି। ଦୁର୍ଘଟଣା ପରେ ପରଜଙ୍ଗ ପୋଲିସ ପକ୍ଷରୁ କାରଖାନା ପରିସରରେ ସୁରକ୍ଷା ବ୍ୟବସ୍ଥା ବଢ଼ାଇ ଦିଆଯାଇଛି। କାମାକ୍ଷାନଗର ଏସ୍‌ଡିପିଓ, ପରଜଙ୍ଗ ଥାନା ଅଧିକାରୀ ପ୍ରଶାନ୍ତ କୁମାର ପାତ୍ର ଏବଂ ଦଦରାଘାଟି ଫାଣ୍ଡି ଅଧିକାରୀ ଶକ୍ତି ପ୍ରସାଦ ସାହୁ ଘଟଣାସ୍ଥଳରେ ଉପସ୍ଥିତ ଅଛନ୍ତି। ☞ପୃଷ୍ଠା-୨






**ଆଜିର ମନ୍ତବ୍ୟ**

"ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ପୂର୍ବରୁ ଦେଇଥିବା କୌଣସି ପ୍ରତିଶ୍ରୁତିକୁ ତାଙ୍କ ଶାସନ କାଳରେ ପୂରଣ କରିନାହାନ୍ତି। ତେଣୁ ୨୦୨୪ ଲୋକ ସଭା ନିର୍ବାଚନ 'ମୋଦି ବନାମ ମୋଦି' ଲଢ଼େଇ ହେବ। ବିରୋଧୀ ବ୍ଲକ ଇଣ୍ଡିଆ ପକ୍ଷରୁ କାହାକୁ ପ୍ରଧାନମନ୍ତ୍ରୀ ପ୍ରାର୍ଥୀ କରାଯିବ ତାହା ବଡ଼ କଥା ନୁହେଁ। **-କପିଲ ଶିବଲ, ରାଜ୍ୟ ସଭା ସଦସ୍ୟ**

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଝଡ଼େଇ ଖାଇଲା ବରକୋଳି ଗଛ,**
**ଡରେଇ ଖାଇଲା ପୋଖରୀକ ମାଛ।**

ଜୋର ଯା'ର ମୁଲକ ତା'ର। ଆମ ସମାଜରେ ଏଭଳି ଅନେକ ବ୍ୟକ୍ତି ଅଛନ୍ତି ଯେଉଁମାନେ କି ଡରେଇ ଧମକେଇ ନିଜ କାମ ହାସଲ କରିନେଇଥାନ୍ତି। ବିନା ଅଧିକାରରେ ପ୍ରବେଶ କରିବା ବା ଧମକ ଚମକରେ କାମ ହାସଲ କରୁଥିବା ବ୍ୟକ୍ତିଙ୍କ ପ୍ରତି ଏଭଳି କଟୂକ୍ତି ପ୍ରକାଶ କରାଯାଇଛି।

**ଝିଅ ନୁହେଁ ସେ ଘିଅ;**
**ତାକୁ ଗମ୍ଭିରୀ ଶିକାରେ ଥୁଅ।**

ଝିଅ ପ୍ରତି ଅଧିକ ଯତ୍ନଶୀଳ ମନୋଭାବ ପୋଷଣ କରିବା ଉଚିତ। ବୟସ ବାଉଳାରେ ସେ ଯେମିତି ଅବାଟରେ ପାଦ ନ ପକାଏ ସେଥିଲାଗି ତା' ଉପରେ ସତର୍କ ଦୃଷ୍ଟି ଦିଆଯିବା ଜରୁରୀ ହୋଇଥାଏ। ଘିଅକୁ ଶିକାରେ ରଖାଯିବା ଭଳି ଝିଅକୁ ନିଜ ଆକଟ ମଧ୍ୟରେ ରଖିବା ଉଚିତ ଅର୍ଥରେ ଏଭଳି ଉପଦେଶ ପ୍ରଦାନ କରାଯାଇଛି।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ - ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ




# ଓଏଏସ୍ ଅଫିସର ସ୍ତରରେ ଅଦଳବଦଳ

ଭୁବନେଶ୍ୱର,୩୦।୮ (ଅନିଲ ଦାସ)

ରାଜ୍ୟ ସରକାର ବରିଷ୍ଠ ଓଏଏସ୍ ଅଫିସର ସ୍ତରରେ ଅଦଳବଦଳ କରିଛନ୍ତି । ବୁଧବାର ଏ ନେଇ ସାଧାରଣ ପ୍ରଶାସନ ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ କରାଯାଇଛି। ୭ ଜଣ ବରିଷ୍ଠ ଓଏଏସ୍ ଅଫିସରଙ୍କୁ ପରବର୍ତ୍ତୀ ନିଯୁକ୍ତି ପାଇଁ ନଗର ଉନ୍ନୟନ ବିଭାଗକୁ ବଦଳି ହୋଇଛନ୍ତି। ପ୍ରକାଶିତ ବିଜ୍ଞପ୍ତି ଅନୁଯାୟୀ, ରାଜ୍ୟ ଲଘୁ ଖଣିଜ ନିର୍ଦ୍ଦେଶକ ତଥା ବରିଷ୍ଠ ଓଏଏସ୍ ଅଫିସର ପ୍ରଦୀପ କୁମାର ମିଶ୍ର-୨ଙ୍କୁ ଭୁବନେଶ୍ୱରସ୍ଥିତ ଅତିରିକ୍ତ ଡିଭିଜନାଲ କୋର୍ଟରେ ଅତିରିକ୍ତ କମିଶନର ଭାବେ ବଦଳି କରାଯାଇଛି । ସେହିପରି କେନ୍ଦୁଝର ଜିଲା ପରିଷଦ ଅତିରିକ୍ତ ନିର୍ବାହୀ ଅଧିକାରୀ ଜୟଶ୍ରୀ ବେଉରା, କେନ୍ଦୁଝର ଅତିରିକ୍ତ ଉପଜିଲାପାଳ ସୋନା ଟୁଡ୍ଡୁ, ପାନପୋଷ ଅତିରିକ୍ତ ଉପଜିଲାପାଳ ସରୋଜିନୀ ପ୍ରସନ୍ନ କୁଲ୍ଲୁ, ସମ୍ବଲପୁର ଜିଲା ପରିଷଦ ଅତିରିକ୍ତ ନିର୍ବାହୀ ଅଧିକାରୀ ରମେଶ ହାଁସଦା, ବରଗଡ଼ ଜିଲା ପରିଷଦ ଅତିରିକ୍ତ ନିର୍ବାହୀ ଅଧିକାରୀ ସୁନୀଲ କୁମାର କେରକେଟା ଓ କନ୍ଧମାଳ ଜିଲା ପରିଷଦ ଅତିରିକ୍ତ ନିର୍ବାହୀ ଅଧିକାରୀ ହରପ୍ରସାଦ ଭୋଇଙ୍କୁ ପରବର୍ତ୍ତୀ ନିଯୁକ୍ତି ନିମନ୍ତେ ଗୃହନିର୍ମାଣ ଓ ନଗର ଉନ୍ନୟନ ବିଭାଗକୁ ବଦଳି କରାଯାଇଛି । ସେହିପରି ବରଗଡ଼ ଜିଲା ଭଟଲି ବିଡିଓ ଧୀରେନ୍ଦ୍ର କୁମାର ସେଠୀଙ୍କୁ ସୁନ୍ଦରଗଡ଼ ଆଇଟିଡିଏ ପ୍ରକଳ୍ପ ସହାୟକ ଭାବେ ବଦଳି କରାଯାଇଛି।

# ଚାଷଜମିରେ ଗୋରୁ ଛାଡ଼ିଲେ ଚାଷୀ

**କୋକସରା,୩୦।୮**
**(ଦୁଷ୍ମନ୍ତ କୁମାର ପାଇଯୋଶୀ)**

କଳାହାଣ୍ଡି ଜିଲା କୋକସରା ବ୍ଲକରେ ନିଅଣ୍ଟିଆ ବର୍ଷା ଯୋଗୁ ଅନେକ ପଞ୍ଚାୟତରେ ସମ୍ଭାବ୍ୟ ମରୁଡ଼ି ସ୍ଥିତି ଉତ୍କଟ ରୂପ ଧାରଣ କରିଛି। ବର୍ଷା ଅଭାବ ଯୋଗୁ ମାଟି ଫାଟି ଆଁ କରିଥିବା ବେଳେ ଆଖି ଆଗରେ ଫସଲ ଉଜୁଡ଼ିବା ଦେଖି ଚାଷୀମାନେ ନିରାଶ ହୋଇ ଚାଷଜମିରେ ଗୋରୁ ଛାଡିଛନ୍ତି। କୋକସରା ବ୍ଲକ କାଉଡୋଲା ପଞ୍ଚାୟତ କୁସୁମଖୁଣ୍ଟି ଗାଁରେ ଏଭଳି ଘଟଣା ଦେଖିବାକୁ ମିଳିଛି। ଚଳିତବର୍ଷ ଅନାବୃଷ୍ଟି କାରଣରୁ ବ୍ଲକର ଅନେକ ପଞ୍ଚାୟତରେ ଉତ୍କଟ ମରୁଡ଼ି ପରିସ୍ଥିତି ଦେଖାଦେଇଛି। ଏହି ଅଞ୍ଚଳରେ ଚାଷ ପାଇଁ ଜଳସେଚନର କୌଣସି ସୁବିଧା ନାହିଁ। କେବଳ ବର୍ଷାକୁ ଭରସା କରି ଚାଷୀମାନେ ଚାଷକାର୍ଯ୍ୟ କରୁଛନ୍ତି। ଚାଷୀମାନେ ଚାଷ କାର୍ଯ୍ୟ ପାଇଁ ବିଭିନ୍ନ ବ୍ୟାଙ୍କ, ଫାଇନାନ୍ସ କମ୍ପାନୀ, ମହାଜନଠାରୁ ଋଣ ଆଣି ଚାଷ କରିଥିଲେ। ହେଲେ ନିଅଣ୍ଟିଆ ବର୍ଷା ଚାଷୀଙ୍କ ସବୁ ଆଶା ନିରାଶାରେ ବଦଳେଇ ଦେଇଛି। ଆଗକୁ ଆଉ ବର୍ଷା ହେଲେ ମଧ୍ୟ ଚାଷ ହେବା ଆଶା ଛାଡି କୁସୁମଖୁଣ୍ଟି ଗାଁର ଅନେକ ଚାଷୀ ନିଜ ଚାଷଜମିରେ ଗୋରୁ, ଛେଳି ଛାଡିଥିବା କହିଛନ୍ତି। ଆଗକୁ ସରକାର ଚାଷୀଙ୍କ କ୍ଷୟକ୍ଷତି ଆକଳନ କରି କ୍ଷତିପୂରଣ ନ ଦେଲେ ଦାଦନ ଯିବା ହିଁ ଏକମାତ୍ର ରାସ୍ତା ବୋଲି କ୍ଷତିଗ୍ରସ୍ତ ଚାଷୀମାନେ କହିଛନ୍ତି।



# ଅଭିମାନିନୀ, ମହିରୁହକୁ ୭ ପୁରସ୍କାର

**ନୱାଦା ଅନ୍ତର୍ଜାତୀୟ ଚଳଚ୍ଚିତ୍ର ମହୋତ୍ସବ**

ଯାଜପୁର,୩୦।୮
(ହର୍ଷବର୍ଦ୍ଧନ ବେହେରା)

ବିହାରର ନୱାଦା ସହରରେ ଆୟୋଜିତ ଅନ୍ତର୍ଜାତୀୟ ଚଳଚ୍ଚିତ୍ର ମହୋତ୍ସବର ୪ର୍ଥ ସଂସ୍କରଣରେ ଯାଜପୁର ଜିଲା ବ୍ୟାସନଗରର ହିତେଶ କୁମାର ମହାପାତ୍ର କୃତିତ୍ୱ ଅର୍ଜନ କରିଛନ୍ତି। ତାଙ୍କ ନିର୍ମିତ ଦୁଇଟି ଚଳଚ୍ଚିତ୍ର ଅଭିମାନିନୀ ଓ ମହିରୁହକୁ ୭ ଟି ପୁରସ୍କାର ମିଳିଛି। ବିଶ୍ୱର ୮୩ ଟି ଦେଶରୁ ଆସିଥିବା ୩୫୦୦ ଚଳଚ୍ଚିତ୍ର ମଧ୍ୟରୁ ହିତେଶଙ୍କ ଚଳଚ୍ଚିତ୍ର ଶ୍ରେଷ୍ଠ କାହାଣୀ, ଶ୍ରେଷ୍ଠ ନିର୍ଦ୍ଦେଶନା, ଶ୍ରେଷ୍ଠ କଳାକାର, ଶ୍ରେଷ୍ଠ ଚିତ୍ର ଉତ୍ତୋଳନ ଓ ଶ୍ରେଷ୍ଠ ପ୍ରେରଣାଦାୟୀ ଚଳଚ୍ଚିତ୍ର ରୂପେ ପୁରସ୍କାର ମିଳିଛି। ଏଥିରେ ହିତେଶ କୁମାର, ଶିବାନନ୍ଦ ବିଶ୍ୱାଳ, ହରିହର ପୁହାନ, ଶିଳ୍ପୀ କେସୁ ଦାସ, ଶ୍ୟାମଳେନ୍ଦୁ ପାତ୍ର, ରାଜେଶ କୁମାର ମୁର୍ମୁ, ସରୋଜ କୁମାର ମହାରଣା, ଅଜିତ କୁମାର କର, ଅଶୋକ କୁମାର ଶା, ବିଶ୍ୱରଞ୍ଜନ ମଲ୍ଲିକ, ଗୁରୁସ୍ୱାମୀ ମହନ୍ତ, ସଂସ୍କୃତି ବସୁ ଓ ମମତାମୟୀ ଦାଶଙ୍କୁ ସମ୍ମାନିତ କରାଯାଇଛି। ପ୍ରସିଦ୍ଧ ଓଡ଼ିଆ ସିନେ ତାରକା ଆକାଶ ଦାସନାୟକଙ୍କୁ ମହିରୁହ ଚଳଚ୍ଚିତ୍ରରେ ପୃଷ୍ଠଭୂମି ସ୍ୱର ପାଇଁ ହିତେଶ ଅନେକ ଧନ୍ୟବାଦ ଜ୍ଞାପନ କରିଛନ୍ତି । ହିତେଶଙ୍କ ପରିବାର ଏକ କଳାକାର ପରିବାର ହୋଇଥିବାବେଳେ ତାଙ୍କ ଅଜା ସ୍ୱର୍ଗତ ପ୍ରଫୁଲ୍ଲ କୁମାର ମହାପାତ୍ର ଯାଜପୁରର ଜଣେ ପ୍ରସିଦ୍ଧ ତବଲା ବାଦକ ଥିଲେ । ମାଉସୀ ମଧୁସ୍ମିତା ଓ ଗୀତିସ୍ମିତା ମହାପାତ୍ର କଣ୍ଠଶିଳ୍ପୀ, ମାମୁ ମନମୋହନ ମହାପାତ୍ର ତବଲା ବାଦକ ରୂପେ ସୁନାମ ଅର୍ଜନ କରିଛନ୍ତି। ତାଙ୍କ ମା' ନିବେଦିତା ମହାପାତ୍ର ଚାରୁଚିତ୍ରକଳାରେ ଶିକ୍ଷୟିତ୍ରୀ ଅଛନ୍ତି।

# ଏମ୍‌ଜିଏନ୍‌ଆର୍‌ଇଜିଏସ୍ ଶ୍ରମିକଙ୍କ ଆଧାର ପଞ୍ଜୀକରଣ ଅବଧି ପୁଣି ବଢ଼ିଲା

**ମଜୁରି ପ୍ରାପ୍ତି ପାଇଁ ଏବେ ବାଧ୍ୟତାମୂଳକ ନୁହେଁ**

ନୂଆଦିଲ୍ଲୀ,୩୦।୮
(କୁଲ୍‌ଦୀପ ସିଂ)

ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନା (ଏମ୍‌ଜିଏନ୍ ଆର୍‌ଇଜିଏସ୍) ରେ କାର୍ଯ୍ୟ କରୁଥିବା ଶ୍ରମିକଙ୍କୁ ମଜୁରି ପ୍ରଦାନ କରିବାରେ ଆଧାର କାର୍ଡ ପଞ୍ଜୀକରଣ ବାଧ୍ୟତାମୂଳକ ଅବଧିକୁ ବୁଧବାର କେନ୍ଦ୍ର ସରକାର ବୃଦ୍ଧି କରିଛନ୍ତି। ଏହାକୁ ଆସନ୍ତା ଡିସେମ୍ବର ୩୧ କିମ୍ବା ପରବର୍ତ୍ତୀ ଆଦେଶ ପର୍ଯ୍ୟନ୍ତ ବୃଦ୍ଧି କରାଯାଇଥିବା ଗ୍ରାମୀଣ ବିକାଶ ମନ୍ତ୍ରଣାଳୟ ସୂତ୍ରରୁ ଜାଣିବାକୁ ମିଳିଛି। ଏଥିସହିତ ପରବର୍ତ୍ତୀ ଆଦେଶ ପର୍ଯ୍ୟନ୍ତ ଏମ୍‌ଜିଏନ୍‌ଆର୍‌ଇଜିଏସ୍‌ରେ କାର୍ଯ୍ୟ କରୁଥିବା କୌଣସି ଶ୍ରମିକଙ୍କୁ ଆଧାର କାର୍ଡ ପଞ୍ଜୀକରଣ ନ ହୋଇଥିବା କାରଣରୁ ମଜୁରି ପ୍ରଦାନରୁ ବଞ୍ଚିତ କରା ନ ଯିବାକୁ ସ୍ପଷ୍ଟ ନିର୍ଦ୍ଦେଶ ରହିଛି। ଆଧାର କାର୍ଡ ପଞ୍ଜୀକରଣ ପରେ ମଜୁରି ପ୍ରଦାନ କରାଯିବାକୁ ସରକାର ଦେଇଥିବା ସମୟସୀମାର ଏହା ପଞ୍ଚମ ଅବଧି ବୃଦ୍ଧି। ଏମ୍‌ଜିଏନ୍‌ଆର୍‌ଇଜିଏସ୍‌ରେ କାର୍ଯ୍ୟ କରୁଥିବା ଶ୍ରମିକଙ୍କୁ ଠିକ୍‌ଭାବେ ମଜୁରି ପ୍ରଦାନ କରିବା ଲକ୍ଷ୍ୟରେ ୨୦୨୩ ଫେବୃୟାରୀ ୧ତାରିଖ ସୁଦ୍ଧା ଆଧାର ସଂଯୋଗ କରିବାକୁ କେନ୍ଦ୍ର ସରକାର ବାଧ୍ୟତାମୂଳକ କରିଥିଲେ। ପରେ ଏହି ଅବଧିକୁ ମାର୍ଚ୍ଚ ୩୧, ଜୁନ୍ ୩୦ ଏବଂ ଅଗଷ୍ଟ ୩୧ ପର୍ଯ୍ୟନ୍ତ ବୃଦ୍ଧି କରାଯାଇଥିଲା। ଏମ୍‌ଜିଏନ୍‌ଆର୍‌ଇଜିଏସ୍ ଜରିଆରେ କାର୍ଯ୍ୟ କରିବାକୁ ଆସୁଥିବା ଶ୍ରମିକଙ୍କୁ ଆଧାର କାର୍ଡ ପଞ୍ଜୀକରଣ କରିବାକୁ ଅନୁରୋଧ କରାଯାଇପାରିବ, ହେଲେ କାହାକୁ କାମ କରିବାକୁ ମନା କରାଯାଇପାରିବ ନାହିଁ ବୋଲି ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି।

# ଭୁବନେଶ୍ୱର ବିମାନବନ୍ଦରରେ ନୂଆ ଏଟିସି ଟାୱାର କାର୍ଯ୍ୟକ୍ଷମ

**ଭୁବନେଶ୍ୱର, ୩୦।୮**
**(ଅସମାପିକା ସାହୁ)**

ଭୁବନେଶ୍ୱର ବିମାନବନ୍ଦରରେ ନୂଆ ଏୟାର ଟ୍ରାଫିକ୍ କଣ୍ଟ୍ରୋଲ(ଏଟିସି) ଟାୱାର କାର୍ଯ୍ୟକ୍ଷମ ହୋଇଛି। ଉଭୟ ପୁରୁଣା ଓ ନୂଆ ଏଟିସିରୁ ସମାନ୍ତରାଳ ଅପରେଶନ୍ ଚାଲିଛି। ପୁରୁଣା ଏଟିସି ଟାୱାର ଉଚ୍ଚତା ୨୩.୪୬ ମିଟର ଥିଲାବେଳେ ୧୧ ମହଲା ବିଶିଷ୍ଟ ନୂଆ ଟାୱାରର ଉଚ୍ଚତା ରହିଛି ୪୪.୨ ମିଟର। ଏହା ଦେଶର ପ୍ରଥମ ଏକ୍ସପେରିମେଣ୍ଟାଲ ଏଟିସି ଟାୱାର। ଏଥିରେ ୩ଟି ସିଫ୍ଟରେ ୭୦ଜଣ କର୍ମଚାରୀ କାମ କରିବେ। ଟାୱାର ନିର୍ମାଣରେ ୪୦ କୋଟି ଟଙ୍କା ଖର୍ଚ୍ଚ ହୋଇଛି। ବିମାନବନ୍ଦର ନିର୍ଦ୍ଦେଶକ ପ୍ରସନ୍ନ ପ୍ରଧାନ କହିଛନ୍ତି, ଏବେ ନୂଆ ଏଟିସି ଟାୱାରର ଦକ୍ଷତା ଓ ସ୍ଥିରତା ପରୀକ୍ଷା ଲାଗି ମାସେ ଯାଏ ସମାନ୍ତରାଳ ପରିଚାଳନା ଚାଲିବ। ଟ୍ରାଏଲ୍ ରନ୍ ସଫଳ ହେଲେ ସେପ୍ଟେମ୍ବରରୁ ନୂଆ ଏଟିସି ଟାୱାର ପୂର୍ଣ୍ଣ କାର୍ଯ୍ୟକ୍ଷମ ହେବ। ଏହି ଟାୱାରର ଏକାଦଶ ମହଲାରେ କଣ୍ଟ୍ରୋଲ ଟାୱାର ରହିଛି, ଯାହାକି ବିମାନବନ୍ଦରରୁ ବିମାନର ଉଡ଼ାଣ ଓ ଅବତରଣକୁ ନିୟନ୍ତ୍ରଣ କରିବ। ସେହିପରି ନବମ ମହଲାରେ ଆଣ୍ଟି ହାଇଜାକିଂ କଣ୍ଟ୍ରୋଲ ରୁମ୍ ରହିଛି। ବିମାନ ହାଇଜାକ ଭଳି ଜରୁରୀ ପରିସ୍ଥିତିରେ ଏହି ରୁମ୍ କାମ କରିବ। ଏଠାରେ ଏନ୍‌ଏସ୍‌ଜି କଣ୍ଟ୍ରୋଲ ରୁମ୍, ନେଗୋସିଏଶନ ରୁମ୍ ଆଦି ରହିଛି। ସେହିପରି ଦ୍ୱିତୀୟ ମହଲାରେ ରହିଛି ଏରିଆ ଆଣ୍ଡ୍ ଆପ୍ରୋଚ କଣ୍ଟ୍ରୋଲ ରୁମ୍। ବିମାନବନ୍ଦର ଛାଡ଼ିବା ପରେ ଏଠାରୁ ବିମାନ ସହ ଯୋଗାଯୋଗ କରାଯାଇଥାଏ। ତେବେ ନୂଆ ଏଟିସିରେ ଆଡ୍‌ଭାନ୍ସଡ ସରଫେସ୍ ମୁଭ୍‌ମେଣ୍ଟ ଗାଇଡାନ୍ସ ଆଣ୍ଡ୍ କଣ୍ଟ୍ରୋଲ ସିଷ୍ଟମ ରହିଛି, ଯାହାକି ଜିରୋ ଭିଜିବିଲିଟିରେ ମଧ୍ୟ ବିମାନକୁ ଟ୍ରାକ କରିପାରିବ ବୋଲି ନିର୍ଦ୍ଦେଶକ ପ୍ରଧାନ କହିଛନ୍ତି।



## ନାମୀ ବ୍ରାଣ୍ଡରେ ...


ଗିରଫ ଅଭିଯୁକ୍ତ ରାଜେଶ କୁମାର ଲଖାନୀ

ଗୋଟିଏ ପ୍ୟାଣ୍ଟ ବା ଶାର୍ଟରୁ ସେମାନେ ୧୫୦୦ରୁ ୨୦୦୦ ଟଙ୍କା ପର୍ଯ୍ୟନ୍ତ ମୁନାଫା କମାଉଥିଲେ ବୋଲି ଅଭିଯୋଗକାରୀ ଗୁପ୍ତା କହିଛନ୍ତି। ଅଭିଯୁକ୍ତ ରାଜେଶ କୁମାର ଲଖାନୀଙ୍କ ଭୀମ ଭୋଇ ମେଡିକାଲ କଲେଜରେ ସ୍ୱାସ୍ଥ୍ୟ ପରୀକ୍ଷା କରାଯିବା ପରେ କୋର୍ଟଚାଲାଣ କରାଯାଇଛି। ବଲାଙ୍ଗୀର ସହରରେ ଅନେକ ଲୁଗା ବ୍ୟବସାୟୀ ଏଭଳି ନକଲି ବ୍ରାଣ୍ଡର କପଡ଼ା ବିକ୍ରି କରି ଜନସାଧାରଣଙ୍କୁ ଲୁଟ୍ କରିବା ସହ କୋଟି କୋଟି ଟଙ୍କାର ଟିକସ ଫାଙ୍କୁଛନ୍ତି। ଏଦିଗରେ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବାକୁ ଦାବି ହେଉଛି।

## ବିକ୍ରମର ଫଟୋ ...

କାଲସିୟମ୍, ଟିଟାନିୟମ୍, ମାଙ୍ଗାନିଜ୍, ସିଲିକନ୍ ଏବଂ ଅମ୍ଳଜାନ ଠାବ କରିବାର ଦିନକ ପରେ ଏହି ନୂଆ ଫଟୋ ଆସିଛି। ଚନ୍ଦ୍ରପୃଷ୍ଠ କେଉଁ ଉପାଦାନଗୁଡ଼ିକୁ ନେଇ ଗଠନ ହୋଇଛି, ଚନ୍ଦ୍ରୟାନ-୩ରେ ଥିବା ଲେଜର-ଇନ୍‌ଡ୍ୟୁସ୍‌ଡ ବ୍ରେକ୍‌ଡାଉନ୍ ସ୍ପେକ୍ଟ୍ରୋସ୍କୋପି (ଏଲ୍‌ଆଇବିଏସ୍) ଉପକରଣ ସହାୟତାରେ ରୋଭର ତାହାର ପରିମାପ କରିଛି। ସେଠାରେ ସଲଫରର ଉପସ୍ଥିତି ନେଇ କୌଣସି ସନ୍ଦେହ ନାହିଁ। ପୂର୍ବରୁ କରାଯାଇଥିବା ଚନ୍ଦ୍ରାଭିଯାନଗୁଡ଼ିକରେ କୌଣସି ଅର୍ବିଟରର ଉପକରଣ ସଲଫର ଠାବ କରିପାରି ନ ଥିଲା ବୋଲି ଇସ୍ରୋ ପକ୍ଷରୁ ଜାରି ଏକ ବିବୃତିରେ କୁହାଯାଇଛି। ଲ୍ୟାଣ୍ଡର ଓ ରୋଭରକୁ ଗୋଟିଏ ଚନ୍ଦ୍ର ଦିବସ (ପୃଥିବୀରେ ୧୪ ଦିନ) ପାଇଁ କାର୍ଯ୍ୟକ୍ଷମ ହେବା ଭଳି ଡିଜାଇନ୍ କରାଯାଇଛି।

## ଶୃଙ୍ଖଳା ଅଗଷ୍ଟ: ୧୨୨ ...

ପ୍ରବଳ ଗରମ ଓ ଗୁଳୁଗୁଳି ଜନଜୀବନକୁ ଅସ୍ତବ୍ୟସ୍ତ କରିଛି। ସାଧାରଣତଃ ଜୁଲାଇ ଏବଂ ଅଗଷ୍ଟ ମାସରେ ଦିନର ସର୍ବୋଚ୍ଚ ତାପମାତ୍ରା ୩୦ରୁ ୩୨ ଡିଗ୍ରୀ ସେଲ୍‌ସିୟସ ମଧ୍ୟରେ ରହିଥାଏ। ତେବେ ଚଳିତ ବର୍ଷ ଏଥିରେ ୪ରୁ ୫ ଡିଗ୍ରୀ ବୃଦ୍ଧି ହୋଇଛି। କେତେକ ସ୍ଥାନରେ ଦିନର ତାପମାତ୍ରା ୩୭ ଡିଗ୍ରୀକୁ ମଧ୍ୟ ଟପିଯାଉଛି। ବର୍ଷା ନ ଥିବା ବେଳେ ଉତ୍ତପ୍ତ ପରିବେଶ ଚାଷ ପାଇଁ ବଡ ବିପତ୍ତି ଡାକି ଆଣିଛି। ବିଲରେ ପାଣି ନ ଥିବାରୁ ଚାଷୀ ହତାଶ ହୋଇ ବସିଛନ୍ତି। ଉପକୂଳର ଅନେକ ଜିଲାରେ ବର୍ଷାଭାବରୁ ଚାଷ କାର୍ଯ୍ୟ ଗୁରୁତର ଭାବେ ବାଧାପ୍ରାପ୍ତ ହୋଇଛି। ଯେଉଁ କେତେକ ଜିଲାରେ ଜୁଲାଇ ଲଘୁଚାପ ବର୍ଷା ଯୋଗୁ ଧାନତଳି ରୁଆ ହୋଇଥିଲା ସେ ସବୁ ହଳଦିଆ ପଡ଼ିଗଲାଣି।

ଏ ପର୍ଯ୍ୟନ୍ତ ରାଜ୍ୟରେ ସ୍ୱାଭାବିକଠାରୁ ୧୪ ପ୍ରତିଶତ କମ୍ ବର୍ଷା ରେକର୍ଡ କରାଯାଇଛି। ଜୁନ୍ ପହିଲାରୁ ଅଗଷ୍ଟ ୩୦ ତାରିଖ ଯାଏ ରାଜ୍ୟରେ ୯୦୬.୫ ମିଲିମିଟର ବର୍ଷା ହେବାକୁ ଥିବାବେଳେ ହୋଇଛି ମାତ୍ର ୭୮୩.୧ ମିଲିମିଟର । ରାଜ୍ୟର ୧୧ ଜିଲାର ଅନେକ ବ୍ଲକ ଏବେ ଭୟଙ୍କର ମରୁଡ଼ି ପରିସ୍ଥିତିର ସମ୍ମୁଖୀନ ହୋଇଛି। ପାଣିପାଗ ବିଭାଗ ସୂଚନା ଅନୁଯାୟୀ ନବରଙ୍ଗପୁର ଜିଲାରେ ସ୍ୱାଭାବିକଠାରୁ ୪୧ ପ୍ରତିଶତ କମ୍ ବର୍ଷା ହୋଇଥିବା ବେଳେ କେନ୍ଦ୍ରାପଡ଼ା ୩୭, ଗଞ୍ଜାମ ୩୫, କଳାହାଣ୍ଡି ୩୬, ପୁରୀ ୨୬, ଯାଜପୁର ୨୮, ଜଗତ୍‌ସିଂହପୁର ୨୮, ରାୟଗଡ଼ା ୨୫, କୋରାପୁଟ ୨୨, କଟକ ୨୬ ଏବଂ ଖୋର୍ଦ୍ଧା ଜିଲାରେ ସ୍ୱାଭାବିକଠାରୁ ୨୮ ପ୍ରତିଶତ କମ୍ ବର୍ଷା ହୋଇଛି। ତେବେ ନବରଙ୍ଗପୁର ଜିଲାର ୧୦ଟି ବ୍ଲକ, ଗଞ୍ଜାମର ୨୨ ବ୍ଲକ ଏବଂ କେନ୍ଦ୍ରାପଡ଼ାର ୯ ବ୍ଲକ ଗଭୀର ଭାବେ ପ୍ରଭାବିତ ହୋଇଛି।

ରାଜ୍ୟରେ ସମ୍ଭାବ୍ୟ ମରୁଡ଼ି ପରିସ୍ଥିତିକୁ ଦୃଷ୍ଟିରେ ରଖି ରାଜ୍ୟ ସରକାର ଆପତ୍‌କାଳୀନ ଯୋଜନା ପ୍ରସ୍ତୁତ କରିଛନ୍ତି। ସ୍ୱତନ୍ତ୍ର ରିଲିଫ୍ କମିଶନର(ଏସ୍‌ଆର୍‌ସି) ସତ୍ୟବ୍ରତ ସାହୁ କହିଛନ୍ତି, ରାଜ୍ୟର କେତେକ ଅଞ୍ଚଳରେ ଦେଖାଦେଇଥିବା ବର୍ଷାଭାବର ମୁକାବିଲା ପାଇଁ କୃଷି ବିଭାଗ ପକ୍ଷରୁ ବିଭିନ୍ନ ପଦକ୍ଷେପ ଗ୍ରହଣ କରାଯାଉଛି। ଆସନ୍ତା ସେପ୍ଟେମ୍ବରରେ ଭଲ ବର୍ଷା ହୋଇ ପରିସ୍ଥିତିରେ ସୁଧାର ଆସିବ ବୋଲି ଆଶା କରାଯାଉଥିବା ସେ କହିଛନ୍ତି।

## ଜିଏମ୍ ଆଇରନ ...

ଏ ସମ୍ପର୍କରେ ଦଦରାଘାଟି ଫାଣ୍ଡି ଅଧିକାରୀ ସାହୁ କହିଛନ୍ତି, ଫର୍ନେସରେ ଲିକେଜ ହେବା କାରଣରୁ ଦୁର୍ଘଟଣା ଘଟିଛି। ମୋଟ ୬ ଜଣ ଆହତ ହୋଇଛନ୍ତି। ପ୍ଲାଣ୍ଟ ପରିସରରେ କୌଣସି ଉତ୍ତେଜନା ନାହିଁ। ଢେଙ୍କାନାଳ ଜିଲାପାଳ ସରୋଜ କୁମାର ସେଠୀ କହିଛନ୍ତି, ୬ ଶ୍ରମିକ ଆହତ ହୋଇଛନ୍ତି। କାହାରି ଅବସ୍ଥା ଗୁରୁତର ନାହିଁ। ସେମାନଙ୍କୁ ଆବଶ୍ୟକ ଚିକିତ୍ସା କରାଯାଉଛି। ଘଟଣାସ୍ଥଳକୁ ଅତିରିକ୍ତ ଜିଲାପାଳ ଓ ସ୍ଥାନୀୟ ବ୍ଲକ ଅଞ୍ଚଳର ଅଧିକାରୀଙ୍କୁ ପଠାଯାଇଛି। ତଦନ୍ତ ରିପୋର୍ଟ ମିଳିବା ପରେ ଯାହା କିଛି କୁହାଯାଇପାରିବ। ଏସ୍‌ପି ଜ୍ଞାନରଞ୍ଜନ ମହାପାତ୍ର କହିଛନ୍ତି, ଅପରାହ୍ନ ପ୍ରାୟ ୨ଟାରେ ଦୁର୍ଘଟଣା ଘଟିଛି। ୨ ଆହତଙ୍କୁ କଟକ ପଠାଯାଇଛି। ଜଣେ ଆହତ ଚିକିତ୍ସା ପରେ ଘରକୁ ଫେରିଛନ୍ତି। ଘଟଣାସ୍ଥଳରେ ଜଣେ ଡିଏସ୍‌ପି ଓ ଥାନା ଅଧିକାରୀ ଉପସ୍ଥିତ ରହି ଅନୁଧ୍ୟାନ କରୁଛନ୍ତି। ଜିଲା ପୋଲିସ ପକ୍ଷରୁ ଦୁର୍ଘଟଣା ସମ୍ପର୍କରେ ଜିଲା ପ୍ରଶାସନକୁ ଅବଗତ କରାଯାଇଛି।


ଦୁର୍ଘଟଣାରେ ଆହତ ଶ୍ରମିକ।

## ୩ରେ ଲଘୁଚାପ...

କେନ୍ଦୁଝର, ମୟୂରଭଞ୍ଜ, ବାଲେଶ୍ୱର, ଭଦ୍ରକ, ଯାଜପୁର, ଦେବଗଡ଼,ଅନୁଗୋଳ, ଢେଙ୍କାନାଳ, କଟକ, କେନ୍ଦ୍ରାପଡ଼ା, ଜଗତ୍‌ସିଂହପୁର, ପୁରୀ, ଖୋର୍ଦ୍ଧା, ନୟାଗଡ଼, ବୌଦ୍ଧ, କନ୍ଧମାଳ, ଗଞ୍ଜାମ, ଗଜପତି, କଳାହାଣ୍ଡି, ବଲାଙ୍ଗୀର ଓ ନୂଆପଡ଼ା ଜିଲାର କେତେକ ସ୍ଥାନରେ ଘଡ଼ଘଡ଼ି ସହ ବର୍ଷା ହେବାର ସମ୍ଭାବନା ରହିଛି। ଏହିସବୁ ଜିଲା ପାଇଁ ୟେଲୋ ୱାର୍ନିଂ ଜାରି କରାଯାଇଛି। ସେହିପରି ୨ ତାରିଖରେ ମୟୂରଭଞ୍ଜ, ବାଲେଶ୍ୱର, ଭଦ୍ରକ, କେନ୍ଦୁଝର, ଢେଙ୍କାନାଳ, ଅନୁଗୋଳ, ସମ୍ବଲପୁର, ସୋନପୁର, ବୌଦ୍ଧ, ବଲାଙ୍ଗୀର, ନୂଆପଡ଼ା, କଳାହାଣ୍ଡି, ନବରଙ୍ଗପୁର, କୋରାପୁଟ ଓ ମାଲକାନଗିରି ଜିଲାର କେତେକ ସ୍ଥାନରେ ବର୍ଷା ହେବାର ସମ୍ଭାବନା ରହିଛି। ୩ ତାରିଖରେ ସୁନ୍ଦରଗଡ଼, କେନ୍ଦୁଝର, ମୟୂରଭଞ୍ଜ, ବାଲେଶ୍ୱର, ଭଦ୍ରକ, ଯାଜପୁର, ନୟାଗଡ଼, ଗଞ୍ଜାମ, କଳାହାଣ୍ଡି, ରାୟଗଡ଼ା ଓ ଗଜପତି ଜିଲାରେ ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି। ସେହିପରି ମାଲକାନଗିରି, କୋରାପୁଟ, ପୁରୀ, ଜଗତ୍‌ସିଂହପୁର, ଢେଙ୍କାନାଳ, ଖୋର୍ଦ୍ଧା, କେନ୍ଦ୍ରାପଡ଼ା ଓ କଟକ ଜିଲାର କେତେକ ସ୍ଥାନରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହେବ ବୋଲି ଅନୁମାନ କରାଯାଇଛି। ଏ ନେଇ ୟେଲୋ ୱାର୍ନିଂ ଜାରି କରାଯାଇଛି।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ**
ଆଜି ଅସ୍ୱାଭାବିକ ଚିନ୍ତାଧାରାରୁ ଅର୍ଥ ଓ ଭୋଗ ବିଳାସ ସମ୍ପର୍କିତ ଦ୍ରବ୍ୟ ପ୍ରତି ନିରୁତ୍ସାହିତ ରହିବେ। ବନ୍ଧୁବାନ୍ଧବ, ସହକର୍ମୀ, ଟଙ୍କା ପଇସା ପ୍ରଭୃତିକୁ କେନ୍ଦ୍ରକରି କଳହ ଆଶଙ୍କା ରହିଛି। ସ୍ୱାସ୍ଥ୍ୟ ଓ ପିଲାଙ୍କ ବିବାହ ସମ୍ପର୍କିତ ଚିନ୍ତା ନେଇ ବନ୍ଧୁଙ୍କ ସହ ଆଲୋଚନା କରିବେ। ଜଣେ ହିତୈଷୀଙ୍କ ଚେଷ୍ଟାରୁ ପାରିବାରିକ ସମସ୍ୟାର ସମାଧାନ ଘଟିବ।

**ବୃଷ**
ଜଣେ ଅନ୍ତରଙ୍ଗ ବନ୍ଧୁଙ୍କ କଥା ବାରମ୍ବାର ମନରେ ଆଲୋଡ଼ନ ସୃଷ୍ଟି କରିବ। ଘରେ ଅସାବଧାନତା ବଶତଃ କୌଣସି ମୂଲ୍ୟବାନ ଦ୍ରବ୍ୟ ନଷ୍ଟ ହୋଇପାରେ। ଅଫିସକୁ ଯିବା ସମୟକୁ କୌଣସି ଦରକାରୀ କାଗଜ ପତ୍ର ନ ପାଇ ବ୍ୟସ୍ତ ହୋଇପାରନ୍ତି। କର୍ମକ୍ଷେତ୍ରରେ ଉପରିସ୍ଥଙ୍କ ସାହାଯ୍ୟ ଓ ସହଯୋଗ ପାଇ ସ୍ଥଗିତ କାମକୁ ତ୍ୱରାନ୍ୱିତ କରିବେ।

**ମିଥୁନ**
ଆଜି ପାରିବାରିକ ଅସ୍ଥିରତା ଓ ଅଶାନ୍ତି ହେତୁ ମନ ବିଶେଷ ଭଲ ରହିବ ନାହିଁ। ନୂତନ ବନ୍ଧୁ ସମ୍ପର୍କ ଯୋଡିବା ପାଇଁ ଚେଷ୍ଟା କଲେ ଉପକୃତ ହେବେ। କର୍ମକ୍ଷେତ୍ରରେ ସ୍ଥଗିତ କାମକୁ ପୂରା କରିବାପାଇଁ ନିଷ୍ପତ୍ତି ନେଇପାରନ୍ତି। ବ୍ୟବସାୟ କ୍ଷେତ୍ରରେ କୌଣସି ପ୍ରକାର ଅସୁବିଧା ନ ହେଲେ ମଧ୍ୟ ଆଶଙ୍କା କରି ମନ ଅସ୍ଥିର ରହିବ।

**କର୍କଟ**
ଆଜି ଯେଉଁ ଆଶା ନେଇ କାର୍ଯ୍ୟ କରିବେ ପ୍ରତିବଦଳରେ କିଛି ପାଇବେ ନାହିଁ। ଅଭାବ ରହିବନି, ଆବଶ୍ୟକତା ପୂରଣ ହେଲେ ମଧ୍ୟ ହାତ ଖାଲି ରହିବ। କର୍ମକ୍ଷେତ୍ରରେ ଜଣେ ଅଜଣା ବ୍ୟକ୍ତି ଆପଣଙ୍କୁ ସାହାଯ୍ୟ କରିବେ। ବାଣିଜ୍ୟ, ବ୍ୟବସାୟ, ପରିବହନ, ସଭାସମିତି, ଆଇନ ଅଦାଲତ କ୍ଷେତ୍ରରୁ ସୁଫଳ ପାଇବେ।

**ସିଂହ**
ଯେଉଁ କାମ ଗତକାଲିଠାରୁ କରିବା ପାଇଁ ବିଚାର କରିଥିଲେ ଆଜି ତାହା ବଦଳିଯିବ। କିଛି ସାହାଯ୍ୟ କରିବାକୁ କହିଥିବା ବ୍ୟକ୍ତିଟି ନାସ୍ତିବାଣୀ ଶୁଣାଇପାରନ୍ତି। ନିକଟସ୍ଥ ବ୍ୟକ୍ତି ପରୋକ୍ଷ ସମାଲୋଚନା କରିପାରନ୍ତି। ଆଜି ପ୍ରଶାସନ, ଆଇନ, ପରିବହନ, ନିର୍ମାଣ, ବାଣିଜ୍ୟ ବ୍ୟବସାୟ ସକାଶେ ଦିନଟି ବହୁତ ଭଲ।

**କନ୍ୟା**
ଆଜି ସକାଳୁ ସକାଳୁ ମନଟା କୌଣସି କାରଣରୁ ଭଲ ରହି ନ ପାରେ। କର୍ମକ୍ଷେତ୍ରରେ ଅନ୍ୟମାନଙ୍କର କଥାକୁ ସରଳ ଓ ସହଜରେ ଗ୍ରହଣ କରିପାରିବେ ନାହିଁ। ଅବଶ୍ୟ ଆଜି ଯାହା ପାଇବା ସକାଶେ ଆଶା ରଖିଛନ୍ତି, ତାହା ନିଶ୍ଚୟ ପାଇବେ। ଅନ୍ୟମାନଙ୍କ ଦ୍ୱାରା ସମ୍ପନ୍ନ କରାଯାଇଥିବା କାମଗୁଡ଼ିକର ସମୀକ୍ଷା କରିବେ।

**ତୁଳା**
କର୍ମକ୍ଷେତ୍ରର ଅଧିକାଂଶ ସମସ୍ୟାର ସରଳ ସମାଧାନ କ୍ଷେତ୍ରରେ ବନ୍ଧୁ ସାହାଯ୍ୟ କରିବେ। ବ୍ୟବସାୟରେ ମନର ବଳ ଖୁବ୍ ଟାଣ ରହିବ ଏବଂ ଜିଦ୍‌ରେ ଅଟଳ ରହି ଲାଭବାନ ହେବେ। କଚେରି ମାମଲା, ପ୍ରଶାସନିକ କ୍ଷେତ୍ର, ସାମ୍ପ୍ରଦିକତା, ସକାଶେ ଚିନ୍ତା ବଢ଼ିପାରେ। କର୍ମକ୍ଷେତ୍ର ଓ ଆନୁଷ୍ଠାନିକ କାମରେ ଉନ୍ନତି ପରିଲକ୍ଷିତ ହେବ।

**ବିଛା**
କର୍ମକ୍ଷେତ୍ରରେ ସବୁକଥାକୁ ହାଲୁକା ଭାବେ ଗ୍ରହଣ କଲେ କ୍ଷତିରେ ପଡ଼ିବେ। ଉପକାର କରିଥିବା ବ୍ୟକ୍ତିଙ୍କଠାରୁ ପ୍ରତିଦାନ ପାଇବା ଦୁର୍ଲ୍ଲଭ ହୋଇପଡ଼ିବ। ଉଚ୍ଚବର୍ଗଙ୍କ ସହାୟତା ପାଇବେ ନାହିଁ ତଥାପି ଏକ ପ୍ରକାର ଆଶ୍ୱସ୍ତି ଲାଭ କରିବେ। ସାଧାରଣ କଥାକୁ ଗୁରୁତର ସହ ବିଚାରକୁ ନେଇ ହରଡ଼ଘଣାରେ ପଡ଼ିପାରନ୍ତି।

**ଧନୁ**
ସକାଳୁ ସକାଳୁ ସାଧାରଣ କଥାରେ ଯୁକ୍ତିତର୍କ ବୃଦ୍ଧି ପାଇ କଳହର ରୂପ ନେଇପାରେ। ବନ୍ଧୁଙ୍କ ସଦ୍‌ଭାବ ଓ ସହକର୍ମୀମାନଙ୍କ ସହଯୋଗ ଲାଭ କର୍ମକ୍ଷେତ୍ରକୁ ତ୍ୱରାନ୍ୱିତ କରିବ। କର୍ମକ୍ଷେତ୍ରରେ ଅନ୍ୟମାନଙ୍କୁ ନିଜ ସହ ତୁଳନା କରି ମନକୁ ଭାରାକ୍ରାନ୍ତ କରିପାରନ୍ତି। କିନ୍ତୁ ପ୍ରତ୍ୟେକ କ୍ଷେତ୍ରରେ ସଂଘର୍ଷମୟ ସ୍ଥିତି ମଧ୍ୟରେ ଚଳିବାକୁ ପଡ଼ିବ।

**ମକର**
ଅନ୍ତର୍ନିହିତ ଉଦ୍ଦେଶ୍ୟକୁ ଗୋପନ ରଖି ବନ୍ଧୁଙ୍କ ସହ ବାକ୍ୟାଳାପ କରି ସମାଲୋଚିତ ହେବେ। ପରିବହନ, ଶିଳ୍ପ, ନିର୍ମାଣ, ବ୍ୟବସାୟ ଓ ବାଣିଜ୍ୟରେ ଉନ୍ନତି ହେତୁ ଖୁସି ରହିପାରନ୍ତି। ବନ୍ଧୁଙ୍କଠାରୁ କିଛି ଗୁଜବ ଶୁଣିବା ପରେ ମନରେ ବିଭିନ୍ନ ଭାବନା ସୃଷ୍ଟି ହେବ। ମିତ୍ରମାନେ ପରୋକ୍ଷ ଶତ୍ରୁତା କରିବା ସାଙ୍ଗକୁ ସ୍ୱାସ୍ଥ୍ୟ ସମସ୍ୟା ମନକୁ ଭାରାକ୍ରାନ୍ତ କରିବ।

**କୁମ୍ଭ**
ଆଜି ଆପଣଙ୍କ ଦ୍ୱିରୁକ୍ତି ବନ୍ଧୁଙ୍କ ମଧ୍ୟରେ ମୃଦୁ ଗୁଞ୍ଜରଣ ସୃଷ୍ଟି କରିପାରେ। କେତେକ କ୍ଷେତ୍ରରେ ଭାବପ୍ରବଣତା ଯୋଗୁ ମନୋବଳ ହ୍ରାସ ପାଇବ। ନିଜକୁ ନିୟନ୍ତ୍ରଣ ମଧ୍ୟରେ ରଖିବା ପାଇଁ ଚେଷ୍ଟା କଲେ ଉପକାର ମିଳିବ। ଯାତ୍ରା, ବାଣିଜ୍ୟ ଓ ବ୍ୟବସାୟ ତଥା ପରିବହନ ସକାଶେ ଦିନଟି ବିଶେଷ ଭାବରେ ଅନୁକୂଳ।

**ମୀନ**
ସନ୍ତାନଙ୍କ ଶିକ୍ଷା ଓ ସ୍ୱାସ୍ଥ୍ୟ ସକାଶେ ଦୁଶ୍ଚିନ୍ତା ଓ ଲେଖାପଢ଼ାରେ ଶିଥିଳତା ମୁଖ୍ୟ ସମସ୍ୟା ହୋଇପାରେ। କର୍ମକ୍ଷେତ୍ରରେ ହଠାତ୍ କୌଣସି ଘଟଣା ମନକୁ ବିବ୍ରତ କରିପାରେ। ନିଜ ଲୋକଙ୍କ ଈର୍ଷାପରାୟଣତା ହେତୁ ବ୍ୟସ୍ତ ବିବ୍ରତ ହୋଇପାରନ୍ତି। ସଭାସମିତି, କଳା, ସାହିତ୍ୟ, ବନ୍ଧୁ ସମ୍ପର୍କରେ କୌଣସି ସମସ୍ୟା ସୃଷ୍ଟି ହେବାର ସୂଚନା ରହିଛି।

ଆଜି ସକାଳ ଘ.୦୭।୦୫ମି. ପର୍ଯ୍ୟନ୍ତ ପୂର୍ଣ୍ଣିମା, ତଦନ୍ତେ ଭାଦ୍ରବ କୃଷ୍ଣ ପ୍ରତିପଦା, ଅଗଷ୍ଟ ୩୧ ତାରିଖ, ଗୁରୁବାର, ଶ୍ରୀମନ୍ଦିରରେ ବଳଭଦ୍ର ଜନ୍ମ, ଝୁଲଣଯାତ୍ରା ଶେଷ, ଚାତୁର୍ମାସ୍ୟା ଗୁରୁବାର ବ୍ରତ, ସ୍ୱାୟତ୍ତ ଶାସନ ଦିବସ, ଜାତୀୟ କୃମିନାଶ ଦିବସ, ବୋଲ୍‌ବମ୍ ଯାତ୍ରା ଶେଷ, ସ୍ୱଭାବକବି ଗଙ୍ଗାଧର ମେହେର ଜୟନ୍ତୀ ରାଶି ନକ୍ଷତ୍ର-ଶତଭିଷା/କୁମ୍ଭ, ପ୍ରତିପଦାର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ସକାଳ ଘ.୦୫।୩୪ ଗତେ ଘ.୦୭।୧୩ ମଧ୍ୟେ, ଘ୧୦।୩୨ ଗତେ ଘ ୦୧।୦୧ ମଧ୍ୟେ ଶୁଦ୍ଧ ଶୁଭବେଳା। ଦିବା ଘ.୦୧।୨୦ ଗତେ ଘ. ୦୨।୫୩ ମଧ୍ୟେ ରାହୁ କାଳ ।

# ଅସୁସ୍ଥ, ଦିବ୍ୟାଙ୍ଗ ଛାତ୍ରୀଛାତ୍ରଙ୍କ ଘରେ ପହଞ୍ଚିବ ମଧ୍ୟାହ୍ନଭୋଜନ, ପାଠ୍ୟପୁସ୍ତକ

ଭୁବନେଶ୍ୱର, ୩୦।୮ (ଅସମାପିକା ସାହୁ)

ବିଦ୍ୟାଳୟ ଆସିପାରୁ ନ ଥିବା ୬ରୁ ୧୪ ବର୍ଷର ଅସୁସ୍ଥ ଓ ଦିବ୍ୟାଙ୍ଗ ଛାତ୍ରୀଛାତ୍ରଙ୍କୁ ଘରେ ମିଳିବ ମଧ୍ୟାହ୍ନଭୋଜନ। ଏହି ମଧ୍ୟାହ୍ନଭୋଜନ ପାଇଁ ଆବଶ୍ୟକ ଶୁଖିଲା ରାଶନ୍ ଛାତ୍ରୀଛାତ୍ରଙ୍କ ଘରକୁ ଯୋଗାଇ ଦିଆଯିବ। ଏଥିପାଇଁ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ପ୍ରକ୍ରିୟା ଆରମ୍ଭ ହୋଇଛି। ଏହି ଛାତ୍ରୀଛାତ୍ରଙ୍କୁ ଶ୍ରେଣୀ ଅନୁସାରେ ସେମାନଙ୍କ ଘରେ ମଧ୍ୟାହ୍ନଭୋଜନ ଚାଉଳ ଦିଆଯିବା ସହ ରୋଷେଇ ବାବଦ ଅର୍ଥରାଶି ସେମାନଙ୍କ ବ୍ୟାଙ୍କ ଆକାଉଣ୍ଟକୁ ପଠାଯିବ। ଏହା ବ୍ୟତୀତ ଛାତ୍ରୀଛାତ୍ରଙ୍କ ପାଠ୍ୟପୁସ୍ତକ ମଧ୍ୟ ସେମାନଙ୍କ ଘରେ ପହଞ୍ଚାଯିବା ପାଇଁ ବ୍ୟବସ୍ଥା କରାଯାଇଛି। ଏହି ବ୍ୟବସ୍ଥା ମାଧ୍ୟମରେ ରାଜ୍ୟର ୩,୬୯୪ ଛାତ୍ରୀଛାତ୍ର ଉପକୃତ ହେବେ। ଏନେଇ ସମସ୍ତ ଜିଲା ଶିକ୍ଷା ଅଧିକାରୀ(ଡିଇଓ)ଙ୍କୁ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ନିର୍ଦ୍ଦେଶ ଦିଆଯିବା ପରେ ପ୍ରକ୍ରିୟା ଆରମ୍ଭ ହୋଇଛି। ସ୍କୁଲ ଆସିପାରୁ ନ ଥିବା ଛାତ୍ରୀଛାତ୍ରଙ୍କର କୌଣସି ଅସୁବିଧା ହେଲେ ସେମାନେ ନିଜ ଅଞ୍ଚଳରେ ଥିବା ଅଙ୍ଗନୱାଡ଼ି କର୍ମୀ, ଆଶାକର୍ମୀ, ଏଏନ୍ଏମ୍ ବା ଆର୍‌ବିଏସ୍‌କେଙ୍କ ସହାୟତା ନେଇପାରିବେ। ଏହି ଛାତ୍ରୀଛାତ୍ରଙ୍କ ଚିକିତ୍ସା ପାଇଁ ନିକଟସ୍ଥ ସ୍ୱାସ୍ଥ୍ୟକେନ୍ଦ୍ର କିମ୍ବା ଅଙ୍ଗନୱାଡ଼ି କେନ୍ଦ୍ରକୁ ନିୟମିତ ସ୍ୱାସ୍ଥ୍ୟ ପରୀକ୍ଷା ଓ କାଉନ୍‌ସେଲିଂ ପାଇଁ ନିଆଯିବ। ଏହାସହ ସ୍କୁଲ ଆସିପାରୁ ନ ଥିବା ଏହି ଛାତ୍ରୀଛାତ୍ରଙ୍କ ଘରକୁ ପ୍ରତିମାସରେ ବିଦ୍ୟାଳୟ ଶିକ୍ଷକ, ବ୍ଲକ୍ ସହଯୋଗୀ ଅଧିକାରୀ, ଆଇଇଡିମାନେ ତଦାରଖ କରିବା ପାଇଁ ଯିବେ। ସେମାନେ କିଭଳି ପଢୁଛନ୍ତି, ପାଠରେ କେତେ ଉନ୍ନତି କରୁଛନ୍ତି ଆଦି ସମ୍ପର୍କରେ ପଚାରି ବୁଝିବେ। ଛାତ୍ରୀଛାତ୍ରଙ୍କ ଉତ୍ତମ ପ୍ରଦର୍ଶନ ପାଇଁ ଅଭିଭାବକଙ୍କ କାଉନ୍‌ସେଲିଂ ମଧ୍ୟ କରାଯିବ ବୋଲି ଗଣଶିକ୍ଷା ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି।

# ସିଙ୍ଗାପୁର ଯିବେ ୯୦ ସ୍ୱାସ୍ଥ୍ୟ ଅଧିକାରୀ

ଭୁବନେଶ୍ୱର,୩୦।୮ (ଅଭିଜିତ୍ ଦାସ)

ସ୍ୱାସ୍ଥ୍ୟ ବିଭାଗର ୯୦ଜଣ ଅଧିକାରୀ ସେପ୍ଟେମ୍ବରରେ ସିଙ୍ଗାପୁର ଗସ୍ତ କରିବେ। ଭୁବନେଶ୍ୱରରୁ ସିଙ୍ଗାପୁର ଯାଉଥିବା ସିଧାସଳଖ ବିମାନରେ ଏହି ଅଧିକାରୀଙ୍କ ପାଇଁ ଟିକେଟ୍ ବୁକ୍ କରିବା ପାଇଁ ସ୍ୱାସ୍ଥ୍ୟ ବିଭାଗ ପରିବହନ ବିଭାଗକୁ ଅନୁରୋଧ କରିଛି। ଏ ନେଇ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗର ସଚିବ ଶାଳୀନ ପଣ୍ଡିତ ରାଜ୍ୟ ବାଣିଜ୍ୟ ଓ ପରିବହନ ବିଭାଗକୁ ଚିଠି ଲେଖିଛନ୍ତି। ୩ଟି ବ୍ୟାଚ୍‌ରେ ୩୦ଜଣ ଲେଖାଏ ସ୍ୱାସ୍ଥ୍ୟ ଅଧିକାରୀ ଆସନ୍ତା ୨୬ ତାରିଖରେ ଭୁବନେଶ୍ୱରରୁ ସିଙ୍ଗାପୁର ଅଭିମୁଖେ ଗସ୍ତ କରିବେ ଓ ୩୦ ତାରିଖରେ ଓଡ଼ିଶା ଫେରିବେ। ସୂଚନାଯୋଗ୍ୟ, ପୂର୍ବରୁ ଅର୍ଥାତ୍ ଅକ୍ଟୋବର ୩୧ରୁ ନଭେମ୍ବର ୪ ପର୍ଯ୍ୟନ୍ତ ଏହି ଗସ୍ତ କାର୍ଯ୍ୟକ୍ରମ ରହିଥିଲା। କେତେକ କାରଣରୁ ବିଭାଗ ପକ୍ଷରୁ ତାରିଖ ପରିବର୍ତ୍ତନ କରାଯାଇଛି।

# ୭୦ଲକ୍ଷରେ ବିକ୍ରିହେଲା ୧୭ ତେଲିଆ ଭେକ୍‌ଟି

ଭୋଗରାଇ, ୩୦।୮ (ପ୍ରଦୀପ ଦାସ)


ଧରାଯାଇଥିବା ତେଲିଆ ଭେକ୍‌ଟି।

ବାଲେଶ୍ୱର ଜିଲା ସୀମାନ୍ତ ଦୀଘା ମୁହାଣ ମାଛ ମାର୍କେଟରେ ମଙ୍ଗଳବାର ୮ ଓ ବୁଧବାର ୯ଟି ସାମୁଦ୍ରିକ ତେଲିଆ ଭେକଟି ମାଛ ୭୦ଲକ୍ଷ ଟଙ୍କାରେ ବିକ୍ରି ହୋଇଥିବା ସୂଚନା ମିଳିଛି। ଓଡିଶା ଧାମରା ମୁହାଣଏବଂ ଦୀଘା ମୁହାଣରୁ ଏହି ମାଛଗୁଡିକ ଟ୍ରଲରରେ ମତ୍ସ୍ୟଜୀବୀଙ୍କ ଜାଲରେ ଧରାଯାଇ ଦୀଘା ମାଛ ମାର୍କେଟକୁ ବିକ୍ରି କରିବାକୁ ଅଣାଯାଇଥିଲା। ୧୭ଟି ତେଲିଆ ମାଛ ୨୫ରୁ ୩୦କେଜି ଓଜନର ହୋଇଥିବା ବେଳେ କେଜି ପ୍ରତି ୩୧ରୁ ୩୩ହଜାର ଟଙ୍କାରେ ନିଲାମ କରାଯାଇ ୭୦ଲକ୍ଷ ଟଙ୍କାରେ ବିକ୍ରି କରାଯାଇଥିଲା। କୋଲକାତା ଜି. କେ. ଡି ଏକ କମ୍ପାନୀ ଏହି ବିରଳ ମୂଲ୍ୟବାନ ମାଛକୁ କିଣିନେଇଛି। ବିଦେଶରେ ଏହି ମାଛର ମୂଲ୍ୟ ଅଧିକ ଥିବା ବେଳେ ମାଛର ରକ୍ତରୁ ଔଷଧଜନିତ କ୍ୟାପସୁଲ ଏବଂ ଏକ ସୂତା କଢ଼ାଯାଇ ମଣିଷ ଶରୀରରେ ଅସ୍ତ୍ରୋପଚାର ଉର୍ଦ୍ଧିଷ୍ଟ ହେଉଥିବା କୁହାଯାଇଛି। ଅପରପକ୍ଷରେ ଚଳିତବର୍ଷ ସମୁଦ୍ରରେ ପ୍ରଥମରୁ ଇଲିସି ଓ ତେଲିଆ ଭେକଟି ମତ୍ସ୍ୟଜୀବୀଙ୍କ ଜାଲରେ ଧରାଦେଉଥିବାରୁ ମତ୍ସ୍ୟଜୀବୀ, ଟ୍ରଲର ମାଲିକ ଓ ବ୍ୟବସାୟୀଙ୍କ ପୁଷମାସ ସଦୃଶ ହୋଇଛି।

# ‘୨ କୋଟି ମା, ଭଉଣୀ ଲକ୍ଷପତି ଘରଣୀ ଘୋଷିତ ହେବେ’


ସୁରକ୍ଷା ବନ୍ଧନ ଉତ୍ସବରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଓ ଅନ୍ୟ ନେତୃବୃନ୍ଦ।

## କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ଯାଜପୁର ଜିଲା ଗସ୍ତ

■ ୯ ବର୍ଷରେ ଓଡ଼ିଶାକୁ ୧୮ ଲକ୍ଷ କୋଟି ଟଙ୍କା ପ୍ରଦାନ କରାଯାଇଛି

ଯାଜପୁର/କଳିଙ୍ଗନଗର,୩୦।୮ (ହର୍ଷବର୍ଦ୍ଧନ ବେହେରା/ଶୁଭାଶିଷ ରାଉତ)

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ରାଜ୍ୟର ପ୍ରତ୍ୟେକ ଘରକୁ ବିଶୁଦ୍ଧ ପାନୀୟ ଜଳ ଯୋଗାଣ ପାଇଁ ଅନୁଦାନ ପ୍ରଦାନ କରିଛନ୍ତି। ମାତ୍ର ଏହାକୁ କାର୍ଯ୍ୟକାରୀ କରିବା ଦିଗରେ ରାଜ୍ୟ ସରକାର ଆଦୌ ତତ୍ପରତା ପ୍ରକାଶ କରୁନାହାନ୍ତି। ଓଡ଼ିଶାର ବିକାଶ ପାଇଁ ପ୍ରଧାନମନ୍ତ୍ରୀଙ୍କ ଉଦ୍ୟମକୁ ଯେତେ ପ୍ରଶଂସା କଲେ ବି କମ୍ ହେବ। ଗତ ୯ ବର୍ଷ ମଧ୍ୟରେ ଓଡ଼ିଶାକୁ ୧୮ଲକ୍ଷ କୋଟି ଟଙ୍କା ପ୍ରଦାନ କରାଯାଇଛି, ଯାହାକି ସର୍ବକାଳୀନ ରେକର୍ଡ ବୋଲି କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ବୁଧବାର ଡୁବୁରୀ ସାରାଂଶ ପଡ଼ିଆରେ ଆୟୋଜିତ ସୁରକ୍ଷା ବନ୍ଧନ ଉତ୍ସବ ମହିଳା ସମାବେଶରେ କହିଛନ୍ତି। ଏହାବାଦ୍ ଦେଶର ୨ କୋଟି ମା ଓ ଭଉଣୀଙ୍କୁ ଲକ୍ଷପତି ଘରଣୀ ଭାବେ ଘୋଷଣା କରାଯିବ ବୋଲି ସେ ସୂଚନା ଦେଇଛନ୍ତି।

ଏହି ଅବସରରେ କେନ୍ଦ୍ରମନ୍ତ୍ରୀ ପ୍ରଧାନ କହିଛନ୍ତି, ରାଖୀ ଉପହାର ଭାବେ ପ୍ରଧାନମନ୍ତ୍ରୀ ଉଜ୍ଜ୍ୱଳା ଯୋଜନାରେ ଯାଜପୁର ଜିଲାର ୨,୨୮,୬୬୭ ଘରେ ମା’ମାନଙ୍କୁ ରନ୍ଧନଗ୍ୟାସ ସଂଯୋଗ ଦିଆଯାଇଛି। ଜିଲାରେ ୯୧,୧୬୪ ଜଣଙ୍କୁ କେନ୍ଦ୍ର ସରକାର ପକ୍କା ଘର ଯୋଜନାରେ ସାମିଲ କରିଛନ୍ତି। ଲୋକମାନଙ୍କ ସ୍ୱାର୍ଥ ପାଇଁ କେନ୍ଦ୍ର ସରକାର ଯୋଜନା ପ୍ରଣୟନ କରୁଥିବାବେଳେ ଓଡ଼ିଶା ସରକାର ସେ ସବୁକୁ ନିଜର ଯୋଜନା କହି ଲୋକଙ୍କୁ ଭୁଆଁ ବୁଲାଇ ଚାଲିଛନ୍ତି। ସୁକିନ୍ଦା ନିର୍ବାଚନ ମଣ୍ଡଳୀର ଭାଜପା ପ୍ରାର୍ଥୀ ପ୍ରଦୀପ ବଳ ସାମନ୍ତ ତାଙ୍କ ଭାଷଣରେ କହିଥିଲେ, ଖଣିଜ ସମ୍ପଦରେ ଭରପୂର ଓ ଶିଳ୍ପ ସମୃଦ୍ଧ ସୁକିନ୍ଦା ନିର୍ବାଚନ ମଣ୍ଡଳୀରେ ଖଣି ଓ କାରଖାନା ମାଳ ମାଳ ରହିଛି। ମାତ୍ର ଏଠାରୁ ୫ ହଜାରରୁ ଅଧିକ ଯୁବତୀଯୁବକ ବାହାର ରାଜ୍ୟକୁ ଦାଦନ ଖଟିବାକୁ ଯିବା ଦୁର୍ଭାଗ୍ୟଜନକ କଥା। ଏହି କାର୍ଯ୍ୟକ୍ରମରେ ଜିଲା ଭାଜପା ସଭାପତି ଗୌତମ ରାୟ, ରାଜ୍ୟ ସାଧାରଣ ସମ୍ପାଦକ ଶାରଦା ଶତପଥୀ, ଜିଲା ଯୁବମୋର୍ଚ୍ଚା ସଭାପତି ବିଶ୍ୱଜିତ ରାଜ, ରାଜ୍ୟ ମହିଳା ମୋର୍ଚ୍ଚା ସଭାନେତ୍ରୀ ଐଶ୍ୱର୍ଯ୍ୟା ବିଶ୍ୱାଳ, ରାଜ୍ୟ ଉପ ସଭାନେତ୍ରୀ ଲେଖାଶ୍ରୀ ସାମନ୍ତସିଂହାର, ଅନିତା ଶୁଭଦର୍ଶିନୀ ସିପ୍ରା ବାଜପେୟୀ, ପିଙ୍କି ପ୍ରଧାନ, କସ୍ତୁରୀ ମିଶ୍ର, ଯାଜପୁର ଜିଲା ମହିଳା ମୋର୍ଚ୍ଚା ସଭାନେତ୍ରୀ ବବିତା ମଲ୍ଲିକ, ଅମର ନାୟକ, ଉମେଶ ଜେନା, ସ୍ମୃତିରେଖା ପହି ପ୍ରମୁଖ ଉପସ୍ଥିତ ଥିଲେ। ଜିଲା ଯୁବମୋର୍ଚ୍ଚା ସଭାପତି ବିଶ୍ୱଜିତ ରାଜଙ୍କ ନେତୃତ୍ୱରେ ଶହସ୍ରାଧିକ ମଟର ସାଇକେଲ ଶୋଭାଯାତ୍ରାରେ କେନ୍ଦ୍ର ମନ୍ତ୍ରୀଙ୍କୁ ଦାନଗଦିର ମିଲିଟାରି ଛକ ଠାରୁ ଡୁବୁରୀ ପର୍ଯ୍ୟନ୍ତ ପାଛୋଟି ନିଆଯାଇଥିଲା।

ଏହାପୂର୍ବରୁ ବ୍ୟାସନଗର ନଟପଡାସ୍ଥିତ ସେଣ୍ଟ ଜାଭିୟର ଇଣ୍ଟରନ୍ୟାଶନାଲ ସ୍କୁଲରେ ମେରି ମାଟି ମେରା ଦେଶ କାର୍ଯ୍ୟକ୍ରମରେ କେନ୍ଦ୍ରମନ୍ତ୍ରୀ ପ୍ରଧାନ ଯୋଗଦେଇଥିଲେ। ସ୍କୁଲର ଅଧ୍ୟକ୍ଷ ଆଲେକଜାଣ୍ଡାର ଦାସଙ୍କ ଅଧ୍ୟକ୍ଷତାରେ କେନ୍ଦ୍ରମନ୍ତ୍ରୀ ପ୍ରଧାନ ଉଦ୍‌ବୋଧନ ଦେଇ ଛାତ୍ରୀଛାତ୍ରଙ୍କୁ ଦେଶପ୍ରୀତିର ବାର୍ତ୍ତା ଦେବା ସହ ଦେଶକୁ ବିକଶିତ କରିବା ପାଇଁ ୫ଟି ସଙ୍କଳ୍ପର ଶପଥ ପାଠ କରାଇଥିଲେ। ପୂର୍ବରୁ ଅନୁଷ୍ଠିତ ଚିତ୍ରାଙ୍କନ ଓ ରାଖୀ ପ୍ରତିଯୋଗିତାର କୃତୀ ଛାତ୍ରୀଛାତ୍ରଙ୍କୁ ସେ ସମ୍ବର୍ଦ୍ଧିତ କରିଥିଲେ। ଦେଶର ୬ଲକ୍ଷ ଗ୍ରାମରୁ ମାଟି ସଂଗ୍ରହ ହୋଇ ଦିଲ୍ଲୀ ଅଭିମୁଖେ ନିଆଯାଉଥିବା ବେଳେ ଯାଜପୁରର ବିଭିନ୍ନ ପବିତ୍ର ପୀଠରୁ ମାଟି ପଠାଯାଉଥିବା ସେ କହିଥିଲେ। ମୋ ମାଟି ମୋ ଦେଶର ନାରାଦେଇ ଛାତ୍ରୀଛାତ୍ରମାନେ ହାତରେ ଜାତୀୟ ପତାକା ହଲାଇ କେନ୍ଦ୍ରମନ୍ତ୍ରୀଙ୍କୁ ସ୍ୱାଗତ କରିଥିଲେ।

# ଗର୍ଭବତୀଙ୍କୁ ଷ୍ଟ୍ରେଚରରେ ବୋହିଆଣି ଜୀବନ ବଞ୍ଚାଇଲେ

## ୧୦୮ କର୍ମଚାରୀଙ୍କ ମାନବିକତା

ନନ୍ଦପୁର, ୩୦।୮ (ଶଙ୍କର ପୂଜାରୀ)


ଆମ୍ବୁଲାନ୍ସ କର୍ମଚାରୀମାନେ କୌଶଲ୍ୟାଙ୍କୁ ଷ୍ଟ୍ରେଚରରେ ବୋହି ଆଣୁଛନ୍ତି।

ଥମୁନି ଜନନୀ ଜନ୍ତ୍ରଣା। ରାସ୍ତାଘାଟ ନ ଥିବାରୁ ଗ୍ରାମବାସୀଙ୍କୁ ମିଳିପାରୁନି ମୌଳିକ ସୁବିଧା ସହ ଆବଶ୍ୟକ ସମୟରେ ଚିକିତ୍ସା ସେବା। ଜରୁରୀ ସମୟରେ ଭାରରେ ଓ ଷ୍ଟ୍ରେଚରରେ ବୁହା ହେଉଛନ୍ତି ରୋଗୀ। ଏଭଳି ଏକ ଘଟଣା ନନ୍ଦପୁର ବ୍ଲକର ହାତୀବାରୀ ପଞ୍ଚାୟତର ଗିଲିଗୁଡ଼ା ଗ୍ରାମରେ ଦେଖିବାକୁ ମିଳିଛି। ୧୦୮ କର୍ମଚାରୀଙ୍କ ମାନବିକତା ପାଇଁ ବଞ୍ଚିଯାଇଛି ଜଣେ ଗର୍ଭବତୀଙ୍କ ଜୀବନ।

ଖବରରୁ ଜଣାପଡିଛି, ଗିଲିଗୁଡା ଗ୍ରାମର ଜଣେ ଗର୍ଭବତୀ ମହିଳାଙ୍କ ସ୍ୱାମୀ ଗିରି ପାଙ୍ଗୀ ତାଙ୍କ ସ୍ତ୍ରୀ କୌଶଲ୍ୟା ପ୍ରସବକାଳୀନ ଯନ୍ତ୍ରଣା ଭୋଗୁଥିବା ନେଇ ନନ୍ଦପୁର ୧୦୮ ଆମ୍ବୁଲାନ୍ସକୁ ଜଣାଇଥିଲେ। ଏହି ସମୟରେ ନନ୍ଦପୁର ସ୍ୱାସ୍ଥ୍ୟକେନ୍ଦ୍ର ଆମ୍ବୁଲାନ୍ସ ଅନ୍ୟ ରୋଗୀଙ୍କୁ ଚିକିତ୍ସା ସେବା ଯୋଗାଇ ଦେବାକୁ ଯାଇଥିବାରୁ ଲମତାପୁଟ ୧୦୮କୁ ଗିଲିଗୁଡା ଗ୍ରାମକୁ ଯାଇ ଗର୍ଭବତୀଙ୍କୁ ଆଣିବାକୁ ନିର୍ଦ୍ଦେଶ ଦିଆଯାଇଥିଲା। ଏହି ଅନୁସାରେ ଲମତାପୁଟ ଆମ୍ବୁଲାନ୍ସର ୩ଜଣ କର୍ମଚାରୀ ଗିଲିଗୁଡାରେ ପହଞ୍ଚିଥିଲେ। ତେବେ ଗ୍ରାମକୁ ୧କି.ମି. ପର୍ଯ୍ୟନ୍ତ ଆଗକୁ ରାସ୍ତା ନ ଥିବାରୁ ସେଠାରେ ଗାଡ଼ି ରଖି ଗାଡ଼ିରେ ଥିବା ଷ୍ଟ୍ରେଚର ଧରି କର୍ମଚାରୀ ଚାଳକ ନାଗାର୍ଜ୍ଜୁନ ନାୟକ, ଫାର୍ମାସିଷ୍ଟ ଲୋକନାଥ ଖେମୁଣ୍ଡୁ ଓ ସହାୟକ ପ୍ରତୀକ ଦୋରା ଗ୍ରାମକୁ ଯାଇଥିଲେ। ସେଠାରୁ ସ୍ୱାମୀ ଓ ପରିଜନଙ୍କ ସହାୟତାରେ ସେମାନେ ଖାଲଖମା ରାସ୍ତା ଓ ବିଲହୁଡ଼ା ଦେଇ ଗର୍ଭବତୀ କୌଶଲ୍ୟାଙ୍କୁ ଆମ୍ବୁଲାନ୍ସ ନିକଟକୁ ବୋହି ଆଣିଥିଲେ। ସେଠାରୁ ନନ୍ଦପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆଣିବା ପରେ ସ୍ୱାସ୍ଥ୍ୟକେନ୍ଦ୍ରରେ ସେ ଶିଶୁ କନ୍ୟାଟିଏ ଜନ୍ମ ଦେଇଥିଲେ। ବର୍ତ୍ତମାନ ମା ଓ ଛୁଆ ସୁସ୍ଥ ଥିବା ଡାକ୍ତର ଦୁବରାଜ ମୁର୍ମୁ କହିଛନ୍ତି। ୧୦୮ର ୩ କର୍ମଚାରୀଙ୍କ ଏଭଳି ମାନବିକତା ପୂର୍ଣ୍ଣ କାର୍ଯ୍ୟପାଇଁ ସ୍ୱାମୀ ଗିରି, ସ୍ତ୍ରୀ କୌଶଲ୍ୟା କୃତଜ୍ଞତା ଜଣାଇଛନ୍ତି। ସ୍ୱାସ୍ଥ୍ୟକେନ୍ଦ୍ରର ଡାକ୍ତର ମୁର୍ମୁଙ୍କ ସମେତ ସମସ୍ତ କର୍ମଚାରୀଙ୍କୁ ଗିଲିଗୁଡା ଗ୍ରାମବାସୀ ପ୍ରଶଂସା କରିଛନ୍ତି। ଗ୍ରାମକୁ କେବେ ରାସ୍ତା ନିର୍ମାଣ ହେବ ଏ ସମ୍ପର୍କରେ ବିଭାଗୀୟ ଯନ୍ତ୍ରୀ ସନ୍ତୋଷ ପାତ୍ରଙ୍କୁ ପଚାରିବାରୁ ସେ କହିଲେ, ଗ୍ରାମ ସମ୍ମୁଖରେ ଥିବା ଜମି ରାସ୍ତା ନିର୍ମାଣରେ ବାଧକ ସାଜିଛି। ଗ୍ରାମବାସୀ ଉକ୍ତ ଜମି ଦେଇ ରାସ୍ତା ନିର୍ମାଣ କରିବାକୁ ଯଦି ଅନୁମତି ଦେବେ ତା’ହେଲେ ରାସ୍ତା ନିର୍ମାଣ କରାଯିବ।

DSPL-191

## ଭୁବନେଶ୍ୱର ମହାନଗର ନିଗମ

**ତା ୩୧.୦୮.୨୦୨୩ ସ୍ୱାୟତ୍ତ ଶାସନ ଦିବସ** ଉପଲକ୍ଷେ ଭୁବନେଶ୍ୱରବାସୀଙ୍କୁ ହାର୍ଦ୍ଦିକ ଶୁଭେଚ୍ଛା ଜଣାଉଅଛୁ
**“ଆସନ୍ତୁ ପରସ୍ପର ସହଯୋଗରେ ଆମ ଭୁବନେଶ୍ୱରର ପ୍ରଗତିକୁ ଆଗେଇ ନେବା”** ଭୁବନେଶ୍ୱର ମହାନଗର ନିଗମର ମୂଳମନ୍ତ୍ର:-**ସହଭାଗିତା ମାଧ୍ୟମରେ ପ୍ରଗତି**

**ତା ୩୧.୦୮.୨୦୨୩ ରିଖ ସକାଳ ଘ ୮.୦୦ ମିନିଟ୍‌ଠାରୁ**

୧. ନିଗମ କାର୍ଯ୍ୟାଳୟ ପ୍ରାଙ୍ଗଣରେ ଜାତୀୟ ପତାକା ଉତ୍ତୋଳନ।
୨. ମହାଯାତ୍ରା ଗାଡି, ପଶୁ ଉଠା ଆମ୍ବୁଲାନ୍ସ, ମଶା ଧୂଆଁ ଦିଆ ଗାଡି (ଫଗିଙ୍ଗ ମେସିନ୍), ମଶା ତେଲ ସିଂଚନ ମେସିନ୍ ଇତ୍ୟାଦିର ଶୁଭ ଉଦ୍‌ଘାଟନ।
୩. ନିଗମ ଅଧିନରେ ଥିବା **SUH** ଏବଂ **Beggar's Home**ରେ ଫଳ ବଂଟନ।
୪. ସ୍ୱାୟତ୍ତ ଶାସନ ଦିବସ ଅବସରରେ ନିମ୍ନ ଲିଖିତ ଅତିଥିମାନଙ୍କ କରକମଳରେ ଉଦ୍‌ଘାଟନ ହେବାକୁ ଥିବା ବିଭିନ୍ନ ପ୍ରକଳ୍ପ -

| କ୍ର.ନଂ. | ୱାର୍ଡ ନଂ. | ପ୍ରକଳ୍ପର ନାମ |
|---|---|---|
| ୧ | ୫୦ | ରାଜଧାନୀ କଲେଜଠାରୁ ବରମୁଣ୍ଡା ଜଗନ୍ନାଥ ମନ୍ଦିର ପର୍ଯ୍ୟନ୍ତ ୧୬ ନମ୍ବର ଜାତୀୟ **ରାଜପଥର ଉନ୍ନତିକରଣ** |
| ୨ | ୪୫ | ଚିନ୍ତାମଣିଶ୍ୱର ହାଇସ୍କୁଲଠାରୁ ଶବର ସାହି ଜାଲି ଗଳି ପର୍ଯ୍ୟନ୍ତ **ଆରସିସି ବକ୍ସ ସେଲ୍ ଡ୍ରେନ୍ ନିର୍ମାଣ** |
| ୩ | ୪୧ | ଗୁରୁଦ୍ୱାରଠାରୁ ରେଳବାଇ ବ୍ରିଜ୍ ପର୍ଯ୍ୟନ୍ତ **ଡ୍ରେନ ନିର୍ମାଣ** |
| ୪ | ୩୦ | ଶହୀଦ ନଗର କଲ୍ୟାଣ ଜୁଏଲାରୀଠାରୁ ପ୍ଲଟ ନଂ-୧ (ତାରିଣୀ ପ୍ୟାଲେସ୍) ଭାୟା ବିଡିଏ ପାର୍କ **ରାସ୍ତାର ଉନ୍ନତିକରଣ** |
| ୫ | ୬ | ମୁଖ୍ୟ ଡ୍ରେନ ନଂ-୧ର ନାରାୟଣ ସ୍କୁଲଠାରୁ କ୍ଲବ ଟାଉନ ପର୍ଯ୍ୟନ୍ତ **ଆରସିସି ଡ୍ରେନ ନିର୍ମାଣ** |
| ୬ | ୨୧ | ହାତିଆଶୁଣୀ ୱେଲଥ ସେଂଟରଠାରେ **ମୋ ଖତ ଗୋଦାମ ଗୃହ ନିର୍ମାଣ** |

**ସଂଧ୍ୟା ୬ ଘଟିକା ସ୍ଥାନ:-ଜୟଦେବ ଭବନ**

୧. ସାଧାରଣ ସଭା ୨. ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ଏବଂ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କାର ବିତରଣ।

**ସମ୍ମାନୀତ ଅତିଥି ବୃନ୍ଦ**

**ଶ୍ରୀମତୀ ଉଷା ଦେବୀ, ମାନ୍ୟବର ମନ୍ତ୍ରୀ,** ଗୃହ ଓ ନଗର ଉନ୍ନୟନ ବିଭାଗ, ଓଡିଶା ସରକାର
**ଶ୍ରୀଯୁକ୍ତ ଅଶୋକ ଚନ୍ଦ୍ର ପଣ୍ଡା, ମାନ୍ୟବର ମନ୍ତ୍ରୀ,** ବିଜ୍ଞାନ ଓ କାରିଗରୀ କୌଶଳ, ସାଧାରଣ ଉଦ୍ୟୋଗ, ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତି କରଣ, ଓଡିଶା ସରକାର
**ଶ୍ରୀମତୀ ଟୁକୁନି ସାହୁ, ମାନ୍ୟବର ମନ୍ତ୍ରୀ,** ବାଣିଜ୍ୟ ପରିବହନ ଓ ଜଳ ସଂପଦ ବିଭାଗ, ଓଡିଶା ସରକାର
**ଶ୍ରୀଯୁକ୍ତ ଅନନ୍ତ ନାରାୟଣ ଜେନା, ମାନ୍ୟବର ବିଧାୟକ ଭୁବନେଶ୍ୱର** (ମଧ୍ୟ)
**ଶ୍ରୀଯୁକ୍ତ ସୁଶାନ୍ତ କୁମାର ରାଉତ, ମାନ୍ୟବର ବିଧାୟକ ଭୁବନେଶ୍ୱର** (ଉତ୍ତର)

**ତା ୦୨-୦୯-୨୦୨୩ ରିଖ**
ଭୁବନେଶ୍ୱର ମହାନଗର ନିଗମ ରିକ୍ରେସନ କ୍ଲବ ସଦସ୍ୟଙ୍କ ଦ୍ୱାରା ପରିବେଷଣ ହେବ
ନାଟକ-**ମମତାର ବାଲିଘର**, ସ୍ଥାନ-**ରବୀନ୍ଦ୍ର ମଣ୍ଡପ**, ସମୟ-**ରାତି ୬. ୩୦ ମିନିଟ୍**

— ନିବେଦକ —
**ମେୟର, ଡେପୁଟି ମେୟର, କର୍ପୋରେଟର, କମିଶନର ଓ ନିଗମ କର୍ମଚାରୀ ବୃନ୍ଦ**
ଭୁବନେଶ୍ୱର ମହାନଗର ନିଗମ

OIPR-13002/13/0124/2324

# ଯୁକ୍ତ୩ରେ ଖାଲିପଡ଼ିଛି ୧,୧୧,୧୦୮ ସିଟ୍

ଭୁବନେଶ୍ୱର, ୩୦।୮ (ଅସମାପିକା ସାହୁ)

୨୦୨୩-୨୪ ଶିକ୍ଷା ବର୍ଷ ପାଇଁ ଯୁକ୍ତ୩ ନାମଲେଖା ପ୍ରକ୍ରିୟା ଶେଷ ହୋଇଛି। ୪ଟି ରାଉଣ୍ଡ୍ ନାମଲେଖା ହୋଇଥିଲେ ମଧ୍ୟ ସିଟ୍ ପୂରଣ ହୋଇପାରି ନାହିଁ। ଏବେ ବି ଲକ୍ଷେରୁ ଊର୍ଦ୍ଧ୍ୱ ସିଟ୍ ଖାଲି ପଡ଼ିଛି। ଯୁକ୍ତ୨ ଭଳି ଯୁକ୍ତ୩ ପାଇଁ ବି ଦ୍ୱିତୀୟ ପର୍ଯ୍ୟାୟ ନାମଲେଖା ହେବାର ଆଶଙ୍କା ରହିଛି। ସାମ୍ସ ପୋର୍ଟାଲରୁ ମିଳିଥିବା ସୂଚନାନୁସାରେ, ଗତ ଜୁଲାଇ ୧୫ରୁ ଯୁକ୍ତ୩ ନାମଲେଖା ଆରମ୍ଭ ହୋଇ ଅଗଷ୍ଟ ୨୮ରେ ସରିଥିଲା। ରାଜ୍ୟର ୧,୦୪୦ ଡିଗ୍ରୀ କଲେଜରେ ୨,୭୦,୧୬୩ ସିଟ୍ ରହିଥିବାବେଳେ ୪ଟି ରାଉଣ୍ଡ୍‌ରେ ୧,୫୯,୦୫୫ଜଣ ନାମ ଲେଖାଇଛନ୍ତି ଓ ୧,୧୧,୧୦୮ ସିଟ୍ ଖାଲି ପଡ଼ିଛି। ଏଥିମଧ୍ୟରୁ କଳାରେ ୪୮,୪୫୪, ପଦାର୍ଥ ବିଜ୍ଞାନରେ ୨୬,୫୦୦, ଜୈବ ବିଜ୍ଞାନରେ ୧୨,୩୪୨, ବାଣିଜ୍ୟରେ ୧୭,୦୬୯, ସେଲ୍‌ଫ ଫାଇନାନ୍ସିଂରେ ୯୮୭ ଏବଂ ସଂସ୍କୃତରେ ୫,୭୫୬ଟି ସିଟ୍ ଖାଲି ପଡ଼ିଛି। ଲକ୍ଷେରୁ ଅଧିକ ସିଟ୍ ବଳି ପଡ଼ିଯାଇଥିବାରୁ ଏବେ ଦ୍ୱିତୀୟ ପର୍ଯ୍ୟାୟ ନାମଲେଖା ହେବା ସମ୍ଭାବନା ରହିଛି।

# ଶୋଇଥିବାବେଳେ ବୃଦ୍ଧଙ୍କୁ ହତ୍ୟା

ବରପାଲି,୩୦।୮ (ଚିତ୍ତରଞ୍ଜନ ସାହୁ)

ବରଗଡ଼ ଜିଲା ବରପାଲି ଥାନା ବାବୁପାଲି ଗ୍ରାମରେ ମଙ୍ଗଳବାର ବିଳମ୍ବିତ ରାତିରେ ଏକ ହତ୍ୟାକାଣ୍ଡ ଘଟିଛି। ପାନ ଦୋକାନ ବାରଣ୍ଡାରେ ଶୋଇଥିବାବେଳେ ଜଣେ ବୃଦ୍ଧଙ୍କୁ ହତ୍ୟା କରାଯାଇଛି। ମୃତକ ହେଲେ ବାବୁପାଲି ଗ୍ରାମର ଗୋପବନ୍ଧୁ ସେଠ(୭୦)। ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ବରଗଡ଼ ଡାକ୍ତରଖାନା ପଠାଇଛି। ମୃତକଙ୍କ ପୁଅ ଅନୀଲଙ୍କ ଏତଲାକ୍ରମେ ଏକ ହତ୍ୟା ମାମଲା ରୁଜୁ କରି ପୋଲିସ ଅଧିକ ତଦନ୍ତ କରୁଛି।

ବାବୁପାଲି-ବାରଗୁଡ଼ା ରାସ୍ତାର ରେଲୱେ ଲେଭେଲ କ୍ରସିଂ ପାଖ ବାଜିଟିକ୍ରାରେ ଗୋପବନ୍ଧୁଙ୍କ ଏକ ପାନ ଦୋକାନ ରହିଛି। ସବୁଦିନ ଭଳି ମଙ୍ଗଳବାର ଦୋକାନ ବନ୍ଦ କରି ରାତ୍ରିଭୋଜନ ପରେ ଦୋକାନ ସମ୍ମୁଖ ବାରଣ୍ଡାରେ ଏକ ଖଟିଆ ପକାଇ ଏବଂ ମଶାରୀ ଟାଣି ସେ ଶୋଇଥିଲେ। ବୁଧବାର ସକାଳ ପ୍ରାୟ ୫ଟାରେ ଗୋପବନ୍ଧୁଙ୍କ ମୃତଦେହ ରକ୍ତ ଜୁଡୁବୁଡୁ ଅବସ୍ଥାରେ ଖଟିଆରେ ପଡ଼ିଥିବା ପରିବାର ଲୋକେ ଦେଖିଥିଲେ। ତାଙ୍କୁ କୌଣସି ଧାରୁଆ ଅସ୍ତ୍ରରେ ହତ୍ୟା କରାଯାଇଥିବା ପାରିପାର୍ଶ୍ୱିକ ସ୍ଥିତିରୁ ଅନୁମାନ କରାଯାଉଛି। ବରପାଲି ଥାନା ପୋଲିସ ସାଇଣ୍ଟିଫିକ୍ ଟିମ୍ ଏବଂ ଅନୁସନ୍ଧାନୀ କୁକୁର ସହିତ ତଦନ୍ତ କରିଛି। ପୂର୍ବ ଶତ୍ରୁତାରୁ ଏହି ହତ୍ୟାକାଣ୍ଡ ଘଟି ଥାଇପାରେ ବୋଲି ପୋଲିସ ଅନୁମାନ କରୁଛି। ତଦନ୍ତ ଜାରି ରହିଛି ଏବଂ ଅଭିଯୁକ୍ତମାନେ ଅତିଶୀଘ୍ର ଧରାପଡ଼ିବେ ବୋଲି ବରପାଲି ଥାନା ଆଇଆଇସି ଜୟରଶ୍ମୀ ସେଠୀ କହିଛନ୍ତି।

# ଆଜି ପ୍ରକାଶ ପାଇବ ପିଜି ଚତୁର୍ଥ ରାଉଣ୍ଡ ମେଧା ତାଲିକା

ଭୁବନେଶ୍ୱର, ୩୦।୮ (ଅସମାପିକା ସାହୁ)

୨୦୨୩-୨୪ ଶିକ୍ଷା ବର୍ଷ ପାଇଁ ରାଜ୍ୟରେ ଥିବା ବିଶ୍ୱବିଦ୍ୟାଳୟରେ ପିଜି ନାମଲେଖା ନିମନ୍ତେ ଗୁରୁବାର ଅପରାହ୍ନ ୨ଟାରେ ଚତୁର୍ଥ ରାଉଣ୍ଡ୍ ମେଧା ତାଲିକା ପ୍ରକାଶ ପାଇବ। ମନୋନୀତ ଛାତ୍ରୀଛାତ୍ର ଛୁଟିଦିନ ବ୍ୟତୀତ ୧ ତାରିଖ ସକାଳ ୯ଟାରୁ ୪ ତାରିଖ ଅପରାହ୍ନ ୫ଟା ଭିତରେ ନାମ ଲେଖାଇବେ। ଏହି ରାଉଣ୍ଡରେ ନାମଲେଖାଇଥିବା ଛାତ୍ରୀଛାତ୍ରଙ୍କ ତାଲିକା ଇ-ସ୍ପେସ୍‌ରେ ୪ ତାରିଖ ସନ୍ଧ୍ୟା ୭ଟା ସୁଦ୍ଧା ଅପ୍‌ଲୋଡ୍ କରାଯିବ। ଉଲ୍ଲେଖଯୋଗ୍ୟ, ନାମଲେଖା ଚାଲିଥିଲେ ବିଳମ୍ବ ହୋଇଯାଇଥିବାରୁ ଗତ ୨୧ ତାରିଖରୁ ପିଜି ପ୍ରଥମ ବର୍ଷ ପାଠପଢ଼ା ଆରମ୍ଭ ହୋଇଛି।

# ବଡ଼ଭାଇଙ୍କୁ କୋଦାଳରେ ହାଣି ହତ୍ୟା

## ଅଭିଯୁକ୍ତ ସାନଭାଇ ଗିରଫ

ବାଉଁଶୁଣୀ, ୩୦।୮ (ଦେବାଶିଷ ନେପାକ)

ବୌଦ୍ଧ ଜିଲା ବାଉଁଶୁଣୀ ଥାନା ଜମଘାଟି ଗ୍ରାମରେ ବୁଧବାର ସନ୍ଧ୍ୟାରେ ଏକ ହତ୍ୟାକାଣ୍ଡ ଘଟିଛି। ବଡଭାଇଙ୍କୁ କୋଦାଳରେ ହାଣି ସାନଭାଇ ହତ୍ୟା କରିଛନ୍ତି। ହତ୍ୟାର ଶିକାର ହୋଇଥିବା ଯୁବକ ହେଲେ ଚକ୍ରଧର ପ୍ରଧାନ(୪୫)। ଅଭିଯୁକ୍ତ ସାନଭାଇ ମକରଧ୍ୱଜ ପ୍ରଧାନଙ୍କୁ ପୋଲିସ ଗିରଫ କରିଛି। ପାରିବାରିକ କଳହରୁ ହତ୍ୟାକାଣ୍ଡ ଘଟିଥିବା ଗ୍ରାମବାସୀଙ୍କଠାରୁ ପ୍ରକାଶ।

ମିଳିଥିବା ସୂଚନା ଅନୁଯାୟୀ, ସକାଳେ ଚକ୍ରଧର ନିଜ ଚାଷଜମିକୁ ପାଣି ଯିବା ପାଇଁ ଗାଁ ମୁଣ୍ଡ କେନାଲ ସଫେଇ କରୁଥିଲେ। ସେହି ସମୟରେ ତାଙ୍କ ସାନଭାଇ ମକରଧ୍ୱଜ ପହଞ୍ଚି ତାଙ୍କୁ ଗାଳିଗୁଲଜ କରିଥିଲେ। ଚକ୍ରଧର କାହିଁକି ଗାଳି କରୁଛୁ ବୋଲି ପଚାରିବାରୁ ସେଥିରେ ଉତ୍ତ୍ୟକ୍ତ ହୋଇ ମକରଧ୍ୱଜ ପଛପଟୁ ଆସି ମୁଣ୍ଡକୁ କୋଦାଳରେ ଚୋଟ ମାରିଥିଲେ। ଚକ୍ରଧର ଗୁରୁତର ହୋଇ କେନାଲରେ ପଡିଯାଇଥିଲେ। ସେହି ବାଟଦେଇ ଯାଉଥିବା କେତେଜଣ ଲୋକ ବାରଣ କରିଥିଲେ ମଧ୍ୟ ମକରଧ୍ୱଜ ନ ଶୁଣି ଚୋଟ ପରେ ଚୋଟ ମାରିଥିଲେ। ଫଳରେ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ଘଟିଥିଲା। ଗାଁ ଲୋକଙ୍କଠାରୁ ଖବର ପାଇ ଚକ୍ରଧରଙ୍କ ସ୍ତ୍ରୀ ଯମୁନା ଓ ୧୨ ବର୍ଷର ପୁଅ ସେଠାରେ ପହଞ୍ଚିଥିଲେ। ଯମୁନାଙ୍କ ଅଭିଯୋଗ ଆଧାରରେ ପୋଲିସ ଏକ ମାମଲା (ନଂ.୧୧୩/୨୩) ରୁଜୁ କରି ଅଭିଯୁକ୍ତ ମକରଙ୍କୁ ଗିରଫ କରିଛି। ହତ୍ୟାକାଣ୍ଡରେ ବ୍ୟବହୃତ କୋଦାଳ ପୋଲିସ ଜବତ କରିଛି। ମୃତଦେହ ବ୍ୟବଚ୍ଛେଦ ପାଇଁ ବୌଦ୍ଧ ଜିଲା ଡାକ୍ତରଖାନାକୁ ପଠାଯାଇଥିବା ସବ୍‌ଇନ୍ସପେକ୍ଟର ବିକ୍ରମ କେଶରୀ ଦେହୁରି କହିଛନ୍ତି। ଘଟଣାସ୍ଥଳରେ ସାଇଣ୍ଟିଫିକ ଟିମ୍ ପହଞ୍ଚି ଅଧିକ ତଦନ୍ତ ଜାରି ରଖିଛି।

❝ ଏ ପୃଥିବୀର ଊର୍ଦ୍ଧ୍ୱରେ ଯେଉଁ ସବୁ ସ୍ୱର୍ଗ ରହିଛି- ସେଗୁଡିକ ନିଶ୍ଚୟ ମହାନ୍ ଏବଂ ବିସ୍ମୟକର। କିନ୍ତୁ ତୁମ ନିଜ ଭିତରେ ଲୁଚିଥିବା ସ୍ୱର୍ଗ ହେଉଛି ଅଧିକ ମହାନ୍ ଓ ବିସ୍ମୟଜନକ। ସେହିସବୁ ସ୍ୱର୍ଗର ନନ୍ଦନକାନନ ଦିବ୍ୟ ଉଦ୍ୟାନରକ୍ଷକମାନଙ୍କ କାର୍ଯ୍ୟ ଲାଗି ଅପେକ୍ଷାରତ। **-ଶ୍ରୀଅରବିନ୍ଦ**

# ବିଷ୍ଣୁ ଶୋଇଛନ୍ତି



ଦେବଦତ୍ତ ପଟ୍ଟନାୟକ

ଯେତେବେଳେ ବର୍ଷା ଆରମ୍ଭ ହୋଇଯାଏ, ଯେତେବେଳେ ଘର କାନ୍ଥଗୁଡ଼ିକ ଓଦା ହେବାକୁ ଲାଗେ ଏବଂ ଖାଦ୍ୟରେ ଫିମ୍ପି ବସିଯାଏ ସେତେବେଳେ ଜାଣିବ ଯେ ଜଗତର ପରିପାଳକ ବିଷ୍ଣୁ ଶୋଇଛନ୍ତି। ପୃଥିବୀ ବନ୍ୟା ଜଳରେ ବୁଡ଼ିରହିଥିବା ବେଳେ ସେ ଚାରିମାସ ଧରି (ଚତୁର୍ମାସ) ଶୋଇରହନ୍ତି। ଏହା ହେଉଛି ବାର୍ଷିକ ପ୍ରଳୟ। ଏହା ପରେ ବିଶ୍ୱ ନିଜକୁ ନବୀକରଣ କରେ। ଏହି ବାର୍ଷିକ ଜଳପ୍ଲାବନ ବର୍ଷର କୃଷ୍ଣପକ୍ଷରେ ସଙ୍ଗଠିତ ହୋଇଥାଏ। ପ୍ରାଚୀନ ଋଷିମାନେ ବର୍ଷକୁ ଦୁଇ ଭାଗରେ ବିଭକ୍ତ କରିଥିଲେ: ପ୍ରଥମଟି ଜାନୁୟାରୀରୁ ଜୁନ୍, ଯେତେବେଳେ ଉଦିତ ସୂର୍ଯ୍ୟ ଧ୍ରୁବ ନକ୍ଷତ୍ର ଆଡ଼କୁ(ଉତ୍ତରାୟଣ) ଗତିକରନ୍ତି। ଦ୍ୱିତୀୟଟି ଜୁଲାଇରୁ ଡିସେମ୍ବର ମଧ୍ୟରେ ସୂର୍ଯ୍ୟ ଦକ୍ଷିଣ ଆଡ଼କୁ (ଦକ୍ଷିଣାୟନ)ଗତିକରନ୍ତି। ଉତ୍ତର ଦିଗକୁ ଯାତ୍ରା କହିଲେ ସୂର୍ଯ୍ୟ ମକର ରାଶିରେ ପ୍ରବେଶ କରିବା ପରେ ଏହା ଆରମ୍ଭ ହୁଏ, ଯାହା ପ୍ରେମ ଏବଂ ଜୀବନର ପ୍ରତୀକ ଭାବରେ ଚିହ୍ନିତ। ଏହା ବସନ୍ତ ଏବଂ ଗ୍ରୀଷ୍ମର ସମୟ, ଯେତେବେଳେ ଦିନ ଉଷ୍ମ ଏବଂ ଉଜ୍ଜ୍ୱଳ ହୋଇଥାଏ। ସୂର୍ଯ୍ୟ କର୍କଟ ରାଶିରେ ପ୍ରବେଶ କଲେ ଦକ୍ଷିଣାୟନ ଆରମ୍ଭ ହୋଇଥାଏ। ସେତେବେଳେ ସୌର ରଶ୍ମିର ତେଜ କମି ଆସେ। ଦିନ ଛୋଟ ହୋଇଆସିବା ସହ ଥଣ୍ଡା ଆସିଯାଏ । ଏତିକିବେଳେ ମେଘ ଆକାଶକୁ ଆଚ୍ଛାଦିତ କରେ ଏବଂ ବିଷ୍ଣୁ ଶୋଇବାକୁ ଯାଆନ୍ତି। ଏହି ସମୟରେ ସାରା ଜଗତ ଦେବୀ ଏବଂ ବିଷ୍ଣୁଙ୍କ ଅବତାରଙ୍କ ଯତ୍ନରେ ରହିଥାଏ।

ଋଷିମାନେ ଘୋଷଣା କରିଥିଲେ ଯେ ବର୍ଷର ଅଧା ଉଷ୍ମ କାଳ । ଏହି ସମୟ ହେଉଛି ଦେଦୀପ୍ୟମାନ ଆକାଶ ଦେବତା ଆଦିତ୍ୟଙ୍କର। କିନ୍ତୁ ହିନ୍ଦୁ ପୁରାଣର ଇଂଲିଶ ଅନୁବାଦକମାନେ ଏମାନଙ୍କୁ 'ଦେବତା' ବୋଲି କହନ୍ତି। ବର୍ଷର ଶୀତଳ ରହୁଥିବା ଅର୍ଦ୍ଧେକ ଅବଧି ଦୈତ୍ୟମାନଙ୍କର, ଯାହାଙ୍କୁ ହିନ୍ଦୁ ପୁରାଣର ଇଂଲିଶ ଅନୁବାଦକମାନେ 'ରାକ୍ଷସ' ଭାବରେ ଅଭିହିତ କରିଛନ୍ତି। ତେଣୁ ବର୍ଷର ଅଧା ସମୟ ଆକାଶରେ ଶକ୍ତିଶାଳୀ ଆଦିତ୍ୟଙ୍କ ସହିତ ମହାଜାଗତିକ ମଣ୍ଡଳର ମହା ମନ୍ଥନ ଘଟେ ଏବଂ ଅନ୍ୟ ଅର୍ଦ୍ଧକରେ ଦୈତ୍ୟ ଶକ୍ତିଶାଳୀ ହୋଇରହିଥାଆନ୍ତି। ତେବେ ଏହି ମନ୍ଥନରୁ ଅନେକ ଋତୁ ସହିତ ବର୍ଷ ଜନ୍ମ ନିଏ। ଯେତେବେଳେ ବିଷ୍ଣୁ ଶୋଇଥା'ନ୍ତି, ଦୈତ୍ୟଗୁରୁ ଶୁକ୍ର ଭୂତଳେ ଯାଦୁକରୀ ସଞ୍ଜୀବନୀଙ୍କୁ ପୂର୍ଣ୍ଣ କରିଦିଅନ୍ତି। ଏହା ପୃଥିବୀର ଉର୍ବରତାକୁ ଫେରାଇ ଆଣେ। ମଞ୍ଜିଗୁଡ଼ିକ ଅଙ୍କୁରିତ ହୁଏ, ପୃଥିବୀ ଶସ୍ୟଶାମଳା ହୋଇଯାଏ। ଚାରିଆଡ଼େ ସବୁଜ ଦେଖାଯାଏ। କାମଦେବଙ୍କ ଦ୍ୱାରା ଚନ୍ଦ୍ର ପ୍ରଭାବିତ ହୁଅନ୍ତି। ଦିନସାରା ଘରେ ରହିଥିବା ସ୍ୱାମୀ ଏବଂ ସ୍ତ୍ରୀମାନେ ଅନ୍ତରଙ୍ଗ ମୁହୂର୍ତ୍ତକୁ ଉପଭୋଗ କରନ୍ତି। ଏହି ସମୟରେ ମଧ୍ୟ କାମସୂତ୍ର ଲେଖାଯାଇଥିଲା ବୋଲି କୁହାଯାଏ।



ବିଷ୍ଣୁ ଆଷାଢ଼ ଶୁକ୍ଳପକ୍ଷ ଏକାଦଶୀଠାରୁ କାର୍ତ୍ତିକ ଶୁକ୍ଳପକ୍ଷର ଏକାଦଶୀ ପର୍ଯ୍ୟନ୍ତ ଶୋଇରହନ୍ତି। ଏହି ସମୟରେ ଭ୍ରମଣ କରିବା ମନା। ଯେଉଁ ଋଷିମାନଙ୍କୁ ସମାନ ଛାତ ତଳେ ଗୋଟିଏ ଦିନରୁ ଅଧିକ ରହିବାକୁ ବାରଣ ଥିଲା ସେମାନେ ବି ଚାରି ମାସ ପର୍ଯ୍ୟନ୍ତ ଗୋଟିଏ ସ୍ଥାନରେ ରହନ୍ତି। ସମ୍ଭବତଃ ୪ ମାସରେ କିଛି କାମ ନ ଥିବା ଏବଂ ବର୍ଷା ମଧ୍ୟମ ରହୁଥିବାରୁ ଏହି ମାସଗୁଡ଼ିକରେ ପ୍ରାର୍ଥନା ଏବଂ ପର୍ବପର୍ବାଣି ପାଳନ କରାଯାଏ। ଏଥିମଧ୍ୟରୁ ପ୍ରଥମଟି ହେଉଛି ଆଷାଢ଼ ପୂର୍ଣ୍ଣିମା। ଏହି ଦିନ ଗୁରୁଙ୍କୁ ସ୍ମରଣ କରାଯାଏ। ଏହାର ଦୁଇ ସପ୍ତାହ ପରେ ଆସେ ଶ୍ରାବଣ ମାସ। ଏହି ସମୟରେ ଲୋକେ ଉପବାସ କରନ୍ତି। ମଦ୍ୟପାନ ଏବଂ ଆମିଷ, ମସଲା ଖାଦ୍ୟ ଭକ୍ଷଣ ଆଦି ସମସ୍ତ ଭୋଗ ବିଳାସ ବନ୍ଦ ହୋଇଯାଏ। ଶ୍ରାବଣ ଶୁକ୍ଳପକ୍ଷର ପଞ୍ଚମ ଦିନରେ ନାଗ ପୂଜା କରାଯାଇଥାଏ। ଶ୍ରାବଣ କୃଷ୍ଣପକ୍ଷର ଅଷ୍ଟମ ଦିନରେ କୃଷ୍ଣଙ୍କ ଜନ୍ମ ଉତ୍ସବ ପାଳନ କରାଯାଏ। ଶ୍ରାବଣ ପୂର୍ଣ୍ଣିମାରେ ଭଉଣୀମାନେ ଭାଇମାନଙ୍କ ହାତରେ ରାଖୀ ବାନ୍ଧି ସେମାନଙ୍କଠାରୁ ସୁରକ୍ଷା ଚାହାନ୍ତି। ଏହି ଦିନରୁ ବର୍ଷାର ତୀବ୍ରତା କମିବା ଆରମ୍ଭ ହୁଏ ଓ ମତ୍ସ୍ୟଜୀବୀମାନେ ସେମାନଙ୍କ ଲୋକ ପରମ୍ପରା ଅନୁଯାୟୀ ନଡ଼ିଆକୁ ସମୁଦ୍ର ଭିତରକୁ ଫିଙ୍ଗନ୍ତି ଏବଂ ଶୀଘ୍ର ସମୁଦ୍ର ସେମାନଙ୍କୁ ପୁଣି ଥରେ ମାଛ ଧରିବାକୁ ଅନୁମତି ଦେଉ ବୋଲି ସେମାନେ ଚାହାଁନ୍ତି।

ଏହା ପରବର୍ତ୍ତୀ ଭଦ୍ରାପଦରେ, ଗଣେଶ ତାଙ୍କ ମାତା ଗୌରୀଙ୍କ ସହ ଆସନ୍ତି। ଗୌରୀ ସବୁଜ ଶାଢ଼ି ପିନ୍ଧିଥାଆନ୍ତି, ଯାହା ସବୁଜିମାଭରା ପୃଥିବୀକୁ ସୂଚିତ କରିଥାଏ। ଗଣେଶ ଓ ଗୌରୀଙ୍କ ମୂର୍ତ୍ତି ମାଟିରେ ତିଆରି କରି ଆମେ ପୂଜାକରୁ। ପୂଜା କରିବା ପରେ ମୂର୍ତ୍ତିକୁ ପାଣିରେ ବିସର୍ଜନ କରାଯାଏ। ବିସର୍ଜନ ପଛରେ ଏକ ତତ୍ତ୍ୱ ନିହିତ ରହିଛି, ଯାହା ପ୍ରକୃତିର ସୃଷ୍ଟି ଓ ବିଲୟ ଧାରାକୁ ସ୍ମରଣ କରାଇଦିଏ। ଗଣେଶ ଧରାରୁ ବିଦାୟ ନେବା ପରେ ପିତୃପୁରୁଷମାନଙ୍କୁ ଉପାସନା କରାଯାଏ। ସେମାନଙ୍କ ଶ୍ରାଦ୍ଧ ରୀତିନୀତି ସମ୍ପନ୍ନ ହୁଏ। ଏହି ପରମ୍ପରା ସ୍ମରଣ କରାଇଦିଏ ଯେ ପୂର୍ବପୁରୁଷ ଓ ଆମମାନଙ୍କ ମଧ୍ୟରେ ଜୀବନଚକ୍ର ଅବିରତ ଚାଲିଛି। ପୁନର୍ଜନ୍ମକୁ ନିଶ୍ଚିତ କରିବା ଲାଗି ଲୋକେ ସନ୍ତାନକୁ ଜନ୍ମ ଦେଉଛନ୍ତି । ଏହି ସମୟରେ ଶସ୍ୟ ଏହାର ଶେଷ ସ୍ତରରେ ପହଞ୍ଚିଯାଇଥାଏ। ଏହା ମଧ୍ୟ ଅମଳର ସମୟ। ବିଷ୍ଣୁଙ୍କ ଶୟନ ସମୟରେ ପାତାଳରୁ ଆସିଥିବା ରାକ୍ଷସମାନଙ୍କୁ ବଧ କରି ମାନବ ପାଇଁ ଖାଦ୍ୟ ଉତ୍ପାଦନ କରିବାକୁ ହୋଇଥାଏ। ଏହିପରି ଭାବରେ ଚତୁର୍ମାସ ଅନ୍ତିମ ମାସରେ ଅନେକ ରାକ୍ଷସ ବଧକୁ ନେଇ ପର୍ବଗୁଡ଼ିକ ପାଳନ କରାଯାଇଥାଏ। ଦଶହରା ପର୍ବ ପାଳନ କରାଯାଏ। ଦୁର୍ଗା ନଅ ରାତିର ଯୁଦ୍ଧ ପରେ ମହିଷାସୁରକୁ ଏବଂ ରାମ ମଧ୍ୟ ଏହି ସମୟରେ ରାବଣକୁ ବଧ କରିଥାନ୍ତି। ଏହା ପର ପୂର୍ଣ୍ଣିମା ହେଉଛି ଶରଦ ପୂର୍ଣ୍ଣିମା କିମ୍ବା କୋଜାଗିର। ଏହି ଦିନ ଦେବୀ ଶାନ୍ତ ରୂପରେ ଆବିର୍ଭାବ ହୋଇ କୃଷ୍ଣଙ୍କ ସହ ରାଧା ଭାବରେ ନାଚନ୍ତି । ପରବର୍ତ୍ତୀ ଦୁଇ ସପ୍ତାହରେ କୃଷ୍ଣ ନାରକାଙ୍କୁ ବଧ କରିବା ସହ ବଳିକୁ ପାତାଳକୁ ଚାପି ଦେଇଥିଲେ, ଯାହାକୁ ଆମେ ଦୀପାବଳି ଭାବେ ପାଳନ କରୁ। ଯେହେତୁ ଦୈତ୍ୟଙ୍କ ହତ୍ୟା ସମୃଦ୍ଧି ଆଣିଥାଏ, ତେଣୁ ସେଥିପାଇଁ ଦେବୀଙ୍କୁ ଲକ୍ଷ୍ମୀ ରୂପରେ ପୂଜା କରାଯାଏ। ତାଙ୍କୁ କାଳୀ ଭାବରେ ମଧ୍ୟ ପୂଜା କରାଯାଏ ଏବଂ ଏହା ସୂଚିତ କରେ ଯେ ଧନ ସୃଷ୍ଟି ସହ ହିଂସା ଜଡ଼ିତ ଏବଂ ଏହାକୁ ହାଲୁକା ଭାବରେ ଗ୍ରହଣ କରାଯିବା ଉଚିତ ନୁହେଁ। ଲକ୍ଷ୍ମୀଙ୍କ ଆବିର୍ଭାବର ଅଳ୍ପ ସମୟ ପରେ ବିଷ୍ଣୁ ଜାଗ୍ରତ ହୋଇ କାର୍ତ୍ତିକ ମାସର ଏକାଦଶ ଦିନରେ ତାଙ୍କୁ ବିବାହ କରିଛନ୍ତି। ଲକ୍ଷ୍ମୀ ତୁଳସୀ ଉଦ୍ଭିଦ ରୂପ ଗ୍ରହଣ କରିଛନ୍ତି ଏବଂ ବିଷ୍ଣୁ ଆଖୁ କିମ୍ବା ଶାଳଗ୍ରାମ ଶିଳା ରୂପ ନେଇଛନ୍ତି। ଏହା ବିଷ୍ଣୁଙ୍କ ନିଦ୍ରାର ସମାପ୍ତି ଏବଂ ବିବାହ ଋତୁ ଆରମ୍ଭକୁ ସୂଚିତ କରିଛି।

-devduttofficial@gmail.com

## ଏଇ ଭାରତରେ

ତେଲଙ୍ଗାନା ପେଦ୍ଦାପଲ୍ଲୀ ଜିଲାପାଳଙ୍କ ବଳିଷ୍ଠ ନେତୃତ୍ୱ ଯୋଗୁ ଜିଲା ଡେଙ୍ଗୁ ମୁକ୍ତ ହେବା ସହ ଦେଶରେ ସ୍ୱଚ୍ଛ ଜିଲାର ପରିଚୟ ଲାଭ କରିପାରିଛି। ଜିଲାପାଳ ଏ. ଦେବସେନା ଜିଲାର ୨୫୦ଟି ଗାଁରେ ଡ୍ରେନ୍ ବ୍ୟବସ୍ଥା କରିବା ସହ ବାହାରେ ମଳ ତ୍ୟାଗକୁ ସମ୍ପୂର୍ଣ୍ଣ ବନ୍ଦ କରିପାରିଛନ୍ତି। ଗାଁଗୁଡ଼ିକରେ ସ୍ୱଚ୍ଛତା ପରିଚାଳନା ଓ ସଚେତନତା ସୃଷ୍ଟି କରିବାକୁ ସେ 'ସ୍ୱଚ୍ଛଗ୍ରାହୀ' କାର୍ଯ୍ୟକ୍ରମ ମାଧ୍ୟମରେ ୧୦୦୦ ମହିଳାଙ୍କୁ ସାମିଲ କରିଛନ୍ତି। ସ୍ଥାନୀୟ ରାଜନୈତିକ ବ୍ୟକ୍ତିଙ୍କୁ ମଧ୍ୟ ଏଥିରେ ଯୋଡ଼ିଛନ୍ତି। ଏହି କାର୍ଯ୍ୟକ୍ରମରେ ସାଧାରଣ ଲୋକେ ଚାଲିବା କିମ୍ବା ଜଗିଂ ସମୟରେ ବର୍ଜ୍ୟ ଗୋଟାଉଛନ୍ତି ଏବଂ ବୃକ୍ଷରୋପଣ କରୁଛନ୍ତି। ପ୍ରାୟ ପ୍ରତ୍ୟେକଟି ପରିବାରରେ ସକ୍‌ପିଟ୍ ନିର୍ମାଣ କରାଯାଇଛି। ସକ୍‌ପିଟ୍ କରାଯିବା ଦ୍ୱାରା ଗୋଟିଏ ବର୍ଷରେ ଡେଙ୍ଗୁ ପ୍ରବଣ ଅଞ୍ଚଳରେ ପାଖାପାଖି ୮୫% କେସ୍ ହ୍ରାସ ପାଇଛି। ପ୍ରତିଟି ପରିବାରକୁ ଓଦା, କାଚ, ଧାତୁ, ପ୍ଲାଷ୍ଟିକ୍ ଓ କାଗଜ ବର୍ଜ୍ୟ ଅଲଗା ରଖିବାକୁ ପରାମର୍ଶ ଦିଆଯାଇଛି ଓ ସେମାନେ ତାହା ପାଳନ କରୁଛନ୍ତି। ପରିବାରଗୁଡ଼ିକ କିଚେନ୍ ଗାର୍ଡେନ ପାଇଁ ବର୍ଜ୍ୟରୁ ଖତ ପ୍ରସ୍ତୁତ କରୁଛନ୍ତି। ଏକକ ବ୍ୟବହାରଯୋଗ୍ୟ ପ୍ଲାଷ୍ଟିକ ବ୍ୟବହାର କମାଇବା ଲାଗି ମହିଳାମାନେ ଝୋଟ ଓ କାଗଜ ବ୍ୟାଗ ତିଆରି କରୁଛନ୍ତି। ସେମାନେ ପରିବେଶ ଉପଯୋଗୀ ସାନିଟାରି ପ୍ୟାଡ୍ ତିଆରି କରି ମହିଳାଙ୍କୁ ୨.୫୦ ଟଙ୍କାରେ ବିକ୍ରି କରୁଛନ୍ତି।

## ୨୫ ବର୍ଷ ତଳର ଧରିତ୍ରୀ

୩୧ ଅଗଷ୍ଟ ୧୯୯୮

- ମଧ୍ୟବର୍ତ୍ତୀକାଳୀନ ପ୍ରଧାନମନ୍ତ୍ରୀ ଭିକ୍ଟର ଚେର୍ଣ୍ଣୋମିର୍ଦିନଙ୍କ ନିଯୁକ୍ତିକୁ ଅନୁମୋଦନ ତଥା ଦେଶରେ ଦେଖାଦେଇଥିବା ଆର୍ଥିକ ସଙ୍କଟର ମୁକାବିଲା କରିବା ନେଇ ଋଷିଆର ରାଷ୍ଟ୍ରପତି ବୋରିସ ୟେଲ୍‌ତ୍‌ସିନ ଓ ତାଙ୍କ ପ୍ରତିଦ୍ୱନ୍ଦ୍ୱୀ କମ୍ୟୁନିଷ୍ଟ ନେତାଙ୍କ ମଧ୍ୟରେ ଏକ ସାଲିସମୂଳକ ବୁଝାମଣା।
- ୬୪ ଲକ୍ଷ ଟଙ୍କାର ସରକାରୀ ଅର୍ଥ ହେରଫେର ମାମଲାରେ ଅଭିଯୁକ୍ତ ବାଂଲାଦେଶର ପୂର୍ବତନ ପ୍ରଧାନମନ୍ତ୍ରୀ ବେଗମ ଖାଲେଦ ଜିଆଙ୍କ ଜାମିନ ମଞ୍ଜୁର।
- ପଶ୍ଚିମ ନେପାଳରେ ଏକ ବସ୍ ପାହାଡ଼ିଆ ରାସ୍ତାରେ ଯାଉଥିବା ବେଳେ ବନ୍ୟାପ୍ଲାବିତ ନଦୀ ମଧ୍ୟକୁ ଖସିପଡ଼ିବା ଫଳରେ ୨୧ ଯାତ୍ରୀ ମୃତ।

## su|do|ku — ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| 7 | | | | | 4 | | 3 | |
| 3 | | 8 | | | | | 2 | |
| 6 | | | | | | | | 9 |
| | | | 3 | 4 | | | | 6 |
| | | 2 | | 9 | | 3 | | 4 |
| | | | | | | | 9 | |
| 4 | | | | | 2 | | | 3 |
| | | | | | 7 | 5 | | |
| | 7 | 9 | | 1 | | | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 3 | 9 | 5 | 1 | 6 | 7 | 4 | 8 | 2 |
| 6 | 7 | 8 | 4 | 5 | 2 | 9 | 1 | 3 |
| 1 | 2 | 4 | 8 | 3 | 9 | 6 | 7 | 5 |
| 8 | 5 | 7 | 6 | 9 | 1 | 3 | 2 | 4 |
| 9 | 1 | 2 | 3 | 7 | 4 | 8 | 5 | 6 |
| 4 | 6 | 3 | 5 | 2 | 8 | 7 | 9 | 1 |
| 7 | 3 | 6 | 9 | 1 | 5 | 2 | 4 | 8 |
| 2 | 8 | 1 | 7 | 4 | 3 | 5 | 6 | 9 |
| 5 | 4 | 9 | 2 | 8 | 6 | 1 | 3 | 7 |

ଗତକାଲିର ଉତ୍ତର

# ସହରର ଜୀବନରେଖା



ଅଲେଖ ଚନ୍ଦ୍ର ମିଶ୍ର

ବସ୍ତି କଥା ମନକୁ ଆସିଲେ ଆଖିଆଗରେ ଭାସିଉଠେ ରେଳଲାଇନର ଉଭୟପାର୍ଶ୍ୱରେ ନାଳନର୍ଦ୍ଦମା ନିକଟରେ, ସରକାରୀ ଅନାବାଦୀ ଜମିରେ,ସହର ତଳିଅଳିଆ ଆବର୍ଜନା ଜମା ହେଉଥିବା ଜାଗା ପାଖରେ ଗଢ଼ି ଉଠିଥିବା ଅସ୍ୱାସ୍ଥ୍ୟକର ଝୁମ୍ପୁଡ଼ି ଗହଳି। ନା ପାଣି, ନା ଆଲୁଅ, ନା ପରିମଳ। ମୌଳିକ ଆବଶ୍ୟକତାରୁ ବଞ୍ଚିତ ଲକ୍ଷ ଲକ୍ଷ ଲୋକଙ୍କର ଏହାହିଁ ଆଶ୍ରୟସ୍ଥଳୀ ଯାହାକୁ ସେମାନେ ଆଦରିନେଇଥାନ୍ତି ପରିସ୍ଥିତିର ତାଡ଼ନାରେ। ଏମାନେ ସମସ୍ତେ ଗାଁଗଣ୍ଡାର ମୂଳବାସିନ୍ଦା। ବିଭିନ୍ନ କାରଣରୁ ଗାଁ ଛାଡ଼ିଦେଇ ସେମାନେ ସହରକୁ ଚାଲିଆସନ୍ତି। ରୋଜଗାର ଆଶା, ଅଧିକ ସୁବିଧା ସୁଯୋଗ ପାଇବା, ପିଲାଙ୍କ ପାଇଁ ଉନ୍ନତ ଶିକ୍ଷା, ସାମାଜିକ ଅସହଯୋଗ, ପ୍ରାକୃତିକ ଦୁର୍ବିପାକ, ସାହିପଡ଼ିଶାଙ୍କର ଅନୁସରଣ ଏହିଭଳି ଅନେକ କାରଣ ଏଥିପାଇଁ ଦାୟୀ। ବେଳେବେଳେ ରାଜନୈତିକ ନେତାମାନଙ୍କ ଦ୍ୱାରା ସହରରେ ମାଗଣା ଜମି ଓ ଚାକିରି ମିଳିବା ପ୍ରଲୋଭନ ଏଥିପାଇଁ ଉତ୍ସାହ ଯୋଗାଏ। ସହରରେ ଜାଗା କିଣିବା ଓ ଘର ତିଆରିକରିବା ଏମାନଙ୍କ ପକ୍ଷରେ ସମ୍ଭବ ନୁହେଁ। ତେଣୁ ଯେଉଁଠି ମାଗଣାରେ ଘର କରିହେବ ସେହି ସ୍ଥାନରେ ପ୍ରଥମେ ତଲେଇ, ତା' ପରେ ପ୍ଲାଷ୍ଟିକଜରି, ତା' ପରେ ଚାଳ, ଆଜ୍‌ବେଷ୍ଟସ ଏହିପରି ଅସ୍ଥାୟୀ ବାସଗୃହ ତିଆରିକରି ବର୍ଷ ବର୍ଷ ଧରି ରହିବା ପରେ ସ୍ଥାୟୀ ବାସିନ୍ଦା ହୋଇଯାଆନ୍ତି। ଭୋଟବ୍ୟାଙ୍କ ରାଜନୀତି ଏଥିରେ ଇନ୍ଧନ ଯୋଗାଏ। ଫଳରେ ବିଭିନ୍ନ ସହରାଞ୍ଚଳରେ ବେପରୁଆଭାବେ ଗଢ଼ିଉଠେ ସଂଖ୍ୟାଧିକ ବସ୍ତି ଯାହା କାଳକ୍ରମେ ସମ୍ପୃକ୍ତ ସହରର ଅଂଶବିଶେଷ ହୋଇଯାଏ।

ୟୁଏନ୍ ହାବିଟାଟ୍ ସଂସ୍ଥା ବସ୍ତିବାସିନ୍ଦାଙ୍କର ବର୍ଦ୍ଧିଷ୍ଣୁ ସଂଖ୍ୟା ଉପରେ ଅନୁଧ୍ୟାନକରି ୨୦୦୭ରେ ଏକ ରିପୋର୍ଟ ଦେଇଥିଲା। ଦର୍ଶାଇଥିଲା ଯେ, ଭାରତରେ ଏମାନଙ୍କ ସଂଖ୍ୟା ୧୯୪୭ରେ ଯାହା ଥିଲା ୬୦ବର୍ଷରେ ତାହା ୩ ଗୁଣ ବୃଦ୍ଧି ପାଇ ଏ କ୍ଷେତ୍ରରେ ଦେଶକୁ ସାରା ପୃଥିବୀରେ ତୃତୀୟ ସ୍ଥାନରେ ପହଞ୍ଚାଇଦେଇଛି। ଏହି ସଂସ୍ଥା ୨୦୧୨ରେ ଦେଇଥିବା ଅନ୍ୟ ଏକ ରିପୋର୍ଟ ଅନୁସାରେ ପୃଥିବୀର ସମସ୍ତ ବିକାଶଶୀଳ ରାଷ୍ଟ୍ରରେ ଏମାନଙ୍କ ସଂଖ୍ୟା ୮୬୩ ମିଲିୟନ ଯାହା ପୃଥିବୀର ମୋଟ ଜନସଂଖ୍ୟାର ଏକ ତୃତୀୟାଂଶ। ସମଗ୍ର ପୃଥିବୀରେ ଏମାନଙ୍କ ସଂଖ୍ୟା ୧.୬ ବିଲିୟନ ଅର୍ଥାତ୍ ପ୍ରତି ୭ ଜଣରେ ଜଣେ ବ୍ୟକ୍ତି ବସ୍ତିରେ ରହନ୍ତି। ସେହିପରି ସହରାଞ୍ଚଳରେ ରହୁଥିବା ଏଭଳି ଲୋକଙ୍କର ଆର୍ଥିକ ଅବଦାନ ବିଷୟରେ ସର୍ବଭାରତୀୟସ୍ତରରେ ସର୍ବେକ୍ଷଣକରି ଇଣ୍ଡିକସ ଆନାଲିଟିକ୍ସ ନାମକ ସଂସ୍ଥା ଏକ ରିପୋର୍ଟରେ ପ୍ରକାଶ କରିଛି ଯେ ଭାରତରେ ୪୦% ପରିବାର ବସ୍ତିରେ ରହନ୍ତି ଏବଂ କେବଳ କୋଲକାତା, ମୁମ୍ବାଇ, ଦିଲ୍ଲୀ, ଚେନ୍ନାଇ ଓ ହାଇଦ୍ରାବାଦରେ ବାସକରୁଥିବା ମୋଟ ପରିବାର ସଂଖ୍ୟାର ଏହା ୫୦%। ଏମାନଙ୍କର ଆର୍ଥିକ ଅବସ୍ଥା ଏତେ ଦୟନୀୟ ଯେ ୪୧% ଙ୍କର ମାସିକ ଆୟ ୫୦୦୦ଟଙ୍କାରୁ ୧୦,୦୦୦ଟଙ୍କା ମଧ୍ୟରେ ହୋଇଥିବାବେଳେ ୨୫.୬% ଙ୍କର ମାସିକ ଆୟ ୫୦୦୦ଟଙ୍କାରୁ କମ୍।

ବସ୍ତିଗୁଡ଼ିକରେ ବିଭିନ୍ନ ପ୍ରକାର ଲୋକ ରହୁଥିବାରୁ ଅସାମାଜିକ କାର୍ଯ୍ୟକଳାପ, ନିଶା ବା ମାଦକଦ୍ରବ୍ୟ କାରବାର, ବିଦେଶୀ ଅନୁପ୍ରବେଶ, ଚୋରି, ଡକାୟତି ଇତ୍ୟାଦି ଘଟିବା ସ୍ୱାଭାବିକ। କିନ୍ତୁ ତା' ତୁଳନାରେ ଏମାନେ ଯେତେ ସବୁ ଭଲକାମ କରନ୍ତି ତାହା ବହୁଗୁଣ ଅଧିକ। ଏଠାରେ ବାସକରୁଥିବା ଲୋକମାନେ ସାଧାରଣତଃ ଛୋଟକାଟିଆ ଚାକିରିଆ, ଝାଡୁଦାର, ବୁଲାବିକାଳି, ଫେରିବାଲା, ରିକ୍ସାବାଲା, ଅଟୋଚାଳକ, ଟ୍ରାକ୍ଟର ଡ୍ରାଇଭର, ଜରିଗୋଟାଳି, ଚାଟ୍, ଗୁପଚୁପ୍, କାମବାଲୀ, କ୍ଷୀରବାଲା, ମୂଲିଆ, ମିସ୍ତ୍ରି ଓ ଦରକାରୀ ସାମଗ୍ରୀ ବିକ୍ରୟକାରୀ ଇତ୍ୟାଦି, ଯେଉଁମାନଙ୍କ ବିନା ସହରର ଜୀବନଚର୍ଯ୍ୟା ଅଚଳ ହୋଇପଡ଼ିବ। ମୌଳିକ ଆବଶ୍ୟକତାଠାରୁ ସୌଖୀନ ଯାଏ ସମସ୍ତ ସାମଗ୍ରୀ ଲୋକଙ୍କ ଦୁଆରେ ପହଞ୍ଚାଇ ଦିଅନ୍ତି। ଭୋଜିଭାତରେ ରୋଷେଇବାସ ତଥା ପରିବେଷଣ କରିବାଠାରୁ ଅଇଁଠାପତ୍ର ଗୋଟେଇବା ବା ଅଇଁଠାଥାଳି ଧୋଇବା ଯାଏ ସବୁ କାମକରନ୍ତି। ଅଚାନକ ଘଟୁଥିବା ପ୍ରାକୃତିକ ଦୁର୍ବିପାକରେ ଯେତେବେଳେ ସହରର ସ୍ଥିତି ବିପର୍ଯ୍ୟସ୍ତ ହୋଇପଡ଼େ ଏଇମାନଙ୍କର ସହାୟତାରେ ହିଁ ସବୁ ପୁଣି ସ୍ୱାଭାବିକ ହୋଇଯାଏ। ଏମାନେ ନିଜେ ଝୁମ୍ପୁଡ଼ିରେ ରହୁଥିଲେ ବି ଅନ୍ୟ ପାଇଁ ନଭଶ୍ଚୁମ୍ବୀ ଅଟ୍ଟାଳିକା ନିର୍ମାଣ କରନ୍ତି। ଏହା ଏକ ଅନୁଭୂତିର କଥା ଯେ ହଠାତ୍ କୌଣସି କାରଣରୁ କାହାର କିଛି ଅଘଟଣ ଘଟିଲେ ଅନ୍ୟମାନେ ମୁହଁ ବୁଲେଇ ଚାଲିଯାଉଥିବାବେଳେ ବସ୍ତିବାସିନ୍ଦାମାନେ ହିଁ ସେଠାରେ ରୁଣ୍ଡହୋଇଯାଇ ସାହାଯ୍ୟ ଓ ସହାନୁଭୂତିର ହାତ ବଢ଼ାନ୍ତି। ସବୁଠାରୁ ବଡ଼କଥାହେଲା ବସ୍ତିବାସିନ୍ଦାମାନେ ଆମ ସଂସ୍କୃତି,ପରମ୍ପରା ଓ ଚଳଣିର ବାର୍ତ୍ତାବହ। ସେଇମାନେ ହିଁ ବିଭିନ୍ନ ପୂଜାପାର୍ବଣ, ଓଷା, ବାର, ବ୍ରତ ଇତ୍ୟାଦିର ବିଧାନ ଗ୍ରାମାଞ୍ଚଳରୁ ଆଣି ସହରରେ ସେସବୁର ସ୍ମୃତିଚାରଣ କରନ୍ତି। ସହରଠାରୁ କିଛି ଦୂରରେ ଅନାବାଦୀ, ସନ୍ତସନ୍ତିଆ, ଅଦରକାରୀ ହୋଇପଡ଼ିଥିବା ସ୍ଥାନରେ ବସତି ସ୍ଥାପନକରି ଏଇମାନେ ହିଁ ସେ ସ୍ଥାନକୁ ଆବାଦ, ବାସୋପଯୋଗୀ ଓ ଆକର୍ଷଣୀୟକରି ଦେଲା ପରେ ତା'ଉପରେ ଜମିମାଫିଆ, ବିଲ୍‌ଡର, ରିଅଲ ଇଷ୍ଟେଟ ଡିଲର, ଅସାମାଜିକ ଲୋକ, ଏପରି କି ସରକାରଙ୍କ ଲୋଲୁପଦୃଷ୍ଟି ପଡ଼େ ଏବଂ ତାକୁ କରାୟତ୍ତକରି ସହରର କଳେବର ବୃଦ୍ଧିକରାଯାଏ। ସେମାନେ ସେସ୍ଥାନକୁ ଛାଡ଼ିଦେଇ ପୁଣି ନୂତନ ବସ୍ତିର ସନ୍ଧାନରେ ଚାଲିଯାନ୍ତି। ସହର ପ୍ରତି ବସ୍ତିବାସିନ୍ଦାଙ୍କର ଅବଦାନ ବିଷୟରେ ଭାରତର ୫୦ଟି ପ୍ରମୁଖ ସହରରେ ସର୍ବେକ୍ଷଣକରି ପାର୍ଟିସିପେଟରି ରିସର୍ଚ୍ଚ ଇନ ଏସିଆ (ପ୍ରିଆ) ନାମକ ଏକ ଅନ୍ତର୍ଜାତୀୟ ସଂସ୍ଥା ୨୦୧୩ରେ ଦେଇଥିବା ତଥ୍ୟରୁ ଜଣାପଡ଼େ ଭାରତରେ ମୋଟ ଜିଡିପିର ୭.୫୩% ବସ୍ତିବାସିନ୍ଦାଙ୍କର ଅବଦାନ।



ମାତ୍ର ଆଶ୍ଚର୍ଯ୍ୟର କଥା ବସ୍ତିବାସିନ୍ଦାଙ୍କ କଥା ପଡ଼ିଲେ ଲୋକେ ନାକ ଟେକନ୍ତି। ଥରେ ଚିନ୍ତାକରନ୍ତୁ ତ ସେମାନେ ନ ଥିଲେ ସହରର ଅବସ୍ଥା କ'ଣ ହୁଅନ୍ତା। ସେମାନଙ୍କ ଅବର୍ତ୍ତମାନରେ ତଥାକଥିତ ଭଦ୍ରସମାଜ ମାତ୍ର ଗୋଟିଏ ଦିନ ଶାନ୍ତିରେ ବିତାଇପାରିବ ତ? ସେଥିପାଇଁ ବୋଧହୁଏ ବିଳମ୍ବରେ ହେଲେ ମଧ୍ୟ କଥାଟିର ଗୁରୁତ୍ୱକୁ ଉପଲବ୍ଧିକରି ସରକାରଙ୍କ ତରଫରୁ ବିଭିନ୍ନ ବସ୍ତି ଉନ୍ନୟନ ଯୋଜନା ଯଥା ଜାତୀୟ ସହରାଞ୍ଚଳ ଜୀବିକା ମିଶନ(ଏନ୍‌ୟୁଏଲ୍‌ଏମ୍), ଜାଗା ମିଶନ ଇତ୍ୟାଦି କଲ୍ୟାଣମୂଳକ ଚିନ୍ତାଧାରା ହାତକୁ ନିଆଯାଇ ବସ୍ତିବାସିନ୍ଦାଙ୍କ ଜୀବନରେ ପରିବର୍ତ୍ତନ ଅଣାଯାଉଛି ଏବଂ ମୌଳିକ ଆବଶ୍ୟକତାଠାରୁ ସୌଖୀନ ପଦାର୍ଥ ଯାଏ ସବୁ କିଛି ଯୋଗାଇ ଦିଆଯାଉଛି। ଫଳରେ ବସ୍ତି ଏବେ ଛୋଟ ବଜାରର ଭ୍ରମ ସୃଷ୍ଟିକରୁଛି।

**ଶାସ୍ତ୍ରୀନଗର,ଭୁବନେଶ୍ୱର,**
**ମୋ-୯୪୩୮୬୭୩୮୯୮**

# ଅରଟ କଥା



ଡା.ଉମେଶ ଚନ୍ଦ୍ର ପାତ୍ର

୧୯୪୮ ଜାନୁୟାରୀ ୧୩ ରେ ଜାତିର ପିତା ମହାତ୍ମା ଗାନ୍ଧୀ ଶେଷଥର ପାଇଁ ଅନଶନ କରିଥା'ନ୍ତି- ଦିଲ୍ଲୀର ବିରଳାଭବନରେ। ସର୍ତ୍ତଥିଲା- ସାଂପ୍ରଦାୟିକ ଦଙ୍ଗାର ଅବସାନ ସହ ପାକିସ୍ତାନ ପାଇଁ ସମ୍ପତ୍ତି ଭରଣା ଲାଗି ୫୫ କୋଟି ଟଙ୍କା ପ୍ରଦାନର ପ୍ରତିଶ୍ରୁତି। ଆଉ ତାଙ୍କର ଏହି ଦାବି ଥିଲା ସ୍ୱାଧୀନ ଭାରତର ନୂଆ ସରକାରଙ୍କ ନିକଟରେ। ଅନଶନରେ ଗାନ୍ଧୀଙ୍କ ଜୀବନ ସଙ୍କଟାପନ୍ନ ହୋଇପଡ଼ିଲା। ସମସ୍ତେ ବ୍ୟସ୍ତ ହୋଇପଡ଼ିଲେ। ଶେଷରେ ବୁଝାଶୁଝା ପରେ ସେ ଅନଶନ ଭାଙ୍ଗିଲେ। ଖାଇସାରି ବିଶ୍ରାମ ନେବେ କ'ଣ ପାଖକୁ ତାଙ୍କର ଚିର ପରିଚିତ 'ଅରଟ'ଟିକୁ ଆଣିବାକୁ କହିଲେ। କେହି ଜଣେ ଅରଟଟି ଆଣି ତାଙ୍କ ହାତକୁ ବଢ଼େଇ ଦେବା ପରେ ସେ କ୍ଳାନ୍ତ ଥିଲେ ମଧ୍ୟ ସୂତାକାଟିବା ଆରମ୍ଭ କରିଦେଲେ। ଡାକ୍ତର ଆସି ତାଙ୍କୁ ଏଥିରୁ ବାରଣ କରିଥିଲେ ବି ସେ ତାଙ୍କ କଥା ମାନି ନ ଥିଲେ। ଖାଦ୍ୟ ଗ୍ରହଣ କରିଛନ୍ତି ଯେତେବେଳେ ପରିଶ୍ରମ ହିଁ କରିବାକୁ ପଡ଼ିବ। ଯେଉଁ ଅରଟ ଦେଶକୁ ବିଦେଶୀ ଶୃଙ୍ଖଳରୁ ମୁକ୍ତିଦେଲା, ଲୋକଙ୍କୁ ଦେଲା ବଞ୍ଚିବାର ରାହା, ବତେଇ ଦେଲା ସ୍ୱାବଲମ୍ବୀ ହେବାର ପନ୍ଥା - ସେଇ ଅରଟକୁ ସେ କ'ଣ ଛାଡ଼ିପାରିବେ? ଓଡ଼ିଶାରେ ପଦଯାତ୍ରା ବେଳେ ମହାତ୍ମା ଗାନ୍ଧୀ ତାଙ୍କ ସହ ବାଟ ଚାଲୁଥିବା କର୍ମୀ ଓ ସାଧାରଣ ଲୋକଙ୍କୁ ଅରଟରେ ସୂତା କାଟିବା ପାଇଁ ପ୍ରବର୍ତ୍ତାଉଥିଲେ। ବେକାର ଓ ଆଳସ୍ୟ ଦୂରୀକରଣ ପାଇଁ ଅରଟ ଥିଲା ସେସମୟର ଲୋକଙ୍କ ଲାଗି ପ୍ରକୃଷ୍ଟ ପନ୍ଥା। ଦେଶୀୟ ଜିନିଷର ବ୍ୟବହାର ଲୋକଙ୍କ ଭିତରେ ଜାତୀୟତାବୋଧ ସୃଷ୍ଟି କଲା। ଅରଟ ଲୋକ ବିଶ୍ୱାସରେ ଥିଲା - ଦେଶପ୍ରୀତିର ସଂକେତ, ଯାହାକୁ ନେଇ କାନ୍ତକବି ଲକ୍ଷ୍ମୀକାନ୍ତ ମହାପାତ୍ର ଲେଖିଛନ୍ତି - 'ଭାଇ ହେ ଏବେ ଅରଟ କାଟ, ଆଉ କିଛି ଭରସା ନାହିଁ, ଅରଟ ଏକା ମୁକତି ବାଟ ।'

୧୯୨୧ରେ ଯାଜପୁର ଓ ଆଖପାଖ ଅଞ୍ଚଳରେ ଉତ୍କଳମଣି ଗୋପବନ୍ଧୁ ଦାସ ବିଦେଶୀ ବସ୍ତ୍ର ବର୍ଜନ ଉପରେ ବିଭିନ୍ନ ସଭା କରି ଉଦ୍‌ବୋଧନ ଦେଉଥିବାବେଳେ ଲୋକେ ଅନେକସ୍ଥଳେ ତାଙ୍କୁ ଅରଟରେ କଟା ହୋଇଥିବା ସୂତାର ମାଳ କରି ବେକରେ ପିନ୍ଧାଇ ଦେଉଥିଲେ। ଏଥିରୁ ସ୍ୱଦେଶୀ ଆନ୍ଦୋଳନ ପ୍ରତି ଜନ ସାଧାରଣଙ୍କର ଯେ କେତେ ସମର୍ଥନ ଥିଲା ତାହା ସ୍ପଷ୍ଟ ହୋଇଥାଏ। ଅଶୋକ ଧର୍ମଚକ୍ର ପୂର୍ବରୁ ଭାରତର ଜାତୀୟ ପତାକା ଇତିହାସରେ ଅରଟକୁ ପ୍ରତୀକ ଭାବେ ନିଆଯାଇଥିଲା। ୧୯୨୧ରେ ଆନ୍ଧ୍ରପ୍ରଦେଶର ବିଜୟୱାଡ଼ାଠାରେ ନିଖିଳ ଭାରତ କଂଗ୍ରେସ ଅଧିବେଶନ ସମୟରେ ଜଣେ ଯୁବକ ଲାଲ ଓ ସବୁଜ ରଙ୍ଗରେ ପତାକା ତିଆରି କରି ଗାନ୍ଧିଜୀଙ୍କୁ ଦେଖାଇବାରୁ ଗାନ୍ଧିଜୀ ଏଥିରେ ଧଳାପଟି ରଖି ତା' ଭିତରେ ଅରଟ ଚିହ୍ନଟିଏ ଆଙ୍କିବାର ପ୍ରସ୍ତାବ ଦେଲେ। ଅରଟ ଥିବା ଏହି ପତାକା ତତ୍କାଳୀନ ସମୟରେ ଲୋକପ୍ରିୟତା ହାସଲ କରିବା ସହ ଜାତିପ୍ରୀତିରେ ଉଦ୍‌ବୁଦ୍ଧ କରିଥିଲା ଲୋକଙ୍କୁ। ଅରଟ ଏକଦା ଆମ ଚଳଣି ଓ ସଂସ୍କୃତିରେ ତା'ର ପ୍ରାଚୀନତାକୁ ବଜାୟ ରଖିଥିଲା। ଅରଟ ବୁଲାଇ ସୂତାକାଟିବାବେଳେ କ୍ଳାନ୍ତି ଦୂର ପାଇଁ ଲୋକେ ଯେଉଁ ଗୀତ ବୋଲୁଥିଲେ ତାହା ଥିଲା ଖୁବ୍ ମର୍ମସ୍ପର୍ଶୀ। ପୂର୍ଣ୍ଣଚନ୍ଦ୍ର ଓଡ଼ିଆ ଭାଷାକୋଷରେ ଗୋପାଳଚନ୍ଦ୍ର ପ୍ରହରାଜ ଯେଉଁ ଅରଟ ଗୀତଟି ଦେଇଛନ୍ତି - ତାହା ଆମ ଲୋକଗୀତର ଅଂଶ।'ଅରଟ ଗୁଣ୍ଟ ଗାଇଁ ଲୋକ ବୁଢ଼ୀ! ତୋ ସୂତା ନଟେଇ କାହିଁ ? ସୂତା ନଟେଇ ନାହିଁରେ ବୁଢ଼ା! ନିତି ହାଟକୁ ଯାଇଁ।ନିତି ହାଟକୁ ଯାଉ ଲୋ ବୁଢ଼ୀ! ତୋ କଉଡ଼ି ବୁଜୁଳି କାହିଁ? କଉଡି ବୁଜୁଳି ନାହିଁରେ ବୁଢ଼ା! ବଙ୍ଗଳା ପାନ ଖାଇ।ବଙ୍ଗଳା ପାନ ଖାଉଲୋ ବୁଢ଼ୀ! ପାହାନ୍ତି ପଖାଳ ଖାଇ।ପାହାନ୍ତି ପଖାଳ ଖାଉଲୋ ବୁଢ଼ୀ! ତୋ ପେଟ ଉଞ୍ଚ ନାହିଁ।ପେଟ ଉଞ୍ଚ ନାହିଁରେ ବୁଢ଼ା! ସକାଳୁ ବାଡ଼ିକି ଯାଇଁ। ସକାଳୁ ବାଡ଼ି କି ଯାଉଲୋ ବୁଢ଼ୀ! ତୋ ଗୋଡ଼ ତ ଓଦା ନାହିଁ। ଗୋଡ଼ ଓଦା ନାହିଁରେ ବୁଢ଼ା! ନିଆଁକୁ ଦେଖେଇ ଥାଇଁ। ନିଆଁକୁ ଦେଖେଇ ଥାଉଲୋ ବୁଢ଼ୀ! ଗୋଡ଼ ତ ଉଷୁମ ନାହିଁ। ଗୋଡ଼ ଉଷୁମ ନାହିଁରେ ବୁଢ଼ା! ଦିହରେ ବହପ କାହିଁ।'

ପୂର୍ବକାଳରେ ଘରେ ଘରେ ଲୋକେ କପାରୁ ଅରଟରେ ସୂତାକାଟି, ଏହି ସୂତା ସହ ମଜୁରି ବୁଣାକାରକୁ ଦେଇ ପରିବାର ପାଇଁ ଆବଶ୍ୟକ ଲୁଗା ପାଉଥିଲେ। ପୂର୍ବରୁ ପୁରୁଣା କାଳିଆ ଅରଟରେ ଲୋକେ ସୂତା କାଟୁଥିବାବେଳେ, ପରେ କାଠ ଅରଟ ତିଆରି ହୋଇ ଲୋକଙ୍କ ବ୍ୟବହାରରେ ଆସିଥିଲା। ପରେ ବାକ୍ସଚରଖା ଓ ଅମ୍ବର ଚରଖା - ଏହିଅରଟର ଭିନ୍ନ ରୂପ ଥିଲା। ଦେଶର ଲକ୍ଷ ଲକ୍ଷ ଲୋକଙ୍କ ଭିତରେ ଅରଟ ବିଞ୍ଚି ଦେଇଥିଲା - ଦେଶପ୍ରେମର ବହ୍ନି ଆଉ ଦେଖାଇ ଦେଇଥିଲା ମୁକତିର ବାଟ।

**ପ୍ରଫେସର, ହେପାଟୋଲୋଜି ବିଭାଗ,**
**ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡ଼ିକାଲ କଲେଜ, କଟକ,**
**ମୋ : ୮୪୩୭୦୫୧୯୫୭**

## ପାଠକ ଶ୍ରେଷ୍ଠ ବିଚାରକ

### ଆଉ କେତେଦିନ ଭୁଶୁଡି ଚାଲିଥିବା

ମହାଶୟ,

ପ୍ରତିଦିନ ଖବରକାଗଜ ପୃଷ୍ଠା ଖୋଲିଲେ ଦେଖିବାକୁ ମିଳୁଛି କେଉଁଠି ପୋଲ ଭୁଶୁଡି ଗଲାଣି ତ ପୁଣି କେଉଁଠି ସ୍ମାର୍ଟ ସ୍କୁଲ ପାଚେରି, ପାର୍କ ପାଚେରି, ରାସ୍ତାଘାଟ ଇତ୍ୟାଦି । ଏହା ସାଙ୍ଗକୁ ଶିକ୍ଷା, ସ୍ୱାସ୍ଥ୍ୟ, ମାନବୀୟ ମୂଲ୍ୟବୋଧ, ଆଇନ ଶୃଙ୍ଖଳା, ରାଜନୈତିକ ଦୃଶ୍ୟପଟରୁ ଆରମ୍ଭ କରି ସାମାଜିକ ଓ ସାଂସ୍କୃତିକ ଅବସ୍ଥା ସବୁ ଯେପରି ପତନମୁଖୀ । ପୂର୍ବରୁ ଆମେ ନକଲି ଘିଅ, ନକଲି ଔଷଧ, ନକଲି ତେଲ, ନକଲି ଅଣ୍ଡା ଚାଉଳ ଇତ୍ୟାଦି ଜାଣିଥିଲେ, ଏବେ କିନ୍ତୁ ନକଲି କର୍ମଚାରୀ ଯଥା ନକଲି ଶିକ୍ଷକ, ନକଲି ଡାକ୍ତର, ନକଲି ଡାକକର୍ମଚାରୀ ଆହୁରି ଅନେକ । ଶିକ୍ଷା ଓ ସ୍ୱାସ୍ଥ୍ୟ ବିଭାଗ ରାଷ୍ଟ୍ର ଗଠନରେ ପ୍ରମୁଖ ଭୂମିକା ତୁଲାଉଥିବା ବେଳେ ଏଗୁଡ଼ିକର ଅବସ୍ଥା ଅତ୍ୟନ୍ତ ଦୟନୀୟ । ଏବେ ମଣିପୁର, ନୂହ ଘଟଣା ସହିତ ରାଜନୈତିକ ବ୍ୟକ୍ତି ବିଶେଷଙ୍କର ଆଚରଣ ଓ ଉଚ୍ଚାରଣରେ ଅସଂଯମତା ଏକ ଭିନ୍ନ ସ୍ଥିତି ସୃଷ୍ଟି କରୁଛି । ଏହା ମାନବୀୟ ମୂଲ୍ୟବୋଧର ଅବକ୍ଷୟ ବ୍ୟତୀତ ଆଉ କ'ଣ ହୋଇପାରେ ? ଅର୍ଥ ପାଇଁ ବଡ଼ ବଡ଼ ପ୍ରଶାସନିକ ଅଧିକାରୀଙ୍କଠାରୁ ଆରମ୍ଭ କରି ବୁଦ୍ଧିଜୀବୀ, ରାଜନୈତିକ ବ୍ୟକ୍ତିବିଶେଷ ଏବଂ ଅଧିକାଂଶ ଉଚ୍ଚ ପଦାଧିକାରୀଙ୍କର ନୈତିକତାର ପତନ ଘଟୁଛି । ତାହା ବିଭିନ୍ନ ସାମାଜିକ ଗଣମାଧ୍ୟମରୁ ଦେଖିଶୁଣି ଆମର ଦେହସୁହା ହୋଇଗଲାଣି । ଅଧୁନା ମନୁଷ୍ୟକୃତ ପରିବେଶ ଅବକ୍ଷୟ ମାନବ ସମାଜ ଓ ପ୍ରାଣୀ ଜଗତ ପାଇଁ ଏକ ଆହ୍ୱାନ ସୃଷ୍ଟି କରିଛି । ତେଣୁ ମାନବ ସଭ୍ୟତା ସମ୍ପୂର୍ଣ୍ଣ ଭୁଶୁଡି ପଡିବା ପୂର୍ବରୁ ଆସନ୍ତୁ ନିଜକୁ ସୁଧାରି ବିଂଶ ଶତାବ୍ଦୀକୁ ଏକ ନୂତନ ସମ୍ଭାବନାରେ ଭରି ଦେବା।

**-ହୃଦାନନ୍ଦ କର, ଅଙ୍ଗେଇପାଳ, ଧାମନଗର**

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦ କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ଚିରନ୍ତନୀ

ଚିନ୍ତାର ବାହାରେ ତବ
ସତ୍ୟ-ରୂପ ଜନମାଏ ଭ୍ରମ,
କ୍ଷୁଦ୍ରତମ ସଙ୍ଗେ ଯହିଁ
ସମାନ ହୋଇଛି ବୃହତ୍ତମ।

(ଶୂନ୍ୟ ଚିନ୍ତା)

-କାଳିନ୍ଦୀ ଚରଣ ପାଣିଗ୍ରାହୀ

## ସେଲ୍‌ଫି କର୍ଣ୍ଣର ଧରିତ୍ରୀ

### ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com



@ ଗଣେଶ



@ ଜ୍ୟୋତି



@ ବାସୁଦେବ



@ ବସନ୍ତ



@ ବାବୁଲାଲ



@ ଫାୟକ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟ ବିବେଚିତ ଫଟୋ ପ୍ରକାଶ ପାଇବ।

# ରାଜଧାନୀରେ ଖୁବ୍‌ଶୀଘ୍ର 'ସହଭାଗିତା'

## ସିସିଟିଭି ଲିଙ୍କ୍ ମାଗିଲେ ପୋଲିସ କମିଶନର

- କଟକରେ ସଫଳ ରୂପାୟନ ପରେ ଭୁବନେଶ୍ୱରରେ ପ୍ରୟାସ
- ଜନସାଧାରଣଙ୍କ ପାଇଁ ଜାରି ହେଲା ମୋବାଇଲ ନମ୍ବର
- ବ୍ୟବସାୟିକ ପ୍ରତିଷ୍ଠାନ, ଆପାର୍ଟମେଣ୍ଟ, ବ୍ୟାଙ୍କ୍ ଆଦିରେ ଥିବା ସିସିଟିଭି ଆଇପି ଆଡ୍ରେସ୍ ଦେବାକୁ ନିବେଦନ



ଭୁବନେଶ୍ୱର,୩୦ା୮ (ସତ୍ୟଜିତ୍ ରାଉତ)

ରାଜଧାନୀରେ ଚିନ୍ତା ବଢ଼ାଉଛନ୍ତି ଅପରାଧୀ। ଗୋଟେ ପରେ ଗୋଟେ ଆପରାଧିକ କାଣ୍ଡ ଘଟାଇ ଅପରାଧୀମାନେ କମିଶନରେଟ ପୋଲିସକୁ ଚ୍ୟାଲେଞ୍ଜ ଦେଉଛନ୍ତି। ଚୋରି, ଲୁଟ୍, ଗୋଷ୍ଠୀ ସଂଘର୍ଷ, ଆକ୍ରମଣ ଆଦି ଘଟଣା ଏବେ ପୋଲିସର ମୁଣ୍ଡବିନ୍ଧାର କାରଣ ସାଜିଛି। ଏପରି କି ଅଧିକାଂଶ ଚାଳକ ବେପରୁଆ ଭାବେ ଦ୍ରୁତଗତିରେ ଗାଡ଼ି ଚଳାଇ ନିଜ ସହ ଅନ୍ୟମାନଙ୍କ ଜୀବନ ପ୍ରତି ବିପଦ ସୃଷ୍ଟି କରୁଛନ୍ତି। ଫଳରେ ଅପରାଧ ବଢ଼ିବା ସହ ଆଇନ ଶୃଙ୍ଖଳା ପରିସ୍ଥିତି ମଧ୍ୟ ସୃଷ୍ଟି ହେଉଛି। ତେଣୁ ଏସବୁ ଦିଗକୁ ଦୃଷ୍ଟିରେ ରଖି ଭୁବନେଶ୍ୱରକୁ ଅଧିକ ସୁରକ୍ଷିତ ଏବଂ ସୁନ୍ଦର କରିବାକୁ କମିଶନରେଟ ପୋଲିସ ଆଉ ଏକ ବଡ଼ ପ୍ରୟାସ ଆରମ୍ଭ କରିବାକୁ ଯାଉଛି। 'ସହଭାଗିତା' ନାମରେ ଏକ କାର୍ଯ୍ୟକ୍ରମ କରିବାକୁ ଯାଉଛି କମିଶନରେଟ୍ ପୋଲିସ। ବୁଧବାର ଭିଡିଓ ବାର୍ତ୍ତା ମାଧ୍ୟମରେ ଏ ସଂକ୍ରାନ୍ତରେ ପୋଲିସ କମିଶନର ସୌମେନ୍ଦ୍ର ପ୍ରିୟଦର୍ଶୀ ସୂଚନା ଦେବା ସହ ସହରର ବ୍ୟବସାୟିକ ପ୍ରତିଷ୍ଠାନ, ଘର ଏବଂ ଆପାର୍ଟମେଣ୍ଟ ଆଦିରେ ଲାଗିଥିବା ସିସିଟିଭିର ଲିଙ୍କ୍ ମାଗିଛନ୍ତି।

ସୁରକ୍ଷା ଦୃଷ୍ଟିରୁ ରାଜଧାନୀରେ ସରକାର ପ୍ରାୟ ୭୦୦ ସିସିଟିଭି କ୍ୟାମେରା ଲଗାଇଛନ୍ତି। ଅଧିକ ସୁରକ୍ଷା ପାଇଁ ସାଧାରଣ ଲୋକମାନେ ମଧ୍ୟ ନିଜ ଘରେ, ଦୋକାନ ଏବଂ ଆପାର୍ଟମେଣ୍ଟରେ ସିସିଟିଭି ଲଗାଇଛନ୍ତି। ଏପରି କି ସମସ୍ତ ବ୍ୟାଙ୍କ, ମଲ୍ ଆଦିରେ ମଧ୍ୟ ଏହି କ୍ୟାମେରା ଲଗାଯାଇଛି। ଅପରାଧ ନିୟନ୍ତ୍ରଣରେ ଏସବୁ ସିସିଟିଭିକୁ ସଦୁପଯୋଗ କରିବାକୁ ପୋଲିସ ପକ୍ଷରୁ ସହଭାଗିତା ପ୍ରୟାସ ଆରମ୍ଭ ହେବାକୁ ଯାଉଛି। ୨୦୨୨ ଜୁଲାଇରେ କଟକରେ ପ୍ରଥମେ 'ସହଭାଗିତା' କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା। ଏପର୍ଯ୍ୟନ୍ତ କଟକରେ ୬୦୦ରୁ ଊର୍ଦ୍ଧ୍ୱ ଘରୋଇ ସିସିଟିଭି ପୋଲିସ କଣ୍ଟ୍ରୋଲ ରୁମ୍ ସହ ଯୋଡ଼ିହୋଇଛି। କଟକରେ ଏହି କାର୍ଯ୍ୟକ୍ରମର ସଫଳ ରୂପାୟନ ପରେ ଭୁବନେଶ୍ୱରରେ ଏହାକୁ କାର୍ଯ୍ୟକାରୀ କରିବାକୁ ପ୍ରୟାସ ଆରମ୍ଭ ହୋଇଛି। ପୋଲିସ କମିଶନର ଏସବୁ ସିସିଟିଭିର ଆଇପି ଆଡ୍ରେସ୍ ଦେବାକୁ ନିବେଦନ କରିଛନ୍ତି। ଭିଡିଓରେ ପୋଲିସ କମିଶନର କହିଛନ୍ତି, ସିଟି ସର୍ଭେଲାନ୍ସ, କ୍ରାଇମ୍ ପ୍ରିଭେନଶନ୍, କ୍ରାଇମ୍ ଡିଟେକ୍ଶନ୍, ଟ୍ରାଫିକ୍ ମ୍ୟାନେଜମେଣ୍ଟ ଆଦିରେ ସିସିଟିଭି ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥାଏ। କଟକ ପରେ ଭୁବନେଶ୍ୱରରେ ଏହି କାର୍ଯ୍ୟକ୍ରମକୁ ଆମେ ଆରମ୍ଭ କରିବାକୁ ଯାଉଛୁ। ତେଣୁ ଭୁବନେଶ୍ୱରର ବିଭିନ୍ନ ପ୍ରତିଷ୍ଠାନ ବିଶେଷକରି ସୁନା ଦୋକାନ, ମଲ୍, ଆପାର୍ଟମେଣ୍ଟ, ବ୍ୟାଙ୍କ୍ ଆଦିକୁ ଅନୁରୋଧ କରାଯାଇଛି। ସେମାନେ ତାଙ୍କ ସିସିଟିଭିର ଆଇପି ଆଡ୍ରେସ୍‌କୁ ଦେଇ ଆମ ସାଙ୍ଗରେ ଯୋଡ଼ି ନିଅନ୍ତୁ। ଏପରିକି ସିସିଟିଭିର ଗୋଟିଏ କ୍ୟାମେରାକୁ ରାସ୍ତା ଆଡ଼କୁ ମୁହଁ କରି ଲଗାଇବାକୁ କମିଶନର ଅନୁରୋଧ କରିଛନ୍ତି। ଫଳରେ ଲୋକଙ୍କ ଗତିବିଧି ଜାଣିବାକୁ ସହଜ ହେବ ବୋଲି ସେ କହିଛନ୍ତି। ସେ ଆହୁରି କହିଛନ୍ତି, ଏହି ସିସିଟିଭି ଫୁଟେଜ୍‌କୁ କମିଶନରେଟ୍ ପୋଲିସ ସମ୍ପୂର୍ଣ୍ଣ ଗୋପନୀୟତା ରଖିବ। ଏହି କାର୍ଯ୍ୟକ୍ରମରେ ଯୋଡ଼ିହେବା ପାଇଁ ସ୍ଥାନୀୟ ଥାନା ଅଧିକାରୀଙ୍କ ସହ ଲୋକମାନେ ଯୋଗାଯୋଗ କରିବେ। ଏଥିସହ କମିଶନରେଟ୍ ପୋଲିସ ପକ୍ଷରୁ ମଧ୍ୟ ଏଥିପାଇଁ ଏକ ନମ୍ବର (୯୪୩୯୨୨୪୪୪୧) ଦିଆଯାଇଛି। ସହରକୁ ଅଧିକ ସୁରକ୍ଷିତ ଓ ସୁନ୍ଦର କରିବାକୁ କମିଶନରେଟ୍ ପୋଲିସର ଏହି ସହଯୋଗିତା କାର୍ଯ୍ୟକ୍ରମରେ ଜନସାଧାରଣଙ୍କ ସହଯୋଗ ପାଇଁ ପୋଲିସ କମିଶନର ଆଶା ରଖିଥିବା କହିଛନ୍ତି।

### ଓଲିଉଡ୍ ଗାୟିକାଙ୍କୁ ନିର୍ଯାତନା ମାମଲା

## ବଲିଉଡ୍ ଗାୟକ ସୌରିନ୍ ଭଟ୍ଟଙ୍କ ଜାମିନ ଆବେଦନ ଖାରଜ

କଟକ,୩୦ା୮ (କାର୍ତ୍ତିକ ସାହୁ)

ଓଲିଉଡ୍ ଗାୟିକାଙ୍କୁ ବିବାହ ପ୍ରଲୋଭନ ଦେଖାଇ ଶାରୀରିକ ସମ୍ପର୍କ ରଖିବା ସହ ନିର୍ଯାତନା ଦେବା ମାମଲାରେ ବଲିଉଡ୍ କଣ୍ଠଶିଳ୍ପୀ ସୌରିନ ଭଟ୍ଟଙ୍କ ଆଗୁଆ ଜାମିନ ଆବେଦନକୁ ଖାରଜ କରିଦେଇଛନ୍ତି ହାଇକୋର୍ଟ। ବିଚାରପତି ଚିତ୍ତରଞ୍ଜନ ଦାଶ ଏହି ମାମଲାର ଶୁଣାଣି କରି ରାୟ ସଂରକ୍ଷିତ ରଖିଛନ୍ତି। ଫଳରେ କମିଶନରେଟ୍ ପୋଲିସ ସୌରିନଙ୍କୁ ଗିରଫ କରିପାରେ ବୋଲି ଚର୍ଚ୍ଚା ଜୋର୍ ଧରିଛି। ଆଗୁଆ ଜାମିନ ଆବେଦନ ମାମଲାର ରାୟ ପ୍ରକାଶ କରି ହାଇକୋର୍ଟ କହିଛନ୍ତି, ଉଭୟଙ୍କ ମଧ୍ୟରେ ସମ୍ପର୍କ ୨୦୧୬ ମସିହାରୁ ରହିଛି। ପୀଡିତାଙ୍କ ୧୬୪ ଧାରାରେ ବୟାନ ରେକର୍ଡ ଓ ପ୍ରାଥମିକ ତଦନ୍ତରୁ ଏହା ସ୍ପଷ୍ଟ ହୋଇଥିବା ଅଦାଲତ କହିଛନ୍ତି। କେତେବେଳେ ବିବାହର ପ୍ରତିଶ୍ରୁତି ତ ଆଉ କେତେବେଳେ ଅନ୍ତରଙ୍ଗ ମୁହୂର୍ତ୍ତର ଫଟୋ ପ୍ରଘଟ କରିବାର ଧମକ ଦେଇ ସେ ଯୁବତୀଙ୍କ ସହ ଶାରୀରିକ ସମ୍ପର୍କ ରଖିଥିଲେ। ସୌରିନ ବିବାହିତ ହୋଇଥିବା ସତ୍ତ୍ୱେ ଯୁବତୀଙ୍କୁ ବିବାହର ପ୍ରତିଶ୍ରୁତି ଦେଇଥିଲେ। ଯୁବତୀ ଏକଥା ଜାଣିବା ପରେ ତାଙ୍କଠାରୁ ଦୂରେଇ ଯିବାକୁ ଚାହିଁଥିଲେ। ହେଲେ ଅନ୍ତରଙ୍ଗ ମୁହୂର୍ତ୍ତର ଫଟୋ ପ୍ରଘଟ କରିବା ଓ କ୍ୟାରିୟର ନଷ୍ଟ କରିବାର ଧମକ ଦେଇ ସେ ଯୁବତୀଙ୍କୁ ଶାରୀରିକ ସମ୍ପର୍କ ରଖିବାକୁ ବାଧ୍ୟ କରିଥିଲେ ବୋଲି ପୋଲିସ ଦାଖଲ କରିଥିବା କେସ୍ ଡାଇରୀରୁ ଏହା ସ୍ପଷ୍ଟ ହୋଇଛି। ମାମଲାର ପୂର୍ଣ୍ଣାଙ୍ଗ ତଦନ୍ତ ପାଇଁ ସୌରିନଙ୍କ ଉପସ୍ଥିତିର ଆବଶ୍ୟକତା ଥିବା ଦର୍ଶାଇ ହାଇକୋର୍ଟ ତାଙ୍କ ଆଗୁଆ ଜାମିନ ଆବେଦନକୁ ଖାରଜ କରିଛନ୍ତି।

# 'ରାମ'ରେ ବଲିଉଡ୍ ଅଭିନେତା ରାହୁଲ ଦେବ



ଶୁଟିଂ ସେଟ୍‌ରେ ଓଲିଉଡ୍ ଅଭିନେତା ଅରିନ୍ଦମଙ୍କ ସହ ବଲିଉଡ୍ ଅଭିନେତା ରାହୁଲ ଦେବ।

ଭୁବନେଶ୍ୱର,୩୦ା୮ (ଶର୍ମିଷ୍ଠା ପାଣିଗ୍ରାହୀ)

ଓଲିଉଡ୍ ଅଭିନେତା ଅରିନ୍ଦମ ରାୟ ଦୀର୍ଘ ଦିନପରେ ପୁଣି ଓଲିଉଡ୍‌କୁ ଫେରୁଛନ୍ତି। ଦଶହରାରେ ରିଲିଜ୍ ହେବାକୁ ଯାଉଛି ତାଙ୍କ ଅଭିନୀତ ବଡ଼ ବଜେଟ୍ ଫିଲ୍ମ 'ରାମ'। ରତ୍ନା ଫିଲ୍ମ ବ୍ୟାନରର ଚତୁର୍ଥ ଅବଦାନ ତଥା ଅରିନ୍ଦମଙ୍କ ପ୍ରଯୋଜନାରେ ଆସିବାକୁ ଥିବା ଏହି ଫିଲ୍ମ ପାଇଁ ୨ଟି ୟୁନିଟ୍‌ରେ ଶୁଟିଂ ଚାଲିଛି। ଏଥିସହ ଏହି ଚଳଚ୍ଚିତ୍ରର ମୁଖ୍ୟ ଆକର୍ଷଣ ସାଜିବେ ବଲିଉଡ ଅଭିନେତା ରାହୁଲ ଦେବ। ଦର୍ଶକ ତାଙ୍କୁ ଖଳନାୟକ ଭୂମିକାରେ ଦେଖିବାକୁ ପାଇବେ। ଏବେ ଗୋଟିଏ ୟୁନିଟ୍‌ରେ ଫାଇଟ ଦୃଶ୍ୟ ଓ ଦ୍ୱିତୀୟ ୟୁନିଟ୍‌ରେ ବଲିଉଡ୍ ଅଭିନେତା ରାହୁଲ ଦେବଙ୍କ ଅଭିନୟର ଶୁଟିଂ ହେଉଛି। ଚଳଚ୍ଚିତ୍ରର ନିର୍ଦ୍ଦେଶନା ଅଶୋକ ପତି ଦେଇଥିବାବେଳେ ଚିତ୍ରନାଟ୍ୟ ଓ ସଂଳାପ ଦାୟିତ୍ୱରେ ଭାରଦ୍ୱାଜ ପଣ୍ଡା ରହିଛନ୍ତି। ଗୀତଗୁଡ଼ିକର ରେକର୍ଡିଂ ଶେଷ ହୋଇଯାଇଛି। ଅସାଦ ନିଜାମ ଓ ଲିଙ୍କନଙ୍କ ଦମ୍‌ଦାର ମ୍ୟୁଜିକ ଦଶହରା ମାହୋଲକୁ ସରଗରମ କରିବ ବୋଲି ପ୍ରଯୋଜନା ସଂସ୍ଥା ପକ୍ଷରୁ କୁହାଯାଇଛି।

# ଆଜି ଶ୍ରୀମନ୍ଦିରରେ ରକ୍ଷାବନ୍ଧନ

**ପୁରୀ, ୩୦ା୮ (ଅଜିତ ମହାନ୍ତି):** ଗୁରୁବାର ଶ୍ରୀମନ୍ଦିରରେ ରକ୍ଷାବନ୍ଧନ ପର୍ବ ଓ ବଳଭଦ୍ରଙ୍କ ଜନ୍ମନୀତି ପାଳନ ହେବ। ମହାପ୍ରଭୁ ଶ୍ରୀଜଗନ୍ନାଥ ଓ ବଳଭଦ୍ର ଭଉଣୀ ସୁଭଦ୍ରାଙ୍କ ହାତରୁ ରାଖୀ ପିନ୍ଧିବେ। ମହାପ୍ରଭୁ ଶ୍ରୀଜଗନ୍ନାଥ ଏବଂ ବଳଭଦ୍ର ୨ଟି ଲେଖାଏ ରାଖୀ ଏବଂ ୨ଟି ଲେଖାଏ ଗୁଆମାଳ ପରିଧାନ କରିବେ। ପାଟରା ବିଶୋଇ ବାସୁଙ୍ଗା ପାଟରେ ରାଖୀ ଏବଂ ଗୁଆମାଳ ପ୍ରସ୍ତୁତ କରିଛନ୍ତି। ମହାପ୍ରଭୁ ଶ୍ରୀଜଗନ୍ନାଥ ହଳଦିଆ ଓ ନାଲି ରଙ୍ଗର ଗୁଆମାଳ ଏବଂ ପ୍ରଭୁ ବଳଭଦ୍ର ବାଇଗଣୀ ଓ ନୀଳ ରଙ୍ଗର ଗୁଆମାଳ ପରିଧାନ କରିବେ।

DIRECTORATE OF ADMINISTRATION & H.R.
KHADI AND VILLAGE INDUSTRIES COMMISSION
Ministry of Micro, Small & Medium Enterprises, Govt.of India
Gramodaya, 3, Irla Road, Vile Parle (W), Mumbai – 400056
Tel.: 022-26714267, E-mail: adm.kvic@gov.in
Website: www.kvic.gov.in

RECRUITMENT NOTICE

RECRUITMENT FOR OBC CANDIDATES

Khadi and Village Industries Commission(KVIC), a statutory body established by an Act of Parliament and functioning under the Administrative Control of Ministry of Micro, Small and Medium Enterprises(Govt. of India), invites Online Applications from eligible Indian Citizens of Other Backward Classes(OBCs) for Direct Recruitment for the post of Assistant Director Grade-I in Group- B category in the Pay Matrix Level- 09 as per detailed advertisement up-loaded in KVIC website www.kvic.gov.in IMPORTANT DATES

| Particulars | Date |
|---|---|
| Opening Date & Time for Online Registration of Applications | 01.09.2023 (From 15: 00 Hrs.) |
| Last Date & Time of closing of Registration and submission of Application | 30.09.2023 (Upto 23:45 Hrs.) |

Director (Administration & HR)

# ସାଇ ଇଣ୍ଟରନ୍ୟାଶନାଲ୍ ରେସିଡେନ୍ସିଆଲ୍ ସ୍କୁଲ୍‌କୁ 'ବିଜ୍‌ନେସ ୱାର୍ଲ୍ଡ ଆୱାର୍ଡ'

ଭୁବନେଶ୍ୱର, ୩୦ା୮ (ଅସମାପିକା ସାହୁ)

ବିଜ୍‌ନେସ ୱାର୍ଲ୍ଡ ଦ୍ୱାରା ଆୟୋଜିତ ଟପ୍ ଏଜୁକେଶନ୍ ବ୍ରାଣ୍ଡ୍ ସମିଟ୍ ଆଣ୍ଡ୍ ଆୱାର୍ଡ–୨୦୨୩ରେ ସାଇ ଇଣ୍ଟରନ୍ୟାଶନାଲ୍ ରେସିଡେନ୍ସିଆଲ୍ ସ୍କୁଲ୍‌କୁ 'ଲିଡିଂ ରେସିଡେନ୍ସିଆଲ୍ ସ୍କୁଲ୍ ଅଫ୍ ଇଣ୍ଡିଆ' ସମ୍ମାନରେ ସମ୍ମାନିତ କରାଯାଇଛି। ଗତ ୨୯ ତାରିଖରେ ଦିଲ୍ଲୀରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ସ୍କୁଲର ହେଡ୍‌ମାଷ୍ଟର ଅମିତାଭ୍ ଅଗ୍ନିହୋତ୍ରୀ ଏହି ସମ୍ମାନ ଗ୍ରହଣ କରିଥିଲେ। ଉତ୍କର୍ଷ ଏବଂ ଅଭିନବ ଶିକ୍ଷାଦାନ ପ୍ରଣାଳୀ, ଛାତ୍ରୀଛାତ୍ରଙ୍କ ୩୬୦ ଡିଗ୍ରୀ ସାମଗ୍ରିକ ବିକାଶ ଏବଂ ଦେଶର ଭବିଷ୍ୟତର ଲିଡରମାନଙ୍କୁ ଗଢ଼ି ତୋଳିବାର ପ୍ରତିବଦ୍ଧତା ଯୋଗୁ ସାଇ ଇଣ୍ଟରନ୍ୟାଶନାଲ୍ ରେସିଡେନ୍ସିଆଲ୍ ସ୍କୁଲ୍‌କୁ ଏହି ମର୍ଯ୍ୟାଦାଜନକ ପୁରସ୍କାର ପ୍ରଦାନ କରାଯାଇଛି। ଏହି ପୁରସ୍କାର ସାଇ ଇଣ୍ଟରନ୍ୟାଶନାଲ୍ ଗ୍ରୁପ୍‌ର ସମସ୍ତ ଅଭିଭାବକ, ଛାତ୍ରୀଛାତ୍ର, ଅଧ୍ୟାପିକା, ଅଧ୍ୟାପକଙ୍କ ପାଇଁ ଏକ ଗର୍ବ ଏବଂ ଗୌରବର ବିଷୟ ବୋଲି ସାଇ ଇଣ୍ଟରନ୍ୟାଶନାଲ୍‌ର ଚେୟାରପର୍ସନ ଡ. ଶିଳ୍ପୀ ସାହୁ ପ୍ରକାଶ କରିଛନ୍ତି। ସେ କହିଛନ୍ତି, ଓଡ଼ିଶାକୁ ସ୍କୁଲ ଶିକ୍ଷା କ୍ଷେତ୍ରରେ ଜାତୀୟସ୍ତରରେ ଏହା ଏକ ନୂଆ ପରିଚୟ ସୃଷ୍ଟି କରାଇବ। ଶିକ୍ଷା ମାଧ୍ୟମରେ ଏକ ଉନ୍ନତ ଭାରତ ଗଠନ କରିବାର ସଂକଳ୍ପ ଓ ପ୍ରଚେଷ୍ଟା ଆଗାମୀ ଦିନରେ ଏମିତି ଜାରି ରହିବ ବୋଲି ସାହୁ ପ୍ରକାଶ କରିଛନ୍ତି।




ସାଇ ଇଣ୍ଟରନ୍ୟାଶନାଲ୍ ରେସିଡେନ୍ସିଆଲ୍ ସ୍କୁଲ ହେଡ୍‌ମାଷ୍ଟର ଅମିତାଭ୍ ଅଗ୍ନିହୋତ୍ରୀ ପୁରସ୍କାର ଗ୍ରହଣ କରୁଛନ୍ତି।

कार्यालय, जिला परिषद, राँची

शुद्धि–पत्र

PR No. 305527

इस कार्यालय के द्वारा प्रकाशित अति अल्पकालीन ई–निविदा आमंत्रण सूचना टेन्डर रिफ्रेन्स नम्बर–DOPR/DE/Ranchi/14/2023-24 के ग्रुप संख्या 01 में जिला परिशद, राँची एवं ग्रामीण विकास विभाग के निबंधित समुचित श्रेणी के संवेदक ही भाग लेगें एवं भोश ग्रुप में सिर्फ जिला परिशद, राँची के निबंधित समुचित श्रेणी के संवेदक भाग लेगें। निविदा की शेष शर्त्ते यथावत रहेगी।

जिला अभियंता
जिला परिषद राँची

PR 305868 Panchayati Raj(23-24)#D

OFS

ଓଡ଼ିଶା ଅଗ୍ନିଶମ ଓ ଜରୁରିକାଳୀନ ସେବା ମହାନିର୍ଦ୍ଦେଶାଳୟ, କଟକ
ଆଗ୍ନିକ ଏବଂ ଆଗ୍ନିକ ଗାଡ଼ିଚାଳକ ନିଯୁକ୍ତି ପରୀକ୍ଷା ନିମନ୍ତେ ବିଜ୍ଞାପନ

ବିଜ୍ଞାପନ ସଂଖ୍ୟା: ୮୪୨୫ | ତାରିଖ: ୨୯।୦୮।୨୦୨୩

No. D-119: ଓଡ଼ିଶା ଅଗ୍ନିଶମ ଓ ଜରୁରିକାଳୀନ ସେବା ସଂସ୍ଥାର ୮୨୬ଟି ଆଗ୍ନିକ ଏବଂ ୧୧୫ଟି ଆଗ୍ନିକ ଗାଡ଼ି ଚାଳକ ପଦବୀ ପୂରଣ ନିମନ୍ତେ ଆବେଦନ ଆହ୍ୱାନ କରାଯାଉଛି। ଦରଖାସ୍ତ ଗ୍ରହଣର ଶେଷ ତାରିଖ ତା୩୦।୦୯।୨୦୨୩। ଦରଖାସ୍ତ କେବଳ ୱେବ୍‌ସାଇଟ୍ www.odishafshgscd.gov.in ମାଧ୍ୟମରେ ତା୦୧।୦୯।୨୦୨୩ଠାରୁ ଆବେଦନ କରାଯାଇ ପାରିବ। ଅନ୍ୟ କୌଣସି ମାଧ୍ୟମରେ ଦରଖାସ୍ତ ଗ୍ରହଣ କରାଯିବ ନାହିଁ। ପୂର୍ଣ୍ଣାଙ୍ଗ ବିଜ୍ଞାପନ ଏହି ୱେବ୍‌ସାଇଟ୍‌ରେ ପ୍ରକାଶିତ କରାଯାଇଛି।

ଖାଲିଥିବା ପଦବୀ ସଂଖ୍ୟା

| ପଦବୀ | ଅଣସଂରକ୍ଷିତ | ଅନୁସୂଚିତ ଉପଜାତି | ଅନୁସୂଚିତ ଜାତି | ମୋଟ |
|---|---|---|---|---|
| | ୧ | ୨ | ୩ | ୪ |
| ଆଗ୍ନିକ | ୬୨୨ | ୧୧୩ | ୯୧ | ୮୨୬ |
| ଆଗ୍ନିକ ଗାଡ଼ିଚାଳକ | ୭୪ | ୩୯ | ୦୨ | ୧୧୫ |

ନିଯୁକ୍ତି ସଂକ୍ରାନ୍ତୀୟ ସମସ୍ତ ବିସ୍ତୃତ ତଥ୍ୟ ଯଥା ଯୋଗ୍ୟତା, ବୟସ ସୀମା, ଶାରୀରିକ ମାପ, ଶାରୀରିକ ଦକ୍ଷତା ପରୀକ୍ଷା ଓ ଲିଖିତ ପରୀକ୍ଷା ଇତ୍ୟାଦି ସଂକ୍ରାନ୍ତରେ ପ୍ରାର୍ଥୀ ଓଡ଼ିଶା ସରକାରଙ୍କ ଗୃହ ବିଭାଗ ବିଜ୍ଞପ୍ତି ସଂଖ୍ୟା ୨୯୩/୨୦୨୧, ତା୨୫।୦୮।୨୦୨୧କୁ ଅନୁସରଣ କରିବାକୁ ପରାମର୍ଶ ଦିଆଗଲା, ଯାହା ଉପରୋକ୍ତ ୱେବ୍‌ସାଇଟ୍‌ରେ ଉପଲବ୍ଧ ଅଛି।

ସ୍ୱା./– ଉପ ଆରକ୍ଷୀ ମହାନିରୀକ୍ଷକ
ଅଗ୍ନିଶମ ଓ ଜରୁରିକାଳୀନ ସେବା, ଓଡ଼ିଶା, କଟକ

OIPR-12146/11/0004/2324

No. W-41

ACCESS TO JUSTICE FOR ALL

ତୃତୀୟ ରାଷ୍ଟ୍ରୀୟ ଲୋକ ଅଦାଲତ, ୨୦୨୩
ତା୦୯।୦୯।୨୦୨୩ରିଖ (ଦ୍ୱିତୀୟ ଶନିବାର)

ବିଶେଷ ସୂଚନା

୧. ଆଜ୍ଞା, କୌଣସି କଚେରିରେ ଆପଣଙ୍କର କୌଣସି ମକଦ୍ଦମା ବିଚାରାଧୀନ ରହିଛି କି, ବା ଆପଣଙ୍କର କାହା ସହିତ କୌଣସି ବିବାଦ ରହିଛି କି ?
୨. ତେବେ ଆପଣ ସେ ମକଦ୍ଦମା/ବିବାଦର ସହଜ ଏବଂ ଆପୋସ ସହମତିରେ ସମାଧାନ ପାଇଁ ଲୋକ ଅଦାଲତର ସହାୟତା ନିଅନ୍ତୁ।
୩. ତା୦୯।୦୯।୨୦୨୩ରିଖ (ଦ୍ୱିତୀୟ ଶନିବାର)ରେ ମାନ୍ୟବର ଉଚ୍ଚ ନ୍ୟାୟାଳୟ ପରିସରରେ ଏବଂ ପ୍ରତ୍ୟେକ ଜିଲ୍ଲାସ୍ତରୀୟ ଏବଂ ତାଲୁକ୍‌ସ୍ତରୀୟ ବିଚାର ବିଭାଗୀୟ କୋର୍ଟ ପରିସରରେ ଏକ ରାଷ୍ଟ୍ରୀୟ ଲୋକ ଅଦାଲତ ଅନୁଷ୍ଠିତ ହେବାକୁ ଯାଉଛି।
୪. ଏହି ରାଷ୍ଟ୍ରୀୟ ଲୋକ ଅଦାଲତରେ ପ୍ରାୟ ସମସ୍ତ ପ୍ରକାରର ବିଚାରାଧୀନ ମକଦ୍ଦମା ଯଥା ଫୌଜଦାରି (ସାଲିସ୍ ଯୋଗ୍ୟ), ଚେକ୍ ବାଉନ୍ସ ମାମଲା, ବ୍ୟାଙ୍କ ଋଣ ମାମଲା, ମୋଟର ଦୁର୍ଘଟଣାଜନିତ କ୍ଷତିପୂରଣ ମାମଲା, ଶ୍ରମ ବିବାଦ ମାମଲା, ଲୋକ ଉପଯୋଗୀ ସେବା ସମ୍ବନ୍ଧୀୟ ମାମଲା ଯଥା ବିଦ୍ୟୁତ୍ ଓ ଜଳ ବିଲ୍ ପୈଠ ସମ୍ବନ୍ଧୀୟ ମାମଲା ଓ ଅନ୍ୟାନ୍ୟ ବିବାଦ (ସାଲିସ୍ ବିହୀନ ବିବାଦକୁ ବାଦ୍ ଦେଇ), ବୈବାହିକ ବିବାଦ (ଛାଡ଼ପତ୍ର ବ୍ୟତୀତ), ଜମି ଅଧିଗ୍ରହଣ ମାମଲା, ଚାକିରି ସମ୍ବନ୍ଧୀୟ (ଅବସରକାଳୀନ ପ୍ରାପ୍ୟ), ରାଜସ୍ୱ ମକଦ୍ଦମା, ଅନ୍ୟାନ୍ୟ ଦେୱାନୀ ମକଦ୍ଦମା ଇତ୍ୟାଦି ଓ ଅନ୍ୟାନ୍ୟ ଫୌଜଦାରି ମକଦ୍ଦମାର ଆପୋସ ସହମତିରେ ସମାଧାନ କରାଯାଇପାରିବ।
୫. କେବଳ ବିଚାରାଧୀନ ମକଦ୍ଦମା ନୁହେଁ, ପ୍ରାକ୍–ମକଦ୍ଦମାସ୍ତରୀୟ (କଚେରିରେ ଦାଏର ହୋଇନଥିବା) ଚେକ୍ ବାଉନ୍ସ ମାମଲା, ବ୍ୟାଙ୍କ ଋଣ ବିବାଦ, ଶ୍ରମ ବିବାଦ, ଲୋକ ଉପଯୋଗୀ ସେବା ସମ୍ବନ୍ଧୀୟ ବିବାଦଗୁଡ଼ିକ (ସାଲିସ୍ ବିହୀନ ବିବାଦକୁ ବାଦ୍ ଦେଇ), ଭରଣପୋଷଣ ବିବାଦ ଓ ଅନ୍ୟାନ୍ୟ ମକଦ୍ଦମା ଇତ୍ୟାଦିର ମଧ୍ୟ ସମାଧାନ ଏହି ରାଷ୍ଟ୍ରୀୟ ଲୋକ ଅଦାଲତରେ ହୋଇପାରିବ।
୬. ଲୋକ ଅଦାଲତରେ ମକଦ୍ଦମା/ବିବାଦର ସମାଧାନ ପାଇଁ କୌଣସି ଆର୍ଥିକ ଖର୍ଚ୍ଚ ପଡ଼େନାହିଁ ଏବଂ ଲୋକ ଅଦାଲତଙ୍କ ରାୟ ବୈଧ, ଚୂଡ଼ାନ୍ତ ଏବଂ ଅମଳ ଯୋଗ୍ୟ।
୭. ଯଦି କୌଣସି ବିଚାରାଧୀନ ମକଦ୍ଦମାର ସମାଧାନ ଲୋକ ଅଦାଲତ ମାଧ୍ୟମରେ ହୁଏ, ଆଗରୁ ପଇଠ ହୋଇଥିବା କୋର୍ଟ ଫି ଫେରସ୍ତ ହୋଇପାରିବ।
୮. ଦୀର୍ଘଦିନ ଧରି ଚାଲୁ ରହିଥିବା ମକଦ୍ଦମାର ସହଜ ସମାଧାନ ପାଇଁ ଏବଂ ଆର୍ଥିକ ଖର୍ଚ୍ଚ ଓ ସମୟ ଅପଚୟରୁ ନିସ୍ତାର ପାଇବା ପାଇଁ ଏହି ସୁଯୋଗର ସଦୁପଯୋଗ କରନ୍ତୁ।
୯. ସବିଶେଷ ବିବରଣୀ ନିମନ୍ତେ ଆପଣଙ୍କ ନିକଟସ୍ଥ ଅଦାଲତରେ କାର୍ଯ୍ୟରତ ଥିବା ଜିଲ୍ଲା ବା ତାଲୁକ୍ ଆଇନ ସେବା କାର୍ଯ୍ୟାଳୟ ସହ ତୁରନ୍ତ ଯୋଗାଯୋଗ କରନ୍ତୁ।

ସଦସ୍ୟ ସଚିବ
ଓଡ଼ିଶା ରାଜ୍ୟ ଆଇନ ସେବା ପ୍ରାଧିକରଣ
ଆଇନ ସେବା ଭବନ, ସେକ୍ଟର–୧, ସିଡିଏ, କଟକ
ଯୋଗାଯୋଗ:
ମୋ.: ୯୪୩୮୫୭୮୫୮୬/୯୪୩୭୯୫୯୭୩୧
ଇ–ମେଲ୍: oslsa2020@gmail.com

OIPR-18008/11/0006/2324

## ଆଜି କ'ଣ କେଉଁଠି

ଭୁବନେଶ୍ୱର

- ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ ସ୍ୱଭାବକବି ଗଙ୍ଗାଧର ମେହେରଙ୍କ ୧୬୨ତମ ଜୟନ୍ତୀ, କଳିଙ୍ଗ ହସ୍ପିଟାଲ ନିକଟସ୍ଥ ପ୍ରତିମୂର୍ତ୍ତି ସ୍ଥଳ, ସକାଳ ୮ଟା ୫୦।
- ଗଙ୍ଗାଧର ମେହେର ସ୍ମୃତି କମିଟି ପକ୍ଷରୁ ଗଙ୍ଗାଧର ମେହେରଙ୍କ ଜୟନ୍ତୀ, ଗଙ୍ଗାଧର ମେହେର ମାର୍ଗ, ସକାଳ ୯ଟା।
- ଅଲ୍ ଓଡ଼ିଶା ଇଲେକ୍ଟ୍ରିକାଲ କଣ୍ଟ୍ରାକ୍ଟର୍ସ ଆସୋସିଏଶନର ସାଧାରଣ ସଭା, ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଇଞ୍ଜିନିୟରିଂର ସମ୍ମିଳନୀ କକ୍ଷ, ଅପରାହ୍ନ ୧ଟା।
- ସ୍ୱଭାବ କବି ଗଙ୍ଗାଧର ମେହେରଙ୍କ ସ୍ମୃତି ସଭା, ଭଞ୍ଜକଳା ମଣ୍ଡପ, ସନ୍ଧ୍ୟା ୬ଟା।
- ଡାକ୍ତର କବି ପ୍ରସାଦ ମିଶ୍ରଙ୍କ ଜୟନ୍ତୀ ଉତ୍ସବ, ଗୋଦାବରୀଶ ସାହିତ୍ୟ ସଂସଦ ସଭାଗୃହ, ସନ୍ଧ୍ୟା ୬ଟା ୩୦।

## ରାଜଧାନୀରେ ପୁଣି ଆତଙ୍କରାଜ

# ଯୁବକଙ୍କୁ ଗୋଡ଼ାଇ ପିଟିଲେ, ଗାଡ଼ି ଭାଙ୍ଗିଲେ

ଭୁବନେଶ୍ୱର,୩୦।୮(ସୂର୍ଯ୍ୟକାନ୍ତ ବେହେରା)

ରାଜଧାନୀରେ ଦିନକୁ ଦିନ ଅସାମାଜିକ ଯୁବକଙ୍କ ଉତ୍ପାତ ବଢ଼ିବାରେ ଲାଗିଛି। ଧଉଳି ଥାନା ଅନ୍ତର୍ଗତ ଶିଶୁପାଳଗଡ଼ ଓ ନୂଆଗାଁ ଅଞ୍ଚଳରେ ଦୁର୍ବୃତ୍ତମାନେ ଖଣ୍ଡା ବୁଲାଇ ଆତଙ୍କରାଜ ଘଟଣାର ୨ଦିନ ନ ପୂରୁଣୁ ସମାନ ଘଟଣା ଭରତପୁର ଅଞ୍ଚଳରେ ଦେଖିବାକୁ ମିଳିଛି। ବୁଧବାର ରାତିରେ ଘରକୁ ଫେରୁଥିବା ବେଳେ ଜଣେ ଯୁବକଙ୍କୁ ଗୋଡ଼େଇ ଗୋଡ଼େଇ କେତେଜଣ ଯୁବକ ସଂଘବଦ୍ଧ ଭାବେ ଆକ୍ରମଣ କରିଛନ୍ତି। ଖଣ୍ଡା, ଲାଠି, ପାଇପ ଭଳି ମାରଣାସ୍ତ୍ରରେ ଦୁର୍ବୃତ୍ତମାନେ ଆକ୍ରମଣ କରିବାରୁ ସନ୍ତୋଷୀନଗରର ଆଶିଷ ଦାସ ନାମକ ଯୁବକ ଆହତ ହୋଇଛନ୍ତି। ଏପରି କି ତାଙ୍କ ଗାଡ଼ିକୁ ଦୁର୍ବୃତ୍ତ ଖଣ୍ଡାରେ ହାଣିବା ସହ ପଥରରେ ଛେଚି ଭାଙ୍ଗିଦେଇଛନ୍ତି। ଏନେଇ ଆଶିଷ ଥାନାରେ ଅଭିଯୋଗ କରିଛନ୍ତି। ବାରମ୍ବାର ସହରରେ ଏଭଳି ଘଟଣା ଘଟୁଥିବାରୁ ଗ୍ୟାଙ୍ଗୱାର ଗଢ଼ି ଉଠିଥିବା ନେଇ ଚର୍ଚ୍ଚା ହେଉଛି।





ସୂଚନାନୁସାରେ ଆଶିଷ ସୋମବାର ରାତି ପ୍ରାୟ ୧୦ଟାରେ ବାଇକ୍ ଯୋଗେ ସାଙ୍ଗ ଅନିଲଙ୍କୁ ତାଙ୍କ ଘରେ ଛାଡ଼ି ନିଜ ଘରକୁ ଫେରୁଥିବାବେଳେ ଭରତପୁର କ୍ଲବ ପାଖରେ ୧୦ରୁ ଅଧିକ ଯୁବକ ହଠାତ୍ ଖଣ୍ଡା, ପାଇପ, ଲାଠି ଭଳି ମାରଣାସ୍ତ୍ରରେ ଆକ୍ରମଣ କରିଥିଲେ। ଫଳରେ ଆଶିଷ ଜୀବନ ବିକଳରେ ଗାଡ଼ି ଛାଡ଼ି ଦୌଡ଼ିବାକୁ ଲାଗିଥିଲେ। ହେଲେ କିଛି ବାଟ ଯିବା ପରେ ତଳେ ପଡ଼ି ଯିବାରୁ ଯୁବକମାନେ ତାଙ୍କୁ ନିସ୍ତୁକ ପିଟିଥିଲେ। କଳେବଳେ ଆଶିଷ ଖସି ପାଖରେ ଥିବା କ୍ଲବ ଭିତରକୁ ପଶିଯିବାରୁ ଦୁର୍ବୃତ୍ତମାନେ ଘଟଣାସ୍ଥଳରୁ ଫେରାର ହୋଇଗଲେ। ହେଲେ ଯିବାପୂର୍ବରୁ ଗାଡ଼ିକୁ ଖଣ୍ଡାରେ ହାଣିବା ସହ ପଥରରେ ଛେଚି ଭାଙ୍ଗିଦେଇଥିବା ଜଣାପଡ଼ିଛି। ସ୍ଥାନୀୟ ଯୁବକମାନେ ତାଙ୍କୁ ଆହତ ଅବସ୍ଥାରେ ଉଦ୍ଧାର କରି ମେଡିକାଲରେ ଭର୍ତ୍ତି କରିଥିଲେ। ଘଟଣା ପରେ ସ୍ଥାନୀୟ ଅଞ୍ଚଳରେ ଭୟର ବାତାବରଣ ଦେଖାଯାଇଛି ।

# ସପ୍ତମ ବାଟାଲିୟନ୍ କ୍ୟାମ୍ପସରୁ ମୃତଦେହ ଜବତ

**ଆକ୍ରମଣ ଭୟରେ ଦୌଡ଼ିବାବେଳେ ଶ୍ରମିକଙ୍କ ଜୀବନଗଲା**

- ଅଭିଯୁକ୍ତ ଗିରଫ
- ମେସ୍ ଟଙ୍କା ପାଇଁ ହୋଇଥିଲା ବଚସା

ଭୁବନେଶ୍ୱର,୩୦।୮(ସତ୍ୟଜିତ୍ ରାଉତ)

ସାଥୀ ହୋଇ ଗୋଟିଏ ରୁମ୍‌ରେ ରହିବା ସହ ଶ୍ରମିକ ଭାବେ କାମ କରୁଥିଲେ। ମେସ୍ ଟଙ୍କାକୁ ନେଇ ଉଭୟଙ୍କ ମଧ୍ୟରେ ହୋଇଥିଲା ବଚସା। ସାଥୀ ଶ୍ରମିକଙ୍କ ଆକ୍ରମଣ ଭୟରେ ୬ମହଲାରୁ ପଡ଼ି ଜୀବନ ଚାଲିଗଲା। ଭୁବନେଶ୍ୱର ଗଜପତିନଗରସ୍ଥିତ ସପ୍ତମ ବାଟାଲିଅନ୍ କ୍ୟାମ୍ପସ୍‌ରେ ବୁଧବାର ଜଣେ ଶ୍ରମିକଙ୍କ ମୃତଦେହ ଜବତ ହେବା ପରେ ପୋଲିସ ଏଭଳି ତଥ୍ୟ ପାଇଛି। ମୃତକ ହେଲେ କେନ୍ଦୁଝର ଜିଲା ତୁରୁମୁଙ୍ଗା ଥାନା ଅଞ୍ଚଳର କୁମ୍ଭକାର ନାୟକ ଓରଫ ବାବୁ (୩୫)। କୁମ୍ଭକାରଙ୍କ ଭାଇ ଗୋପବନ୍ଧୁଙ୍କ ଏତଲାକୁ ଭିତ୍ତି କରି ମୈତ୍ରୀବିହାର ଥାନା ପୋଲିସ ଆଇପିସି ଦଫା ୩୦୪ରେ ଏକ ମାମଲା ରୁଜୁ କରି ତଦନ୍ତ ଜାରି ରଖିଛି। ପଚରାଉଚରା ଏବଂ ଅନ୍ୟ ପ୍ରମାଣ ଆଧାରରେ ଅଭିଯୁକ୍ତ ସାଥୀ ଶ୍ରମିକଙ୍କୁ ପୋଲିସ ଗିରଫ କରିଛି। ସେ ହେଲେ ଢେଙ୍କାନାଳ ଅଞ୍ଚଳର ବିଜୟ ହେମ୍ବ୍ରମ୍। ବିଜୟଙ୍କୁ ଅଧିକ ପଚରାଉଚରା କରାଯାଉଥିବା ବେଳେ ଗୁରୁବାର ତାଙ୍କୁ କୋର୍ଟଚାଲାଣ କରାଯିବ ବୋଲି ଥାନାଧିକାରିଣୀ ପ୍ରୀୟଦର୍ଶିନୀ ନନ୍ଦ ସୂଚନା ଦେଇଛନ୍ତି।

# ପ୍ରମୋଦିନୀ ମୃତ୍ୟୁର ୪ମାସ ପରେ ସ୍ୱାମୀ ଗିରଫ

ଭୁବନେଶ୍ୱର,୩୦।୮(ସୂର୍ଯ୍ୟକାନ୍ତ ବେହେରା)

ଖଣ୍ଡଗିରି ଥାନା ଅଞ୍ଚଳରେ ମହିଳା ପ୍ରମୋଦିନୀ ଦାସଙ୍କ ସନ୍ଦେହଜନକ ମୃତ୍ୟୁ ଘଟଣାରେ ପୋଲିସ ୪ମାସ ପରେ ଅଭିଯୁକ୍ତ ସ୍ୱାମୀଙ୍କୁ ଗିରଫ କରି ବୁଧବାର କୋର୍ଟଚାଲାଣ କରିଛି। ସେ ହେଲେ ସ୍ଥାନୀୟ ଥାନା କୃଷିବିହାର ବସ୍ତି ଓୟୁଏଟି କଲୋନୀ, ୟୁନିଟ ୮ରେ ରହୁଥିବା ଜଗତ୍‌ସିଂହପୁର ନୂଆଗାଁ ଥାନା ଗଦାଧାରୀ ଗ୍ରାମର ରାମଚନ୍ଦ୍ର ଖଟୁଆ (୨୮)। ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ବିଚାରବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ରାମଚନ୍ଦ୍ର ଯୌତୁକ ଦାବି କରି ତାଙ୍କୁ ବିଭିନ୍ନ ପ୍ରକାର ନିର୍ଯାତନା ଦେବାସହ ମୃତ୍ୟୁ ପାଇଁ ପ୍ରବର୍ତ୍ତାଇବା ଅଭିଯୋଗରେ ଗିରଫ କରିଛି।

# ଯୁବକଙ୍କୁ ଲୁହାପାଇପ୍‌ରେ ପିଟି ହତ୍ୟା

ପୁରୀ, (ଅଜିତ ମହାନ୍ତି)୩୦।୮

କୁମ୍ଭାରପଡ଼ା ଥାନା ଅଧୀନ ଜଟିଆ ବାବାଜୀ ଛକରେ ଜଣେ ଯୁବକଙ୍କୁ ସଂଘବଦ୍ଧ ଭାବେ ଲୁହାପାଇପ୍‌ରେ ପିଟି ହତ୍ୟା କରାଯାଇଛି। ମୃତକ ଯୁବକ ହେଲେ ପୁରୀ ନରେନ୍ଦ୍ରକୋଣ ଗୋପବନ୍ଧୁ ଲେନ୍ ଅଞ୍ଚଳର ଲଡୁ ନାୟକ। ପୋଲିସ ୨ଅଭିଯୁକ୍ତଙ୍କୁ ଗିରଫ କରିଥିବାବେଳେ ଜଣେ ଫେରାର ଅଛନ୍ତି। ଗିରଫ ଅଭିଯୁକ୍ତଦ୍ୱୟ ହେଲେ ଗଙ୍ଗାଧର ନାୟକ ଓ ତାଙ୍କ ସାନପୁଅ ସୁନ୍ଦନ ନାୟକ। ପୂର୍ବ ଶତ୍ରୁତାକୁ କେନ୍ଦ୍ରକରି ଏହି ଘଟଣା ଘଟିଥିବା ପୋଲିସ ଅନୁମାନ କରୁଛି।

## ସଂକ୍ଷେପରେ

### ଇଂରେଜଙ୍କ ଗୁଳିରେ ଶହୀଦ ହୋଇଥିଲେ କାଇପଡାର ୪ ସଂଗ୍ରାମୀ

**ରାଜ୍ୟସ୍ତରୀୟ ଶହୀଦ ଦିବସ ପାଳିତ**

ଭୁବନେଶ୍ୱର,୩୦।୮(ଶର୍ମିଷ୍ଠା ପାଣିଗ୍ରାହୀ)

୧୯୪୨ ଅଗଷ୍ଟ ୨୬ ରାଖୀପୂର୍ଣ୍ଣିମା ତିଥିରେ ଯାଜପୁର ଜିଲା ବରୀର କାଇପଡା ତଥା କଳାମାଟିଆ ବ୍ରାହ୍ମଣୀ ନଦୀକୂଳରେ ସଂଗ୍ରାମୀ ସାଉଣ୍ଟି ମଲ୍ଲିକ, ସାନନ୍ଦ ସ୍ୱାଇଁ, ହାଡିବନ୍ଧୁ ପଣ୍ଡା ଏବଂ ମାୟାଧର ଭୂୟାଁ ଇଂରେଜଙ୍କ ଗୁଳିରେ ଶହୀଦ ହୋଇଥିଲେ। ଶହୀଦ ସ୍ମୃତି ପରିଷଦ ପକ୍ଷରୁ ଏହି ଶହୀଦଙ୍କ ଉଦ୍ଦେଶ୍ୟରେ ବୁଧବାର ୮୧ତମ ରାଜ୍ୟସ୍ତରୀୟ ଶହୀଦ ଦିବସ ଓ ଶ୍ରଦ୍ଧାଞ୍ଜଳି ସମାରୋହ ଗୀତଗୋବିନ୍ଦ ସଦନରେ ପାଳିତ ହୋଇଛି। ଉଦ୍‌ଘାଟକ ଭାବେ ବରୀ ବିଧାୟିକା ସୁନନ୍ଦ ଦାସ, ମୁଖ୍ୟ ଅତିଥି ଯାଜପୁର ଏମ୍‌ପି ଶର୍ମିଷ୍ଠା ସେଠୀ, ମୁଖ୍ୟବକ୍ତା ସୂଚନା ଓ ଲୋକ ସମ୍ପର୍କ ବିଭାଗର ନିର୍ଦ୍ଦେଶକ ସରୋଜ କୁମାର ସାମଲ, ସମ୍ମାନିତ ବକ୍ତା ସାମ୍ବାଦିକ ପ୍ରଦ୍ୟୁମ୍ନ ଶତପଥୀ, ସ୍ୱାଧୀନତା ସଂଗ୍ରାମୀ ନୀଳମଣି ସାମଲ, ପଦ୍ମଚରଣ ନାୟକ ଯୋଗଦେଇଥିଲେ। କୃତୀ ଛାତ୍ରୀଛାତ୍ର, ପ୍ରଶାସନିକ ଅଧିକାରୀ, ସମାଜସେବୀ, ସ୍ୱାଧୀନତା ସଂଗ୍ରାମୀଙ୍କ ଦାୟାଦ ପ୍ରମୁଖଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ପରିଷଦ ସଭାପତି ସର୍ବେଶ୍ୱର ଶତପଥୀ ସଭାପତିତ୍ୱ ଓ ସମ୍ପାଦକ ପ୍ରମେଶ କୁମାର ମହାନ୍ତି ସମ୍ପାଦକୀୟ ବିବରଣୀ ପାଠ କରିଥିଲେ।



ପ୍ରେରଣା ଇଣ୍ଟରନ୍ୟାଶନାଲ୍ ଗ୍ରୀନ୍ ଆର୍ମି ପକ୍ଷରୁ ମହିଳାମାନେ ଇନ୍ଦିରାଗାନ୍ଧୀ ପାର୍କରେ ଗଛରେ ରାଖୀ ବାନ୍ଧୁଛନ୍ତି।(ଫଟୋ- ବିକାଶ ନାୟକ)

# ପ୍ରେରଣା ପକ୍ଷରୁ ଗଛରେ ରାଖୀ ବନ୍ଧନ

ଭୁବନେଶ୍ୱର,୩୦।୮ (ଶର୍ମିଷ୍ଠା ପାଣିଗ୍ରାହୀ)

ପ୍ରେରଣା ଇଣ୍ଟରନ୍ୟାଶନାଲ୍ ଗ୍ରୀନ୍ ଆର୍ମି ପକ୍ଷରୁ ବୁଧବାର ଭୁବନେଶ୍ୱରସ୍ଥିତ ଇନ୍ଦିରା ଗାନ୍ଧୀ ପାର୍କରେ ରାଖୀ ବନ୍ଧନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ପ୍ରେରଣା ଗ୍ରୀନ୍ ଆର୍ମିର କମାଣ୍ଡାଣ୍ଟ-ଇନ୍-ଚିଫ ଡ. ଦିଲୀପ ଶ୍ରୀଚନ୍ଦନ ଏଥିରେ ସଭାପତିତ୍ୱ କରି କହିଛନ୍ତି, ବୃକ୍ଷରାଜିର ସୁରକ୍ଷା ଓ ବୃକ୍ଷରୋପଣ ତଥା ବୃକ୍ଷ ପ୍ରତି ଆନ୍ତରିକତା ସୃଷ୍ଟି କରିବା ଏହାର ମୁଖ୍ୟ ଉଦ୍ଦେଶ୍ୟ। ତେଣୁ ଗଛ ବି ଆମର ଭାଇ ଭାବିବା ଉଚିତ। ଅନୁଷ୍ଠାନ ପକ୍ଷରୁ ୨୫ବର୍ଷ ଧରି ଏହି ରାଖୀ ବନ୍ଧନ ଉତ୍ସବ ପାଳନ କରାଯାଉଥିବା. ଶ୍ରୀଚନ୍ଦନ କହିଛନ୍ତି। କାର୍ଯ୍ୟକ୍ରମରେ ବିଶ୍ୱବ୍ୟାଙ୍କର ଉପଦେଷ୍ଟା ତଥା ଉତ୍ତର ଓଡ଼ିଶା ବିଶ୍ୱବିଦ୍ୟାଳୟର ପୂର୍ବତନ କୁଳପତି ପ୍ରଫେସର କୁମରବର ଦାସ, ରାଜ୍ୟ ପାଇକ ଆଖଡ଼ା ମହାସଂଘର ସଭାପତି ଡ. ପ୍ରକାଶ ଶ୍ରୀଚନ୍ଦନ, ଇଣ୍ଡିଆନ ରେଡକ୍ରସର ପୂର୍ବତନ ସମ୍ପାଦକ ମେଜର ଡ. କଳ୍ପନା ଦାସ, ସୁଶାନ୍ତ କୁମାର ପଟ୍ଟନାୟକ, ଅଧ୍ୟାପିକା ମଧୁସ୍ମିତା ଦାସ ପ୍ରମୁଖ ଉପସ୍ଥିତ ଥିଲେ।

# ରାଖି ବାନ୍ଧିଲେ, ସମ୍ମାନିତ କଲେ

ପୁରୁଣା ଭୁବନେଶ୍ୱର,୩୦।୮ (ସୁବାସ ଚନ୍ଦ୍ର ପ୍ରଧାନ)

ରାଖୀ ପୂର୍ଣ୍ଣମୀ ଅବସରରେ ପ୍ରଦୀପ ସେବା ଟ୍ରଷ୍ଟର ସମସ୍ତ ସଭ୍ୟମାନେ ଏକତ୍ରିତ ହୋଇ ବର, ଅଶ୍ୱତ୍ଥ ଗଛକୁ ପୂଜାର୍ଚ୍ଚନା କରିବା ସହିତ ରାଖୀ ବାନ୍ଧିଥିଲେ। ପ୍ରଭୁ ଲିଙ୍ଗରାଜଙ୍କ ଶ୍ରାବଣୀ ସେବାରେ ସହଯୋଗ କରିଥିବା ବ୍ୟକ୍ତିବିଶେଷମାନଙ୍କୁ ଶ୍ରାବଣୀ ସେବା ସମ୍ମାନରେ ସମ୍ମାନିତ କରିବା ସହିତ ୬୧ ନମ୍ବର ୱାର୍ଡ ର ବିଏମସି. କର୍ମଚାରୀମାନଙ୍କୁ ସମ୍ମାନିତ କରିଥିଲେ। ଏଥିରେ ମୁଖ୍ୟ ଅତିଥି ଭାବେ ସମାଜ ସେବୀ ମହାସଂଘର ସଭାପତି ନାରାୟଣ ଚନ୍ଦ୍ର ଓଝା, ସମ୍ମାନିତ ଅତିଥି ଭାବେ ଦିଲୀପ କୁମାର ମିଶ୍ର, ପ୍ରିୟବ୍ରତ ପଟ୍ଟନାୟକ, ବିଶଜିତ ସୂର୍ଯ୍ୟବଂଶୀ ଯୋଗଦେଇଥିଲା ବେଳେ ଟ୍ରଷ୍ଟର ସମ୍ପାଦକ ମଧୁସ୍ମିତା ପୃଷ୍ଟି ପରିଚାଳନା କରିଥିଲେ।

# ଗାୟତ୍ରୀ ପରିବାର ପକ୍ଷରୁ ହିମାଦ୍ରୀ ସଂକଳ୍ପ

ପୁରୁଣା ଭୁବନେଶ୍ୱର,୩୦।୮(ସୁବାସ ଚନ୍ଦ୍ର ପ୍ରଧାନ)

ଗହ୍ମା ପୂର୍ଣିମା ଅବସରରେ ମୁକ୍ତେଶର ପୀଠ ହଳଦୀ କୁଣ୍ଡରେ ଗାୟତ୍ରୀ ଶକ୍ତି ପୀଠ ଶ୍ରଦ୍ଧାଳୁଗଣ ପାରମ୍ପରିକ ରୀତିରେ ହିମାଦ୍ରୀ ସଂକଳ୍ପ ପର୍ବ ସମ୍ପନ୍ନ କରିଛନ୍ତି। ପୂର୍ବକର୍ମର ପ୍ରାୟଶ୍ଚିତ କରି ଆଗାମୀ ଜୀବନରେ ସଦଗତି ନିମନ୍ତେ ଏହି ସଂକଳ୍ପ କରାଯାଏ। ଏଥିପାଇଁ ବୁଧବାର ସକାଳ ୯ଟାରେ ୟୁନିଟ ୯ସ୍ଥିତ ଗାୟତ୍ରୀ ଶକ୍ତିପୀଠ ପକ୍ଷରୁ ଆୟୋଜିତ ଏହି ଧାର୍ମିକ ଉପାସନା କାର୍ଯ୍ୟକ୍ରମରେ ପ୍ରାୟ ୫୦ ଶ୍ରଦ୍ଧାଳୁ ମୁକ୍ତେଶ୍ୱର ମନ୍ଦିର ପରିସରରେ ଥିବା ପବିତ୍ର ହଳଦୀକୁଣ୍ଡ ତୁଠରେ ପହଞ୍ଚିଥିଲେ। ଗୋ'ମୟ, ଗୋ'ମୂତ୍ର, ଗୋ'ଦୁଗ୍ଧ, ଦହି, ମହୁ, ଘୃତ, ଯଜ୍ଞ ଭସ୍ମ, ମାଟି ଓ ହଳଦୀ ପ୍ରଲେପ ଲଗାଇ ଦଶ ସ୍ନାନ କରିଥିଲେ। ଶକ୍ତି ପୀଠର ସାଧକ ପ୍ରମୋଦ କୁମାରଙ୍କ ଦ୍ୱାରା ମନ୍ତ୍ର ଉଚ୍ଚାରଣରେ ପ୍ରତ୍ୟେକଥର ଶରୀରରେ ପ୍ରଲେପ ଲଗାଇ ଶ୍ରଦ୍ଧାଳୁଗଣ ତର୍ପଣ ଓ ବୁଡ଼ ପକାଇ ଧ୍ୟାନ କରିଥିଲେ। ୧୦ଥର ବୁଡ଼ ପକାଇବା ପରେ ହିମାଦ୍ରୀ ସଂକଳ୍ପ କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇଥିଲା। ଏହାପରେ ଶ୍ରଦ୍ଧାଳୁଗଣ ଶକ୍ତିପୀଠରେ ପହଞ୍ଚି ଯଜ୍ଞକାର୍ଯ୍ୟ ସମ୍ପୂର୍ଣ୍ଣ କରିଥିଲେ। ଶେଷରେ ଶକ୍ତିପୀଠ ପରିସରରେ ଔଷଧୀୟ ଚାରାରୋପଣ କରାଯାଇଥିଲା। ଏଥିରେ ସାମାଜିକ କର୍ମୀ ନୀଳମଣି ମିଶ୍ର ଓ ଚନ୍ଦ୍ରଶେଖର ବେହେରା ସହଯୋଗ କରିଥିଲେ।



ମୁକ୍ତେଶ୍ୱର ପୀଠ ହଳଦୀ କୁଣ୍ଡରେ ଗାୟତ୍ରୀ ଶକ୍ତି ପୀଠ ଶ୍ରଦ୍ଧାଳୁଗଣ ହିମାଦ୍ରୀ ସଂକଳ୍ପ ନେଉଛନ୍ତି।



ରାଜଭବନ ପରିସରରେ ସ୍କାଉଟ୍ ଗାଇଡ୍ସର କ୍ୟାଡେଟ୍‌ମାନେ ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲଙ୍କ ହାତରେ ରାଖୀ ବାନ୍ଧୁଛନ୍ତି।

# ରାଜ୍ୟପାଳଙ୍କୁ ରାଖୀ ବାନ୍ଧିଲେ କୁନି କୁନି ପିଲା

ଭୁବନେଶ୍ୱର, ୩୦।୮(ଶର୍ମିଷ୍ଠା ପାଣିଗ୍ରାହୀ)

ଯଶୋଦା ମା'ଫାଉଣ୍ଡେଶନର ପ୍ରମୁଖ ସଦସ୍ୟ ନିବେଦିତା ଲେଙ୍କାଙ୍କ ତତ୍ତ୍ୱାବଧାନରେ ବୁଧବାର ଫାଉଣ୍ଡେଶନର ପିଲାମାନେ ପବିତ୍ର ରକ୍ଷାବନ୍ଧନକୁ ଭିନ୍ନ ଢଙ୍ଗରେ ପାଳିଛନ୍ତି। କୁନି ପିଲାମାନେ ରାଜଭବନରେ ରାଜ୍ୟପାଳ ଗଣେଶୀ ଲାଲଙ୍କ ହାତରେ ରାଖୀ ବାନ୍ଧିଛନ୍ତି। ବର୍ଣ୍ଣବୋଧ ପାଠଶାଳାର ୬ଜଣ କୁନି ପିଲାଙ୍କ ସହ ନିବେଦିତା ଓ ଗୁରୁମା ସ୍ୱର୍ଣ୍ଣ ମଞ୍ଜରୀ ବେହେରା ରାଜଭବନରେ ପହଞ୍ଚିଥିଲେ। ରାଜ୍ୟପାଳଙ୍କୁ ଦେଖି ପିଲାମାନେ ଅତ୍ୟନ୍ତ ଖୁସି ହୋଇଥିଲେ। ରାଜଭବନ ପକ୍ଷରୁ ପିଲାଙ୍କୁ ଚକୋଲେଟ୍, ପେନ୍ ଦିଆଯାଇଥିଲା।





ଭୁବନେଶ୍ୱର ଡୁମୁଡୁମାସ୍ଥିତ ଆଶ୍ରୟ ଆଶ୍ରମ ପରିସରରେ ଭରସା ଫାଉଣ୍ଡେଶନ ଟ୍ରଷ୍ଟ ପକ୍ଷରୁ ବୁଧବାର ଆୟୋଜିତ ରକ୍ଷା ବନ୍ଧନ କାର୍ଯ୍ୟକ୍ରମ।



ପିସ୍ ଫର୍ ଅଲ୍ ପକ୍ଷରୁ ବ୍ଲାଇଣ୍ଡ୍ ଆସୋସିଏଶନଠାରେ ବୁଧବାର ଅନୁଷ୍ଠିତ ରକ୍ଷା ବନ୍ଧନ ଉତ୍ସବରେ ଦୃଷ୍ଟିହୀନ ପିଲାଙ୍କ ହାତରେ ରାଖୀ ବନ୍ଧା ଯାଉଛି। (ଫଟୋ- ବିକାଶ ନାୟକ)

# ରାଜ୍ୟସ୍ତରୀୟ ଗହ୍ମାପୂର୍ଣ୍ଣମୀ ଉତ୍ସବ

ଭୁବନେଶ୍ୱର,୩୦।୮(ଶର୍ମିଷ୍ଠା ପାଣିଗ୍ରାହୀ)

ବଳଦେବଜୀଉଙ୍କ ଜନ୍ମୋତ୍ସବ ଅବସରରେ କେନ୍ଦ୍ରାପଡ଼ା ଜିଲା ବିକାଶ ପରିଷଦ ପକ୍ଷରୁ 'ଗହ୍ମା ପୂର୍ଣ୍ଣମା ମହୋତ୍ସବ' ବୁଧବାର ସୂଚନା ଭବନଠାରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ମନ୍ତ୍ରୀ ଅତନୁ ସବ୍ୟସାଚୀ ନାୟକ, ସମ୍ମାନିତ ଅତିଥି ବିଧାୟକ ଶଶିଭୂଷଣ ବେହେରା ଓ ଧ୍ରୁବ ସାହୁ ଯୋଗ ଦେଇଥିଲେ। ପରିଷଦ ଅଧ୍ୟକ୍ଷ ଡ. ମଧୁସୂଦନ ମିଶ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ଉତ୍ସବରେ ଉପାଧ୍ୟକ୍ଷ ଅମ୍ବିକା ପ୍ରସାଦ ଦାସ ସ୍ୱାଗତ ଭାଷଣ ଦେଇଥିଲେ। ସମ୍ପାଦକ ଚୌଧୁରୀ ଅମିତାଭ ଦାସ ଅନୁଷ୍ଠାନର ଆଭିମୁଖ୍ୟ ସମ୍ପର୍କରେ ସୂଚନା ଦେଇଥିଲେ। ଏହି ଅବସରରେ ବିଭିନ୍ନ କ୍ଷେତ୍ରରେ ସଫଳତା ଅର୍ଜନ କରିଥିବା ଜିଲାର କୃତୀ ବ୍ୟକ୍ତି ପଦ୍ମଚରଣ ନାୟକ, ସୁରେନ୍ଦ୍ର ନାଥ ସାହୁ, ଶରତ ସାହୁ ଓ ଭାନୁପ୍ରିୟା ଖଟୁଆଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଚଳିତ ବର୍ଷର ଜିଲା ମାଟ୍ରିକ ଟପ୍ପର ହୋଇଥିବା ଅସୀମା ଦାସଙ୍କୁ ମଧ୍ୟ ସମ୍ମାନିତ କରାଯାଇଥିଲା। ପରିଷଦ ସଂଯୋଜକ ଅମିୟ ମହାନ୍ତି ଓ ଯୁଗ୍ମ ସମ୍ପାଦକ ପ୍ରଶାନ୍ତ ସାମନ୍ତରାୟ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ପରିଷଦର ଏକ ସ୍ମରଣିକା ଓ ଜିଲାର ବିକାଶ ପାଇଁ ଭିଜନ ଡକ୍ୟୁମେଣ୍ଟ ଉନ୍ମୋଚନ କରାଯାଇଥିଲା। ସ୍ମରଣିକା ସମ୍ପାଦନା ମଣ୍ଡଳୀର ଅଧ୍ୟକ୍ଷ ପ୍ରଫେସର ନିତ୍ୟାନନ୍ଦ ସାହୁ ଓ ଭିଜନ ଡକ୍ୟୁମେଣ୍ଟ କମିଟି ଅଧ୍ୟକ୍ଷ ନଟବର ଖୁଣ୍ଟିଆ ଉପସ୍ଥିତ ଥିଲେ। କୋଷାଧ୍ୟକ୍ଷ ଧୀରେନ୍ଦ୍ର ସୁନ୍ଦର ଦାସ ଧନ୍ୟବାଦ ଅର୍ପଣ କରିଥିଲେ। କେନ୍ଦ୍ରାପଡ଼ା ପ୍ରସିଦ୍ଧ ରସାବଳୀ ଓ ପୁତୁଳି ପିଠାକୁ ନେଇ ସ୍ୱତନ୍ତ୍ର ଷ୍ଟଲ ଖୋଲାଯାଇଥିଲା। ପରିଷଦ ଉପଦେଷ୍ଟା ଶ୍ରୀରାମ ଦାଶ, ସୁରେଶ ଚନ୍ଦ୍ର ମନ୍ତ୍ରୀ, ପ୍ରଫେସର ସରୋଜ କୁମାର ମହାନ୍ତି, କାର୍ଯ୍ୟକାରୀ କମିଟି ସଦସ୍ୟ ପ୍ରଫେସର ରାମଚନ୍ଦ୍ର ଦାଶ, କିଶୋର ଚନ୍ଦ୍ର ସ୍ୱାଇଁ, ଅନ୍ନଦା ପ୍ରସାଦ ତ୍ରିପାଠୀ, ସରୋଜକାନ୍ତ କାନୁନଗୋ, କୈଳାସ ସାମନ୍ତରାୟ, ସାଲୁଟ ସାହୁ ଓ ବିଶ୍ୱରଞ୍ଜନ ଦାଶ, କୋଷାଧ୍ୟକ୍ଷ ଧୀରେନ୍ଦ୍ର ସୁନ୍ଦର ଦାସ ଓ ଯୁଗ୍ମ ସମ୍ପାଦକ ସ୍ମୃତିରଞ୍ଜନ ଜେନା ପ୍ରମୁଖ ଉପସ୍ଥିତ ଥିଲେ।





ସୂଚନା ଭବନଠାରେ ଅନୁଷ୍ଠିତ 'ଗହ୍ମା ପୂର୍ଣ୍ଣିମା ମହୋତ୍ସବ'ରେ ଅତିଥିମାନେ ସ୍ମରଣିକା ଓ ଭିଜନ ଡକ୍ୟୁମେଣ୍ଟ ଉନ୍ମୋଚନ କରୁଛନ୍ତି।


**ସ୍ୱାୟତ୍ତ ଶାସନ ଦିବସ-୨୦୨୩**

ପାଳନ ଅବସରରେ

**କଟକ ମହାନଗର ନିଗମ** ତରଫରୁ ହାର୍ଦ୍ଦିକ ଅଭିନନ୍ଦନ

**କାର୍ଯ୍ୟସୂଚୀ**

**ତା.୩୧.୦୮.୨୦୨୩ ରିଖ ପୂର୍ବାହ୍ଣ ଘ. ୮.୦୦ ମି ଠାରୁ...**

ଉଦ୍‌ଘାଟକ **ଶ୍ରୀଯୁକ୍ତ ଭର୍ତ୍ତୃହରି ମହତାବ**, ମାନ୍ୟବର ସାଂସଦ, କଟକ

ସମ୍ମାନନୀୟ ଅତିଥିବୃନ୍ଦ -

**ଶ୍ରୀଯୁକ୍ତ ଦେବୀ ପ୍ରସାଦ ମିଶ୍ର**, ମାନ୍ୟବର ବିଧାୟକ, ବଡ଼ମ୍ବା
**ଶ୍ରୀଯୁକ୍ତ ପ୍ରତାପ ଜେନା**, ମାନ୍ୟବର ବିଧାୟକ, ମାହାଙ୍ଗା
**ଶ୍ରୀଯୁକ୍ତ ପ୍ରମୋଦ କୁମାର ମଲ୍ଲିକ**, ମାନ୍ୟବର ବିଧାୟକ, ନିଆଳି
**ଶ୍ରୀଯୁକ୍ତ ଚନ୍ଦ୍ରସାରଥି ବେହେରା**, ମାନ୍ୟବର ବିଧାୟକ, କଟକ ସଦର
**ଶ୍ରୀଯୁକ୍ତ ଇଂ ମହମ୍ମଦ ମୋକିମ**, ମାନ୍ୟବର ବିଧାୟକ, ବାରବାଟୀ କଟକ
**ଶ୍ରୀଯୁକ୍ତ ସୌଭିକ ବିଶ୍ୱାଳ**, ମାନ୍ୟବର ବିଧାୟକ, ଚୌଦ୍ୱାର, କଟକ
**ଶ୍ରୀଯୁକ୍ତ ପ୍ରଶାନ୍ତ ବେହେରା**, ମାନ୍ୟବର ବିଧାୟକ, ସାଲେପୁର
**ଶ୍ରୀଯୁକ୍ତ ଦେବୀ ରଞ୍ଜନ ତ୍ରିପାଠୀ**, ମାନ୍ୟବର ବିଧାୟକ, ବାଙ୍କୀ
**ଶ୍ରୀଯୁକ୍ତ କିଶୋର ଚନ୍ଦ୍ର ମିଶ୍ର**, ମାନ୍ୟବର ଅଧ୍ୟକ୍ଷ, ଜିଲ୍ଲା ପରିଷଦ, କଟକ
**ଶ୍ରୀଯୁକ୍ତ ଅନିଲ କୁମାର ସାମଲ**, ଅଧ୍ୟକ୍ଷ, କଟକ ଉନ୍ନୟନ କର୍ତ୍ତୃପକ୍ଷ
**ଶ୍ରୀଯୁକ୍ତ ଭବାନୀ ଶଙ୍କର ଚୟନୀ**, ଜିଲ୍ଲାପାଳ, କଟକ
**ଶ୍ରୀଯୁକ୍ତ ପିନାକ୍ ମିଶ୍ର**, ଡିସିପି, କମିଶନରେଟ ପୋଲିସ, କଟକ
**ଶ୍ରୀଯୁକ୍ତ ଦେବାଶିଷ ସାମନ୍ତରାୟ**, ପୂର୍ବତନ ବିଧାୟକ ତଥା ସଭାପତି, କଟକ ମହାନଗର ନିଗମ କର୍ମଚାରୀ ସଂଘ
**ଶ୍ରୀଯୁକ୍ତ ପ୍ରଭାତ ତ୍ରିପାଠୀ**, ପୂର୍ବତନ ବିଧାୟକ ତଥା ସଭାପତି, କଟକ ମହାନଗର ନିଗମ ମେହେନ୍ତର ସଂଘ

**ସନ୍ଧ୍ୟା ଘ. ୬.୦୦ମିରେ ଉଇଣ୍ଡସର ପ୍ୟାଲେସ, ସିଡିଏ ଠାରେ**

୧. ସ୍ୱାୟତ୍ତ ଶାସନ ଦିବସ ସାଧାରଣ ସଭା
୨. ନିଗମ ଅଞ୍ଚଳରେ କୃତିତ୍ୱ ଅର୍ଜନ କରିଥିବା ବିଶିଷ୍ଟ ବ୍ୟକ୍ତିବିଶେଷମାନଙ୍କୁ ମାନପତ୍ର ପ୍ରଦାନ ଏବଂ ସମ୍ବର୍ଦ୍ଧନା ଜ୍ଞାପନ
୩. ବିଭିନ୍ନ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିବା କୃତୀ ଛାତ୍ରଛାତ୍ରୀମାନଙ୍କୁ ପୁରସ୍କାର ବିତରଣ
୪. ନିଗମର କର୍ତ୍ତବ୍ୟନିଷ୍ଠ କର୍ମଚାରୀଙ୍କୁ ତାଙ୍କର ଉଲ୍ଲେଖନୀୟ କାର୍ଯ୍ୟ ନିମନ୍ତେ ପୁରସ୍କାର ବିତରଣ

**ଶ୍ରୀଯୁକ୍ତ ନିଖିଳ ପବନ୍ କଲ୍ୟାଣ**, ଭା.ପ୍ର.ସେ. — ଆୟୁକ୍ତ
**ସୁଶ୍ରୀ ଦମୟନ୍ତୀ ମାଝୀ** — ଡେପୁଟି ମେୟର
**ଶ୍ରୀଯୁକ୍ତ ସୁବାସ ଚନ୍ଦ୍ର ସିଂ** — ମେୟର

**ନିଗମର ସମସ୍ତ କର୍ପୋରେଟର, ସମସ୍ତ ଅଧିକାରୀ ଏବଂ କର୍ମଚାରୀବୃନ୍ଦ**

# ମୌଳିକ ସୁବିଧାରୁ ବଞ୍ଚିତ ପୌରବାସୀ




୪ ନମ୍ବର ୱାର୍ଡ ନୀଳଚକ୍ର ମାର୍କେଟ ରାସ୍ତାରେ ଅଳିଆ ପଡିରହିଛି।



୧୨ ନମ୍ବର ୱାର୍ଡର କୋର୍ଟ ନିକଟରେ ଗଦା ହୋଇଥିବା ଆବର୍ଜନା।

ଜଟଣୀ,୩୦।୮(ରବୀନ୍ଦ୍ରନାଥ ମହାକୁଡ଼)

## ଜଟଣୀ ପୌର ପରିଷଦ

ଖୋର୍ଦ୍ଧା ଜିଲା ଜଟଣୀ ପୌର ପରିଷଦ ତା'ର ୫୧ ବର୍ଷ ପୂର୍ତ୍ତି ପାଳନ ଏବଂ ନିଖିଳ ଭରତ ସ୍ୱାୟତ୍ତ ଶାସନ ଦିବସ -୨୦୨୩ ପାଳନ କରିବାକୁ ଯାଉଛି। ଉକ୍ତ ଦିବସ ପାଳନ ପାଇଁ ସହରରେ ଥିବା ପୌରପରିଷଦର ବିଭିନ୍ନ ଅନୁଷ୍ଠାନକୁ ରଙ୍ଗବେରଙ୍ଗ ଆଲୋକ ଏବଂ ଫୁଲରେ ସଜାଯାଉଛି। ସହରର ସୌନ୍ଦର୍ଯ୍ୟକରଣ ପାଇଁ ଗତ କିଛି ବର୍ଷ ଧରି ସରକାରଙ୍କ ବିଭିନ୍ନ ଯୋଜନାରେ କୋଟି କୋଟି ଟଙ୍କା ପୌର ପରିଷଦ ପକ୍ଷରୁ ଖର୍ଚ୍ଚ କରାଯାଉଛି। କିନ୍ତୁ ଅନେକ ସମୟରେ ନିମ୍ନମାନର କାର୍ଯ୍ୟ, ଠିକାଦାର ଓ ବିଭାଗୀୟ ଅଧିକାରୀଙ୍କ ଖାମଖିଆଲି ନୀତି ପାଇଁ ଅନେକ ଯୋଜନାର ସଫଳତାରେ ବ୍ୟତିକ୍ରମ ପରିଲକ୍ଷିତ ହେଉଥିବା ନେଇ ସାଧାରଣରେ ଅଭିଯୋଗ ହେଉଛି। ଜଟଣୀ ପୌରାଞ୍ଚଳର ରାସ୍ତା, ଡ୍ରେନ ପାଇଁ ଖର୍ଚ୍ଚ ହେଉଥିବା ଅର୍ଥ ଠିକ୍ ଭାବେ କାର୍ଯ୍ୟରେ ଲାଗୁ ନଥିବା ଏବଂ ନିମ୍ନମାନର କାର୍ଯ୍ୟ ହେତୁ କିଛି ମାସ ମଧ୍ୟରେ ନଷ୍ଟ ହୋଇଯାଉଥିବା ଦେଖିବାକୁ ମିଳୁଛି। ଏହାକୁ ନେଇ ଅଞ୍ଚଳବାସୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇବା ସହ ପ୍ରଶାସନ ମୌଳିକ ସୁବିଧା ଯୋଗାଇପାରୁନି ବୋଲି ଚର୍ଚ୍ଚା ହେଉଛି। ସେହିଭଳି ପୌର ପରିଷଦ ଅଧୀନରେ ୨୩ଟି ୱାର୍ଡ ମଧ୍ୟରୁ ୬ଟି ରେଲୱେ ଅଞ୍ଚଳର ୱାର୍ଡକୁ ବାଦ ଦେଲେ ଅନ୍ୟ ସବୁ ସ୍ଥାନରେ ସାହି ବସ୍ତି ଏବଂ ସହରର ବିଭିନ୍ନ ମୁଖ୍ୟରାସ୍ତାର ଅବସ୍ଥା ଶୋଚନୀୟ। ୱାର୍ଡ ନମ୍ବର ୧୫ ଅନ୍ତର୍ଗତ ହାଟବଜାରରେ ଲୋକେ ଡ୍ରେନ ଉପରେ ଘର, ବ୍ୟବସାୟ ପ୍ରତିଷ୍ଠାନ ନିର୍ମାଣ କରିଥିବା ସଫେଇ ହୋଇପାରୁନି। ଫଳରେ ରାସ୍ତାକଡ଼ରେ ଆବର୍ଜନା ପଡ଼ିରହୁଥିବାବେଳେ ଲୋକେ ଅସ୍ୱାସ୍ଥ୍ୟକର ପରିବେଶ ମଧ୍ୟରେ ରହି ନାନା ହଇରାଣ ହେଉଥିବା ସ୍ଥାନୀୟ ବାସିନ୍ଦା ନୟନୀ ଦାସ ଅଭିଯୋଗ କରିଛନ୍ତି। ସେହିପରି ଜଟଣୀ ବଜାରର ବ୍ୟସ୍ତବହୁଳ ମାର୍କେଟ ନୀଳଚକ୍ର ମାର୍କେଟକୁ ପ୍ରତିଦିନ ଜିଲା ଏବଂ ଜିଲା ବାହାରରୁ ହଜାର ହାଜର ଲୋକେ ଆସୁଥିବାବେଳେ ୩ମାସ ଧରି ମାର୍କେଟର ମୁଖ୍ୟ ରାସ୍ତାରେ ଅଳିଆ ଆବର୍ଜନା ପଡି ରହି ଅସ୍ୱାସ୍ଥ୍ୟକର ପରିବେଶ ସୃଷ୍ଟିକରିବା ସହିତ ପଚା ଦୁର୍ଗନ୍ଧ ହେଉଛି। ଫଳରେ ଉକ୍ତ ମାର୍କେଟରେ ବ୍ୟବସାୟୀ ଏବଂ ଜନସାଧାରଣଙ୍କ ବ୍ୟାପକ କ୍ଷତି ହେଉଥିବା ସହିତ ଡେଙ୍ଗୁ ବ୍ୟାପିବା ନେଇ ଭୟରେ ରହିଥିବା ସ୍ଥାନୀୟ ବ୍ୟବସାୟୀ ବସନ୍ତ ସାହୁ କହିବା ସହିତ ଉକ୍ତ ସ୍ଥାନରୁ ଅଳିଆ ଉଠାଇବା ପାଇଁ ପୌର କର୍ମଚାରୀଙ୍କୁ ଜଣାଇଥିଲେ ମଧ୍ୟ କେହି ଶୁଣୁ ନ ଥିବା କହିଛନ୍ତି। ସେହିପରି ଏକାଧିକ ୱାର୍ଡରେ ଗଳି କନ୍ଦି ରାସ୍ତାରେ କୁଢ଼ କୁଢ଼ ଅଳିଆ ପଡିରହିଥିବା ଦେଖିବାକୁ ମିଳିଛି। ପୌର ପ୍ରଶାସନ ୫୧ ବର୍ଷ ପୂର୍ତ୍ତି ପାଳନ କରୁଥିବା ବେଳେ ସହର ବାସୀଙ୍କୁ ମୌଳିକ ସୁବିଧା ଦେବାରେ ସମ୍ପୂର୍ଣ୍ଣ ବିଫଳ ହୋଇଛି। ଏପରିକି ଅଭିଯୋଗ କରିଲେ ସାଧରଣ ଲୋକଙ୍କୁ ବିଭିନ୍ନ ଧମକ ମିଳୁଥିଲା ବେଳେ ସୂଚନା ଅଧିକାର ଆଇନ ବଳରେ ତଥ୍ୟ ମଧ୍ୟ ଠିକ୍ ପ୍ରଦାନ କରାଯାଉନାହିଁ ବୋଲି ସାମାଜିକ କର୍ମୀ ପ୍ରଶାନ୍ତ କୁମାର ମହାପାତ୍ର କହିଛନ୍ତି। ଏ ନେଇ ପୌର ପରିଷଦ ଚେୟାରମ୍ୟାନ ଅନନ୍ତ ବେହେରାଙ୍କୁ ଯୋଗାଯୋଗ କରିଥିଲେ ମଧ୍ୟ ତାହା ସମ୍ଭବ ହୋଇପାରି ନାହିଁ।

## ସଂକ୍ଷେପରେ

### ୩୦ ୟୁନିଟ୍ ରକ୍ତ ସଂଗ୍ରହ

ବାଲିପାଟଣା ୩୦।୮(ଅଭିମନ୍ୟୁ ନାୟକ)

ଆମ ଓଡ଼ିଶା ଏବଂ ସାମାଜିକ ଅନୁଷ୍ଠାନ ବର୍ନ ଟୁ ହେଲ୍ପ ଏବଂ ଏସ୍‌ବିଆଇ ଲାଇଫ୍‌ର ମିଳିତ ଆନୁକୂଲ୍ୟରେ ବୁଧବାର ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ତୁରିନ୍ତିରାସ୍ଥିତ ବିବେକାନନ୍ଦ ଶିକ୍ଷାକେନ୍ଦ୍ର ପରିସରରେ ଆୟୋଜିତ ଶିବିରରେ ୩୦ ୟୁନିଟ୍ ରକ୍ତ ସଂଗ୍ରହ ହୋଇଛି। କାର୍ଯ୍ୟକ୍ରମରେ ଅତିଥି ରୂପେ ବାଲିପାଟଣା ଥାନା ଏସ୍‌ଆଇ ରାକେଶ ସାମଲ, ସାମାଜିକ କର୍ମୀ ସତ୍ୟପ୍ରିୟ ବେହେରା, ଡା.ରତିରଞ୍ଜନ ସ୍ୱାଇଁ, ଅବସରପ୍ରାପ୍ତ ସେନା କର୍ମଚାରୀ ଜଗନ୍ନାଥ ମହାନ୍ତି, ପ୍ରେସ କ୍ଲବ ସଭାପତି ଦିଲୀପ କୁମାର ଓଝା, ସିନେ ଅଭିନେତା ଶେଖ୍ ଗୁଲଜର ହୁସେନ, ମାଗୁଣି ସେଠି, ବିବେକାନନ୍ଦ ଶିକ୍ଷାକେନ୍ଦ୍ର ଅଧ୍ୟକ୍ଷ ରତ୍ନପ୍ରଭା ତ୍ରିପାଠୀ ପ୍ରମୁଖ ଯୋଗଦେଇଥିଲେ। ଅତିଥିମାନେ ରକ୍ତଦାନର ମହତ୍ତ୍ୱ ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। ଏହି ଅସରରେ ଆୟୋଜିତ କାର୍ଯ୍ୟକ୍ରମରେ ବହୁ ଛାତ୍ରୀଛାତ୍ରଙ୍କୁ ପାଠ୍ୟ ପୁସ୍ତକ ବଣ୍ଟନ କରାଯାଇଥିଲା। ଆଇଆଇଟିରେ ସଫଳତା ଲାଭ କରିଥିବା ମେଧାବୀ ଛାତ୍ର କୌଶିକ ଭାରତୀୟ ଏବଂ ନିଟ୍ ପରୀକ୍ଷାରେ କୃତକାର୍ଯ୍ୟ ହୋଇଥିବା ଛାତ୍ରୀ ଆଦ୍ୟାଶ୍ରୀ ବିଶ୍ୱାଳଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ବର୍ନ ଟୁ ହେଲ୍ପ ଅଲ୍ (B2HA) ଅନୁଷ୍ଠାନ ସଭାପତି ଘନଶ୍ୟାମ ବେହେରା, ଉପସଭାପତି ଦିଲୀପ ସ୍ୱାଇଁ, ସମ୍ପାଦକ ନିଗମ ସେନାପତି, ମୁଖ୍ୟ ସଂଗଠକ ରଞ୍ଜନ ବାରିକ, ଶିକ୍ଷକ ମୁରଲୀଧର ବିଶ୍ୱାଳ, ଅରୁଣ କୁମାର ଶତପଥୀ ପ୍ରମୁଖ ସହଯୋଗ କରିଥିଲେ। ବ୍ଲଡ ବ୍ୟାଙ୍କ ତରଫରୁ ଶିବିରରେ ସହଯୋଗ କରିଥିଲେ।

### ଗହ୍ମା ପୂର୍ଣ୍ଣିମାରେ ହିମାଦ୍ରୀ ସଂକଳ୍ପ

ପୁରୁଣା ଭୁବନେଶ୍ୱର,୩୦।୮(ସୁବାସ ଚନ୍ଦ୍ର ପ୍ରଧାନ)

ଗହ୍ମା ପୂର୍ଣ୍ଣମା ଅବସରରେ ମୁକ୍ତେଶ୍ୱର ପୀଠହଳଦୀ କୁଣ୍ଡରେ ଗାୟତ୍ରୀ ଶକ୍ତି ପୀଠ ଶ୍ରଦ୍ଧାଳୁଗଣ ପାରମ୍ପରିକ ରୀତିରେ ହିମାଦ୍ରୀ ସଂକଳ୍ପ ପର୍ବ ସମ୍ପନ୍ନ କରିଛନ୍ତି। ପୂର୍ବକର୍ମର ପ୍ରାୟଶ୍ଚିତ କରି ଆଗାମୀ ଜୀବନରେ ସଦଗତି ନିମନ୍ତେ ଏହି ସଂକଳ୍ପ କରାଯାଏ। ଏଥିପାଇଁ ବୁଧବାର ସକାଳ ୯ଟାରେ ୟୁନିଟ ୯ସ୍ଥିତ ଗାୟତ୍ରୀ ଶକ୍ତିପୀଠ ପକ୍ଷରୁ ଆୟୋଜିତ ଏହି ଧାର୍ମିକ ଉପାସନା କାର୍ଯ୍ୟକ୍ରମରେ ପ୍ରାୟ ୫୦ ଶ୍ରଦ୍ଧାଳୁ ମୁକ୍ତେଶ୍ୱର ମନ୍ଦିର ପରିସରରେ ଥିବା ପବିତ୍ର ହଳଦୀକୁଣ୍ଡ ତୁଠରେ ପହଞ୍ଚିଥିଲେ। ଗୋ'ମୟ, ଗୋ'ମୂତ୍ର, ଗୋ'ଦୁଗ୍ଧ, ଦହି, ମହୁ, ଘୃତ, ଯଜ୍ଞ ଭସ୍ମ, ମାଟି ଓ ହଳଦୀ ପ୍ରଲେପ ଲଗାଇ ଦଶ ସ୍ନାନ କରିଥିଲେ। ଶକ୍ତି ପୀଠର ସାଧକ ପ୍ରମୋଦ କୁମାରଙ୍କ ଦ୍ୱାରା ମନ୍ତ୍ର ଉଚ୍ଚାରଣରେ ପ୍ରତ୍ୟେକଥର ଶରୀରରେ ପ୍ରଲେପ ଲଗାଇ ଶ୍ରଦ୍ଧାଳୁଗଣ ତର୍ପଣ ଓ ବୁଡ଼ ପକାଇ ଧ୍ୟାନ କରିଥିଲେ। ୧୦ଥର ବୁଡ଼ ପକାଇବା ପରେ ହିମାଦ୍ରୀ ସଂକଳ୍ପ କାର୍ଯ୍ୟ ସମ୍ପର୍ଣ୍ଣ ହୋଇଥିଲା। ଏହାପରେ ଶ୍ରଦ୍ଧାଳୁଗଣ ଶକ୍ତିପୀଠରେ ପହଞ୍ଚି ଯଜ୍ଞକାର୍ଯ୍ୟ ସମ୍ପୂର୍ଣ୍ଣ କରିଥିଲେ। ଶେଷରେ ଶକ୍ତିପୀଠ ପରିସରରେ ଔଷଧୀୟ ଚାରାରୋପଣ କରାଯାଇଥିଲା। ଏଥିରେ ସାମାଜିକ କର୍ମୀ ନୀଳମଣି ମିଶ୍ର ଓ ଚନ୍ଦ୍ରଶେଖର ବେହେରା ସହଯୋଗ କରିଥିଲେ।

# ସମାନତା ରହିଲେ ବିଶ୍ୱ ବନ୍ଦନୀୟ ହେବ ଭାରତ

ଖୋର୍ଦ୍ଧା,୩୦।୮(ପ୍ରଭାତ ପାଣିଗ୍ରାହୀ)

ଭାରତୀୟ ସଂସ୍କୃତି ପରମ୍ପରା ଅତି ପ୍ରାଚୀନ। ବିଶ୍ୱକୁ ବସୁଧୈବ କୁଟୁମ୍ବକମର ବାର୍ତ୍ତା ଦେଇଥାଏ। ରକ୍ଷାବନ୍ଧନ ସମ୍ପର୍କକୁ ଯୋଡ଼ିଥାଏ। ରକ୍ଷା ସୂତ୍ରରେ ଅପାମ ଶକ୍ତି ରହିଛି। ପ୍ରାଚୀନ ଯୁଗରୁ ଏହାର ବିଶେଷତା ରହି ଆସିଛି। ପଞ୍ଚ ଅଙ୍ଗୁଳି ସମାନତା ନ ଥାଏ। ତେବେ ସମ୍ପର୍କରେ ସ୍ନେହ ଶ୍ରଦ୍ଧା ଭାବେ ସମସ୍ତଙ୍କ ମଧ୍ୟରେ ସମାନତା ଆଣିବାକୁ ପଡ଼ିବ ବୋଲି ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ ଖୋର୍ଦ୍ଧା ନଗର ପକ୍ଷରୁ ସଂସ୍କୃତି ଭବନ ପରିସରରେ ରକ୍ଷାବନ୍ଧନ ଅବସରରେ ଆୟୋଜିତ ଉତ୍ସବରେ ଶିକ୍ଷାବିତ ତଥା ନଗର ସଂଘ ଚାଳକ କିଶୋର ଚନ୍ଦ୍ର ବରାଳ ଯୋଗଦେଇ ଏହା କହିଛନ୍ତି। ସେ ଆହୁରି କହିଥିଲେ, ବିଭିଧତା ଭରା ଭାରତ ବର୍ଷରେ ଅନେକ ସାମଞ୍ଜସ୍ୟ ସତ୍ତ୍ୱେ ଏକତା ହେଉଛି ଏହାର ପରିଚୟ। ଭାରତୀୟ ସଂସ୍କୃତି, ପରମ୍ପରା ବିଶ୍ୱକୁ ମାର୍ଗଦର୍ଶନ କରୁଛି। ସମସ୍ତଙ୍କୁ ନେଇ ଚାଲିଲେ ୨୦୪୭ ଭାରତ ବିକଶିତ ରାଷ୍ଟ୍ରରେ ପରିଣତ ହେବ। ପରସ୍ପର ମଧ୍ୟରେ ଭେଦଭାବ ଭୁଲି ସମାନତା ଭାବ ରହିଲେ ଭାରତ ସମୃଦ୍ଧ, ସଶକ୍ତ ରାଷ୍ଟ୍ର ହୋଇପାରିବ। ରକ୍ଷାବନ୍ଧନ କେବଳ ଭାଇ ଭଉଣୀ ମଧ୍ୟରେ ସୀମିତ ନୁହଁ। ସମାଜର ପ୍ରତ୍ୟେକ ବର୍ଗ ଏହି ଉତ୍ସବରେ ସାମିଲ ହେବା ଦରକାର। ଏହି ଉତ୍ସବ ଭାଇଚାରା, ସାମାଜିକ ସମରାସତାର ଭାବ ଜାଗ୍ରତ କରିଥାଏ। ଭାରତ ବର୍ଷ ସଂସ୍କୃତି, ପରମ୍ପରା ବଜାଏ ରହିବା ସହ ପ୍ରତ୍ୟେକ ବ୍ୟକ୍ତି ନିଜ ଦାୟିତ୍ୱ, କର୍ତ୍ତବ୍ୟ ପ୍ରତି ସଚେତନ ହେଲେ ସମାଜରେ ପରିବର୍ତ୍ତନ ଆସିପାରିବ। ବ୍ୟକ୍ତି ସ୍ୱାର୍ଥ ଅପେକ୍ଷା ରାଷ୍ଟ୍ରର ସ୍ୱାର୍ଥକୁ ଗୁରୁତ୍ୱ ଦେବାକୁ ପଡିବ ବୋଲି ସେ କହିଥିଲେ। ଏହି ଅବସରରେ ପରମ ପବିତ୍ର ଗୈରୀକ ଧ୍ୱଜକୁ ରକ୍ଷାବନ୍ଧନ କରାଯାଇଥିଲା। ପରେ ସ୍ୱୟଂସେବକମାନେ ପରସ୍ପର ମଧ୍ୟରେ ରାଖୀ ବାନ୍ଧି ଶୁଭେଚ୍ଛା ଜଣାଇଥିଲେ। ଏଥିରେ ବିଭାଗ କାର୍ଯ୍ୟବାହ ବେଲେଶ୍ୱର ସାହୁ, ବିଭାଗ ପର୍ଯ୍ୟାବରଣ ପ୍ରମୁଖ ନିରଞ୍ଜନ ସାହୁଙ୍କ ସମେତ ଏକାଧିକ ସ୍ୱୟଂସେବକ ଉପସ୍ଥିତ ଥିଲେ।

# ଗଛରେ ରାଖୀ ବାନ୍ଧି ପ୍ରକୃତି ସହ ବନ୍ଧୁତା ଯୋଡ଼ିଲେ




ଜିଲା ପ୍ରେସ୍ କ୍ଲବ୍ ପକ୍ଷରୁ ସାମ୍ବାଦିକ ଭବନ ପରିସରରେ ଗଛରେ ରାଖୀ ବନ୍ଧା ଯାଇଛି।

ଖୋର୍ଦ୍ଧା(ପ୍ରଭାତ ପାଣିଗ୍ରାହୀ),୩୦।୮

ଜିଲା ପ୍ରେସ କ୍ଲବ(ଡିପିସି)ଖୋର୍ଦ୍ଧା ପକ୍ଷରୁ ସାମ୍ବାଦିକ ଭବନ ପରିସରରେ ଥିବା ଗଛରେ ଶ୍ରୀଜଗନ୍ନାଥଙ୍କ ରାଖୀଟିଏ ବାନ୍ଧି ରକ୍ଷାବନ୍ଧନ ପାଳନ କରିଥିଲେ। ପ୍ରକୃତି ସହ ସମ୍ପର୍କ ରହିଲେ ଏକ ସୁସ୍ଥ ବାତାବରଣ ସୃଷ୍ଟି ହୋଇପାରିବ ବୋଲି ସଂଘର ଉପଦେଷ୍ଟା ତପନ ନାୟକ କହିଥିଲେ। ସଭାପତି ଶୁଭ୍ରାଂଶୁ ସାମନ୍ତରାୟ, ସମ୍ପାଦକ ଦିଲୀପ ପଟ୍ଟନାୟକ, ଲଳିତ ମୋହନ ମହାପାତ୍ର, ପ୍ରକାଶ ହାତୀ, ସୂର୍ଯ୍ୟ ନାରାୟଣ ମହାନ୍ତି, ଅବ୍ୟକ୍ତ ହରିହର ଖାଡଙ୍ଗା ଉପସ୍ଥିତ ଥିଲେ। ସେହିଭଳି ଜାଗୃତି ଓ ବିବେକାନନ୍ଦ ୟୁଥ କ୍ଲବ ପକ୍ଷରୁ ରାସ୍ତାକଡରେ ଏକାଧିକ ଗଛରେ ରାଖୀ ବାନ୍ଧି ପ୍ରକୃତି ମାତାର ସୁରକ୍ଷା ପାଇଁ ସଂକଳ୍ପ ନେଇଥିଲେ। ଜାଗୃତି ସଭାପତି ଦିଲୀପ ପଟ୍ଟନାୟକ, ସମ୍ପାଦକ ପ୍ରଭାତ ପାଣିଗ୍ରାହୀ, କ୍ଲବ ସଭାପତି ରଞ୍ଜିତ ସାମନ୍ତରାୟ, ରାମନାରାୟଣ ଦାଶ, ଗୋପାଳକୃଷ୍ଣ ଦାସ ପ୍ରମୁଖ ଉପସ୍ଥିତ ଥିଲେ। ସେହିଭଳି ତପସ୍ୱୀ ଜନମଙ୍ଗଳ ଅନୁଷ୍ଠାନ ପକ୍ଷରୁ ବୃକ୍ଷ ଆମରୀ ବନ୍ଧୁ ଭାବରେ ଗଛରେ ରାଖୀ ବାନ୍ଧିଥିଲେ। ସମ୍ପାଦକ ପବିତ୍ର ବରାଳ, ମାନସ ବରାଳ, ବିରେନ୍ଦ୍ର ମହାନ୍ତି ଉପସ୍ଥିତ ଥିଲେ। ସେହିପରି ଆରଏସଏସ ପର୍ଯ୍ୟାବରଣ ବିଭାଗ ପକ୍ଷରୁ ପ୍ରକୃତି ବନ୍ଦନ କାର୍ଯ୍ୟକ୍ରମ ସଂସ୍କୃତି ଭବନରେ ଆୟୋଜିତ ହୋଇଥିଲା। ପ୍ରଶାନ୍ତ ବେହେରା, ଆଦିତ୍ୟ ମହାରଣା, ଆଶିଷ ବିଭୁରେନ୍ଦ୍ର, କେଦାର ମହାରଣା ପ୍ରମୁଖ ଉପସ୍ଥିତ ଥିଲେ।



ବୋଲଗଡ଼ର ବାଙ୍କୋଇସ୍ଥିତ ତାରେଶ୍ୱର ଦେବଙ୍କ ମନ୍ଦିର ନିକଟରେ ଅନୁଷ୍ଠିତ ପଞ୍ଚାୟତ ସ୍ତରୀୟ କଂଗ୍ରେସ କର୍ମୀ ସମ୍ମିଳନୀରେ ଯୋଗଦେଇଥିବା ନେତା ଓ କର୍ମୀମାନେ।

# ସଭାପତି ଶରତ, ସମ୍ପାଦକ କ୍ଷେତ୍ରମୋହନ

ବୋଲଗଡ଼,୩୦।୮(ଦେବବ୍ରତ ହୋତା)

## ବାଙ୍କୋଇ ପଞ୍ଚାୟତ ସ୍ତରୀୟ କଂଗ୍ରେସ କର୍ମୀ ସମ୍ମିଳନୀ

ବୋଲଗଡ଼ ବ୍ଲକ ବାଙ୍କୋଇ ଦେଶ ପଞ୍ଚାୟତସ୍ତରୀୟ କଂଗ୍ରେସ କର୍ମୀ ସମ୍ମିଳନୀ ବୁଧବାର ସ୍ଥାନୀୟ ଶ୍ରୀ ଶ୍ରୀ ତାରେଶ୍ୱର ଦେବଙ୍କ ମନ୍ଦିର ନିକଟରେ ନେତା ପୃଥ୍ୱୀ ବଲ୍ଲଭ ପଟ୍ଟନାୟକଙ୍କ ନେତୃତ୍ୱରେ ଅନୁଷ୍ଠିତ ହୋଇଯାଇଛି । ବୋଲଗଡ଼ ବ୍ଲକ କଂଗ୍ରେସ କମିଟି ସଭାପତି ସଞ୍ଜୟ କୁମାର ସୁବୁଦ୍ଧିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସମ୍ମିଳନୀରେ ବାଙ୍କୋଇଦେଶ ପଞ୍ଚାୟତ ସ୍ତରୀୟ କଂଗ୍ରେସ ନୂତନ କମିଟି ଗଠନ କରାଯାଇଛି। ଉପସ୍ଥିତ କର୍ମୀଙ୍କ ସର୍ବସମ୍ମତି କ୍ରମେ ନୂତନ କମିଟିରେ ଉପଦେଷ୍ଟା ଭାବେ ମାଧବ ଚନ୍ଦ୍ର ବିଶ୍ୱାଳ, ରାଜକିଶୋର ଛୋଟରାୟ ଓ ନବ କିଶୋର ଗୁମାନସିଂହ, ସଭାପତି ଭାବେ ଶରତ କୁମାର ପାତ୍ର, ଯୁବ ସଭାପତି ବିଜୟ କୁମାର ଉତ୍ତରକବାଟ ଉପସଭାପତି ବିଜୟ କୁମାର ପ୍ରଧାନ, ଜଗମୋହନ ପାଇକରାୟ, ଆର୍ତ୍ତତ୍ରାଣ ଜେନା, ସମ୍ପାଦକ କ୍ଷେତ୍ରମୋହନ ଲେଙ୍କା, ଅନନ୍ତ ଚରଣ ଅତବୁଦ୍ଧି, ରମେଶ ସାମନ୍ତରାୟ ଓ ସୁଧାକର ମାର୍ଥା ଏବଂ କୋଷାଧ୍ୟକ୍ଷ ଭାବେ ଅକ୍ରୁର ପ୍ରଧାନ ପ୍ରମୁଖ ନୂତନ କମିଟିରେ ମନୋନୀତ ହୋଇଥିବାର ବୋଲଗଡ଼ ବ୍ଲକ ସଭାପତ ସୁବୁଦ୍ଧି ସୂଚନା ଦେଇଛନ୍ତି। ସମ୍ମିଳନୀର ପ୍ରାରମ୍ଭରେ ହେବାକୁ ଥିବା ୨୦୨୪ସାଧାରଣ ନିର୍ବାଚନ ପୂର୍ବରୁ କଂଗ୍ରେସ ଦଳର ସଂଗଠନକୁ ୱାର୍ଡସ୍ତରରେ ମଜଭୁତ କରିବା ସହିତ ସମସ୍ତ କର୍ମୀ ନିଷ୍ଠାପର ଭାବେ କାର୍ଯ୍ୟ କରିବାକୁ ମତପ୍ରକାଶ ପାଇଥିଲା। ଏଥି ସହିତ କଂଗ୍ରେସ ସରକାର ଥିବା ସମୟରେ ଲୋକମାନଙ୍କ ପାଇଁ ହୋଇଥିବା ଜନହିତକର କାର୍ଯ୍ୟ ଗୁଡିକୁ ନେଇ ଜନସମ୍ପର୍କ ରକ୍ଷା କରିବା ପାଇଁ କହିଥିଲେ। ଏହି ବୈଠକରେ ସୀମାଞ୍ଚଳ ଖଣ୍ଡାଇ, ଜୟକୃଷ୍ଣ ପ୍ରହରାଜ ପ୍ରମୁଖ ଯୋଗଦେଇଥିଲେ।

## ଲଡୁବାବା ମଠରେ ଝୁଲଣ ଯାତ୍ରା



ଟାଙ୍ଗୀ(ଖୋର୍ଦ୍ଧା)୩୦/୮(ରଘୁନାଥ ସାହୁ)

ଟାଙ୍ଗୀ ବରପାଟଣା ସାହି ସ୍ଥିତ ଲଡୁବାବା ମଠରେ ଆଧ୍ୟାତ୍ମିକ ପରିବେଶରେ ରାଧାକୃଷ୍ଣଙ୍କ ମୂର୍ତ୍ତିକୁ ସୁସଜ୍ଜିତ ଝୁଲାରେ ରଖାଯାଇ ପୂଜାର୍ଚ୍ଚନା କରାଯାଇଥିଲା। ଏହି ଝୁଲଣ ଯାତ୍ରା କାର୍ଯ୍ୟକ୍ରମରେ ଅଞ୍ଚଳର ଶତାଧିକ ଶ୍ରଦ୍ଧାଳୁ ଯୋଗଦେଇ ସଂକୀର୍ତ୍ତନ ଭଜନ ଗାନ କରିଥିଲେ। ଏକ ଆଧ୍ୟାତ୍ମିକ ପରିବେଶ ସୃଷ୍ଟି ହୋଇଥିଲା।

# ବିବେକାନନ୍ଦ ଶିକ୍ଷାକେନ୍ଦ୍ରର ପ୍ରତିଷ୍ଠା ଉତ୍ସବ

ବୋଲଗଡ଼,୩୦।୮(ଦେବବ୍ରତ ହୋତା)

ବୋଲଗଡ଼ ବିବେକାନନ୍ଦ ଶିକ୍ଷାକେନ୍ଦ୍ରର ପ୍ରତିଷ୍ଠା ଉତ୍ସବ ପବିତ୍ର ଗହ୍ମାପୂର୍ଣ୍ଣମୀ ଅବସରରେ ବୁଧବାର ଅନୁଷ୍ଠିତ ହୋଇଯାଇଛି। ପ୍ରାରମ୍ଭରେ ଛାତ୍ରୀଛାତ୍ରୀଙ୍କ ଦ୍ୱାରା ଗାୟତ୍ରୀ ମନ୍ତ୍ରୋଚାରଣ କରାଯାଇ ସଭାକାର୍ଯ୍ୟକୁ ଆରମ୍ଭ କରାଯାଇଥିଲା। ବିବେକାନନ୍ଦଙ୍କ ଫଟୋ ଚିତ୍ରରେ ଅତିଥିମାନେ ପୁଷ୍ପମାଲ୍ୟାର୍ପଣ କରିଥିଲେ। ସଭାରେ ଶିକ୍ଷାନୁଷ୍ଠାନର ସଭାପତି ଲଲାଟେନ୍ଦୁ କେଶରୀ ସିଂହଙ୍କ ସଭାପତିତ୍ୱରେ ମୁଖ୍ୟ ଅତିଥି ଭାବେ ଐତିହାସିକ ରବୀନ୍ଦ୍ର କୁମାର ପରିଡ଼ା ଯୋଗଦେଇ ବିବେକାନନ୍ଦ ଶିକ୍ଷାକେନ୍ଦ୍ରର ଶିକ୍ଷାଦାନ ପ୍ରଣାଳୀକୁ ପ୍ରଶଂସା କରିଥିଲେ। ଏହି ସଭାକୁ ପ୍ରଧାନ ଆଚାର୍ଯ୍ୟ ଶ୍ରୀବତ୍ସ ଷଡଙ୍ଗୀ ପରିଚାଳନା କରିଥିବା ବେଳେ ଶିକ୍ଷାନୁଷ୍ଠାନର ସମସ୍ତ ଗୁରୁଜୀ ଓ ଗୁରୁମା ସହଯୋଗ କରିଥିଲେ। ସଭାରେ ସନାତନ ପାଟ୍ଟଶାଣୀ, ଅମୁଲି ସାମନ୍ତରାୟ, ରାଧାମୋହନ ସାହୁ ପ୍ରମୁଖ ଯୋଗଦେଇ ଛାତ୍ରୀଛାତ୍ରମାନଙ୍କୁ ଉତ୍ସାହିତ କରିଥିଲେ। ଅନୁଷ୍ଠାନର ଉପ-ସଭାପତି କୈଳାସ ଚନ୍ଦ୍ର ସାହୁ ଧନ୍ୟବାଦ ଦେଇଥିଲେ।

# ଗୁଗୁ ୟୁନାଇଟେଡ୍ ଚାମ୍ପିୟନ



ଫୁଟବଲ୍ ପ୍ରିମିୟର ଲିଗ୍ ଫାଇନାଲ ମ୍ୟାଚ୍‌ର ଖେଳାଳିମାନେ।

ବୋଲଗଡ,୩୦।୮(ଦେବବ୍ରତ ହୋତା)

## ଫୁଟବଲ୍ ପ୍ରିମିୟର ଲିଗ

ସ୍ଥାନୀୟ ବାମନ ସରକାରୀ ଉଚ୍ଚ ବିଦ୍ୟାଳୟ ମିନି ଷ୍ଟାଡିୟମରେ ଚାଲିଥିବା ୫ମ ବୋଲଗଡ ଫୁଟବଲ ପ୍ରିମିୟର ଲିଗ୍‌ର ବୁଧବାର ଫାଇନାଲ ମ୍ୟାଚ ଅନୁଷ୍ଠିତ ହେବା ସହ ଉଦ୍‌ଯାପିତ ହୋଇଛି। ଏଥିରେ ଗୁଗୁ ୟୁନାଇଟେଡ ଓ ଡବ୍ଲ୍ୟୁ ୱାରିଅର୍ସ ପରସ୍ପରକୁ ଭେଟିଥିଲେ। ନିର୍ଦ୍ଧାରିତ ସମୟସୀମା ମଧ୍ୟରେ ଉଭୟେ ଉଭୟଙ୍କୁ ଗୋଟିଏ ଲେଖାଏ ଗୋଲ ସ୍କୋର କରିବାରୁ ମ୍ୟାଚ ଅମୀମାଂସିତ ରହିଥିଲା। ଫଳରେ ଚାମ୍ପିୟନ ନିର୍ଣ୍ଣୟ ପାଇଁ ଟାଇବ୍ରେକରର ସହାୟତା ନିଆଯାଇଥିଲା। ଏଥିରେ ଗୁଗୁ ୟୁନାଇଟେଡ ଦଳ ୧-୦ ଗୋଲ ବ୍ୟବଧାନରେ ଜିତି ଚାମ୍ପିୟନ ଆଖ୍ୟା ଅର୍ଜନ କରିଥିଲା। ସ୍ଥାନୀୟ ଜିଲା ପରିଷଦ ସଭ୍ୟା ସୁନନ୍ଦିତ ସାହୁ ଓ ସାମାଜିକ କର୍ମୀ ଶୁଭେନ୍ଦୁ ସାହୁ ଅତିଥି ଭାବେ ଯୋଗଦେଇ ଚାମ୍ପିୟନ ଗୁଗୁ ୟୁନାଇଟେଡ ଦଳକୁ ଟ୍ରଫି ସହ ୪ହଜାର ଟଙ୍କା ଓ ରନର୍ସ ଅପ୍ ଡବ୍ଲ୍ୟୁ ୱାରିଅର୍ସ ଦଳକୁ ଟ୍ରଫି ସହ ୨ହଜାର ଟଙ୍କା ପ୍ରଦାନ କରିଥିଲେ। ଏହି ମ୍ୟାଚିକୁ ମୁଖ୍ୟ ରେଫରି ଭାବେ ସଞ୍ଜୟ ଫତେସିଂହ ପରିଚାଳନା କରିଥିବା ବେଳେ ଲାଇନ୍ସରେ ଭଞ୍ଜକିଶୋର ଯତି ସହାୟତା କରିଥିଲେ। ସ୍ଥାନୀୟ ଫ୍ରେଣ୍ଡସ କ୍ଲବ ଆନୁକୁଲ୍ୟରେ ଅନୁଷ୍ଠିତ ଟୁର୍ଣ୍ଣାମେଣ୍ଟକୁ ଏହାର କର୍ମକର୍ତ୍ତା ଓ ସଦସ୍ୟମାନେ ପରିଚାଳନା କରିଥିଲେ।

# ଶୁଣିଲେନି ସରକାର, ବିକାଶ ମଞ୍ଚର ଆନ୍ଦୋଳନ ଚେତାବନୀ

ବେଗୁନିଆ,୩୦।୮(ହରପ୍ରସନ୍ନ ପଣ୍ଡା)

## ବେଗୁନିଆକୁ ଏନ୍‌ଏସି ଘୋଷଣା ଦାବି ତେଜିଲା

ଖୋର୍ଦ୍ଧା ଜିଲା ଅନ୍ତର୍ଗତ ବେଗୁନିଆକୁ ଦୀର୍ଘ ୩୦ ବର୍ଷ ହେଲା ବିଜ୍ଞାପିତ ଅଞ୍ଚଳ ପରିଷଦ(ଏନ୍‌ଏସି) ଘୋଷଣା କରିବାକୁ ଦାବି ହୋଇ ଆସୁ ଥିବାବେଳେ ରାଜ୍ୟ ସରକାର ଉପେକ୍ଷା କରୁଛନ୍ତି। ଏନ୍‌ଏସି ମାନ୍ୟତା ପାଇଁ ସମସ୍ତ ଯୋଗ୍ୟତା ବହନ କରୁଥିବାରୁ ୧୯୯୨ରୁ ବାରମ୍ବାର ଏହି ଦାବି ହୋଇ ଆସୁଥିଲେ ମଧ୍ୟ ରାଜ୍ୟ ସରକାର ଏହାକୁ ଅଣଦେଖା କରି ନିକଟବର୍ତ୍ତୀ ଅନ୍ୟ କେତେକ ଅଞ୍ଚଳକୁ ଏନ୍‌ଏସି ଘୋଷଣା କରିଥିବାରୁ ବେଗୁନିଆ ଅଞ୍ଚଳବାସୀଙ୍କ ପକ୍ଷରୁ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି। ଅନ୍ୟପକ୍ଷେ ଗତ ୨୨ତାରିଖରେ ହୋଇଥିବା ୫-ଟି ସଚିବଙ୍କ ବେଗୁନିଆ ଜନ ଅଭିଯୋଗ ଶୁଣାଣି ସମାବେଶରେ ବୁଦ୍ଧିଜୀବୀଙ୍କ ପକ୍ଷରୁ ପୁନର୍ବାର ଦାବି ହୋଇଛି। ଏହାକୁ ବିଚାରକୁ ନେବା ସହ ମୁଖ୍ୟମନ୍ତ୍ରୀଙ୍କୁ ଅବଗତ କରାଇବା ପରେ ୨୯ ସୁଦ୍ଧା ନିଷ୍ପତ୍ତି ନିଆଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ହେଲେ କୌଣସି ସୁଫଳ ମିଳିଲାନି। ଏହାକୁ ନେଇ ଏକ ବଡ଼ଧରଣର ଆନ୍ଦୋଳନ ପାଇଁ ବେଗୁନିଆ ବିକାଶ ମଞ୍ଚ ପକ୍ଷରୁ ଚେତାବନୀ ଦିଆଯାଇଛି।

ପ୍ରକାଶ ଥାଉକି, ବେଗୁନିଆ ପଞ୍ଚାୟତ ପକ୍ଷରୁ ଏନ୍‌ଏସି ପ୍ରସ୍ତାବିତ ଏକ ଚିଠି ନଂ. ୨୧/୧୬.୨.୨୦୧୫ରେ ଗୃହ ଓ ନଗର ଉନ୍ନୟନ ମନ୍ତ୍ରୀଙ୍କୁ ପ୍ରଦାନ କରାଯାଇଥିଲା। ଭୌଗୋଳିକ ସ୍ଥିତି, ବର୍ଦ୍ଧିତ ଜନସଂଖ୍ୟା ଓ ଆବଶ୍ୟକତା ଦୃଷ୍ଟିରୁ ଏପରି ଦାବିର ବେଶ୍ ଗୁରୁତ୍ୱ ରହିଛି। ଏଠାକୁ ବେଗୁନିଆ ବ୍ଲକର ୨୧ ଓ ବୋଲଗଡ ବ୍ଲକର ୭ଟି ପଞ୍ଚାୟତର ଜନସାଧାରଣ ଦୈନିକ ବିଭିନ୍ନ କାର୍ଯ୍ୟ ନେଇ ଆସିଥାନ୍ତି। ବେଗୁନିଆ ପଞ୍ଚାୟତର ଜନ ସଂଖ୍ୟା ବୃଦ୍ଧି ପାଇବାରୁ ୧୯୯୨ରେ ୧୫ ହଜାରରୁ ଅଧିକ ଜନସଂଖ୍ୟାକୁ ଦୃଷ୍ଟିରେ ରଖି ଭାଗ କରାଯାଇ ନୂତନ ରାଧାକାନ୍ତପୁର ପଞ୍ଚାୟତ ଗଠନ କରାଯାଇଥିଲା। ହେଲେ ବର୍ତ୍ତମାନ ବେଗୁନିଆର ଜନ ସଂଖ୍ୟା ପ୍ରାୟ ୨୫ ହଜାରରୁ ଅଧିକ ହେବ। ଏହି ପଞ୍ଚାୟତର ବାର୍ଷିକ ରାଜସ୍ୱ ଆଦାୟ ପ୍ରାୟ ୩୫ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କାରେ ପହଞ୍ଚିଛି। ଏ ସମସ୍ତ ଯୋଗ୍ୟତାକୁ ନେଇ ବେଗୁନିଆକୁ ଏନ୍‌ଏସି ଘୋଷଣା କରିବା ପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ତୁରନ୍ତ ଗୁରୁତ୍ୱ ଦିଆଯାଉ ବୋଲି ବିକାଶ ମଞ୍ଚ ପକ୍ଷରୁ ଦାବି କରାଯାଇଛି। ଏ ସମ୍ପର୍କରେ ବରିଷ୍ଠ ଆଇନଜୀବୀ ସୁଶାନ୍ତ କୁମାର ରାୟ କୁହନ୍ତି, ୩୦ବର୍ଷ ହେଲା ବାରମ୍ବାର ଦାବି କରାଯାଉଛି। ପୂର୍ବତନ ନଗର ଉନ୍ନୟନ ମନ୍ତ୍ରୀ ପୁଷ୍ପେନ୍ଦ୍ର ସିଂହଦେଓଙ୍କୁ ତାଙ୍କ କାର୍ଯ୍ୟାଳୟରେ ଭେଟି ଦାବି ପତ୍ର ଦିଆଯାଇଥିଲା। ହେଲେ ସୁଫଳ ହେଲାନି। ବିକାଶ ମଞ୍ଚର ଆବାହକ ଶିବ ମୁନି କୁହନ୍ତି, ସମସ୍ତ ଯୋଗ୍ୟତା ଥାଇ ମଧ୍ୟ ବେଗୁନିଆକୁ ଏନ୍‌ଏସି ଘୋଷଣା ନ କରିବା ଅତ୍ୟନ୍ତ ନିନ୍ଦନୀୟ। ଏ ନେଇ ଖୁବ୍‌ଶୀଘ୍ର ଆନ୍ଦୋଳନକୁ ଓହ୍ଲାଇବୁ। ଜନ କଲ୍ୟାଣ ପ୍ରତିଷ୍ଠାନର ସଭାପତି ଅକ୍ଷୟ ରଥ କୁହନ୍ତି, ବେଗୁନିଆ ବାସୀଙ୍କ ପାଇଁ ବହୁ ମୌଳିକ ସମସ୍ୟା ଲାଗିରହିଛି। ହେଲେ ରାଜ୍ୟ ସରକାର ଦୁଃଖ ବୁଝିଲେ ନାହିଁ। ଫଳରେ ଜନସାଧାରଣଙ୍କ ଆସ୍ଥା ତୁଟିବା ସହ ୨୦୨୪ ନିର୍ବାଚନ ସମୟରେ ଜବାବ ଦେବାକୁ ପ୍ରତିଷ୍ଠାନ ପକ୍ଷରୁ ନିଷ୍ପତ୍ତି ନିଆଯାଇଛି।


## ସ୍ୱାୟତ୍ତ ଶାସନ ଦିବସ-୨୦୨୩

ପାଳନ ଅବସରରେ

**କଟକ ମହାନଗର ନିଗମ** ତରଫରୁ ହାର୍ଦ୍ଦିକ ଅଭିନନ୍ଦନ

**କାର୍ଯ୍ୟସୂଚୀ**

**ତା.୩୧.୦୮.୨୦୨୩ ରିଖ ପୂର୍ବାହ୍ନ ଘ. ୮.୦୦ ମି ଠାରୁ...**

ଉଦ୍‌ଘାଟକ **ଶ୍ରୀଯୁକ୍ତ ଭର୍ତ୍ତୃହରି ମହତାବ,** ମାନ୍ୟବର ସାଂସଦ, କଟକ

**ସମ୍ମାନନୀୟ ଅତିଥିବୃନ୍ଦ -**

**ଶ୍ରୀଯୁକ୍ତ ଦେବୀ ପ୍ରସାଦ ମିଶ୍ର,** ମାନ୍ୟବର ବିଧାୟକ, ବଡ଼ମ୍ବା
**ଶ୍ରୀଯୁକ୍ତ ପ୍ରତାପ ଜେନା,** ମାନ୍ୟବର ବିଧାୟକ, ମାହାଙ୍ଗା
**ଶ୍ରୀଯୁକ୍ତ ପ୍ରମୋଦ କୁମାର ମଲ୍ଲିକ,** ମାନ୍ୟବର ବିଧାୟକ, ନିଆଳି
**ଶ୍ରୀଯୁକ୍ତ ଚନ୍ଦ୍ରସାରଥି ବେହେରା,** ମାନ୍ୟବର ବିଧାୟକ, କଟକ ସଦର
**ଶ୍ରୀଯୁକ୍ତ ଇଂ ମହମ୍ମଦ ମୋକିମ,** ମାନ୍ୟବର ବିଧାୟକ, ବାରବାଟୀ କଟକ
**ଶ୍ରୀଯୁକ୍ତ ସୌଭିକ ବିଶ୍ୱାଳ,** ମାନ୍ୟବର ବିଧାୟକ, ଚୌଦ୍ୱାର, କଟକ
**ଶ୍ରୀଯୁକ୍ତ ପ୍ରଶାନ୍ତ ବେହେରା,** ମାନ୍ୟବର ବିଧାୟକ, ସାଲେପୁର
**ଶ୍ରୀଯୁକ୍ତ ଦେବୀ ରଞ୍ଜନ ତ୍ରିପାଠୀ,** ମାନ୍ୟବର ବିଧାୟକ, ବାଙ୍କୀ
**ଶ୍ରୀଯୁକ୍ତ କିଶୋର ଚନ୍ଦ୍ର ମିଶ୍ର,** ମାନ୍ୟବର ଅଧ୍ୟକ୍ଷ, ଜିଲ୍ଲା ପରିଷଦ, କଟକ
**ଶ୍ରୀଯୁକ୍ତ ଅନିଲ କୁମାର ସାମଲ,** ଅଧ୍ୟକ୍ଷ, କଟକ ଉନ୍ନୟନ କର୍ତ୍ତୃପକ୍ଷ
**ଶ୍ରୀଯୁକ୍ତ ଭବାନୀ ଶଙ୍କର ଚୟନୀ,** ଜିଲ୍ଲାପାଳ, କଟକ
**ଶ୍ରୀଯୁକ୍ତ ପିନାକ୍ ମିଶ୍ର,** ଡିସିପି, କମିଶନରେଟ ପୋଲିସ, କଟକ
**ଶ୍ରୀଯୁକ୍ତ ଦେବାଶିଷ ସାମନ୍ତରାୟ,** ପୂର୍ବତନ ବିଧାୟକ ତଥା ସଭାପତି, କଟକ ମହାନଗର ନିଗମ କର୍ମଚାରୀ ସଂଘ
**ଶ୍ରୀଯୁକ୍ତ ପ୍ରଭାତ ତ୍ରିପାଠୀ,** ପୂର୍ବତନ ବିଧାୟକ ତଥା ସଭାପତି, କଟକ ମହାନଗର ନିଗମ ମେହେନ୍ତର ସଂଘ

**ସନ୍ଧ୍ୟା ଘ. ୬.୦୦ମିରେ ୱିଣ୍ଡସର ପ୍ୟାଲେସ, ସିଡିଏ ଠାରେ**

୧. ସ୍ୱାୟତ୍ତ ଶାସନ ଦିବସ ସାଧାରଣ ସଭା
୨. ନିଗମ ଅଞ୍ଚଳରେ କୃତିତ୍ୱ ଅର୍ଜନ କରିଥିବା ବିଶିଷ୍ଟ ବ୍ୟକ୍ତିବିଶେଷମାନଙ୍କୁ ମାନପତ୍ର ପ୍ରଦାନ ଏବଂ ସମ୍ବର୍ଦ୍ଧନା ଜ୍ଞାପନ
୩. ବିଭିନ୍ନ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିବା କୃତୀ ଛାତ୍ରଛାତ୍ରୀମାନଙ୍କୁ ପୁରସ୍କାର ବିତରଣ
୪. ନିଗମର କର୍ତ୍ତବ୍ୟନିଷ୍ଠ କର୍ମଚାରୀଙ୍କୁ ତାଙ୍କର ଉଲ୍ଲେଖନୀୟ କାର୍ଯ୍ୟ ନିମନ୍ତେ ପୁରସ୍କାର ବିତରଣ

**ଶ୍ରୀଯୁକ୍ତ ନିଖିଳ ପବନ୍ କଲ୍ୟାଣ, ଭା.ପ୍ର.ସେ.** ଆୟୁକ୍ତ
**ସୁଶ୍ରୀ ଦମୟନ୍ତୀ ମାଝୀ** ଡେପୁଟି ମେୟର
**ଶ୍ରୀଯୁକ୍ତ ସୁବାସ ଚନ୍ଦ୍ର ସିଂ** ମେୟର

**ନିଗମର ସମସ୍ତ କର୍ପୋରେଟର, ସମସ୍ତ ଅଧିକାରୀ ଏବଂ କର୍ମଚାରୀବୃନ୍ଦ**

**ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ ପକ୍ଷରୁ ରକ୍ଷାବନ୍ଧନ ଉତ୍ସବ**

ମାଣିଆବନ୍ଧ,(ଅଖିଳ ସାହୁ): ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ ବଡ଼ମ୍ବା ଖଣ୍ଡ ପକ୍ଷରୁ ମାଣିଆବନ୍ଧ, ସନ୍ତରାବାଲୀ ଓ ତାଳମୁଣ୍ଡଳୀ ପଞ୍ଚାୟତର ହରିଜନ ଓ ଶବରସାହିରେ ରକ୍ଷାବନ୍ଧନ ଉତ୍ସବ ପାଳନ କରାଯାଇଛି। ସଂଘର ସେବକମାନେ ସମାଜରେ ସମରସତା ଆଣିବା ପାଇଁ ଏହି ୩ ପଞ୍ଚାୟତକୁ ଯାଇ ସମସ୍ତ ଅଧିବାସୀଙ୍କ ହାତରେ ରାଖୀ ବାନ୍ଧିଥିଲେ। ବଡ଼ମ୍ବା ଖଣ୍ଡ ସମରସତା ପ୍ରମୁଖ ଜନାର୍ଦ୍ଦନ ଦେବତା, ବଡ଼ମ୍ବା ଖଣ୍ଡ ଧର୍ମଜାଗରଣ ପ୍ରମୁଖ ପୀତବାସ କରଣ, କଟକ ଜିଲ୍ଲା ମୁଖ୍ୟ ମାର୍ଗ ପ୍ରମୁଖ ରମେଶ ଚନ୍ଦ୍ର ବେହେରା, ମାଣିଆବନ୍ଧ ସାପ୍ତାହିକ ମିଳନ ପ୍ରମୁଖ ନିରାକାର ନାହା, ବୈକୁଣ୍ଠନାଥ ସାହୁ, ଶିକ୍ଷକ ସତ୍ୟବ୍ରତ ସେଠୀ ଓ ପଦ୍ମଲୋଚନ ନାୟକ ଉପସ୍ଥିତ ଥିଲେ।

**ଆଜି କ'ଣ କେଉଁଠି**

କଟକ

- ଅଲ୍ ଓଡ଼ିଶା କ୍ୟାରମ୍ ଟୁର୍ଣ୍ଣାମେଣ୍ଟ, ବାରବାଟୀ ଷ୍ଟାଡିୟମ୍, ପୂର୍ବାହ୍ନ ୧୧ଟା।

**ସଂକ୍ଷେପରେ**

## ରଶି ବାନ୍ଧି ଯୁବକଙ୍କ ଆତ୍ମହତ୍ୟା

ଚୌଦ୍ୱାର,୩୦।୮(ଆଶୁତୋଷ ଦାସ)

ଚୌଦ୍ୱାର ପୌରପାଳିକାର ୫ ନମ୍ବର ୱାର୍ଡ ଅନ୍ତର୍ଗତ ବ୍ରାହ୍ମଣ ସାହିରେ ଜଣେ ଯୁବକ ବେକରେ ରଶି ବାନ୍ଧି ଫ୍ୟାନ୍‌ରେ ଝୁଲି ଆତ୍ମହତ୍ୟା କରିଛନ୍ତି। ତାଙ୍କ ନାମ ରାଜେଶ କୁମାର ସାହୁ(୩୮)। ବୁଧବାର ପୂର୍ବାହ୍ନ ୧୧ଟାରେ ସେ ତାଙ୍କ ଭଉଣୀ ହାତରୁ ରାଖୀ ପିନ୍ଧିବା ସହ ମିଠା ଖାଇ ବାହାରକୁ ଚାଲି ଯାଇଥିଲେ। ପରିବାର ଲୋକେ ଯେ ଯାହାର କାର୍ଯ୍ୟରେ ବ୍ୟସ୍ତ ଥିବାବେଳେ ରାଜେଶ ଘରକୁ ଫେରି ନିଜ ଶୋଇବା ଘରେ ପଶି ଭିତରପଟୁ କବାଟ ବନ୍ଦ କରିଦେଇଥିଲେ। ପରିବାର ଲୋକେ ତାଙ୍କୁ ଖାଇବା ପାଇଁ ଡାକିଥିଲେ ମଧ୍ୟ ସେ କବାଟ ଖୋଲି ନ ଥିଲେ। ପରେ ପରିବାର ଲୋକେ କୌଣସିମତେ କବାଟ ଖୋଲି ଭିତରକୁ ଯିବାରୁ ରାଜେଶଙ୍କ ମୃତଦେହ ଫ୍ୟାନ୍‌ରେ ଝୁଲୁଥିବା ଦେଖିବାକୁ ମିଳିଥିଲା। ଆତ୍ମହତ୍ୟାର କାରଣ ଅସ୍ପଷ୍ଟ ରହିଛି। ଚୌଦ୍ୱାର ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିବା ସହ ମୃତଦେହ ବ୍ୟବଚ୍ଛେଦ ପାଇଁ କଟକ ବଡ଼ ଡାକ୍ତରଖାନା ପଠାଇଦେଇଛି।

## ବାଙ୍କୀ ଭାଜପା ପକ୍ଷରୁ ରାଜ୍ୟ ସରକାରଙ୍କ ବିରୋଧରେ ଆନ୍ଦୋଳନ

ବାଙ୍କୀ,୩୦।୮(ଜ୍ଞାନେନ୍ଦ୍ର ମୋହନ ମିଶ୍ର)

ବାଙ୍କୀ ଭାଜପା ପକ୍ଷରୁ ବୁଧବାର ବରିଷ୍ଠ ଭାଜପା ନେତା ଶୁଭ୍ରାଂଶୁ ମୋହନ ପାଢ଼ୀଙ୍କ ନେତୃତ୍ୱରେ ବ୍ରହ୍ମପୁରା ମଣ୍ଡଳ ସଭାପତି ବିଜୟ ବରାଡ଼ଙ୍କ ସଂଯୋଜନାରେ ରାଜ୍ୟ ସରକାରଙ୍କ ଦୁର୍ନୀତି ଓ ଭ୍ରଷ୍ଟାଚାର ବିରୋଧରେ ଗୋଲାଗଣ୍ଡ ରଘୁନାଥ ମନ୍ଦିର ପ୍ରାଙ୍ଗଣରେ ଏକ ପ୍ରତିବାଦ ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ସ୍ଥାନୀୟ ଅଞ୍ଚଳର ଦୁର୍ନୀତି ଓ ଭ୍ରଷ୍ଟାଚାର ଉପରେ ଲୋକଙ୍କୁ ସଚେତନ କରାଯିବା ସହ କେନ୍ଦ୍ର ସରକାରଙ୍କ ଲୋକାଭିମୁଖୀ କାର୍ଯ୍ୟ ସମ୍ପର୍କରେ ଆଲୋକପାତ କରାଯାଇଥିଲା। କଟକ ଜିଲା କୃଷକ ମୋର୍ଚ୍ଚା ସଭାପତି ଉତ୍କଳ କେଶରୀ ମନ୍ତ୍ରୀ ଏଥିରେ ଯୋଗଦେଇ ଗରିବ ଲୋକମାନଙ୍କୁ ବିଜେଡି ସରକାର କିପରି ଶୋଷଣ କରୁଛି ତାହା ଉପରେ ବକ୍ତବ୍ୟ ରଖିଥିଲେ। ଏହି କାର୍ଯ୍ୟକ୍ରମକୁ ସଞ୍ଜୟ ଦଳେଇ, ସୁଶାନ୍ତ କୁମାର କର, ରମେଶ ଚନ୍ଦ୍ର ମଲ୍ଲିକ, ସୁବୋଧ ମାନସିଂହ, ବିଘ୍ନରାଜ ପ୍ରଧାନ, ଜୀବନ ପ୍ରହରାଜ ପ୍ରମୁଖ ଉପସ୍ଥିତ ରହି ପରିଚାଳନା କରିଥିଲେ।

## ଖାନ୍‌ନଗର ହାଇସ୍କୁଲରେ ବିଜ୍ଞାନ ପ୍ରଦର୍ଶନୀ

କଟକ,୩୦।୮(ସୁପ୍ରିୟା ପ୍ରିୟଦର୍ଶିନୀ)

ଖାନ୍‌ନଗର ସରକାରୀ ହାଇସ୍କୁଲରେ ବିଦ୍ୟାଳୟସ୍ତରୀୟ ବିଜ୍ଞାନ ପ୍ରଦର୍ଶନୀ ଅନୁଷ୍ଠିତ ହୋଇଯାଇଛି। ଓଡ଼ିଶା ସରକାରୀ ମୁଦ୍ରଣାଳୟର ନିର୍ଦ୍ଦେଶକ ହେମନ୍ତ କୁମାର ମିଶ୍ର ଏହାକୁ ଉଦ୍‌ଘାଟନ କରିଥିଲେ। ପ୍ରଧାନ ଶିକ୍ଷକ ଅକ୍ଷୟ କୁମାର ଷଡ଼ଙ୍ଗୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଓଡ଼ିଶା ଆୟୁର୍ବେଦ ଚିକିତ୍ସକ ସଂଘ ସମ୍ପାଦକ ଡ. ଦୀନବନ୍ଧୁ ମହାରଣା ମୁଖ୍ୟ ଅତିଥି, କଟକ ଜିଲା ବିଜ୍ଞାନ ସୁପରଭାଇଜର ଅକ୍ଷୟ କୁମାର ନନ୍ଦ ମୁଖ୍ୟବକ୍ତା, ଏବିଇଓ ଅନନ୍ତ ଚରଣ ଦେହୁରୀ, ଡ. ଅକ୍ଷୟ କୁମାର ଭଦ୍ର, ଅବସରପ୍ରାପ୍ତ ବିଜ୍ଞାନ ଶିକ୍ଷକ ପ୍ରେମାନନ୍ଦ ମହାନ୍ତି ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଦୀପିକା ବିଦ୍ଧାଣୀ, ସନ୍ତୋଷ କୁମାର ଖୁଣ୍ଟିଆ, କାଞ୍ଚନ ନାୟକ, ତପସ୍ୱିନୀ ଦାଶ, ସୌଦାମିନୀ ନାୟକ, ପ୍ରିୟମ୍ବଦା ବେହେରା ପ୍ରମୁଖ ଶିକ୍ଷୟିତ୍ରୀଶିକ୍ଷକଙ୍କ ତତ୍ତ୍ୱାବଧାନରେ ୬୫ରୁ ଊର୍ଦ୍ଧ୍ୱ ପ୍ରକଳ୍ପ ପ୍ରଦର୍ଶିତ ହୋଇଥିଲା। ସେଥିମଧ୍ୟରୁ କନିଷ୍ଠ ଓ ବରିଷ୍ଠ ବର୍ଗରୁ ୩ଟି ଲେଖାଏଁ ଶ୍ରେଷ୍ଠ ପ୍ରକଳ୍ପକୁ ପୁରସ୍କାର ପାଇଁ ମନୋନୀତ କରାଯାଇଥିଲା। ଗୀତାଞ୍ଜଳି ସାହୁ, ବିଜୟଲକ୍ଷ୍ମୀ ସାହୁ, ଜଗବନ୍ଧୁ ମଲ୍ଲିକ, ସୁଜାତା ମହାପାତ୍ର, ଜୟାଧର୍ମ ସେନାପତି, କଳ୍ପନା ସାହୁ, କଳ୍ପନା ମିଶ୍ର, ନମିତା ପ୍ରଧାନ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ଶିକ୍ଷୟିତ୍ରୀ ଦୀପ୍ତିବାଳା ସାହୁ ଧନ୍ୟବାଦ ଦେଇଥିଲେ।

# ନିର୍ମାଣ ବିଳମ୍ବ: ଯାତାୟାତରେ ବାଧା

ନିଶ୍ଚିନ୍ତକୋଇଲି,୩୦।୮ (ଅଶୋକ କୁମାର ମହାପାତ୍ର)

କଟକ ଜିଲା ନିଶ୍ଚିନ୍ତକୋଇଲି ଗ୍ରାମ୍ୟ ଉନ୍ନୟନ ବିଭାଗ ସହକାରୀ ନିର୍ବାହୀ ଯନ୍ତ୍ରୀଙ୍କ ଅଧୀନରେ ଥିବା କେନ୍ଦୁପାଟଣା–ରାଇସୁଙ୍ଗୁଡା ପ୍ରଧାନମନ୍ତ୍ରୀ ଗ୍ରାମ ସଡ଼କ ନିର୍ମାଣରେ ବିଳମ୍ବ ଯୋଗୁ ଯାତାୟାତରେ ବାଧା ଉପୁଜୁଥିବା ଅଭିଯୋଗ ହୋଇଛି। ଅବଧି ଶେଷ ହୋଇଥିଲେ ମଧ୍ୟ କାର୍ଯ୍ୟ ମନ୍ଥର ଗତିରେ ଚାଲିଛି। ଏହି କାମ କେବେ ସରିବ ସେନେଇ ଅନିଶ୍ଚିତତା ଦେଖାଦେଇଛି।

ସାମାଜିକ କର୍ମୀ ଅମିୟ କୁମାର ବିଶ୍ୱାଳ, ପ୍ରଶାନ୍ତ କୁମାର ନାୟକ, ପୂର୍ବତନ ସରପଞ୍ଚ ଦିଲୀପ କୁମାର ରାଉତ, ସଞ୍ଜୟ କୁମାର ବେହେରା ପ୍ରମୁଖ କହିଛନ୍ତି, ସାଲେପୁର ପୂର୍ତ୍ତ ବିଭାଗ ଅଧୀନରେ କଟକ–ଚାନ୍ଦବାଲି ରାସ୍ତାର ନିଶ୍ଚିନ୍ତକୋଇଲି ବ୍ଲକ କେନ୍ଦୁପାଟଣା ଛକଠାରୁ ରାଇସୁଙ୍ଗୁଡା ଭାୟା କାଜିହାଟ ରାସ୍ତା ରହିଛି। ଏହି ରାସ୍ତା ଉପରେ ଗମନାଗମନ ପାଇଁ ଦୈନନ୍ଦିନ ସ୍ଥାନୀୟ ଜିମ୍ପିପୁର, ନତକାଇ, ରାମକୃଷ୍ଣପୁର, ଫଗୋଳ, ଜୟରାମପୁର, ବରାଦୋ, କେନ୍ଦୁପାଟଣା ସମେତ ସାଲେପୁର ଏବଂ ମାହାଙ୍ଗା ବ୍ଲକର ବହୁ ପଞ୍ଚାୟତର ଲୋକେ ଓ ସ୍କୁଲ, କଲେଜ ଛାତ୍ରୀଛାତ୍ର ନିର୍ଭର କରିଥାନ୍ତି। ଦୀର୍ଘଦିନ ହେଲା ଏହି ରାସ୍ତାଟି ଶୋଚନୀୟ ହୋଇପଡ଼ିଥିଲା। ରାସ୍ତା ଅବସ୍ଥା ଶୋଚନୀୟ ହେତୁ ଦୈନନ୍ଦିନ ଛୋଟବଡ଼ ଦୁର୍ଘଟଣା ଘଟୁଥିଲା। ରାସ୍ତାର ପୁନରୁଦ୍ଧାର ନିମନ୍ତେ ଏହି ରାସ୍ତାକୁ ପ୍ରଧାନମନ୍ତ୍ରୀ ଗ୍ରାମ ସଡ଼କ ଯୋଜନାରେ ଅନ୍ତର୍ଭୁକ୍ତ କରାଯାଇଥିଲା। ଏହି ରାସ୍ତାର କେନ୍ଦୁପାଟଣା ଛକଠାରୁ




ପ୍ରଧାନମନ୍ତ୍ରୀ ଗ୍ରାମ ସଡ଼କ ନିର୍ମାଣ ଲାଗି ଥିବା ସୂଚନା ଫଳକ।



ଚାଲିଥିବା କାମର ରାସ୍ତା ପାର୍ଶ୍ୱ ଖାଲରେ ଡଷ୍ଟ, ଚିପ୍ ବଦଳରେ ବାଲି ପକାଯାଉଛି।

**କେନ୍ଦୁପାଟଣା-ରାଇସୁଙ୍ଗୁଡ଼ା ପ୍ରଧାନମନ୍ତ୍ରୀ ଗ୍ରାମ ସଡ଼କ**

ରାଇସୁଙ୍ଗୁଡା ଭାୟା କାଜିହାଟ ପର୍ଯ୍ୟନ୍ତ ୬.୭୨୫ କିମି ନିର୍ମାଣ ନିମନ୍ତେ ୪୬୨.୭୬ ଲକ୍ଷ ଟଙ୍କା ମଞ୍ଜୁର କରାଯାଇଛି। ଟେଣ୍ଡର ମାଧ୍ୟମରେ ଠିକାଦାର ଚୟନ କରାଯାଇଥିଲା। ମାଟି କାମ ପାଇଁ ୧୮,୫୦୦ ଘନମିଟର ତଥା ୩୦୯୦ ଟ୍ରକ୍ ମାଟି ବ୍ୟବହାର କରାଯିବ। ୮୪୮ ଘନ ମିଟର ଚିପ୍‌ସ, ୩୦୪ ବଜୁରି, ୧୨୭୦ ଘନ ମିଟର ପଥର ଗୁଣ୍ଡ ଓ ୧୮୯୯ ବସ୍ତା ସିମେଣ୍ଟ ବ୍ୟବହାର କରାଯିବ। ସେହିପରି ଏହି କାମ ପାଇଁ ୧୦୦୪ ଘନମିଟର ମେଟାଲ ବ୍ୟବହାର କରାଯିବା ପାଇଁ ସୂଚନା ଫଳକରେ ଦର୍ଶାଯାଇଛି। ସେଥିମଧ୍ୟରୁ ୩.୩୨୫ କିମି ପିଚୁ ଓ ୩.୪୦୦ କିମି ପକ୍କାରାସ୍ତା କରାଯିବ। ରାସ୍ତାରେ ୪ଟି କଲଭର୍ଟ କରିବାର ବ୍ୟବସ୍ଥା ରହିଛି। ଏହି ରାସ୍ତାକୁ ମାହାଙ୍ଗା ବିଧାୟକ ପ୍ରତାପ ଜେନା ଶିଳାନ୍ୟାସ କରିଥିଲେ। ଏହି ରାସ୍ତା ନିର୍ମାଣ ୨୦୨୨ ନଭେମ୍ବର ୧୮ରୁ ଆରମ୍ଭ ହୋଇ ୨୦୨୩ ଅଗଷ୍ଟ ୧୭ରେ ଶେଷ ହେବାକଥା। ମାତ୍ର ଅବଧି ଶେଷ ହୋଇଥିଲେ ମଧ୍ୟ ମନ୍ଥର ଗତିରେ ନିର୍ମାଣ ଚାଲିଛି। ଅପରପକ୍ଷେ ଅଟକଳ ଅନୁଯାୟୀ ରାସ୍ତା ନିର୍ମାଣ କରାଯାଉ ନ ଥିବା ଅଭିଯୋଗ ହୋଇଛି। ରାସ୍ତା ନିର୍ମାଣରେ ଅତ୍ୟନ୍ତ ନିମ୍ନମାନର ନିର୍ମାଣ ସାମଗ୍ରୀ ବ୍ୟବହାର କରାଯାଉଥିଲା ବେଳେ ରାସ୍ତାପାର୍ଶ୍ୱରେ ଡଷ୍ଟ ଓ ଚିପ୍‌ସ ମିଶ୍ରଣ କରାଯାଇ ଭର୍ତ୍ତି କରାଯିବା ପରିବର୍ତ୍ତେ ବାଲି ପକାଯାଉଛି। ଏଭଳି କାର୍ଯ୍ୟ ଚାଲିଥିଲା ବେଳେ କୌଣସି ବିଭାଗୀୟ ଅଧିକାରୀ ତଦାରଖ କରୁ ନ ଥିବା କାରଣରୁ ସାଧାରଣରେ ଗଭୀର ଅସନ୍ତୋଷ ପ୍ରକାଶ ପାଇଛି। ଏହି ରାସ୍ତା ନିର୍ମାଣରେ ହେଉଥିବା ଅନିୟମିତତାର ତଦନ୍ତ କରାଯିବା ସହ ରାସ୍ତା କାର୍ଯ୍ୟ ତୁରନ୍ତ ଶେଷ କରିବାକୁ ଦାବି କରିଛନ୍ତି। ଏ ସମ୍ପର୍କରେ ନିଶ୍ଚିନ୍ତକୋଇଲି ଗ୍ରାମ୍ୟ ଉନ୍ନୟନ ସହକାରୀ ନିର୍ବାହୀ ଯନ୍ତ୍ରୀ ସରୋଜ କୁମାର ଗାହାଣଙ୍କୁ ପଚାରିବାରେ ଏହାର ତଦନ୍ତ କରି ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସେ କହିଛନ୍ତି।

## ବିଜେଡିର ମିଶ୍ରଣ ପର୍ବ

ଖୁଣ୍ଟୁଣୀ, ୩୦।୮(ସଚ୍ଚିଦାନନ୍ଦ ପଣ୍ଡା)

ଖୁଣ୍ଟୁଣୀସ୍ଥିତ ଗାନ୍ଧୀ ପଡିଆଠାରେ ଆଠଗଡ଼ ବିଜେଡିର ମିଶ୍ରଣ ପର୍ବ ବୁଧବାର ଅନୁଷ୍ଠିତ ହୋଇଯାଇଛି। ଯୁବନେତା ଅରୂପ ମହାନ୍ତି ଓ ସୁନୀଲ ବେଉରାଙ୍କ ଦ୍ୱାରା ଆୟୋଜିତ ଏହି କାର୍ଯ୍ୟକ୍ରମରେ ଆଠଗଡ଼ ବିଜେଡି ରବୀନ୍ଦ୍ର ନାଥ ରାଉତ ଅଧ୍ୟକ୍ଷତା କରିଥିଲେ। ଏଥିରେ କୃଷିମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁଙ୍କ ଉପସ୍ଥିତିରେ ୨ ନମ୍ବର ଜୋନ୍‌ର ମଣ୍ଡଳ ସଭାପତି ସୁଶାନ୍ତ ଦଳାଇ, ମଣ୍ଡଳ ଯୁବ ସଭାପତି ପ୍ରତ୍ୟୁଷ ବେଉରା, ଦଳିତ ମୋର୍ଚ୍ଚା ସଭାପତି ବରୁଣକାନ୍ତ ବେହେରା, ଖୁଣ୍ଟୁଣୀ ପଞ୍ଚାୟତ ସମ୍ପାଦକ ନିଗମାନନ୍ଦ ପ୍ରଧାନଙ୍କ ସମେତ ବହୁ ଭାଜପା କର୍ମୀ ବିଜେଡିରେ ସାମିଲ ହୋଇଥିଲେ। ଏହି ମିଶ୍ରଣ ପର୍ବରେ ଖୁଣ୍ଟୁଣୀ ସରପଞ୍ଚ କୈଳାସ ଚନ୍ଦ୍ର ଦାସ, କଣ୍ଡରେଇ ସରପଞ୍ଚ ଜ୍ଞାନରଞ୍ଜନ ଦାଶ, ରାଧାକିଶୋରପୁର ସରପଞ୍ଚ ବିନୋଦ ମାଝୀ, ଭୋଗରା ସରପଞ୍ଚ ଅଜିତ୍ ଦାସ, ଲଳିତେନ୍ଦୁ ସେନାପତି, ବିପିନ ବିହାରୀ ପ୍ରଧାନ, ନୃସିଂହ ସାହୁ ପ୍ରମୁଖ ଯୋଗଦେଇଥିଲେ।

## ଶ୍ରାବଣୀ ଉପାକର୍ମ ସହ ଗୋମାତା ସେବାକାର୍ଯ୍ୟ ଅନୁଷ୍ଠିତ



ବଡ଼ମ୍ବା ଆର୍ଯ୍ୟ ସମାଜ ପକ୍ଷରୁ ଗୋମାତାଙ୍କୁ ପୂଜା କରାଯାଉଛି।

ବଡମ୍ବା,୩୦।୮(ମାୟାଧର ମଲ୍ଲିକ)

ମାଣିଆବନ୍ଧ ଆର୍ଯ୍ୟସମାଜ ଆନୁକୂଲ୍ୟରେ ବୈଦିକ ଆଶ୍ରମ ପରିସରରେ ଶ୍ରାବଣୀ ଉପା କର୍ମ ସହ ଗୋମାତା ସେବାକାର୍ଯ୍ୟ ବୁଧବାର ଅନୁଷ୍ଠିତ ହୋଇଯାଇଛି। ଆୟୋଜିତ କାର୍ଯ୍ୟକ୍ରମରେ ସଭାପତି କାର୍ତ୍ତିକ ଚନ୍ଦ୍ର ସାହୁ ପୌରୋହିତ୍ୟ କରିଥିଲେ। ଏଥିରେ ପ୍ରାଣ ଯୋଗ ପ୍ରତିଷ୍ଠାନ ଅଧ୍ୟକ୍ଷ ବିଜ୍ଞାନ କବି ଚନ୍ଦ୍ରଶେଖର ମହାନ୍ତି ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଜନନୀ କ୍ଷୀର ନ ମିଳିଲେ ଗାଇ କ୍ଷୀର ସହିତ ଟିକା ନେଲେ ରୋଗ ପ୍ରତିରୋଧକ ଶକ୍ତି ଆସିଥାଏ ବୋଲି କହିଥିଲେ। ପୂର୍ବତନ ସଭାପତି ଗୋବିନ୍ଦ ଚନ୍ଦ୍ର ମହାପାତ୍ର ମୁଖ୍ୟ ବକ୍ତା ଭାବେ ଯୋଗଦେଇ ଗୋମାତା ମାହାତ୍ମ୍ୟ ଉପରେ ଆଲୋକପାତ କରିଥିଲେ। ବେଦ ଅନୁସାରେ ମନ୍ତ୍ର ପଠନ, ଗୋମାତା ପୂଜନ, ବନ୍ଦାପନା, ଭଲ ଖାଦ୍ୟ ଖାଇବାକୁ ଦେଇ ଶିଙ୍ଘରେ ରାଖୀ ବନ୍ଧନ କାର୍ଯ୍ୟ କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ଆର୍ଯ୍ୟ ସମାଜ ବାନପ୍ରସ୍ଥି ଆଦିକନ୍ଦ ଆର୍ଯ୍ୟ, କଟକ ଆର୍ଯ୍ୟ ସଙ୍ଗଠନର ପ୍ରମୋଦ ମହାରଣାଙ୍କ ପରିଚାଳନାରେ ଦେବଯଜ୍ଞ ହୋଇଥିଲା। ସମ୍ପାଦକ ସମରଜିତ ସାହୁ ଧନ୍ୟବାଦ ଦେଇଥିଲେ। ଶିଶୁମନ୍ଦିର ସମ୍ପାଦକ ରଞ୍ଜନ ସାହୁ, ବିଶିଷ୍ଟ ବାଦ୍ୟଶିଳ୍ପୀ ଶ୍ୟାମ କରଣ, ପ୍ରାଣଯୋଗ ଅଧୀକ୍ଷକ ବାଲୁଙ୍କେଶ୍ୱର ରାଉତ, ଯୋଗଗୁରୁ ପୀତବାସ କରଣ, ଅଧ୍ୟାପକ ପଦ୍ମନାଭ ଶତପଥୀ, ସ୍ୱର୍ଣ୍ଣଲତା ସାହୁ, ଶାନ୍ତିଲତା ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

## ବିଭିନ୍ନ ପ୍ରକଳ୍ପର କାର୍ଯ୍ୟାଦେଶ, ମହିଳା ଗୋଷ୍ଠୀଙ୍କୁ ଋଣ ପ୍ରଦାନ



ମିଶନ ଶକ୍ତିର ମହିଳା ଗୋଷ୍ଠୀଙ୍କୁ ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ କାର୍ଯ୍ୟାଦେଶ ଓ ଋଣ ପ୍ରଦାନ କରୁଛନ୍ତି।

ଟିଗିରିଆ, ୩୦।୮(ଜାଫର ଖାଁ)

ଟିଗିରିଆ ବ୍ଲକ କାର୍ଯ୍ୟାଳୟ ପରିସରରେ ମଙ୍ଗଳବାର ରାଜ୍ୟ ସରକାରଙ୍କ ବିଭିନ୍ନ ଉନ୍ନୟନ ଯୋଜନାରେ କାର୍ଯ୍ୟାଦେଶ ଓ ମିଶନ ଶକ୍ତି ଅଧୀନରେ ଥିବ ମହିଳା ଗୋଷ୍ଠୀଙ୍କୁ ୧୧ କୋଟି ୨୩ ଲକ୍ଷ ଟଙ୍କାର ଋଣ ପ୍ରଦାନ କରାଯାଇଛି। ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ କୃଷି ଓ କୃଷକ ସଶକ୍ତୀକରଣ ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ଯୋଗଦେଇ ରାଜ୍ୟ ସରକାର ଜନସାଧାରଣଙ୍କ ଆୟ ବୃଦ୍ଧି ପାଇଁ ଉନ୍ନୟନ କାର୍ଯ୍ୟ କରୁଥିବା କହିଥିଲେ। କାର୍ଯ୍ୟକ୍ରମରେ ଟିଗିରିଆ ବିଡିଓ ପ୍ରଣବ କୁମାର ସାହୁ ସଭାପତିତ୍ୱ କରିଥିବା ବେଳେ ବ୍ଲକ ସହକାରୀ ଯନ୍ତ୍ରୀ ଅଶୋକ ନନ୍ଦ ସ୍ୱାଗତ ଭାଷଣ ଦେଇଥିଲେ। କାର୍ଯ୍ୟକ୍ରମରେ ମନ୍ଦିର, ମସ୍‌ଜିଦ୍, ସ୍କୁଲ, କଲେଜ, ଅଙ୍ଗନୱାଡିର ଉନ୍ନତୀକରଣ, ଚାଷୀଙ୍କୁ ବିରି ବିହନ ପ୍ରଦାନ କରାଯାଇଥିଲା। ବ୍ଲକର ବିଭିନ୍ନ ପଞ୍ଚାୟତରେ ଥିବା ଏସ୍‌ଏଚ୍‌ଜିକୁ ଗୋଷ୍ଠୀ ବିନିଯୋଗ ପାଣ୍ଠି, ବ୍ୟାଙ୍କ ଋଣ ସହାୟତା ରାଶି, ମହିଳା ଗୋଷ୍ଠୀଙ୍କୁ କୁକୁଡ଼ା, ଛେଳି ପାଳନ ପାଇଁ ସହାୟତା ରାଶି ଓ ପ୍ରଧାନମନ୍ତ୍ରୀ ଆବାସ ଯୋଜନାର କାର୍ଯ୍ୟାଦେଶ ପ୍ରଦାନ କରାଯାଇଥିଲା। ସମ୍ମାନିତ ଅତିଥି ଭାବେ ଟିଗିରିଆ ବ୍ଲକ ଏବିଡିଓ ଯାଜ୍ଞସେନୀ ଗୋଚ୍ଛାୟତ, ଟିଗିରିଆ ପଞ୍ଚାୟତ ସମିତି ଅଧ୍ୟକ୍ଷା ସନ୍ଧ୍ୟାରାଣୀ ନାୟକ, ଉପାଧ୍ୟକ୍ଷ ମାନସ ସାହୁ, ଜିଲା ପରିଷଦ ସଭ୍ୟା ସସ୍ମିତା ରାଉତ, ସଭ୍ୟ ସଞ୍ଜୟ କୁମାର ମଲ୍ଲିକ, ମିଶନ ଶକ୍ତି ବ୍ଲକ ସଭାନେତ୍ରୀ ସମସୁରା ବେଗମ୍, ବିଜେଡି ମହିଳା ସଭାନେତ୍ରୀ ରୂପା ଦଳେଇ, ବିପିଏମ୍ ପ୍ରଦୀପ କୁମାର ସିଂଙ୍କ ସମେତ ବିଭିନ୍ନ ବିଭାଗର ଅଧିକାରୀ ଯୋଗଦେଇଥିଲେ।

## ନିଆରା ଢଙ୍ଗରେ ରକ୍ଷାବନ୍ଧନ, ଗୋ ମାତା ପୂଜନ

ନିଶ୍ଚିନ୍ତକୋଇଲି,୩୦।୮(ଅଶୋକ କୁମାର ମହାପାତ୍ର)

ନିଶ୍ଚିନ୍ତକୋଇଲି ବ୍ଲକ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ନିଆରା ଢଙ୍ଗରେ ରକ୍ଷାବନ୍ଧନ ଓ ଗୋ ପୂଜନ ଉତ୍ସବ ପାଳିତ ହୋଇଯାଇଛି। ବିଦ୍ୟାଳୟ ପରିସରରେ ଗୋମାତାଙ୍କର ଯଥାବିଧି ପୂଜାର୍ଚ୍ଚନା ପରେ ସ୍ଥାନୀୟ ଗ୍ରାମରେ ଥିବା ବଟବୃକ୍ଷ ପୂଜନ କରାଯାଇଥିଲା। ସେଠାରେ ଉପସ୍ଥିତ ମା'ମାନଙ୍କ ଦ୍ୱାରା ସାମୂହିକ ଆଳତି କରାଯାଇ ଗଛରେ ପିଲାମାନେ ଓ ଗୁରୁମାଗୁରୁଜୀମାନେ ରାଖୀ ବାନ୍ଧିଥିଲେ। ପରେ ଉପସ୍ଥିତ ବରିଷ୍ଠ ନାଗରିକଙ୍କୁ ସାମୂହିକ ଭାବେ ରାଖୀ ବାନ୍ଧିଥିଲେ। ନିଶ୍ଚିନ୍ତକୋଇଲି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଯାଇ କାର୍ଯ୍ୟରତ ଡାକ୍ତର ଓ ରୋଗୀଙ୍କ ସମେତ କର୍ମଚାରୀମାନଙ୍କୁ ରାଖୀ ବନ୍ଧାଯାଇଥିଲା। ସ୍କୁଲ ପରିସରରେ ବିଦ୍ୟାଳୟର ପରିଚାଳନା କମିଟି ସଭାପତି ଦୀପାଞ୍ଜଳି ମିଶ୍ରଙ୍କ ସଭାପତିତ୍ୱରେ ଆୟୋଜିତ କର୍ମଶାଳାରେ ଉପସଭାପତି ଆଇନଜୀବୀ ଅଶୋକ କୁମାର ମହାପାତ୍ର, ସମ୍ପାଦକ ତପନ ଦାଶ, ସହସମ୍ପାଦିକା ବିଦ୍ୟୁଲତା ପଣ୍ଡା ଯୋଗଦେଇ ରକ୍ଷାବନ୍ଧନ, ବିଶ୍ୱ ଭ୍ରାତୃତ୍ୱ ଭାବ, ପରିବେଶ, ଗୋ ସମ୍ପଦ ରକ୍ଷା ଓ ବିଜ୍ଞାନ ତଥା ସଂସ୍କୃତି ପରମ୍ପରା ଉପରେ ଆଲୋକପାତ କରିଥିଲେ। ବିଦ୍ୟାଳୟର ପ୍ରଧାନ ଆଚାର୍ଯ୍ୟ ପ୍ରାଣକୃଷ୍ଣ ମଲିକ ସ୍ୱାଗତ ଭାଷଣ ସହ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ କାର୍ଯ୍ୟକ୍ରମ ପ୍ରମୁଖ ଶକୁନ୍ତଳା ବେହେରା ଧନ୍ୟବାଦ ଦେଇଥିଲେ।

## ଶ୍ରୀ ଶ୍ରୀଠାକୁର ଅନୁକୂଳ ଚନ୍ଦ୍ରଙ୍କ ସତ୍‌ସଙ୍ଗ

ମାହାଙ୍ଗା ୩୦।୮(ଯଯାତି ସିଂହ)

ମାହାଙ୍ଗା ବ୍ଲକ ଅନ୍ତର୍ଗତ ମୂଳବସନ୍ତ ଗାଁର ଭାସ୍କର ଚନ୍ଦ୍ର ଦାସଙ୍କ ବାସଭବନ ପରିସରରେ ଶ୍ରୀ ଶ୍ରୀ ଠାକୁର ଅନୁକୂଳ ଚନ୍ଦ୍ରଙ୍କ ୧୩୬ତମ ଜୟନ୍ତୀ ପାଳନ ଅବସରରେ ସତ୍‌ସଙ୍ଗ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଉକ୍ତ କାର୍ଯ୍ୟକ୍ରମରେ ସାଲେପୁର ସତ୍‌ସଙ୍ଗର ସଦସ୍ୟ ମନୋରଞ୍ଜନ ମହାନ୍ତି, ପଦ୍ମନାଭ ସାହୁ, ସତ୍ୟନାରାୟଣ ଜେନା, କୃଷ୍ଣଚନ୍ଦ୍ର ସାହୁ, ତ୍ରିଲୋଚନ ବରାଳ, ଯଯାତି କେଶରୀ ମହାନ୍ତି, ରବି ନାରାୟଣ ମହାନ୍ତି, କେଶବ ସାହୁ, ଯଦୁନାଥ ବାରିକ, ସରପଞ୍ଚଙ୍କ ପ୍ରତିନିଧି ପ୍ରଶାନ୍ତ କର, ପୂର୍ବତନ ସରପଞ୍ଚ ଭ୍ରମରବର ରାଉତରାୟ, ଶିକ୍ଷାବିତ୍ ବିନୋଦ ବିହାରୀ ମିଶ୍ର ପ୍ରମୁଖ ଯୋଗଦେଇଥିଲେ। ସେମାନେ ଠାକୁର ଅନୁକୂଳ ଚନ୍ଦ୍ରଙ୍କ ଜୀବନ ଦର୍ଶନ ଉପରେ ଆଲୋକପାତ କରିଥିଲେ। ଏଥିସହ ଭଜନ ଓ କୀର୍ତ୍ତନ ଆଦି କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ଏଥିରେ ରବି ନାରାୟଣ ଦାସ, ଓମ୍ ପ୍ରକାଶ ଦାସ, ସୁଧାଂଶୁ ମହାନ୍ତି ପ୍ରମୁଖ ଉତ୍ସବ ପରିଚାଳନାରେ ସହଯୋଗ କରିଥିଲେ।

# ପରିବେଶ ସୁରକ୍ଷା ପାଇଁ ଗଛରେ ରାଖୀ ବାନ୍ଧିଲେ

ଫୁଲନଖରା,୩୦।୮ (ସତ୍ୟରଞ୍ଜନ ଦାସମହାପାତ୍ର)

ପାହାଳ ଥାନା ଅନ୍ତର୍ଗତ ନଖରା ଖାରବେଳ ଇଷ୍ଟେଟ୍ ଉନ୍ନୟନ ପରିଷଦର ମାତୃମଣ୍ଡଳୀ ପକ୍ଷରୁ ନିଆରା ଢଙ୍ଗରେ ରକ୍ଷାବନ୍ଧନ ଉତ୍ସବ ପାଳିତ ହୋଇଯାଇଛି। ପରିବେଶ ସୁରକ୍ଷା ବାର୍ତ୍ତା ନେଇ ମାତୃମଣ୍ଡଳୀର ସଭାନେତ୍ରୀ ସ୍ନିଗ୍ଧା ସିଂଙ୍କ ନେତୃତ୍ୱରେ ସଦସ୍ୟାମାନେ କଲୋନୀରେ ଥିବା ବିଭିନ୍ନ ଗଛରେ ରାଖୀ ବାନ୍ଧିଥିଲେ। ଏହି ଅବସରରେ ପରିଷଦ ପକ୍ଷରୁ କଲୋନୀର ସବୁ ଗଳିରେ ଲଗାଯାଇଥିବା ଗଛର ରକ୍ଷଣାବେକ୍ଷଣ ସହ ସୁରକ୍ଷା ପାଇଁ ସମସ୍ତ ସଦସ୍ୟା ଶପଥ ନେଇଥିଲେ। ଏଥିରେ ପରିଷଦର ସଭାପତି ବେଣୁଧର ମହାନ୍ତି, ସମ୍ପାଦକ ଅକ୍ଷୟ କୁମାର ଉପାଧ୍ୟାୟ ଯୋଗଦେଇଥିଲେ। ଗୀତାଞ୍ଜଳି ବିଶ୍ୱାଳ, କନକଲତା ବାରିକ, ରେବତୀ ଉପାଧ୍ୟାୟ, ଭାଗ୍ୟବତୀ ଉପାଧ୍ୟାୟ, ମାନସୀ ମହାନ୍ତି, ମଞ୍ଜୁଲତା ଦାସ, ସ୍ନେହଲତା ନାଥ, ଅନୁପମା ପାତ୍ର, ତପସ୍ୱିନୀ ରାଉତ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

**ଚୌଦ୍ୱାର,(ଆଶୁତୋଷ ଦାସ):** ଚୌଦ୍ୱାର ସର୍କଲ ଜେଲ୍‌ରେ ରକ୍ଷାବନ୍ଧନ ଉତ୍ସବ ପାଳିତ ହୋଇଯାଇଛି। ଦୂରଦୂରାନ୍ତରୁ ଆସିଥିବା ଭଉଣୀମାନେ ଜେଲ୍‌ରେ କଏଦୀମାନଙ୍କ ହାତରେ ରାଖୀ ବାନ୍ଧି ମିଠା ଖୁଆଇଥିଲେ। ଏହି କାର୍ଯ୍ୟକ୍ରମ ପାଇଁ ଜେଲ କର୍ତ୍ତୃପକ୍ଷ ସମସ୍ତ ଆନୁଷଙ୍ଗିକ ବ୍ୟବସ୍ଥା କରିଥିଲେ। ଏହି ଅବସରରେ ଘରେ ଘରେ ଗୋରୁଙ୍କୁ ପୂଜା କରାଯାଇଥିଲା।

**କଟକ,(ସୁପ୍ରିୟା ପ୍ରିୟଦର୍ଶିନୀ):** କଟକ ଜିଲାର ବିଭିନ୍ନ ଅଞ୍ଚଳରେ ରକ୍ଷାବନ୍ଧନ ଉତ୍ସବ ବୁଧବାର ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଝାଞ୍ଜିରିମଙ୍ଗଳାସ୍ଥିତ ପ୍ରଜାପିତା ବ୍ରହ୍ମାକୁମାରୀ ଈଶ୍ୱରୀୟ ବିଶ୍ୱ ବିଦ୍ୟାଳୟର ଭଉଣୀମାନେ ସକାଳେ ହାଇକୋର୍ଟ ମୁଖ୍ୟ ବିଚାରପତି ଶୁଭାଶିଷ ତାଳପତ୍ରଙ୍କ ବାସଭବନରେ ପହଞ୍ଚି ତାଙ୍କ ହାତରେ ରାଖୀ ବାନ୍ଧିଥିଲେ। ସେହିପରି ଦରଘାବଜାର, ହାତୀପୋଖରୀ ଛକସ୍ଥିତ ମା' ସରସ୍ୱତୀ ଶିକ୍ଷାମନ୍ଦିରରେ ରକ୍ଷାବନ୍ଧନ ଉତ୍ସବ ପାଳିତ ହୋଇଥିଲା। ପ୍ରଧାନ ଆଚାର୍ଯ୍ୟ ବଟକୃଷ୍ଣ ଦାସଙ୍କ ପୌରୋହିତ୍ୟରେ ଆୟୋଜିତ କାର୍ଯ୍ୟକ୍ରମରେ ଶିକ୍ଷାବିତ୍ ରାଜକିଶୋର ବେହେରା ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ଛାତ୍ରୀଛାତ୍ରମାନେ ଅତିଥିଙ୍କ ହାତରେ ରାଖୀ ବାନ୍ଧି ମିଠା ଖୁଆଇଥିଲେ। ସହକାରୀ ପ୍ରଧାନ ଆଚାର୍ଯ୍ୟା ନିରୁପମା ମହାନ୍ତି ଧନ୍ୟବାଦ ଦେଇଥିଲେ।



କଟକରେ ଛାତ୍ରୀମାନେ ଗଛରେ ରାଖୀ ବାନ୍ଧି ରକ୍ଷାବନ୍ଧନ ଉତ୍ସବ ପାଳୁଛନ୍ତି।

**ବାଙ୍କୀ,(ଜ୍ଞାନେନ୍ଦ୍ର ମୋହନ ମିଶ୍ର):** ବାଙ୍କୀ ପରିବେଶ ସୁରକ୍ଷା ସମିତି ଆନୁକୂଲ୍ୟରେ ଡାକ୍ତରଖାନା ପରିସର ଓ ରାସ୍ତା ପାର୍ଶ୍ୱରେ ଥିବା ବିଭିନ୍ନ ବୃକ୍ଷରେ ରାଖୀ ବନ୍ଧା ଯାଇ ସଚେତନତା ସୃଷ୍ଟି କରାଯାଇଛି। ବୃକ୍ଷ ସହିତ ରାଖୀର ଏକ ନିଆରା ସମ୍ପର୍କ ସୃଷ୍ଟି କରିବାକୁ ସମିତି ହାତ ତିଆରି ଓ ଜୈବିକ ରାଖୀ ତିଆରି କରି ବାନ୍ଧି ଥିଲେ। ମୁଖ୍ୟ ଅତିଥି ଭାବେ ବାଙ୍କୀ କଲେଜ ଉପାଧ୍ୟକ୍ଷ ପ୍ରାଧ୍ୟାପକ ମନୋଜ କୁମାର ମହାପାତ୍ର ଯୋଗଦେଇ ଆମ ସଂସ୍କୃତିରେ ବୃକ୍ଷକୁ ଗୁରୁତ୍ୱ ଦେବା ଆମର କର୍ତ୍ତବ୍ୟ। ଗଛରେ ରାଖୀ ବାନ୍ଧିବା ଓ ବିବାହରେ ବରକନ୍ୟାଙ୍କୁ ବୃକ୍ଷ ଉପହାର ଦେବାର ଚିନ୍ତାଧାରାକୁ ସମସ୍ତେ ଚେଷ୍ଟା କରିବାକୁ ସେ କହିଥିଲେ। ଅନୁଷ୍ଠାନର ଆବାହକ ପ୍ରକୃତି ବନ୍ଧୁ ଦୀପକ କୁମାର ସାମନ୍ତରା, ଯୁବ ସାମାଜିକ କର୍ମୀ ଅମୀତ କୁମାର ସାହୁ, ପ୍ରସନ୍ନ କୁମାର ସାହୁ, ପ୍ରମୋଦ କୁମାର ନାୟକ, ବିଳାସ ନାୟକ ପ୍ରମୁଖ ଯୋଗଦାନ କରି ବୃକ୍ଷରେ ରାଖୀ ବାନ୍ଧି ଥିଲେ।

**ସ୍ୱାୟତ୍ତ ଶାସନ ଦିବସ-୨୦୨୩**
ପାଳନ ଅବସରରେ
**କଟକ ମହାନଗର ନିଗମ** ତରଫରୁ ହାର୍ଦ୍ଦିକ ଅଭିନନ୍ଦନ
**କାର୍ଯ୍ୟସୂଚୀ**
**ତା.୩୧.୦୮.୨୦୨୩ ରିଖ ପୂର୍ବାହ୍ନ ଘ. ୮.୦୦ ମି ଠାରୁ...**
ଉଦ୍‌ଘାଟକ **ଶ୍ରୀଯୁକ୍ତ ଭର୍ତ୍ତୃହରି ମହତାବ,** ମାନ୍ୟବର ସାଂସଦ, କଟକ
**ସମ୍ମାନନୀୟ ଅତିଥିବୃନ୍ଦ -**
**ଶ୍ରୀଯୁକ୍ତ ଦେବୀ ପ୍ରସାଦ ମିଶ୍ର,** ମାନ୍ୟବର ବିଧାୟକ, ବଡ଼ମ୍ବା
**ଶ୍ରୀଯୁକ୍ତ ପ୍ରତାପ ଜେନା,** ମାନ୍ୟବର ବିଧାୟକ, ମାହାଙ୍ଗା
**ଶ୍ରୀଯୁକ୍ତ ପ୍ରମୋଦ କୁମାର ମଲ୍ଲିକ,** ମାନ୍ୟବର ବିଧାୟକ, ନିଆଳି
**ଶ୍ରୀଯୁକ୍ତ ଚନ୍ଦ୍ରସାରଥି ବେହେରା,** ମାନ୍ୟବର ବିଧାୟକ, କଟକ ସଦର
**ଶ୍ରୀଯୁକ୍ତ ଇଂ ମହମ୍ମଦ ମୋକିମ,** ମାନ୍ୟବର ବିଧାୟକ, ବାରବାଟୀ କଟକ
**ଶ୍ରୀଯୁକ୍ତ ସୌଭିକ ବିଶ୍ୱାଳ,** ମାନ୍ୟବର ବିଧାୟକ, ଚୌଦ୍ୱାର, କଟକ
**ଶ୍ରୀଯୁକ୍ତ ପ୍ରଶାନ୍ତ ବେହେରା,** ମାନ୍ୟବର ବିଧାୟକ, ସାଲେପୁର
**ଶ୍ରୀଯୁକ୍ତ ଦେବୀ ରଞ୍ଜନ ତ୍ରିପାଠୀ,** ମାନ୍ୟବର ବିଧାୟକ, ବାଙ୍କୀ
**ଶ୍ରୀଯୁକ୍ତ କିଶୋର ଚନ୍ଦ୍ର ମିଶ୍ର,** ମାନ୍ୟବର ଅଧ୍ୟକ୍ଷ, ଜିଲ୍ଲା ପରିଷଦ, କଟକ
**ଶ୍ରୀଯୁକ୍ତ ଅନିଲ କୁମାର ସାମଲ,** ଅଧ୍ୟକ୍ଷ, କଟକ ଉନ୍ନୟନ କର୍ତ୍ତୃପକ୍ଷ
**ଶ୍ରୀଯୁକ୍ତ ଭବାନୀ ଶଙ୍କର ଚୟନୀ,** ଜିଲ୍ଲାପାଳ, କଟକ
**ଶ୍ରୀଯୁକ୍ତ ପିନାକ୍ ମିଶ୍ର,** ଡିସିପି, କମିଶନରେଟ ପୋଲିସ, କଟକ
**ଶ୍ରୀଯୁକ୍ତ ଦେବାଶିଷ ସାମନ୍ତରାୟ,** ପୂର୍ବତନ ବିଧାୟକ ତଥା ସଭାପତି, କଟକ ମହାନଗର ନିଗମ କର୍ମଚାରୀ ସଂଘ
**ଶ୍ରୀଯୁକ୍ତ ପ୍ରଭାତ ତ୍ରିପାଠୀ,** ପୂର୍ବତନ ବିଧାୟକ ତଥା ସଭାପତି, କଟକ ମହାନଗର ନିଗମ ମେହେନ୍ତର ସଂଘ
**ସନ୍ଧ୍ୟା ଘ. ୬.୦୦ମିରେ ଓ୍ୱିଣ୍ଡସର ପ୍ୟାଲେସ, ସିଡିଏ ଠାରେ**
୧. ସ୍ୱାୟତ୍ତ ଶାସନ ଦିବସ ସାଧାରଣ ସଭା
୨. ନିଗମ ଅଞ୍ଚଳରେ କୃତିତ୍ୱ ଅର୍ଜନ କରିଥିବା ବିଶିଷ୍ଟ ବ୍ୟକ୍ତିବିଶେଷମାନଙ୍କୁ ମାନପତ୍ର ପ୍ରଦାନ ଏବଂ ସମ୍ବର୍ଦ୍ଧନା ଜ୍ଞାପନ
୩. ବିଭିନ୍ନ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିବା କୃତୀ ଛାତ୍ରଛାତ୍ରୀମାନଙ୍କୁ ପୁରସ୍କାର ବିତରଣ
୪. ନିଗମର କର୍ତ୍ତବ୍ୟନିଷ୍ଠ କର୍ମଚାରୀଙ୍କୁ ତାଙ୍କର ଉଲ୍ଲେଖନୀୟ କାର୍ଯ୍ୟ ନିମନ୍ତେ ପୁରସ୍କାର ବିତରଣ
**ଶ୍ରୀଯୁକ୍ତ ନିଖିଳ ପବନ୍ କଲ୍ୟାଣ, ଭା.ପ୍ର.ସେ.** ଆୟୁକ୍ତ | **ସୁଶ୍ରୀ ଦମୟନ୍ତୀ ମାଝୀ** ଡେପୁଟି ମେୟର | **ଶ୍ରୀଯୁକ୍ତ ସୁବାସ ଚନ୍ଦ୍ର ସିଂ** ମେୟର
**ନିଗମର ସମସ୍ତ କର୍ପୋରେଟର, ସମସ୍ତ ଅଧିକାରୀ ଏବଂ କର୍ମଚାରୀବୃନ୍ଦ**

## ଧାର ଟଙ୍କା ଫେରସ୍ତ ମାଗିବାରୁ ମହିଳାଙ୍କୁ ଦୁର୍ବ୍ୟବହାର

ନିମାପଡ଼ା,(ବିଚିତ୍ରାନନ୍ଦ ସାହୁ): ନିମାପଡ଼ା ଥାନା ଭିଲି ଗ୍ରାମର ଜଣେ ମହିଳା ୨ ଜଣଙ୍କୁ ଧାର ଟଙ୍କା ଫେରସ୍ତ ମାଗିବାରୁ ଦୁର୍ବ୍ୟବହାରର ଶିକାର ହୋଇଥିବା ଅଭିଯୋଗ କରିଛନ୍ତି। ଏନେଇ ପୋଲିସ ୪ ଜଣଙ୍କ ବିରୋଧରେ ଦଫା ନଂ. ୪୨୦, ୩୪୧, ୨୯୪, ୩୨୩, ୫୦୬, ୩୪ରେ ୩୦୯/୨୩ରେ ଏକ ମାମଲା ରୁଜୁକରି ଘଟଣାର ତଦନ୍ତ ଚଳାଇଛି। ସୂଚନା ମୁତାବକ, ଅନିତା ସେନାପତି(୩୨) ମଙ୍ଗଳବାର ନିଜ ଗ୍ରାମର ପ୍ରମୋଦ ପଲେଇ ଓ ଦିବ୍ୟଜିତ୍ ପଲେଇଙ୍କୁ ଧାର ଦେଇଥିବା ଟଙ୍କା ମାଗିଥିଲେ। ଏଥିରେ ଦୁଇଜଣଙ୍କ ସହିତ ଗନ୍ଧର୍ବ ପଲେଇ କ୍ରୋଧାନ୍ୱିତ ହୋଇ ଅନିତାଙ୍କୁ ଠେଲାପେଲା କରି ମାଡ଼ ମାରି ଟଣାଓଟରା କରିଥିଲେ। ଅନିତାଙ୍କ ମା' ସେଠାରେ ପହଞ୍ଚି ପ୍ରତିବାଦ କରିବାରୁ ତାଙ୍କୁ ମଧ ସେମାନେ ଦୁର୍ବ୍ୟବହାର କରି ଗାଳିଗୁଲଜ କରିଥିଲେ।

## ଶ୍ରୀମନ୍ଦିର ହୁଣ୍ଡିରୁ ଆୟ



୩୦।୮।୨୦୨୩

| | |
|---|---|
| ୩,୮୫,୫୬୫ ଟଙ୍କା | |
| ସୁନା | ୫.୩୪୦ ଗ୍ରାମ୍ |
| ରୁପା | ୧୪.୪୫୦ ଗ୍ରାମ୍ |

## ଆଜି କ'ଣ କେଉଁଠି

ନିମାପଡ଼ା

- ନିମାପଡ଼ା ଏନ୍ଏସିର ସୁବର୍ଣ୍ଣ ଜୟନ୍ତୀ ସମାରୋହର ଉଦ୍ଘାଟନ ଉତ୍ସବ ଓ ସମ୍ବର୍ଦ୍ଧନା ସମାରୋହ, ବିଜୁ ପଟ୍ଟନାୟକ କଲ୍ୟାଣମଣ୍ଡପ ପରିସର, ଅପରାହ୍ଣ ୩ଟା।

# ଯୁବକଙ୍କୁ ଲୁହାପାଇପ୍‌ରେ ପିଟି ହତ୍ୟା



ଲଡ୍ଡୁ ନାୟକଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରାଯାଇ ଜିଲା ମୁଖ୍ୟ ଚିକିତ୍ସାଳୟକୁ ନିଆଯାଉଛି।



ଆକ୍ରମଣ ହୋଇଥିବା ସ୍ଥାନରେ ରକ୍ତଛିଟା ଓ ସଣ୍ଢଆଶି ପଡିରହିଛି। (ଫଟୋ – ଯଜ୍ଞେଶ୍ୱର ମହାନ୍ତି)

ପୁରୀ, (ଅଜିତ ମହାନ୍ତି)୩୦।୮

ପବିତ୍ର ରକ୍ଷାବନ୍ଧନ ପାଇଁ ବୁଧବାର ସବୁଠି ଆନନ୍ଦ ଉଲ୍ଲାସର ବାତାବରଣ ଥିବାବେଳେ ପୁରୀ ସହରରେ ଏକ ବୀଭତ୍ସ ହତ୍ୟାକାଣ୍ଡ ଘଟିଛି। କୁମ୍ଭାରପଡ଼ା ଥାନା ଅଧୀନ ଜଟିଆ ବାବାଜୀ ଛକରେ ଜଣେ ଯୁବକଙ୍କୁ ସଂଘବଦ୍ଧ ଭାବେ ଲୁହାପାଇପ୍‌ରେ ପିଟି ପିଟି ମାରିଦିଆଯାଇଛି। ହତ୍ୟାକାଣ୍ଡର ଶିକାର ହୋଇଥିବା ଯୁବକ ହେଲେ ପୁରୀ ନରେନ୍ଦ୍ରକୋଣ ଗୋପବନ୍ଧୁ ଲେନ୍ ଅଞ୍ଚଳର ଲଡ୍ଡୁ ନାୟକ। ଏ ସମ୍ପର୍କରେ ଖବର ପାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଜାରି ରଖିଛି। ହତ୍ୟାକାଣ୍ଡ ଘଟାଇଥିବା ୩ ଅଭିଯୁକ୍ତଙ୍କ ମଧ୍ୟରୁ ୨ଜଣଙ୍କୁ ଗିରଫ କରାଯାଇଥିବାବେଳେ ଜଣେ ଫେରାର ଅଛନ୍ତି। ତାଙ୍କୁ ଧରିବାକୁ ପୋଲିସ ଚେଷ୍ଟା ଚଳାଇଛି। ଗିରଫ ଅଭିଯୁକ୍ତଦ୍ୱୟ ହେଲେ ଗଙ୍ଗାଧର ନାୟକ ଓ ତାଙ୍କ ସାନପୁଅ ସୁନ୍ଦନ ନାୟକ। ଅନ୍ୟତମ ଅଭିଯୁକ୍ତ ତଥା ବଡ଼ ପୁଅ ସଚୀ ନାୟକ ଫେରାର ହୋଇଯାଇଛନ୍ତି। ପୂର୍ବ ଶତ୍ରୁତାକୁ କେନ୍ଦ୍ରକରି ଏହି ଘଟଣା ଘଟିଥିବା ପୋଲିସ ପ୍ରାଥମିକ ଅନୁସନ୍ଧାନରୁ ଜାଣିବାକୁ ପାଇଛି।

ପୁରୀ ସିଟି ଡିଏସ୍‌ପି ପ୍ରଶାନ୍ତ କୁମାର ସାହୁ କହିଛନ୍ତି, ବୁଧବାର ଅପରାହ୍ଣ ପ୍ରାୟ ୫ଟା ୩୦ରେ ଲଡ୍ଡୁ ଜଟିଆ ବାବାଜୀ ଛକସ୍ଥିତ ରଘୁ ସାହୁଙ୍କ ଜଳଖିଆ ଦୋକାନରେ ବସିଥିଲେ। ଏହି ସମୟରେ ଗଙ୍ଗା ଓ ତାଙ୍କର ଦୁଇପୁଅଙ୍କ ସମେତ ବାଟୁଆ ନାମକ ବ୍ୟକ୍ତି ଏକାଠି ଆସି ସେଠାରେ ପହଞ୍ଚିଥିଲେ। କୌଣସି କାରଣକୁ ନେଇ ଉଭୟ ପକ୍ଷ ମଧ୍ୟରେ ବଚସା ହୋଇଥିଲା। ଏଥିରେ କ୍ରୋଧାନ୍ୱିତ ହୋଇ ସେମାନେ ଲଡ୍ଡୁଙ୍କୁ ଲୁହାପାଇପ୍ ଓ ସଣ୍ଢଆଶିରେ ଆକ୍ରମଣ କରିଥିଲେ। ଫଳରେ ଲଡ୍ଡୁଙ୍କ ମୁଣ୍ଡରେ ଗଭୀର ଆଘାତ ଲାଗିଥିଲା। ତାଙ୍କ ମୁଣ୍ଡରୁ ପ୍ରବଳ ରକ୍ତସ୍ରାବ ହୋଇଥିଲା। ରକ୍ତାକ୍ତ ଅବସ୍ଥାରେ ସେ ତଳେ

**୨ ଅଭିଯୁକ୍ତ ଗିରଫ, ଜଣେ ଫେରାର**

- **ପୂର୍ବ ଶତ୍ରୁତାକୁ କେନ୍ଦ୍ରକରି ହତ୍ୟା ସନ୍ଦେହ**
- **ମୃତକଙ୍କ ନାମରେ ରହିଛି ୧୨ ମାମଲା**

ପଡ଼ିଯାଇଥିଲେ। ସ୍ଥାନୀୟ ଲୋକଙ୍କଠାରୁ ଖବର ପାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚି ଲଡ୍ଡୁଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇବା ସହ ମାରଣାସ୍ତ୍ର ଜବତ କରିଥିଲା। ତେବେ ସେଠାରେ ତାଙ୍କର ମୃତ୍ୟୁ ହୋଇଯାଇଥିଲା। ପରେ ଅଭିଯୁକ୍ତ ଗଙ୍ଗାଧର ଓ ସୁନ୍ଦନଙ୍କୁ ପୋଲିସ ଗିରଫ କରିଥିବାବେଳେ ଫେରାର ହୋଇଯାଇଥିବା ସଚୀଙ୍କୁ ଧରିବା ପାଇଁ ବିଭିନ୍ନ ସ୍ଥାନରେ ଛାନ୍‌ଭିନ୍ ଚଳାଇଛି। ଅନ୍ୟପକ୍ଷରେ ଲଡ୍ଡୁଙ୍କ ପରିବାର ଲୋକଙ୍କ କହିବା ଅନୁଯାୟୀ, ସେ ବିବାହିତ ହୋଇଥିବା ବେଳେ ତାଙ୍କର ୯ ବର୍ଷର ଝିଅଟିଏ ଅଛି। ଲଡ୍ଡୁ କିଛି କାର୍ଯ୍ୟ କରୁ ନ ଥିଲେ। ଅଭିଯୁକ୍ତମାନେ ବୁଧବାର ସକାଳେ ତାଙ୍କ ଘର ନିକଟକୁ ଆସି ଲଡ୍ଡୁଙ୍କୁ ଡାକି ସାଙ୍ଗରେ ନେଇଥିଲେ। ଲଡ୍ଡୁ ନୂଆ ଘର ତୋଳିବା ସହ ଉନ୍ନତି କରିବା ନେଇ ଅଭିଯୁକ୍ତମାନେ ସହି ପାରୁ ନ ଥିଲେ। ତେଣୁ ସେମାନେ ମିଳିମିଶି ଯୋଜନାବଦ୍ଧ ଭାବେ ଲଡ୍ଡୁଙ୍କୁ ମାରିଦେଇଛନ୍ତି। ଅଭିଯୁକ୍ତମାନଙ୍କୁ ଫାଶୀ ଦେବାକୁ ତାଙ୍କ ପରିବାର ଲୋକେ ଦାବିକରିଛନ୍ତି। ମୃତ ଲଡ୍ଡୁଙ୍କ ନାମରେ ବିଭିନ୍ନ ଥାନାରେ ୧୨ଟି ସଙ୍ଗିନ ମାମଲା ରହିଥିବାବେଳେ ପୂର୍ବରୁ ସେ ୧୧୦ ସିଆର୍‌ସିସିରେ ଗିରଫ ହୋଇଥିଲେ। ଜନଗହଳିପୂର୍ଣ୍ଣ ରାସ୍ତାରେ ଦୁର୍ବୃତ୍ତଙ୍କ ଏଭଳି ଉନ୍ମତ୍ତକାଣ୍ଡ ନେଇ ସାଧାରଣରେ ଆତଙ୍କ ପ୍ରକାଶ ପାଇଥିବାବେଳେ ପୋଲିସ୍‌ର କାର୍ଯ୍ୟଦକ୍ଷତା ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

## ୨ବର୍ଷରେ ଘଟିଲାଣି ୫ରୁ ଊର୍ଦ୍ଧ୍ୱ ହତ୍ୟା ଘଟଣା

ପୁରୀ, ୩୦।୮(ଅଜିତ୍ ମହାନ୍ତି)

ଦିନକୁଦିନ ପର୍ଯ୍ୟଟନ ସହ ପୁରୀ ଅଶାନ୍ତ ହୋଇପଡୁଛି। ବର୍ଷର ଅଧିକାଂଶ ଦିନ ଏଠାରେ ଆପରାଧିକ କାର୍ଯ୍ୟକଳାପ ଘଟୁଛି। ଏପରି କି ଗତ ୨ବର୍ଷ ମଧ୍ୟରେ ୫ରୁ ଊର୍ଦ୍ଧ୍ୱ ହତ୍ୟା ଘଟଣା ଘଟିଲାଣି। ଚଳିତ ବର୍ଷ ମାର୍ଚ୍ଚ ୨୩ରେ ବାସେଳିସାହି ଥାନା ଅନ୍ତର୍ଗତ ବଳିଆପଣ୍ଡା ବନମାଳି ନଗରରେ ଜଣେ ଶାଶୁଙ୍କୁ ଜ୍ୱାଇଁ ଛୁରି ଭୁଷି ହତ୍ୟା କରିଥିଲେ। ସେହିପରି ଗତ ଜୁଲାଇ ୨୯ରେ ଲୋକନାଥ ରୋଡ୍‌ସ୍ଥିତ ଗୁରୁକୃପା ଆଶ୍ରମରେ ବାବା ଅର୍ଜୁନ ଦାସଙ୍କୁ ଅନ୍ୟ ଜଣେ ବାବା ବିଷ୍ଣୁ ଦାସ ହତ୍ୟା କରିବା ଘଟଣା ଚର୍ଚ୍ଚାର ବିଷୟ ପାଲଟିଥିଲା। ୨୦୨୨ ମାର୍ଚ୍ଚ ୧୬ରେ ଶ୍ରୀମନ୍ଦିର ସେବାୟତ ତଥା ସୁଆର ମହାସୁଆର ନିଯୋଗର ତତ୍କାଳୀନ ସମ୍ପାଦକ କୃଷ୍ଣଚନ୍ଦ୍ର ପ୍ରତିହାରୀ (କାଳିଆ)ଙ୍କୁ ବାରବାଟୀ ଜାଗା ନିକଟରେ ଗୁଳି କରି ହତ୍ୟା କରାଯାଇଥିଲା। ଏହି ଘଟଣା ସେତେବେଳେ ସାରା ରାଜ୍ୟରେ ଚର୍ଚ୍ଚାକୁ ଆସିଥିଲା। ସେହିପରି ଉକ୍ତ ଦିନ ପେଣ୍ଠକଟା ମେରାଇନ ଥାନା ଅନ୍ତର୍ଗତ ବାଲିଘାଟ ସୁଭଦ୍ରା ନଗରରେ ପୁଅ କଟୁରି ଚୋଟରେ ମା'ର ଜୀବନ ଯାଇଥିଲା। ୨୦୨୨ ମେ ୨୪ରେ ଶ୍ରୀମନ୍ଦିର ସମ୍ମୁଖରେ ଥିବା ଏମାର ମଠ ନିକଟରେ ଶ୍ରୀଲୋକନାଥ ମନ୍ଦିରର ସେବାୟତ ହରଚଣ୍ଡୀ ତଲ୍ଲୁଛ ସାହିର ଶିବରାମ ପାତ୍ରଙ୍କୁ ଗୁଳି କରି ହତ୍ୟା କରାଯାଇଥିଲା। ଏସବୁ ଘଟଣା ପଛରେ ପାରିବାରିକ ବିବାଦ, ପୂର୍ବ ଶତ୍ରୁତା ଓ ଜମିବାଡ଼ି କଳହ ରହିଥିବା ଜଣାପଡ଼ିଥିଲା। ତେବେ ଶ୍ରୀକ୍ଷେତ୍ରରେ ଆପରାଧିକ କାର୍ଯ୍ୟକଳାପ ସମ୍ପୂର୍ଣ୍ଣ ରୂପେ ରୋକିବାରେ ପୋଲିସ ବିଫଳ ହେଉଥିବା ସାଧାରଣରେ ଆଲୋଚନା ହେଉଛି।

## ଶ୍ରାବଣ ପୂର୍ଣ୍ଣିମା ମାହାତ୍ମ୍ୟ ସମ୍ପର୍କରେ ଆଲୋକପାତ

**ପୁରୀ, ୩୦।୮(ଅଜିତ ମହାନ୍ତି):** ବୌଦ୍ଧିକ ଅନୁଷ୍ଠାନ ବୋଧିଚକ୍ର ଆନୁକୁଲ୍ୟରେ ସ୍ଥାନୀୟ ବୁଦ୍ଧ ମନ୍ଦିର ପରିସରରେ ବୁଧବାର ମାସିକ ପାଠଚକ୍ର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅନୁଷ୍ଠାନର ସଭାପତି ଇଂ. ଗିରିଜା ଶଙ୍କର ପାଢ଼ୀ ଅଧ୍ୟକ୍ଷତା କରିଥିଲେ। ପ୍ରାରମ୍ଭରେ ବୁଦ୍ଧଙ୍କ ପ୍ରତିମା ସମ୍ମୁଖରେ ବିପାସନା ପଦ୍ଧତିରେ ସମବେତ ବୁଦ୍ଧପ୍ରେମୀମାନେ ଧ୍ୟାନ କରିଥିଲେ। ପାଠଚକ୍ରରେ ଅନୁଷ୍ଠାନର ଉପସଭାପତି ଡ. ବଳରାମ ଦାଶ ସ୍ୱାଗତ ଭାଷଣ ମାଧ୍ୟମରେ ଶ୍ରାବଣ ପୂର୍ଣ୍ଣିମାର ମାହାତ୍ମ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ପରେ ପୂର୍ଣ୍ଣଚନ୍ଦ୍ର ସାହୁ ଧମ୍ମପଦର ସହ ସହସ୍ରବର୍ଗ ଗାଥାଗୁଡ଼ିକ ଆବୃତ୍ତି କରି ତାହାର ବିଶଦ୍ ବ୍ୟାଖ୍ୟା କରିଥିଲେ। ମୁଖ୍ୟ ଅତିଥି ଭାବେ ଡ. ସରୋଜ କୁମାର ହାତୀ 'ବୌଦ୍ଧ ଦର୍ଶନରେ ଗୀତା ଚେତନା' ଶୀର୍ଷକ ଆଲୋଚନାରେ ଭାଗ ନେଇ କହିଲେ ଯେ, ଗୀତାର କର୍ମବାଦ ଆଧାରିତ ଶିଳଯୁକ୍ତ ଜୀବନଯାପନ କଲେ ମନୁଷ୍ୟ ଶାନ୍ତି ଲାଭ କରିପାରେ। ଡ. ପ୍ରମୋଦ କୁମାର ପଣ୍ଡା, ବିଭୂତି ଭୂଷଣ କର, ବାସୁଦେବ ସାହୁ, ପୁଷ୍ପା ପାତ୍ର, ପ୍ରଭାସ ଚନ୍ଦ୍ର ମିଶ୍ର, ସତ୍ୟ ନାରାୟଣ ମିଶ୍ର, ଏମ୍. କୋଟେଶଚନ୍ଦ୍ର ପାତ୍ର ପ୍ରମୁଖ କହିଲେ ଯେ, ଧର୍ମପଦ ଓ ଶ୍ରୀମଦଭାଗବଦ୍ ଗୀତା ଭାରତୀୟ ଆଧ୍ୟାତ୍ମିକତାର ବାଣୀ ପ୍ରସାର କରି ସମସ୍ତଙ୍କୁ ସାମ୍ୟ ଓ ମୈତ୍ରୀ ଚେତନାରେ ଅନୁପ୍ରାଣିତ କରାଇଥାଏ। କାର୍ଯ୍ୟକ୍ରମ ଶେଷରେ ଉମେଶ ଚନ୍ଦ୍ର ଦାସ ଧନ୍ୟବାଦ ଦେଇଥିଲେ।

## ୨ ବାଇକ୍ ଧକ୍କା, ୨ ଗୁରୁତର

**ଗୋପ,୩୦।୮(ଭାରତୀ ଭୂଷଣ ଉପାଧ୍ୟାୟ):** କୁହୁରା– ମହଲପଡ଼ା ଗ୍ରାମ୍ୟ ଉନ୍ନୟନ ରାସ୍ତା ଦୀର୍ଘଦିନ ଧରି ଫାଟି ଆଁ କରିଛି। ସେହି ରାସ୍ତାରେ ବୁଧବାର ୨ ବାଇକ୍ ମୁହାଁମୁହିଁ ଧକ୍କା ହୋଇଛି। ସେଥିରେ ୨ଜଣ ଗୁରୁତର ହୋଇ ଗୋପ ଡାକ୍ତରଖାନା ଓ ପରେ ଭୁବନେଶ୍ୱର କ୍ୟାପିଟାଲ ହସ୍ପିଟାଲ ସ୍ଥାନାନ୍ତର ହୋଇଛନ୍ତି। ପ୍ରକାଶ ଯେ, ନୂଆଖୋଲମରା ପଞ୍ଚାୟତ ନେନ୍ତି ଗ୍ରାମର ଦୁଃଶାସନ ରାଉତ କୌଣସି କାର୍ଯ୍ୟରେ ଗୋପରୁ ଓରେଇ ସ୍କୁଟି ଯୋଗେ ଯାଉଥିଲେ। କୋଣାର୍କ ବାଲିସାହି ଗ୍ରାମର ଲିଙ୍ଗରାଜ ସେଠୀ ଅପରପାର୍ଶ୍ୱରୁ ଆସୁଥିବାବେଳେ ରାସ୍ତାରେ ବଡ଼ ବଡ଼ ଖାଲ ଥିବାରୁ ଦୁର୍ଘଟଣା ଘଟିଥିଲା। ଏହି ଫାଟ ମରାମତି କରିବାକୁ ମହଲପଡ଼ା ସରପଞ୍ଚ ଶୀର୍ଷ ରଞ୍ଜନ ନାୟକ ବାରମ୍ବାର ଦାବି କରିବା ସହ ରାଜ୍ୟ ସରକାରଙ୍କୁ ଟୁଇଟ୍ କରିଥିଲେ ମଧ ଏପର୍ଯ୍ୟନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇନାହିଁ।

## ରକ୍ଷାବନ୍ଧନ ପାଳିତ

**ପୁରୀ, ୩୦।୮(ଅଜିତ ମହାନ୍ତି):** ଓଡ଼ିଶା ଭାରତ ସ୍କାଉଟ୍ସ ଆଣ୍ଡ ଗାଇଡ୍ସ ସଂସ୍ଥା ସହ ଅନୁବନ୍ଧିତ ଶ୍ରୀକ୍ଷେତ୍ର ରୋଭର କ୍ରିୟୁ ଆଣ୍ଡ ରେଞ୍ଜର ଟିମ୍ ଆନୁକୂଲ୍ୟରେ ରକ୍ଷା ବନ୍ଧନ ପାଳନ କରାଯାଇଛି। ରୋଭର ଲିଡର ରାଜେନ୍ଦ୍ର ହରିଚନ୍ଦନଙ୍କ ତତ୍ତ୍ୱାବଧାନରେ ନରେନ୍ଦ୍ରକୋଣସ୍ଥିତ ଉତ୍କଳ ବାଳାଶ୍ରମ ପରିସରରେ ଆଶ୍ରମ ଅନ୍ତେବାସୀଙ୍କୁ ରାଖୀ ବନ୍ଧାଯିବା ସହ କେକ୍ କଟାଯାଇଥିଲା। କାର୍ଯ୍ୟକ୍ରମରେ ଜିଲା ଶିଶୁ ସୁରକ୍ଷା ଅଧିକାରୀ ମନୋଜ କୁମାର ତ୍ରିପାଠୀ ଏବଂ ବାଳାଶ୍ରମର ତତ୍ତ୍ୱାବଧାରକ ସାରଙ୍ଗ ମହାପାତ୍ର ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ। କାର୍ଯ୍ୟକ୍ରମକୁ ରେଞ୍ଜର ଲିଡର ତଟିନୀ ବିଶ୍ୱାଳ, ଆସିଷ୍ଟାଣ୍ଡ ରୋଭର ଲିଡର ପ୍ରଶାନ୍ତ ମୁଦୁଲି ପରିଚଳନା କରିଥିଲେ। ସୂର୍ଯ୍ୟ ନାରାୟଣ ମହାପାତ୍ର, ଶୁଭମ ସାହୁ, ଶିବରାମ ଦାଶ, ସୀମାଞ୍ଚଳ ମହାରଣା, ସୌମ୍ୟ ଦର୍ଶନ ସାହୁଙ୍କ ସମେତ ୟୁନିଟ୍‌ର ଅନ୍ୟ ରୋଭର ଯୋଗଦେଇଥିଲେ। ରେଖା ମାନସିଂହ, କିରନ୍ ଚୌଧୁରୀ, ଆରତି ମହାନ୍ତି, କେ ଅମ୍ବିକା ସେନାପତି, ସମ୍ଭାବିକା ପୃଷ୍ଟି ଏବଂ କରିନା ସାମନ୍ତରାୟ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## ଗଙ୍ଗାଧର ମେହେର ଜୟନ୍ତୀ ପାଳିତ

ପୁରୀ,୩୦।୮(ଅଜିତ୍ ମହାନ୍ତି)





ଉତ୍ସବରେ ଯୋଗଦେଇଥିବା ଅତିଥିମାନେ।

ଶ୍ରୀକ୍ଷେତ୍ର ଶିଶୁ ସାହିତ୍ୟ ସଂସଦର ୩୧ତମ ସ୍ୱନକ୍ଷତ୍ର ଦିବସ ଅବସରରେ ବୁଧବାର ରକ୍ଷାବନ୍ଧନ ଓ ଗଙ୍ଗାଧର ମେହେର ଜୟନ୍ତୀ ପାଳିତ ହୋଇଯାଇଛି। ବଡ଼ଦାଣ୍ଡ ସ୍ଥିତ ଏକ ହୋଟେଲ ସମ୍ମିଳନୀ କକ୍ଷରେ ସଂସଦର ସଭାପତି ପ୍ରାଣକୃଷ୍ଣ ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଏହି ଉତ୍ସବ ଅନୁଷ୍ଠିତ ହୋଇଥିଲା। ଏଥିରେ ଓଡ଼ିଶା ସାହିତ୍ୟ ଏକାଡେମୀ ପୁରସ୍କାରପ୍ରାପ୍ତ ଶିଶୁ ସାହିତ୍ୟିକ ରବୀନ୍ଦ୍ରନାଥ ମାଝୀ, ଗବେଷକ ଡ. ଲକ୍ଷ୍ମୀକାନ୍ତ ଖୁଣ୍ଟିଆ, ପୂର୍ବତନ ନଗରପାଳ ସୁରେନ୍ଦ୍ର ନାଥ ଦାଶ,ଡାକ୍ତର ଦିଲ୍ଲୀପ କୁମାର ବେହେରା,ଗ୍ରନ୍ଥକାର ଗୌରାଙ୍ଗ ଚରଣ ପରିଡା, ଶିଳ୍ପୋଦ୍ୟୋଗୀ ଗିରିଶ ଚନ୍ଦ୍ର ନାୟକ ମଞ୍ଚାସୀନ ଥିଲେ। ସଂସଦର କାର୍ଯ୍ୟକାରୀ ସଭାପତି ବୀରେନ୍ଦ୍ର ମହାନ୍ତିଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମ ପ୍ରାରମ୍ଭରେ ସମ୍ପାଦକ ମହେନ୍ଦ୍ର ବିଶୋଇ ଉତ୍ସବର ଆଭିମୁଖ୍ୟ ସମ୍ପର୍କରେ ସୂଚନା ଦେଇଥିଲେ। ରମେଶ ଚନ୍ଦ୍ର ଦାଶ ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ଦେଇଥିଲେ। ଉପସ୍ଥିତ ସମସ୍ତ ସାରସ୍ୱତ ସାଧକଙ୍କ ହାତରେ ରାଖୀ ବନ୍ଧାଯିବା ସହ ଶିଶୁ କବିତା ପାଠ କରାଯାଇଥିଲା। ଶେଷରେ ଲକ୍ଷ୍ମୀଧର ମାଝୀ ଧନ୍ୟବାଦ ଦେଇଥିଲେ।

## ୩ ମୋବାଇଲ ସହ ବାଇକ୍ ଜବତ, ଜୁଆଡ଼ି ଗିରଫ

**ପିପିଲି,୩୦।୮(ପ୍ରଭାତ ମହାପାତ୍ର):** ଦୀର୍ଘବର୍ଷ ଧରି ପିପିଲି ମଙ୍ଗଳପୁର ପଞ୍ଚାୟତ ମୁର୍ଦ୍ଦନିପୁର ଗ୍ରାମରେ ବେଆଇନ ଭାବେ ଚାଲିଥିବା ଜୁଆଆଡ୍ଡା ଉପରେ ପିପିଲି ପୋଲିସ ମଙ୍ଗଳବାର ରାତିରେ ଚଢ଼ାଉ କରିଛି। ଚଢ଼ାଉ ସମୟରେ ଜୁଆଡ଼ିମାନେ ଦୌଡ଼ିବା ବେଳେ ଜଣକୁ ଧରି ଗିରଫ କରିଥିଲେ। ସେ ହେଲେ ପୁରୀ ଟାଉନ ଥାନା ମଧୁବନଲେନ ଜମୁନାସାହି ଗ୍ରାମର ଲୁଲୁ ପାତ୍ର (୪୭)। ସେଠାରୁ ୩ ପ୍ୟାକେଟ ତାସ ପତା, ୩ ମୋବାଇଲ, ୫ହଜାର ନଗଦ ଟଙ୍କା ସହ ଏକ ବାଇକ୍‌କୁ ପୋଲିସ ଜବତ କରିଛି। ଏ ନେଇ ପୋଲିସ କେସ ନଂ. ୩୧୮/୨୩ରେ ଏକ ମାମଲା ରୁଜୁ କରି ଲୁଲୁଙ୍କୁ କୋର୍ଟ ଚାଲଣ କରାଯାଇଥିବା ବେଳେ ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ବିଚାର ବିଭାଗୀୟ ନିମାପଡ଼ା ଜେଲକୁ ପଠାଯାଇଛି। ତେବେ ଦୀର୍ଘ ବର୍ଷ ଧରି ବେଆଇନ ଭାବେ ଚାଲୁଥିବା ଏହି ଜୁଆଆଡ୍ଡାରେ ପୋଲିସର ଚଢ଼ାଉକୁ ନେଇ ସ୍ଥାନୀୟ ବୁଦ୍ଧିଜୀବୀ ଥାନା ଅଧିକାରୀ ଦୀପକ କୁମାର ଖଣ୍ଡାୟତରାୟଙ୍କୁ ପ୍ରଶଂସା କରିଛନ୍ତି। ତେବେ ଆଗାମୀ ଦିନରେ ଗ୍ରାମରେ ଏଭଳି କାର୍ଯ୍ୟ ଜାରି ରହିବ ବୋଲି ପୋଲିସ କହିଛି। ସୂଚନାଥାଉକି, ୨୦୨୦ରେ ପିପିଲିର ତତ୍କାଳୀନ ଥାନା ଅଧିକାରୀ ଶରତ କୁମାର ସାହୁଙ୍କ ଉଦ୍ୟମକ୍ରମେ ଗ୍ରାମରେ ଜୁଆଖେଳ ବନ୍ଦ ହୋଇଥିଲା। ତାଙ୍କ ବଦଳି ପରେ ପୁନର୍ବାର ସେଠାରେ ଜୁଆଡିମାନେ ଆଡ୍ଡା ଜମାଇଥିଲେ। ଥାନା ଅଧିକାରୀ ଖଣ୍ଡାୟତରାୟ ଯୋଗଦେବା ପରେ ଏହି ଜୁଆଡିଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯାଇଛି।

## ଝୁଲଣ ଉତ୍ସବ ଉଦ୍‌ଯାପିତ

କୋଣାର୍କ,୩୦।୮
(ଜ୍ୟୋତିରାଜ ମହାନ୍ତି)



ପଦ୍ମଶ୍ରୀ ସ୍ୱର୍ଗତଗୁରୁ ଗଙ୍ଗାଧର ପ୍ରଧାନଙ୍କ ଦାରା ପ୍ରତିଷ୍ଠିତ କୋଣାର୍କ ନାଟ୍ୟମଣ୍ଡପ (ଅର୍କ ବିହାର) ପରିସରରେ ୫ଦିନ ବ୍ୟାପି ଚାଲିଥିବା ଝୁଲଣ ଉତ୍ସବ ବୁଧବାର ଉଦ୍‌ଯାପିତ ହୋଇଯାଇଛି। ଅତିଥି ଭାବେ ଏନଏସି ଅଧ୍ୟକ୍ଷା ସଂଯୁକ୍ତା ତ୍ରିପାଠୀ, କୋଣାର୍କ ଓକିଲ ସଂଘ ସଭାପତି ଶ୍ରୀଜୟ ବରାଳ, ଶିକ୍ଷୟିତ୍ରୀ ସ୍ୱର୍ଣ୍ଣଲତା ତ୍ରିପାଠୀ ପ୍ରମୁଖ ଯୋଗଦେଇଥିଲେ। ଶାସ୍ତ୍ରୀୟ ନୃତ୍ୟ ଓ ସଙ୍ଗୀତ କାର୍ଯ୍ୟକ୍ରମରେ ପ୍ରଥମ ଚରଣରେ ଭୁବନେଶ୍ୱରର ଦିବ୍ୟଙ୍କା ଦିବ୍ୟ ଦର୍ଶିନୀ ଦାସ ପରିବେଷଣ କରିଥିଲେ ଓଡ଼ିଶୀ ନୃତ୍ୟ। ଦ୍ୱିତୀୟରେ କୋଲକାତାର ରାଇନା ବିଶ୍ୱାସ ଓ ସାଥିଙ୍କ କଥକ ନୃତ୍ୟରେ ଯୋଗ ଓ ଭୋଗର ବାର୍ତ୍ତା ପ୍ରତିପାଦିତ ହୋଇଥିଲା। ଶେଷର ପଶ୍ଚିମବଙ୍ଗର ତନ୍ମୟ ପାଲ ମଣିପୁରୀ ନୃତ୍ୟ ପରିବେଷଣ କରିଥିଲେ। ଭଗବାନ ଶିବ ଓ ମା ପାର୍ବତୀଙ୍କ ଅନେକ ଗୁଣାବଳୀ ଏହି ନୃତ୍ୟରେ ଦେଖିବାକୁ ମିଳିଥିଲା। ଏହି ଅବସରରେ ରାଧାକୃଷ୍ଣଙ୍କ ଝୁଲଣ ଝାଙ୍କି ପ୍ରଦର୍ଶିତ ହୋଇଥିଲା। ଗୁରୁ ସ୍ୱର୍ଗତ ପ୍ରଧାନଙ୍କ ପୁତ୍ର ଶିବାଶିଷ ପ୍ରଧାନ, ଗୁରୁ ଜୟକୃଷ୍ଣ ନାୟକ, ଗୁରୁ ବିଷ୍ଣୁ ଚରଣ ସାସମଲ, ସଞ୍ଜୀବନୀ ପ୍ରଧାନ, ବୁଦ୍ଧାଦିତ୍ୟ ପ୍ରଧାନ, ସୁଦେଶନ୍ନା ପ୍ରଧାନ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ୯ରେ କୃଷକ ବିଜୟ ସମାବେଶ

ପୁରୀ,୩୦।୮(ଅଜିତ ମହାନ୍ତି)

ଅନିଲ ଅଗ୍ରୱାଲ ଫାଉଣ୍ଡେଶନ ପାଇଁ ରାଜ୍ୟ ସରକାରଙ୍କ ବେଆଇନ ଜମି ଅଧିଗ୍ରହଣ ନେଇ ସୁପ୍ରିମକୋର୍ଟରେ ହୋଇଥିବା ମାମଲାରେ ବେଦାନ୍ତ ବିଶ୍ୱବିଦ୍ୟାଳୟ ବିରୋଧୀ ସଂଘର୍ଷ ସମିତି ବିଜୟୀ ହେବା ପରେ ଆଗାମୀ ସେପ୍ଟେମ୍ବର ୯ରେ କୃଷକ ବିଜୟ ସମାବେଶ ପାଳନ କରିବାକୁ ପ୍ରସ୍ତୁତି ଆରମ୍ଭ କରିଛି। ଏହି ଅବସରରେ ସଂଘର୍ଷ ସମିତିର ନେତୃବୃନ୍ଦ ବାଇଶମୌଜାର ପ୍ରତ୍ୟେକ ଗାଁ ବୁଲି ବେଦାନ୍ତ ବିଶ୍ୱବିଦ୍ୟାଳୟ ଆଳରେ ଜମି ହଡ଼ପର ଆଭିମୁଖ୍ୟ, ତତ୍କାଳୀନ ରାଜ୍ୟ ସରକାରଙ୍କ ଆଖିବୁଜା କମ୍ପାନୀ ପ୍ରୀତି ପ୍ରଭୃତି ଲୋକଙ୍କୁ ସଚେତନ କରାଉଛନ୍ତି। ଏହି କ୍ରମରେ ବୁଧବାର ବେଦାନ୍ତ ବିରୋଧୀ ଆନ୍ଦୋଳନର ପ୍ରମୁଖ ଗାଁ ସମଗରାଠାରେ 'କୃଷକ ବିଜୟ ସମାବେଶ' ସମ୍ପର୍କରେ ଏକ ସଚେତନତା ସଭା ଅନୁଷ୍ଠିତ ହୋଇଯାଇଛି। ସମଗରା ଗ୍ରାମ ସଭାପତି ରାଜକିଶୋର ଜେନାଙ୍କ ସଂଯୋଜନାରେ ଆୟୋଜିତ ସଭାରେ ସମ୍ପାଦକ ରାମଚନ୍ଦ୍ର ପ୍ରଧାନ, ବେଦାନ୍ତ ବିଶ୍ୱବିଦ୍ୟାଳୟ ବିରୋଧୀ ସଂଘର୍ଷ ସମିତିର ଉପସଭାପତି ମଧୁ ରାଉତରାୟ, ଉପଦେଷ୍ଟା ବିଷ୍ଣୁ ପ୍ରସାଦ ମିଶ୍ର, ବରିଷ୍ଠ ନାଗରିକ ଅର୍ଜୁନ ପ୍ରଧାନ, ହରପ୍ରସାଦ ଜେନା ଓ ପ୍ରଭାକର ଗୋଛାୟତ ପ୍ରମୁଖ ଯୋଗ ଦେଇଥିଲେ। ପୂର୍ବତନ ବିଧାୟକ ଉମାବଲ୍ଲଭ ରଥ ଯୋଗଦେଇ ବିଜୟ ଦିବସ ପାଳନ ପ୍ରସ୍ତୁତି ସମ୍ପର୍କରେ ସୂଚନା ଦେଇଥିଲେ। କୃଷକ ବିଜୟ ସମାବେଶରେ ରାଜ୍ୟ ଓ ରାଜ୍ୟ ବାହାରୁ ଆଇନଜୀବୀ ପ୍ରଶାନ୍ତ ଭୂଷଣ, ମେଧା ପାଟେକର ପ୍ରମୁଖ ଯୋଗଦେବେ।

## ବୁଲା ଗୋରୁଙ୍କ ବେକରେ ବନ୍ଧାହେଲା ରେଡିୟମ ଟେପ୍

**ନିମାପଡ଼ା,୩୦।୮(ବିଚିତ୍ରାନନ୍ଦ ସାହୁ):** ନୟାସବେରା ୟୁଥ୍ ଟ୍ରଷ୍ଟ ପକ୍ଷରୁ ପବିତ୍ର ରକ୍ଷାବନ୍ଧନ ଉତ୍ସବ ନିଆରା ଢଙ୍ଗରେ ପାଳିତ ହୋଇଯାଇଛି। ନିମାପଡ଼ା ଦୋଳବେଦି ଛକ, ଥାନା ଛକ, ବ୍ଲକ ଛକ, କୁଶଭଦ୍ରା ବିଜ୍ ଛକ ସମେତ ବିଭିନ୍ନ ଛକ ବଜାରରେ ବୁଲା ଗୋରୁଙ୍କୁ, ପିଠା, ମିଠା, ବିସ୍କୁଟ, ଚକୁଳି ଆଦି ଖୁଆଇବାକୁଦିଆଯାଇଥିଲା। ବୁଲା ଗୋରୁଙ୍କ ଯୋଗୁ ଘଟୁଥିବା ଯାନବାହନ ଦୁର୍ଘଟଣାକୁ ରୋକିବା ସହ ଗୋରୁଙ୍କୁ ଦୁର୍ଘଟଣାରୁ ରକ୍ଷା ଓ ସୁରକ୍ଷା ପାଇଁ ଶତାଧିକ ଗୋରୁଙ୍କ ବେକରେ ରେଡିୟମ ଟେପ୍ ବନ୍ଧା ଯାଇଥିଲା। ଏହି ଅବସରରେ ଗୋପୂଜନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଟ୍ରଷ୍ଟର ସମ୍ପାଦକ ନିର୍ମଳ ପରିଜା, ଉପଦେଷ୍ଟା ଶିକ୍ଷାବିତ୍ ପ୍ରତାପ ସାବୁତ, ନିର୍ମଳ ମିଶ୍ର, ଜୀବନଜ୍ୟୋତି ଶତପଥୀ, ସୁଲଗ୍ନା ସାହୁ, ସୌମ୍ୟରଞ୍ଜନ ଜେନା, ଦୀପକ ମହାପାତ୍ରଙ୍କ ସମେତ ବହୁ କର୍ମକର୍ତ୍ତା ଏହି କାର୍ଯ୍ୟକ୍ରମର ସଂଯୋଜନା ଓ ସହାୟତା କରିଥିଲେ। ଟ୍ରଷ୍ଟର ଏହି ନିଆରା କାର୍ଯ୍ୟକ୍ରମକୁ ନିମାପଡ଼ାର ବିଭିନ୍ନ ମହଲରୁ ପ୍ରଶଂସା କରାଯାଇଛି।

## ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ରକ୍ଷାବନ୍ଧନ ଉତ୍ସବ

ପୁରୀ, ୩୦।୮(ଅଜିତ୍ ମହାନ୍ତି)



ପୁରୀ ସାହିଭାଇ ଅନୁଷ୍ଠାନର ସଦସ୍ୟାସଦସ୍ୟମାନେ ଗଛରେ ରାଖୀ ବାନ୍ଧି ରକ୍ଷାବନ୍ଧନ ପର୍ବ ପାଳନ କରୁଛନ୍ତି। (ଫଟୋ – ଯଜ୍ଞେଶ୍ୱର ମହାନ୍ତି)

ପୁରୀରେ ବୁଧବାର ଆନନ୍ଦ ଉଲ୍ଲାସ ମଧ୍ୟରେ ରକ୍ଷାବନ୍ଧନ ପାଳିତ ହୋଇଯାଇଛି। ଘରେ ଘରେ ପିଠାପଣା ପ୍ରସ୍ତୁତ କରାଯାଇ ଇଷ୍ଟ ଦେବଦେବୀଙ୍କୁ ଅର୍ପଣ ସହ ପୂଜାର୍ଚ୍ଚନା କରାଯାଇଛି। ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ରକ୍ଷାବନ୍ଧନ ପାଳନ ସହ କାର୍ଯ୍ୟକ୍ରମ ଆୟେଜିତ ହୋଇଥିଲା। 'ଦି ବେଲ୍ ଓମେନ୍ସ କ୍ଲବ ତରଫରୁ ପୁରୀ ସର୍ବୋଦୟ ନଗରସ୍ଥିତ ଆଶ୍ରୟରେ 'ଯାହାର କେହି ନାହିଁ' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ସେଠାରେ ଥିବା ଅସହାୟ ଅନୁଷ୍ଠାନର ଅନ୍ତେବାସୀଙ୍କୁ ଓମେନ୍ସ କ୍ଲବ ମହିଳାମାନେ ବନ୍ଦାପନା କରି ରାଖୀ ବାନ୍ଧିବା ସହିତ ମିଷ୍ଟାନ୍ନ ବଣ୍ଟନ କରିଥିଲେ। କାର୍ଯ୍ୟକ୍ରମକୁ ବନିତା ଦୀକ୍ଷିତ ସଂଯୋଜନା ଏବଂ ଶୁଭଲକ୍ଷ୍ମୀ, କେ.ସୁଭାଷିନୀ, ଶାନ୍ତିଲତା ପ୍ରଧାନ, ବିନୋଦିନୀ ଝାନସିଂ, ଶୁଭ୍ରାଂଶୁବାଳା ଦାସ, ସାଗରିକା ବେହେରା, ପାର୍ବତୀ ରାଭା, ବନିତା ପ୍ରଧାନ ପ୍ରମୁଖ ପରିଚାଳନା କରିଥିଲେ। ବାଙ୍ଗରସ୍ଥିତ ପୁରୀ ଜିଲା କାରାଗାରରେ ମାରୁତି ସେନା ପକ୍ଷରୁ ରକ୍ଷା ବନ୍ଧନ ଉତ୍ସବ ପାଳନ କରାଯାଇଥିଲା। ରାଜ୍ୟ ସଭାପତି ପପୁ ଦଳବେହେରା, ଜିଲା ସମ୍ପାଦକ କୁନା ମିଶ୍ର, କାରାଗାର ଅଧୀକ୍ଷକ ସଞ୍ଜୟ କୁମାର ବର୍ମା, କାରାରକ୍ଷପାଳ ଅକ୍ଷୟ କୁମାର ଜେନା, କାରା ମଙ୍ଗଳ ଅଧିକାରୀ ମାନସ ରଞ୍ଜନ ପୁଷ୍ପାଳକ, ସହକାରୀ ପାଳକ ଶାରଦା ପ୍ରସନ୍ନ ରାଉତ ପ୍ରମୁଖ ଉପସ୍ଥିତ ଥିଲେ। ଭାରତୀୟ ମଜଦୁର ସଂଘ ପକ୍ଷରୁ ସଭାପତି ରାଜକୁମାର ମିଶ୍ରଙ୍କ ସଭାପତିତ୍ୱରେ ରକ୍ଷାବନ୍ଧନ ଉତ୍ସବ ଓ ବୃକ୍ଷରୋପଣ କାର୍ଯ୍ୟକ୍ରମ ପାଳନ କରାଯାଇଛି। କାର୍ଯ୍ୟକ୍ରମରେ ସମ୍ପାଦକ ବିଶ୍ୱନାରାୟଣ ଦାଶ, ସଙ୍ଗଠନ ସମ୍ପାଦିକା ଭବାନୀ ମିଶ୍ର, କାର୍ଯ୍ୟକାରୀ ସଭାପତି ପ୍ରତିମା ଦତ୍ତ, ଉପସଭାପତି କମଳ ରଥ, ସହସମ୍ପାଦକ ବ୍ରଜବନ୍ଧୁ ଦାଶ ପ୍ରମୁଖ ଯୋଗ ଦେଇଥିଲେ। ମଧୁବନ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ରକ୍ଷା ବନ୍ଧନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ମୁଖ୍ୟ ଅତିଥି ଭାବେ ଶ୍ରୀମନ୍ଦିର ପୁରୋହିତ ତଥା ଅବସରପ୍ରାପ୍ତ ପ୍ରଧାପକ ଡ. ସିଦ୍ଧେଶ୍ୱର ମହାପାତ୍ର ଯୋଗଦେଇଥିଲେ। ବିଦ୍ୟାଳୟର ସମ୍ପାଦକ ପୁରୁଷୋତ୍ତମ ନାୟକ, ପ୍ରଧାନ ଅଚାର୍ଯ୍ୟ ସୁରେଶ ମିଶ୍ର, ବରିଷ୍ଠ ଆଚାର୍ଯ୍ୟ ବିଷ୍ଣୁ ପ୍ରସାଦ ପାଣି ପ୍ରମୁଖ ଉପସ୍ଥିତ ଥିଲେ। ପିଲାଙ୍କ ପକ୍ଷରୁ ମଧୁବନର ୫ଟି ଯାକ ଗଳିରେ ଗୁରୁମା ଗୁରୁଜୀଙ୍କ ଦ୍ୱାର ରକ୍ଷା ବନ୍ଧନ ଉତ୍ସବ ପାଳନ କରାଯାଇଥିଲା। ଏହି ଅସରରେ ଅତିରିକ୍ତ ଶିକ୍ଷା ଅଧିକାରୀ, ସଂସ୍କାର କେନ୍ଦ୍ର ଓ ଗୋଶାଳାରେ ରକ୍ଷା ବନ୍ଧାଯାଇଥିଲା। ବଡ଼ଦାଣ୍ଡ ସେବା ଅନୁଷ୍ଠାନ ପକ୍ଷରୁ ରକ୍ଷାବନ୍ଧନ ଉତ୍ସବ ପାଳିତ ହୋଇଯାଇଛି। ଏଥିରେ ବହୁ ଛୋଟ ବଡ଼ ବ୍ୟବସାୟୀ ଯୋଗଦେଇ ବିଭିନ୍ନ ବୃକ୍ଷ ଓ ଗୋମାତାଙ୍କୁ ରାଖି ବାନ୍ଧିଥିଲେ। ବ୍ରାହ୍ମଣ ଓ ପୁରୋହିତଙ୍କ ଦ୍ୱାରା ପୂଜାର୍ଚ୍ଚନା କରିବା ପରେ ଗୋମାତା ଓ ବୃକ୍ଷଙ୍କୁ ରାଖୀ ବନ୍ଧାଯାଇ ବିଶ୍ୱର ମଙ୍ଗଳ କାମନା କରାଯାଇଥିଲା। ଆଲୋକ ବାରିକ, ଅଶୋକ ବେହେରା, ସୁନିଲ ନନ୍ଦ, ଜଗନ୍ନାଥ ଦୋରା, ବଟକୃଷ୍ଣ ମହାପାତ୍ର, ବିନାୟକ ରାୟ ସିଂ, ଜଗନ୍ନାଥ ପାଢ଼ୀ ଓ ମନୋଜ ସାହୁ ଉପସ୍ଥିତ ଥିଲେ।


**ସ୍ୱାୟତ୍ତ ଶାସନ ଦିବସ-୨୦୨୩**
**ପାଳନ ଅବସରରେ**
**କଟକ ମହାନଗର ନିଗମ** ତରଫରୁ ହାର୍ଦ୍ଦିକ ଅଭିନନ୍ଦନ

**କାର୍ଯ୍ୟସୂଚୀ**

**ତା.୩୧.୦୮.୨୦୨୩ ରିଖ ପୂର୍ବାହ୍ଣ ଘ. ୮.୦୦ ମି ଠାରୁ...**

ଉଦ୍‌ଘାଟକ **ଶ୍ରୀଯୁକ୍ତ ଭର୍ତ୍ତୃହରି ମହତାବ,** ମାନ୍ୟବର ସାଂସଦ, କଟକ

**ସମ୍ମାନନୀୟ ଅତିଥିବୃନ୍ଦ -**

**ଶ୍ରୀଯୁକ୍ତ ଦେବୀ ପ୍ରସାଦ ମିଶ୍ର,** ମାନ୍ୟବର ବିଧାୟକ, ବଡ଼ମ୍ବା
**ଶ୍ରୀଯୁକ୍ତ ପ୍ରତାପ ଜେନା,** ମାନ୍ୟବର ବିଧାୟକ, ମାହାଙ୍ଗା
**ଶ୍ରୀଯୁକ୍ତ ପ୍ରମୋଦ କୁମାର ମଲ୍ଲିକ,** ମାନ୍ୟବର ବିଧାୟକ, ନିଆଳି
**ଶ୍ରୀଯୁକ୍ତ ଚନ୍ଦ୍ରସାରଥି ବେହେରା,** ମାନ୍ୟବର ବିଧାୟକ, କଟକ ସଦର
**ଶ୍ରୀଯୁକ୍ତ ଇଂ ମହମ୍ମଦ ମୋକିମ,** ମାନ୍ୟବର ବିଧାୟକ, ବାରବାଟୀ କଟକ
**ଶ୍ରୀଯୁକ୍ତ ସୌଭିକ ବିଶ୍ୱାଳ,** ମାନ୍ୟବର ବିଧାୟକ, ଚୌଦ୍ୱାର, କଟକ
**ଶ୍ରୀଯୁକ୍ତ ପ୍ରଶାନ୍ତ ବେହେରା,** ମାନ୍ୟବର ବିଧାୟକ, ସାଲେପୁର
**ଶ୍ରୀଯୁକ୍ତ ଦେବୀ ରଞ୍ଜନ ତ୍ରିପାଠୀ,** ମାନ୍ୟବର ବିଧାୟକ, ବାଙ୍କୀ
**ଶ୍ରୀଯୁକ୍ତ କିଶୋର ଚନ୍ଦ୍ର ମିଶ୍ର,** ମାନ୍ୟବର ଅଧ୍ୟକ୍ଷ, ଜିଲ୍ଲା ପରିଷଦ, କଟକ
**ଶ୍ରୀଯୁକ୍ତ ଅନିଲ କୁମାର ସାମଲ,** ଅଧ୍ୟକ୍ଷ, କଟକ ଉନ୍ନୟନ କର୍ତ୍ତୃପକ୍ଷ
**ଶ୍ରୀଯୁକ୍ତ ଭବାନୀ ଶଙ୍କର ଚୟନୀ,** ଜିଲ୍ଲାପାଳ, କଟକ
**ଶ୍ରୀଯୁକ୍ତ ପିନାକ୍ ମିଶ୍ର,** ଡିସିପି, କମିଶନରେଟ ପୋଲିସ, କଟକ
**ଶ୍ରୀଯୁକ୍ତ ଦେବାଶିଷ ସାମନ୍ତରାୟ,** ପୂର୍ବତନ ବିଧାୟକ ତଥା ସଭାପତି, କଟକ ମହାନଗର ନିଗମ କର୍ମଚାରୀ ସଂଘ
**ଶ୍ରୀଯୁକ୍ତ ପ୍ରଭାତ ତ୍ରିପାଠୀ,** ପୂର୍ବତନ ବିଧାୟକ ତଥା ସଭାପତି, କଟକ ମହାନଗର ନିଗମ ମେହେନ୍ତର ସଂଘ

**ସନ୍ଧ୍ୟା ଘ. ୬.୦୦ମିରେ ଓ୍ୱିଣ୍ଡସର ପ୍ୟାଲେସ, ସିଡିଏ ଠାରେ**

୧. ସ୍ୱାୟତ୍ତ ଶାସନ ଦିବସ ସାଧାରଣ ସଭା
୨. ନିଗମ ଅଞ୍ଚଳରେ କୃତିତ୍ୱ ଅର୍ଜନ କରିଥିବା ବିଶିଷ୍ଟ ବ୍ୟକ୍ତିବିଶେଷମାନଙ୍କୁ ମାନପତ୍ର ପ୍ରଦାନ ଏବଂ ସମ୍ବର୍ଦ୍ଧନା ଜ୍ଞାପନ
୩. ବିଭିନ୍ନ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିବା କୃତୀ ଛାତ୍ରଛାତ୍ରୀମାନଙ୍କୁ ପୁରସ୍କାର ବିତରଣ
୪. ନିଗମର କର୍ତ୍ତବ୍ୟନିଷ୍ଠ କର୍ମଚାରୀଙ୍କୁ ତାଙ୍କର ଉଲ୍ଲେଖନୀୟ କାର୍ଯ୍ୟ ନିମନ୍ତେ ପୁରସ୍କାର ବିତରଣ

**ଶ୍ରୀଯୁକ୍ତ ନିଖିଳ ପବନ୍ କଲ୍ୟାଣ, ଭା.ପ୍ର.ସେ.** ଆୟୁକ୍ତ | **ସୁଶ୍ରୀ ଦମୟନ୍ତୀ ମାଝୀ** ଡେପୁଟି ମେୟର | **ଶ୍ରୀଯୁକ୍ତ ସୁବାସ ଚନ୍ଦ୍ର ସିଂ** ମେୟର

**ନିଗମର ସମସ୍ତ କର୍ପୋରେଟର, ସମସ୍ତ ଅଧିକାରୀ ଏବଂ କର୍ମଚାରୀବୃନ୍ଦ**

## ଜନ୍ମଦିନର ଶୁଭେଚ୍ଛା

ନାମ: ...............................
ବୟସ:...............................
ଜନ୍ମ ତାରିଖ: ...............................



ଡାଏନା
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ଆମେ ଭାରତ ମା'ର ସୁରକ୍ଷା ଲାଗି ଏକାଠି ହୋଇଛୁ: ଉଦ୍ଧବ

**ମୁମ୍ବାଇ,୩୦।୮**

ଜାତୀୟତାବାଦୀ କଂଗ୍ରେସ ଦଳର ମୁଖ୍ୟ ଶରଦ ପାୱାର ଏବଂ ମହାରାଷ୍ଟ୍ରର ପୂର୍ବତନ ମୁଖ୍ୟମନ୍ତ୍ରୀ ଉଦ୍ଧବ ଠାକରେ ମୁମ୍ବାଇରେ ବିରୋଧୀ ମେଣ୍ଟ 'ଭାରତ'ର ବୈଠକ ପୂର୍ବରୁ ଏକ ଖବରଦାତା ସମ୍ମିଳନୀ କରିଛନ୍ତି। ଏହି ସମୟରେ ଶିବସେନା (ୟୁବିଟି) ସଭାପତି ଉଦ୍ଧବ କହିଛନ୍ତି ଯେ, ଆମେ ଭାରତ ମା'ର ସୁରକ୍ଷା ପାଇଁ ଏକାଠି ହୋଇଛୁ। ସମସ୍ତେ ମିଳିତ ଭାବେ ଭାଜପା ବିରୋଧରେ ଲଢିବେ। ଗଣତନ୍ତ୍ରର ସୁରକ୍ଷା ପାଇଁ ବିଭିନ୍ନ ଚିନ୍ତାଧାରାର ବିରୋଧୀ ଦଳର ମିଳିତ ଉଦ୍ଦେଶ୍ୟ ରହିଛି। ପ୍ରଧାନମନ୍ତ୍ରୀ ପ୍ରାର୍ଥୀଙ୍କ ପାଇଁ ଆମର ଅନେକ ବିକଳ୍ପ ଅଛି, କିନ୍ତୁ ଭାଜପା ପାଖରେ କେବଳ ଗୋଟିଏ ବିକଳ୍ପ ଅଛି। ଆମର ଆଦର୍ଶ ଭିନ୍ନ ହୋଇପାରେ, କିନ୍ତୁ ଉଦ୍ଦେଶ୍ୟ ହେଉଛି ଗଣତନ୍ତ୍ରର ସୁରକ୍ଷା।

ଅନ୍ୟପକ୍ଷରେ ଶରଦ ପାୱାର କହିଛନ୍ତ, ମୁମ୍ବାଇରେ ବିରୋଧୀ ଦଳର ବୈଠକରେ ୨୮ଟି ରାଜନୈତିକ ଦଳର ୬୩ ପ୍ରତିନିଧି ଯୋଗଦେବେ। ରାଜନୈତିକ ପରିବର୍ତ୍ତନ ଆଣିବା ପାଇଁ ବିରୋଧୀ ଦଳ ଏକ ଦୃଢ ବିକଳ୍ପ ଯୋଗାଇବ ବୋଲି ମୋର ବିଶ୍ୱାସ ଅଛି।

# ପ୍ରଧାନମନ୍ତ୍ରୀ ପ୍ରାର୍ଥୀ ପାଇଁ ଅଖିଳେଶ ଯୋଗ୍ୟ: ଜୁହି ସିଂ

**ଲକ୍ଷ୍ନୌ,୩୦।୮**

ମୁମ୍ବାଇରେ ବିରୋଧୀ ମେଣ୍ଟ 'ଇଣ୍ଡିଆ'ର ବୈଠକ ପୂର୍ବରୁ ସମାଜବାଦୀ ପାର୍ଟିର ଜାତୀୟ ମୁଖପାତ୍ର ଜୁହି ସିଂ ଏକ ବଡ଼ ଦାବି କରିଛନ୍ତି। ଜୁହି କହିଛନ୍ତି, ମୁଁ ଚାହୁଁଛି ଆମର ଦଳର ମୁଖ୍ୟ ଅଖିଳେଶ ଯାଦବ ପ୍ରଧାନମନ୍ତ୍ରୀ ପ୍ରାର୍ଥୀ ହୁଅନ୍ତୁ। କାରଣ ସେ ପୂର୍ବରୁ ଏତେ ବଡ ରାଜ୍ୟର ମୁଖ୍ୟମନ୍ତ୍ରୀ ହୋଇଛନ୍ତି। ଯଦି ସେ ପ୍ରଧାନମନ୍ତ୍ରୀ ପ୍ରାର୍ଥୀ ହୁଅନ୍ତି ତେବେ ବିରୋଧୀ ମେଣ୍ଟ ତଥା ଦେଶର ବିକାଶ ପାଇଁ ଏହା ଭଲ ହେବ।

ବିରୋଧୀ ମେଣ୍ଟ 'ଇଣ୍ଡିଆ'ର ତୃତୀୟ ବୈଠକ ୩୧ ଅଗଷ୍ଟ ଏବଂ ୧ ସେପ୍ଟେମ୍ବରରେ ମୁମ୍ବାଇରେ ହେବାକୁ ଯାଉଛି ଏବଂ ଏହି ବୈଠକ ଶିବସେନା (ୟୁବିଟି) ଦ୍ୱାରା ଆୟୋଜିତ ହେବ। ଏହି ବୈଠକରେ ବିରୋଧୀ ଦଳ ଏକଜୁଟ ହୋଇ ସେମାନଙ୍କ କାର୍ଯ୍ୟକ୍ରମର ରୋଡ୍‌ମ୍ୟାପ ପ୍ରସ୍ତୁତ କରିବେ।

'ଇଣ୍ଡିଆ'ର ବୈଠକ ପୂର୍ବରୁ ସମସ୍ତ ଦଳର ନେତାମାନେ ନିଜ ଦଳର ଜଣେ ବରିଷ୍ଠ ନେତାଙ୍କୁ ପ୍ରଧାନମନ୍ତ୍ରୀ ପଦ ପାଇଁ ପ୍ରାର୍ଥୀ କରିବାକୁ କହୁଛନ୍ତି। ଟିଏମ୍‌ସି ସୁପ୍ରିମୋ ତଥା ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀଙ୍କ ନାମ ନେଉଥିବାବେଳେ ଆମ ଆଦମୀ ପାର୍ଟି ମଧ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍‌ରିୱାଲଙ୍କ ନାମ ନେଉଛି। ଏହା ବ୍ୟତୀତ ଜେଡିୟୁ ବିଶ୍ୱାସ କରେ ଯେ ବିହାର ମୁଖ୍ୟମନ୍ତ୍ରୀ ନୀତୀଶ କୁମାରଙ୍କୁ ପ୍ରଧାନମନ୍ତ୍ରୀ ପ୍ରାର୍ଥୀ ଘୋଷିତ କରାଯିବା ଉଚିତ। ଏହି ପ୍ରସଙ୍ଗରେ ଶିବସେନା (ୟୁବିଟି) ନେତା ସଞ୍ଜୟ ରାଉତ କହିଛନ୍ତି ଯେ, ଏହି ସମୟରେ ଲୋକଙ୍କ ପାଖରେ ବିକଳ୍ପ ଅଛି ତଥାପି, ମୁଁ ଶିବସେନା ପକ୍ଷରୁ କାହାର ନାମ ନେବାକୁ ଚାହେଁ ନାହିଁ।



କର୍ଣ୍ଣାଟକର ମହୀଶୂରଠାରେ ବୁଧବାର 'ଗୃହଲକ୍ଷ୍ମୀ' ଯୋଜନାର ଶୁଭାରମ୍ଭ ଅବସରରେ କଂଗ୍ରେସ ଅଧକ୍ଷ ମଲ୍ଲିକାର୍ଜୁନ ଖାର୍ଗେ, ରାହୁଲ ଗାନ୍ଧୀ, ରାଜ୍ୟ ମୁଖ୍ୟମନ୍ତ୍ରୀ ସିଦ୍ଦାରାମାୟା, ଉପମୁଖ୍ୟମନ୍ତ୍ରୀ ଡି.କେ. ଶିବକୁମାର ଉପସ୍ଥିତ ଅଛନ୍ତି।

# ମାୟାବତୀ ଭାଜପା ସହ ଯୋଗାଯୋଗରେ ଅଛନ୍ତି: ପାୱାର



ମାୟାବତୀ



ଶରଦ ପାୱାର

**ମୁମ୍ବାଇ,୩୦।୮**

ଦେଶର ଆଗାମୀ ଲୋକସଭା ନିର୍ବାଚନକୁ ନେଇ ରାଜନୀତି ସରଗରମ ହୋଇଛି। ଗୁରୁବାର ଠାରୁ ମୁମ୍ବାଇରେ ବିରୋଧୀ ମେଣ୍ଟ 'ଇଣ୍ଡିଆ'ର ଦୁଇ ଦିନିଆ ବୈଠକ ଅନୁଷ୍ଠିତ ହେବାକୁ ଯାଉଛି। ଏହାପୂର୍ବରୁ ବୁଧବାର ବିଏସ୍‌ପି ମୁଖ୍ୟ ମାୟାବତୀ ବଡ଼ ଘୋଷଣା କରିଛନ୍ତି। ସେ ଏଥର ଇଣ୍ଡିଆ ଏବଂ ଏନ୍‌ଡିଏ ସହ ନ ମିଶି ଲୋକ ସଭା ଏବଂ ବିଧାନସଭା ନିର୍ବାଚନ ଏକୁଟିଆ ଲଢିବେ ବୋଲି ଘୋଷଣା କରିଛନ୍ତି। ଏହାକୁ ନେଇ ଏନ୍‌ସିପି ମୁଖ୍ୟ ଶରଦ ପାୱାର ମାୟାବତୀଙ୍କୁ ଟାର୍ଗେଟ କରିଛନ୍ତି।

ଶରଦ କହିଛନ୍ତି, ମାୟାବତୀ ଜୀଙ୍କ ଦଳ କାହା ସହ ଯିବ, ତାହା ଏପର୍ଯ୍ୟନ୍ତ ସ୍ପଷ୍ଟ ହୋଇନାହିଁ। ମୁଁ ଜାଣେ ବିଏସ୍‌ପି ସୁପ୍ରିମୋ ଭାଜପା ସହ ଯୋଗାଯୋଗରେ ଅଛନ୍ତି। ବିଏସପି ଭାଜପାର ନିକଟବର୍ତ୍ତୀ। ମାୟାବତୀ ନେଇଥିବା ନିଷ୍ପତ୍ତି ବିଷୟରେ ଲୋକଙ୍କୁ ଚିନ୍ତା କରିବାକୁ ପଡ଼ିବ। ତେବେ ମୁଁ ପୂର୍ବରୁ କହିଆସିଛି ଏବଂ ଏବେ କହୁଛି ମୁଁ ବିରୋଧୀ ମେଣ୍ଟରେ ଅଛି। ଏ ବିଷୟରେ କୌଣସି ଦ୍ୱନ୍ଦ୍ୱ ନାହିଁ। ଏନ୍‌ସିପି ପ୍ରସଙ୍ଗକୁ ନେଇ ଅଧିକ ରାଜନୈତିକ ରଙ୍ଗ ଦିଆଯାଉଛି। ଦଳ ବିଭାଜନ କଥା ବହୁ ଭାବରେ କୁହାଯାଉଛି। କିନ୍ତୁ ମୁଁ ଦଳର ସଭାପତି ଅଛି। ଲୋକଙ୍କ ସମର୍ଥନ ଆମ ପଛରେ ରହିଛି। ତେବେ ଦେଶରେ ଏକ ବିକଳ୍ପ ଫୋରମ ପ୍ରସ୍ତୁତ କରାଯାଉଛି। ଦେଶରେ ପରିବର୍ତ୍ତନ ଆଣିବାକୁ ମିଳିତ ମେଣ୍ଟ ପ୍ରସ୍ତୁତ ବୋଲି ଶରଦ କହିଛନ୍ତି।

# ଗ୍ୟାସ୍ ଦର ୨୦୦ ଟଙ୍କା ହ୍ରାସକୁ ନେଇ ତେଜିଲା ରାଜନୀତି

- ୫ ଲକ୍ଷ ନୂଆ ହିତାଧିକାରୀ ଉଜ୍ଜ୍ୱଳା ଯୋଜନାରେ ସାମିଲ ହେବେ: ଧର୍ମେନ୍ଦ୍ର
- ମାଗଣା ଦେବେ ବୋଲି କହୁଥିଲେ, ଆହୁରି କମାନ୍ତୁ: ଦେବୀ
- ନିର୍ବାଚନ ଦେଖି ଦର କମାଇଲେ ବି ଲୋକେ ବିଶ୍ୱାସ କରିବେନି: ତାରା

**ଭୁବନେଶ୍ୱର, ୩୦।୮ (ସୁନିତ୍ ମିଶ୍ର)**

'ପ୍ରଧାନମନ୍ତ୍ରୀ ଉଜ୍ଜ୍ୱଳା ଯୋଜନା'ରେ ଅତିରିକ୍ତ ୭୫ ଲକ୍ଷ ମାଆ ଭଉଣୀଙ୍କୁ ଯୋଡ଼ାଯିବା ନେଇ କ୍ୟାବିନେଟ ମଞ୍ଜୁରୀ ମିଳିସାରିଛି। ଏହା ଫଳରେ ଓଡ଼ିଶାର ଆନୁମାନିକ ପ୍ରାୟ ୫ ଲକ୍ଷ ନୂଆ ହିତାଧିକାରୀଙ୍କୁ ଉଜ୍ଜ୍ୱଳା ଯୋଜନାରେ ସାମିଲ କରାଯିବ। ଏହି ନିଷ୍ପତ୍ତି ଦ୍ୱାରା ପରିବାରରେ ଖୁସି ଆସିବ ଏବଂ ନାଗରିକଙ୍କ ଜୀବନ ଆହୁରି ସହଜ ହେବ ବୋଲି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଛନ୍ତି। ତେବେ ଗ୍ୟାସ୍ ଦର ୨୦୦ ଟଙ୍କା ହ୍ରାସ ହେବା ନେଇ ବିଜେଡି ଓ କଂଗ୍ରେସ କେନ୍ଦ୍ର ସରକାରଙ୍କୁ ଟାର୍ଗେଟ କରିଛନ୍ତି। ଓଡ଼ିଶାରେ ୧ କୋଟି ଘର ମଧ୍ୟରୁ ୨୦ ଲକ୍ଷଙ୍କ ଘରେ ଗ୍ୟାସ୍ ସଂଯୋଗ ଥିଲା। ମୋଦି ସରକାରରେ ଏହି ସଂଖ୍ୟା ବଢି ୯୬ ଲକ୍ଷରେ ପହଞ୍ଚିଛି। ଦେଶ ଏବଂ ରାଜ୍ୟର ମହିଳାମାନେ ପ୍ରଧାନମନ୍ତ୍ରୀଙ୍କ ସହ ଅଛନ୍ତି ବୋଲି ଧର୍ମେନ୍ଦ୍ର କହିଛନ୍ତି।

ବିଜେଡି ବିଧାୟକ ଦେବୀପ୍ରସାଦ ମିଶ୍ର କହିଛନ୍ତି, ଦେଶରେ ସବୁ ଜିନିଷର ଦରଦାମ୍ ବୃଦ୍ଧି ହୋଇଛି। ତା' ଭିତରେ ଗ୍ୟାସ୍ ଦର ମଧ ବହୁ ମାତ୍ରାରେ ବୃଦ୍ଧି ପାଇଥିଲା, ଯାହା ସାଧାରଣ ଲୋକଙ୍କୁ ବାଧୁଥିଲା। ଏବେ ସେଥିରୁ ୨୦୦ ଟଙ୍କା ହ୍ରାସ କରିଛନ୍ତି, ହେଲେ ଆହୁରି କମିବାର ଥିଲା। ସେମାନେ



ଧର୍ମେନ୍ଦ୍ର ପ୍ରଧାନ



ଦେବୀପ୍ରସାଦ ମିଶ୍ର



ତାରାପ୍ରସାଦ ବାହିନୀପତି

ମାଗଣା ଗ୍ୟାସ୍ ବୋଲି କହୁଥିଲେ। ଯଦି ବି ମାଗଣା ନ କଲେ ଗ୍ୟାସ୍ ଦର ଆହୁରି କମିବାର ଆବଶ୍ୟକତା ଥିଲା। ମହିଳାମାନେ ଦୀର୍ଘବର୍ଷ ହେଲା ନବୀନ ପଟ୍ଟନାୟକଙ୍କ ନେତୃତ୍ୱ ପଛରେ ଅଛନ୍ତି। ମହିଳାଙ୍କ ପାଇଁ ବିଭିନ୍ନ କାର୍ଯ୍ୟକ୍ରମ ଯାହା କେହି କରୁଥିଲେ ସେ କ୍ଷେତ୍ରରେ ଆଗୁଆ ନବୀନ ପଟ୍ଟନାୟକ ପଦକ୍ଷେପ ନେଇଛନ୍ତି ବୋଲି ଦେବୀ କହିଛନ୍ତି। ଗ୍ୟାସ୍ ଦର ଆହୁରି ହ୍ରାସ ପାଇବା ଦରକାର ବୋଲି ବିଜେଡି କହିଥିବା ବେଳେ ନିର୍ବାଚନ ଆସିବାରୁ ଏହା ରାଜନୀତି ବୋଲି କଂଗ୍ରେସ କହିଛି।

ତେବେ ଧର୍ମେନ୍ଦ୍ର କହିଛନ୍ତି, ଓଡ଼ିଶାର ମହିଳାମାନଙ୍କ ସୁରକ୍ଷା ଏବଂ ସଶକ୍ତୀକରଣ ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ପ୍ରତିଶ୍ରୁତିବଦ୍ଧ। ମଙ୍ଗଳବାର ଓଡ଼ିଶାର ମାତୃଶକ୍ତିର କଲ୍ୟାଣ ପାଇଁ ରାଖୀ ଅବସରରେ ପ୍ରଧାନମନ୍ତ୍ରୀ ବଡ଼ ଉପହାର ସ୍ୱରୂପ ରୋଷେଇ ଗ୍ୟାସ୍‌ର ମୂଲ୍ୟ ୨୦୦ ଟଙ୍କା ହ୍ରାସ କରିଥିବାରୁ ପ୍ରଧାନମନ୍ତ୍ରୀଙ୍କୁ ଧନ୍ୟବାଦ। ଏହି ନିଷ୍ପତ୍ତି ଯୋଗୁ ଓଡ଼ିଶାର ୯୬ ଲକ୍ଷ ହିତାଧିକାରୀ ରୋଷେଇ ଗ୍ୟାସ୍‌ର ନିର୍ଦ୍ଧାରିତ ମୂଲ୍ୟଠାରୁ ୨୦୦ ଟଙ୍କା କମ୍ ମୂଲ୍ୟରେ ଗ୍ୟାସ୍ ପାଇବେ। ପ୍ରଧାନମନ୍ତ୍ରୀ ଉଜ୍ଜ୍ୱଳା ଯୋଜନାରେ ଅନ୍ତର୍ଭୁକ୍ତ ୫୩ ଲକ୍ଷରୁ ଅଧିକ ହିତାଧିକାରୀ ନିର୍ଦ୍ଧାରିତ ମୂଲ୍ୟରୁ ୪୦୦ ଟଙ୍କା କମ୍ ମୂଲ୍ୟରେ ଗ୍ୟାସ୍ ପାଇ ଉପକୃତ ହେବେ। ୨୦୧୪ରେ

କଂଗ୍ରେସ ବିଧାୟକ ତାରାପ୍ରସାଦ ବାହିନୀପତି କହିଛନ୍ତି, ନିର୍ବାଚନକୁ ଆଖି ଆଗରେ ରଖି ଗ୍ୟାସ୍ ଦର କମାଇଲେ ମଧ ଲୋକମାନେ ଆଉ ବିଶ୍ୱାସକୁ ନେବେ ନାହିଁ। ଦେଶର ମା, ଭଉଣୀଙ୍କ ଠାରୁ ହଜାର ହଜାର କୋଟି ଟଙ୍କା ଲୁଟି ଖାଇଲା ପରେ ଏବେ ୨୦୦ ଟଙ୍କା କମାଇଲେ କ'ଣ ହେବ। ଏମାନେ ଗ୍ୟାସ୍ ୪୫୦ ଟଙ୍କାରେ ଦେବେ କି ବୋଲି ତାରା ପ୍ରଶ୍ନ କରିବା ସହ ମହିଳା ଭୋଟ ବିଜେଡି କି ଭାଜପା କାହା ସହିତ ରହିବାର ପ୍ରଶ୍ନ ଉଠୁନାହିଁ ବୋଲି କହିଛନ୍ତି।

# ପରିବାରବାଦ ଉପରେ ଧର୍ମେନ୍ଦ୍ରଙ୍କ ମନ୍ତବ୍ୟ ହାସ୍ୟାସ୍ପଦ : ବିଜେଡି

**ଭୁବନେଶ୍ୱର,୩୦।୮ (ଅନିଲ ଦାସ)**

ପରିବାରବାଦ ଉପରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଯେଉଁ ମତ ରଖିଛନ୍ତି ତାହା ଅତ୍ୟନ୍ତ ହାସ୍ୟାସ୍ପଦ। ଧର୍ମେନ୍ଦ୍ର ମଧ୍ୟ ପରିବାରବାଦ ରାଜନୀତି ମଧ୍ୟରୁ ଆସିଛନ୍ତି ଏବଂ ରାଜନୈତିକ ପରିବାରର ସୁବିଧାକୁ ଉପଭୋଗ କରିଛନ୍ତି। ହେଲେ ଓଡ଼ିଶାର ଜନସାଧାରଣ ତାଙ୍କୁ ଆଶୀର୍ବାଦ ଦେଇନାହାନ୍ତି ବୋଲି ଗ୍ରାମ୍ୟ ଉନ୍ନୟନ ମନ୍ତ୍ରୀ ପ୍ରୀତିରଞ୍ଜନ ଘଡ଼ାଇ କହିଛନ୍ତି।

ଧର୍ମେନ୍ଦ୍ରଙ୍କ ମନ୍ତବ୍ୟର ଜବାବ ଦେଇ ସେ କହିଛନ୍ତି, ମୁଁ ଏକ ରାଜନୈତିକ ପରିବାରରୁ ଆସିଛି, ହେଲେ ବ୍ୟକ୍ତିଗତ ସ୍ତରରେ କଠିନ ପରିଶ୍ରମ ପାଇଁ ଜନତା ମୋତେ ଲଗାତର ୩ ଥର ବିଧାୟକ ଭାବେ ନିର୍ବାଚିତ ହେବାକୁ ଆଶୀର୍ବାଦ କରିଛନ୍ତି । ହେଲେ ଧର୍ମେନ୍ଦ୍ରଙ୍କୁ ଓଡ଼ିଶାର ଜନସାଧାରଣ ଆଶୀର୍ବାଦ ଦେଇନାହାନ୍ତି। ୨ଟି ନିର୍ବାଚନ ହାରିବା ପରେ ସେ ଗଳାବାଟ ଜରିଆରେ ବିହାର ଏବଂ ମଧ୍ୟପ୍ରଦେଶ ଭଳି ଅନ୍ୟ ରାଜ୍ୟରୁ ରାଜ୍ୟ ସଭାକୁ ଯାଇଛନ୍ତି।

କ୍ଲିନ୍ ଏନର୍ଜି ସେସ୍ ବାବଦରୁ ପ୍ରାୟ ୬୦ ହଜାର କୋଟି ଟଙ୍କା ସଂଗ୍ରହ କରାଯାଇଛି, ହେଲେ ଓଡ଼ିଶାକୁ ଗୋଟିଏ ପଇସା ମିଳିନି। କେନ୍ଦ୍ରମନ୍ତ୍ରୀ ଯେତେବେଳେ ସୁକିନ୍ଦାରେ ପ୍ରଦୂଷଣ ବାବଦରେ ଉଲ୍ଲେଖ କରୁଛନ୍ତି, ସେତେବେଳେ ଅନୁଗୋଳ, ଢେଙ୍କାନାଳ, ସମ୍ବଲପୁର ଓ ଯାଜପୁର ଜିଲାର ଜନତାଙ୍କୁ ଏହାର ଉତ୍ତର ଦେବାକୁ ପଡ଼ିବ ବୋଲି ସେ କହିଛନ୍ତି।

# ଜେଏମ୍ଏମ୍ ଛାଡ଼ିଲେ ପୂର୍ବତନ ବିଧାୟକ ପ୍ରହ୍ଲାଦ ପୂର୍ତ୍ତି

**ରାଇରଙ୍ଗପୁର,୩୦।୮ (ମନୋରଞ୍ଜନ ତିରିଆ)**



ପୂର୍ବତନ ବିଧାୟକ ପ୍ରହ୍ଲାଦ ପୂର୍ତ୍ତି ଝାଡ଼ଖଣ୍ଡ ମୁକ୍ତି ମୋର୍ଚ୍ଚା(ଜେଏମ୍ଏମ୍)ର ପ୍ରାଥମିକ ସଦସ୍ୟ ପଦରୁ ଇସ୍ତଫା ଦେଇଛନ୍ତି। ସେ ଜେଏମ୍ଏମ୍ ରାଜ୍ୟ ଉପ ସଭାପତି ଦାୟିତ୍ୱରେ ଥିଲେ। ଦଳରେ ତାଙ୍କୁ କୋଣଠେସା କରି ରଖାଯାଇଥିବାରୁ ମଙ୍ଗଳବାର ରାତିରେ ସେ ତାଙ୍କ ଇସ୍ତଫା ପତ୍ରକୁ ଜେଏମ୍ଏମ୍‌ର କେନ୍ଦ୍ରୀୟ ସଭାପତି ଶିବୁ ସୋରେନ୍‌ଙ୍କ ନିକଟକୁ ପଠାଇ ଦେଇଥିବା କହିଛନ୍ତି। ଆଗକୁ ଲୋକସଭା ଓ ବିଧାନସଭା ନିର୍ବାଚନ ଆସୁଥିବାରୁ ସେ ଭାଜପାରେ ଯୋଗଦେଇ ପାରନ୍ତି ବୋଲି ରାଜନୈତିକ ମହଲରେ ଚର୍ଚ୍ଚା ହେଉଛି।

ସୂଚନାଯୋଗ୍ୟ, ୨୦୦୪ରେ ପ୍ରହ୍ଲାଦ ବହଳଦା(ସଂରକ୍ଷିତ) ବିଧାନସଭା ଆସନରୁ ଜେଏମ୍ଏମ୍‌ରୁ ପ୍ରାର୍ଥୀ ହୋଇ ବିଧାୟକ ଭାବେ ନିର୍ବାଚିତ ହୋଇଥିଲେ। ଏହା ପୂର୍ବରୁ ସେ ଜାମଦା ବ୍ଲକର ଅଧକ୍ଷ ଥିଲେ। ୨୦୦୯ରେ ଜେଏମ୍ଏମ୍ ଟିକେଟରୁ ବଞ୍ଚିତ ହେବା ପରେ ସେ କିଛି ବର୍ଷ କଂଗ୍ରେସ ଏବଂ ବିଜେଡିରେ କାର୍ଯ୍ୟ କରିଥିଲେ। ୨୦୧୮ରେ ପୁନର୍ବାର ଜେଏମ୍ଏମକୁ ଫେରିଥିଲେ। ୨୦୧୯ ବିଧାନସଭା ନିର୍ବାଚନରେ ସେ ରାଇରଙ୍ଗପୁର ବିଧାନସଭା ଆସନରୁ ଦଳୀୟ ପ୍ରାର୍ଥୀ ହେବା ପାଇଁ ଆଶାୟୀ ଥିଲେ। ପୂର୍ବତନ ରାଜ୍ୟ ସଭାପତି ମହେଶଚନ୍ଦ୍ର ହେମ୍ବ୍ରମ ୨୦୨୧ରେ ଦଳ ଛାଡ଼ିବା ପରେ ଜେଏମ୍ଏମ୍‌ର ସୁପ୍ରିମୋ ଶିବୁ ସୋରେନ୍‌ଙ୍କ ଝିଅ ଅଞ୍ଜଳି ସୋରେନ୍ ଦଳର ରାଜ୍ୟ ସଭାପତି ହୋଇଥିଲେ। ଅଞ୍ଜଳିଙ୍କ ଟିମ୍‌ରେ ପ୍ରଥମେ ସେ ରାଜ୍ୟ କୋଷାଧକ୍ଷ ଏବଂ ପରେ ରାଜ୍ୟ ଉପସଭାପତି ରହିଥିଲେ।


# Classified Everyday 0674-2580101, 2549949





## SALE

3BHK Semi furnished flat sale at Jharpada, Bhubaneswar 80' feet road side. Contact: 9437307086. D-1184

Land for sale at Ranga Bazar Tankapani Road 4 acres of Nadipatha Land for sale single Owner Govt. valuation 5.08 lakh per Kataki Guntha. Genuine buyers Contact: Phone- 8144049201. D-1174

ଭୁବନେଶ୍ୱର ପାହାଳ NH ପାଖରେ developed yellowzone plot boundary, road, ଇଲେକ୍ଟ୍ରିସିଟି ଥାଇ ତୁରନ୍ତ ଗୃହ ନିର୍ମାଣ କରନ୍ତୁ। 6370354458. D-75207

ଭୁବନେଶ୍ୱର ଜଟଣୀଗେଟ୍ ପାଖରେ 1200sqft., 3,00,000/-, ଛତାବର 1200sqft.-3,00,000/-, ନଖରା- 300/-. 7978663279. D-75204

### ପାଠକଙ୍କ ପାଇଁ ସୂଚନା

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।





Spa Kerala body Massage only best Therapist @699/- Bhubaneswar. 9337672475. D-1132

Asribada Panchakarma herbal SPA Kesharimall, Bhubaneswar. Contact: 8926173473. D-75030

Reduce stress through professional massage, SPA Station, Krishna Plaza, Nayapalli. Contact: 8118079281. D-74579

## AFFIDAVIT

I, Ananta Kumar Nayak alias Gourahari Nayak (50), S/o- Mahendra Nayak, Vill– Atto (Kudandapur), P.S.- Sabaranga, Dist.- Bhadrak. I have an LIC Policy bearing No.- 584502910, where in my name is Ananta Kumar Nayak. I declare that Ananta Kumar Nayak and Gourahari Nayak same and one person. D-1185

Affidavit No.- 860, dt 07.07.2023 before Executive Magistrate, Khurdha changed of my name and Address after taking Sanatan Diksha from Rutumukha Mohapatra, S/o - Rabi Narayana Mohapatra, At/P.O.- Badaberana, P.S- Begunia, Dist.- Khurdha to permanent Address Naga Adaita Charan Dash, S/o- Dhyanchand Dash, At- Gobindapur, P.O.- Badaberana, P.S.- Begunia, Dist.- Khurdha for all purpose. D-1187

I, Ananda Verma, S/o Kailash Kumar Verma, House No. 7, At- HIG Colony, Sector 8, CDA, Cuttack, Odisha PIN-753014 declare by this affidavit No. 8876 that now onwards I shall be known as Anand Kumar Verma for all future purposes. D-1186

I, Vudimudi Jayasri, D/o Late Raju Ganga Vudimudi, resident of Flat No.- 301 Kalpataru residency Plot No. 129, Surya Nagar, Bhubaneswar-751003, Odisha declare by this affidavit No. 651 Dt. 23.08.2023 that now onwards I shall be known as Jayashree Vudimudi for all future purposes. D-1181

## LEGAL NOTICE

ଆଡିସନାଲ କମିଶନର, ଆଡିସନାଲ ରିଭିଜନାଲ୍ କୋର୍ଟ ନଂ. ୪ଙ୍କ ଅଦାଲତ,ଭୁବନେଶ୍ୱର ୪ର୍ଥ ମହଲା, ମୁଖ୍ୟ ଦପ୍ତର କାର୍ଯ୍ୟାଳୟ ବିଲ୍ଡିଙ୍ଗ୍, ୟୁନିଟ୍- ୫,ଭୁବନେଶ୍ୱର।
ଓ.ଏସ୍. ଏସ୍. କେସ୍ ନଂ. ୭୪୯/୨୦୨୨

ଶ୍ରୀମତୀ ସ୍ୱାଗତିକା ମିଶ୍ର ....... ବାଦୀ/ଦରଖାସ୍ତକାରୀ
ବନାମ
ନନ୍ଦକିଶୋର ମିଶ୍ର ଓଗେରମାନେ ....... ପ୍ରତିବାଦୀ/ଅପରପକ୍ଷ

ପ୍ରାପ୍ତେଷୁ,
ନନ୍ଦକିଶୋର ମିଶ୍ର, ପିତା:୰ କପିଳ ବଡ଼ପଣ୍ଡା, ଗ୍ରାମ: ଜଗନ୍ନାଥବଲ୍ଲଭ, ପୋ: କଟକ-୧
ଥାନା: ଲାଲବାଗ, ଜିଲା: କଟକ.......ପ୍ରତିବାଦୀ ନଂ. ୧

ନୋଟିସ

ସି.ପି.ସି.ଅର୍ଡର-୫, ରୁଲ୍-୨୦ ମୁତାବକ ବାଦୀଙ୍କ ଦ୍ୱାରା ଓଡ଼ିଶା ଭୂବନ୍ଦୋବସ୍ତ ଆଇନ ୧୯୮୫ ଧାରା (ଖ) ମୁତାବକ ମାନ୍ୟବର ଆଡିସନାଲ୍ ରିଭିଜନାଲ୍ କୋର୍ଟ ନଂ.୪, ଭୁବନେଶ୍ୱରଙ୍କ ଅଦାଲତରେ ଶ୍ରୀମତୀ ସ୍ୱାଗତିକା ମିଶ୍ରଙ୍କ ଦଖଲ ଦୃଷ୍ଟେ ଜମି ରେକର୍ଡ଼ ପାଇଁ ଉପରୋକ୍ତ ରିଭିଜନ୍ ମକଦ୍ଦମା ଦାୟର ହୋଇଅଛି। ବାଦୀଙ୍କ ଦ୍ୱାରା ଦିଆଯାଇଥିବା ଉପରୋକ୍ତ ପ୍ରତିବାଦୀ ନଂ. ୧ଙ୍କ ଠିକଣାରେ ନୋଟିସ ଡାକ ଦ୍ୱାରା ଦିଆଯାଇଥିଲା। ଉକ୍ତ ପ୍ରତିବାଦୀ ମୃତ ଥିବାରୁ ଏବଂ ତାଙ୍କର କୌଣସି ଉତ୍ତରାଧିକାରୀ ଉକ୍ତ ନୋଟିସ୍‌କୁ ଗ୍ରହଣ ନ କରିବାରୁ ତାହା ଜାରି ହୋଇ ନ ପାରି ଫେରସ୍ତ ଆସିଛି। ତାଙ୍କର ୱାରଷଙ୍କର ନାମ ଓ ଧାମ ଆମ୍ଭେ ବହୁତ ଚେଷ୍ଟା କରି ପାଇପାରିଲୁ ନାହିଁ।
ଉକ୍ତ ସମ୍ବାଦପତ୍ର ଦ୍ୱାରା ଉପରୋକ୍ତ ପ୍ରତିବାଦୀଙ୍କର ଯଦି କେହି ୱାରଷ ଥାଆନ୍ତି କି ତାଙ୍କର ଅବଗତି ନିମନ୍ତେ ଉକ୍ତ ଖବରକାଗଜ ବିଜ୍ଞାପନ ମାଧ୍ୟମରେ ଜଣାଇ ଦିଆଯାଉଛି ଯେ ଉପରୋକ୍ତ ରିଭିଜନ୍ କେସ୍‌ର ଶୁଣାଣି ମାନ୍ୟବର ଆଡିସନାଲ୍ ରିଭିଜନାଲ୍ କୋର୍ଟ ନଂ.୪, ଭୁବନେଶ୍ୱରଙ୍କ କାର୍ଯ୍ୟାଳୟରେ ଆସନ୍ତା ତା. ୪।୧୦।୨୩ ରିଖ ଦିବା ୧୧.୩୦ ଘଟିକା ସମୟରେ ବିଚାର କରାଯିବା ନିମନ୍ତେ ସ୍ଥିରୀକୃତ ହୋଇଅଛି। ଉକ୍ତ କେସ୍‌ର ତଫସିଲ ବୃତ୍ତି ଜମିର ବିବରଣୀ ନିମ୍ନରେ ପ୍ରଦାନ କରାଗଲା।

ତଫସିଲ ବୃତ୍ତି

ଜିଲ୍ଲା: ଖୋର୍ଦ୍ଧା, ଥାନା: ଶହୀଦନଗର, ଥାନା ନଂ., ମୌଜା: ଗାଡ଼କଣ, ତହସିଲ: ଭୁବନେଶ୍ୱର, ସାବିକ ଖାତା ନଂ. ୧୦୨୭/୩୮, ପ୍ଲଟ୍ ନଂ. ୪୭୩୫/୫୧୬୧/୫୮୧୦, କିସମ: ଘରବାରି, ଏରିଆ ଏ୦.୦୬ ଡିସିମିଲ୍ (୯୦'-୩୦') ସମ୍ବନ୍ଧ ଏ୦. ୬୦ ଡିସିମିଲ, ହାଲ୍ ମୌଜା: ଭୁବନେଶ୍ୱର, ସହର ୟୁନିଟ୍-୩୯, ଗାଡ଼କଣ, ଥାନା: ନିୟୁ କ୍ୟାପିଟାଲ, ଥାନା ନଂ. ୨୫, ତହସିଲ: ଭୁବନେଶ୍ୱର,ଜିଲ୍ଲା: ଖୋର୍ଦ୍ଧା, ହାଲ୍ ଖାତା ନଂ. ୪୬୮୯, ହାଲ୍ ପ୍ଲଟ୍ ନଂ. ୯୩୩୪, ଏରିଆ ଏ୦. ୦୩୦ ଡିସିମିଲ, ପ୍ଲଟ୍ ନଂ. ୯୩୩୭, ଏରିଆ: ଏ୦. ଡିସିମିଲ, କିସମ: ଘରବାରି।

ଏଣୁ ଉପରୋକ୍ତ ମାମଲାର ପ୍ରତିବାଦୀମାନେ କିମ୍ବା ତାଙ୍କର ଉତ୍ତରାଧିକାରୀ ବା ଏହି ତଫସିଲ ବର୍ଣ୍ଣିତ ସମ୍ପତ୍ତିର ସ୍ୱତ୍ତ୍ୱ ଦାବି କରୁଥିବା ବ୍ୟକ୍ତି କିମ୍ବା ସେମାନଙ୍କର କ୍ଷମତାପ୍ରାପ୍ତ ପ୍ରତିନିଧି ଏହି ନିର୍ଦ୍ଧାରିତ ତାରିଖ ଓ ସମୟରେ ଉକ୍ତ ଅଦାଲତରେ ଉପସ୍ଥିତ ରହି ତହବିଲ କରିବେ, ଅନ୍ୟଥା ଆଇନ ଅନୁଯାୟୀ, ଉକ୍ତ ମକଦ୍ଦମାକୁ ଫଏସଲା କରାଯିବ।

ସ୍ୱା./-ଆଡିସନାଲ୍ ଡିଭିଜନାଲ କୋର୍ଟ ନଂ-୪ ଭୁବନେଶ୍ୱରଙ୍କ
ଆଦେଶକ୍ରମେ,
କୋର୍ଟ ଅଫିସର
ଧ-୧୧୭୩

## ମନେ ପଡ଼ନ୍ତି

ଦ୍ୱାଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



୰ସୁନାମଣି ପଣ୍ଡା
ପଣ୍ଡାସାହି, ଭିଙ୍ଗାରପୁର, ଖୋର୍ଦ୍ଧା
ଆବିର୍ଭାବ: ମାର୍ଚ୍ଚ ୧୯୨୧
ତିରୋଧାନ: ୨୦୨୩
ତୋର ନିଷ୍କପଟ ସେହ୍ନ, ଶ୍ରଦ୍ଧା ଓ ଆଦର୍ଶ ଆମ ପାଇଁ ଚିରସ୍ମରଣୀୟ ହୋଇ ରହିବ। ତୋର ଅମର ଆତ୍ମାର ସଦ୍‌ଗତି ନିମନ୍ତେ ଭଗବାନଙ୍କ ପାଖରେ ପ୍ରାର୍ଥନା।
ଶ୍ରଦ୍ଧାଞ୍ଜଳି ସହ: ପୁଅ: କଣ୍ଡରା, ବୋହୂ:ଜୋସ୍ନା, ନାତି: ଦିପୁ, ନାତୁଣୀବୋହୂ: ଲକି, ନିକୁଞ୍ଜ, ନାତୁଣୀ, ମମତା, ଜିତା, ଅଣନାତି, ବିହାନ୍, ରାଜା, ବିକି, ଲାଲଟୁ, ଅଂଶୁ ଓ ଆତ୍ମୀୟସ୍ୱଜନମାନେ
ଧ-୧୧୮୩

In Loving Memory of
On Second Death Anniversary



Sri Subash Chandra Ray (Tutu)
Ex. Law Officer
An exemplary law man, dutiful family man, compassionate and dedicated humanitarian. You will always be with us, we love you.
Family: Kanchan Ray, Swadeep Ray, Sweety, Jaffna Ray, Prateek Goutam, Fiona Goutam
Address : Town Planning Colony, Dhenkanal Native: Sundaragarh, Madhusudanpur Sasan, Jagatsinghpur
ଧ-୧୧୮୨

# କମିପାରେ ପେଟ୍ରୋଲ-ଡିଜେଲ ଦର

ଭୁବନେଶ୍ୱର,୩୦।୮ (ଅଭୟ ଦାଶ)

ବିଗତ ୧୬ ମାସ ହେବ ଭାରତୀୟ ତୈଳ ବଜାରରେ ଉଭୟ ପେଟ୍ରୋଲ ଓ ଡିଜେଲର ଦର ହ୍ରାସ ପାଇ ନ ଥିଲେ ମଧ୍ୟ ତୈଳ ଦର ଦୀର୍ଘ ମାସ ହେବ ସ୍ଥିର ରହିଛି। ବିଶେଷ କରି ଆଗାମୀ ଦିନରେ ଦେଶର ପ୍ରମୁଖ ୫ ରାଜ୍ୟର ବିଧାନସଭା ନିର୍ବାଚନ ସାଙ୍ଗକୁ ଚଳିତ ବର୍ଷ ଶେଷ କିମ୍ବା ନୂତନ ବର୍ଷର ପ୍ରଥମ ମାସ ଶେଷ ସୁଦ୍ଧା ସାଧାରଣ ନିର୍ବାଚନ ତାରିଖ ଘୋଷଣା ହେବାର ଯଥେଷ୍ଟ ସମ୍ଭାବନା ରହିଛି, ଏହା ପୂର୍ବରୁ କେନ୍ଦ୍ର ସରକାର ତୈଳ ଦର ହ୍ରାସ ନେଇ ବଡ଼ ଘୋଷଣା କରିପାରନ୍ତି ବୋଲି ବଜାର ବିଶେଷଜ୍ଞମାନେ ଆକଳନ କରୁଛନ୍ତି, କାରଣ ନିକଟରେ ଘରୋଇ ଗ୍ୟାସ (ଏଲ୍‌ପିଜି) ୧୪.୨ କି.ଗ୍ରା. ଉପରେ ୨୦୦ ଟଙ୍କା ହ୍ରାସ କରିଛନ୍ତି। ସେହିଭଳି ଦୀର୍ଘ ଦିନ ହେବ ବଜାରରେ ଡାଲିଠାରୁ ଆରମ୍ଭକରି ପିଆଜ, ଟମାଟୋ, ରସୁଣ, ଚାଉଳ ଏବଂ ପନିପରିବା ଦର ବୃଦ୍ଧି ସାଙ୍ଗକୁ ଅନ୍ୟ ଅତ୍ୟାବଶ୍ୟକ ଖାଦ୍ୟଶସ୍ୟ ଇତ୍ୟାଦିରେ ମଧ୍ୟ ଦର ଉଚ୍ଚ ରହିଛି। ବିଶେଷକରି ଆଗକୁ ପାର୍ବଣ ସହିତ ଦରବୃଦ୍ଧି ସରକାରଙ୍କ ପାଇଁ ପରୀକ୍ଷାର ବେଳ ହୋଇଥିଲାବେଳେ ମୁଦ୍ରାସ୍ଫୀତି ୧୫ ମାସର ସର୍ବୋଚ୍ଚ ସ୍ତରରେ ରହିଛି। ସେହିପରି ଭାରତୀୟ ରିଜର୍ଭ ବ୍ୟାଙ୍କ (ଆରବିଆଇ)ର ଆକଳନ ଓ ରେପୋ ରେଟ ହାର ମଧ୍ୟ ଖାଉଟିଙ୍କ ପାଇଁ ଚିନ୍ତାର କାରଣ ପାଲଟିଛି। କ୍ରମାଗତ ଭାବେ ଦରବୃଦ୍ଧି ଓ ରେପୋ ହାର ଖାଉଟି ଉପରେ ଆର୍ଥିକ ବୋଝ ହୋଇପଡିଛି। ଅପରପକ୍ଷରେ ଅନ୍ତଃରାଷ୍ଟ୍ରୀୟ ବଜାରରେ ତୈଳ ଦର କ୍ରମାଗତ ଭାବେ ହ୍ରାସ ପାଉଥିବାବେଳେ ଭାରତୀୟ ତୈଳ କମ୍ପାନୀ ସୁଲଭ ମୂଲ୍ୟ ଓ ରିହାତି ଦରରେ ରୁଷିଆରୁ ବ୍ୟାପକ ପରିମାଣର ଅଶୋଧିତ ତୈଳ ଆମଦାନୀ କରି ଶହ ଶହ କୋଟି ଟଙ୍କାର ଲାଭ କରିଛନ୍ତି।


ହରଦୀପ ସିଂ ପୁରୀ

ଏ ସମ୍ପର୍କରେ କେନ୍ଦ୍ର ପେଟ୍ରୋଲିୟମ ମନ୍ତ୍ରୀ ହରଦୀପ ସିଂ ପୁରୀ କହିଛନ୍ତି, ପେଟ୍ରୋଲ ଓ ଡିଜେଲ ଦର ହ୍ରାସ ପାଇଁ ସରକାର ଉଦ୍ୟମ କରୁଛନ୍ତି। ଏପରିକି ବିଭିନ୍ନ ରାଜ୍ୟର ସରକାରମାନେ ମଧ୍ୟ ତୈଳ ଦର ଉପରୁ ଭାଟ୍ ହ୍ରାସ କଲେ ତେଲ ଦର କିଛି ପରିମାଣର ହ୍ରାସ ହୋଇପାରନ୍ତା। କେନ୍ଦ୍ର ସରକାର ଉଭୟ ତୈଳ କମ୍ପାନୀ ଓ ରାଜ୍ୟ ସରକାର ସହ ଆଲୋଚନା କରୁଛନ୍ତି। ବିଶେଷ କରି ଭାଜପା ଶାସିତ ରାଜ୍ୟଗୁଡ଼ିକ ତେଲ ଉପରୁ ଭାଟ୍ କମାଇଥିଲେ ମଧ୍ୟ ଅଣ-ଭାଜପା ଶାସିତ ରାଜ୍ୟମାନେ ତାହା କରୁନାହାନ୍ତି। ଫଳରେ ତେଲ ଦର ମୂଳ ଦରଠାରୁ ଯଥେଷ୍ଟ ଅଧିକରେ ବିକ୍ରି ହେଉଛି ବୋଲି ପୁରୀ ମତପ୍ରକାଶ କରିଛନ୍ତି।

ଉଲ୍ଲେଖଯୋଗ୍ୟ, ୨୦୨୨ମେ ୨୧ରେ ଶେଷ ଥର ପାଇଁ ତେଲ ଦର ଆମଦାନୀ ଶୁଳ୍କ ଆକାରରେ ହ୍ରାସ ପାଇଥିଲା। କେନ୍ଦ୍ର ସରକାର ଗତ ବର୍ଷ ମେ ୨୧ରେ ପେଟ୍ରୋଲ ଉପରୁ ୮ଟଙ୍କା ଏବଂ ଡିଜେଲ ଉପରୁ ୬ଟଙ୍କା ଆମଦାନୀ ଶୁଳ୍କ ହ୍ରାସ କରିଥିଲାବେଳେ କେତେକ ରାଜ୍ୟରେ ମଧ୍ୟ ରାଜ୍ୟ ସରକାର ଭାଟ୍ ହ୍ରାସ କରିଥିଲେ। ସେବେଠାରୁ ତୈଳ ଦର ସ୍ଥିର ରହିଛି।

## ଶେୟାର ବଜାର କାରବାରରେ ଉତ୍ସାହ

ଭୁବନେଶ୍ୱର,୩୦।୮

କ୍ରମାଗତ ୩ୟ ଦିନ ଲାଗି ଭାରତୀୟ ଶେୟାର ବଜାର କାରବାରରେ ବୃଦ୍ଧି ଘଟିଛି। ଏପରିକି ଚଳିତ ସପ୍ତାହର ୩ୟ କାର୍ଯ୍ୟ ଦିବସ (ଷ୍ଟକ୍‌ବଜାର)ର ଫଳାଫଳ ଅନୁଯାୟୀ ଶେୟାର ବଜାରର ନିବେଶକମାନେ ଲକ୍ଷାଧିକ ଟଙ୍କାର ନିବେଶ ବୃଦ୍ଧି କରିଛନ୍ତି। ଫଳରେ ଶେୟାର ବଜାର ନିବେଶକଙ୍କ ମନରେ ଉତ୍ସାହ ପରିଲକ୍ଷିତ ହୋଇଛି। ବୁଧବାର ଷ୍ଟକ୍ ମାର୍କେଟର କାରବାର ଶେଷ ସୁଦ୍ଧା ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜ (ବିଏସ୍‌ଇ) ର ସେନ୍‌ସେକ୍ସ ୧୧ (୧୧.୪୩) ପଏଣ୍ଟ ବଢ଼ି ୬୫,୦୮୭(୬୫,୦୮୭.୨୫) ଅଙ୍କରେ କାରବାର ବନ୍ଦ କରିଥିଲା। ସେହିଭଳି ନ୍ୟାଶନାଲ ଷ୍ଟକ୍ ଏକ୍ସଚେଞ୍ଜ (ଏନ୍‌ଏସ୍‌ଇ)ର ନିଫ୍ଟି-୫୦ ରେ ମଧ୍ୟ ୫ (୪.୮୦) ପଏଣ୍ଟ ବୃଦ୍ଧି ଘଟି ୧୯,୩୪୭ (୧୯,୩୪୭.୪୫) ଅଙ୍କରେ କାରବାର ବନ୍ଦ ହୋଇଥିଲା।

# ଜିଓ ଟ୍ରୁ-୫ଜି ଲାବ୍‌ର ଶୁଭାରମ୍ଭ

ଭୁବନେଶ୍ୱର,୩୦।୮


ଆକାଶ ଏମ୍ ଅମ୍ବାନୀ

ରିଲାଏନ୍ସ ଇଣ୍ଡଷ୍ଟ୍ରିଜ୍ ଲିମିଟେଡ୍ (ଆର୍‌ଆଇଏଲ୍)ର ୪୬ତମ ବାର୍ଷିକ ସାଧାରଣ ବୈଠକ (ଏଜିଏମ୍) ମୁମ୍ବାଇଠାରେ ଅନୁଷ୍ଠିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ଜିଓ ଟ୍ରୁ-୫ଜି ଲାବ୍‌ର ଶୁଭାରମ୍ଭ ସମ୍ପର୍କରେ ବିସ୍ତୃତ ଭାବେ ଘୋଷଣା କରାଯାଇଥିଲା। ଏପରିକି ଜିଓ ଏୟାର ଫାଇବର ସହିତ ଜିଓ ଟ୍ରୁ-୫ଜି ଡେଭଲପର ପ୍ଲାଟ୍‌ଫର୍ମର ଶୁଭାରମ୍ଭ ବିଷୟରେ ମଧ୍ୟ ଘୋଷଣା ହୋଇଥିଲା। ଏ ସମ୍ପର୍କରେ ଜିଓର ଅଧ୍ୟକ୍ଷ ଆକାଶ ଏମ୍ ଅମ୍ବାନୀ କହିଛନ୍ତି, ଆମେ ଏଭଳି ଏକ ପ୍ଲାଟ୍‌ଫର୍ମ ତିଆରି କରୁଛୁ, ଯାହା ଉଦ୍ୟୋଗୀ, କ୍ଷୁଦ୍ର ବ୍ୟବସାୟ ଓ ଷ୍ଟାର୍ଟଅପ୍‌ଗୁଡ଼ିକର ଡିଜିଟାଲ ଦୁନିଆ ସହ ସମ୍ପର୍କ ମାଧ୍ୟମକୁ ବଦଳାଇ ଦେବ। ବିଶେଷକରି ଉଦ୍ୟୋଗୀମାନଙ୍କର ଆବଶ୍ୟକତାକୁ ଦୃଷ୍ଟିରେ ରଖି ଜିଓ ପକ୍ଷରୁ ୫ଜି ନେଟ୍‌ୱର୍କ, ଏଜ୍ କମ୍ପ୍ୟୁଟିଂ ଓ ଆପ୍ଲିକେଶନକୁ ମିଶାଇ ଏକ ବ୍ୟାପକ ପ୍ଲାଟ୍‌ଫର୍ମ ପ୍ରସ୍ତୁତ କରାଯାଇଛି। ସେହିପରି ଜିଓ ଟ୍ରୁ-୫ଜି ଲାବ୍‌ରେ ଆମର ଔଦ୍ୟୋଗିକ ସହଯୋଗୀମାନେ ଶିଳ୍ପ କ୍ଷେତ୍ର ପାଇଁ ସ୍ୱତନ୍ତ୍ର ସମାଧାନର ବିକାଶ,ପରୀକ୍ଷଣ ଓ ମିଳିତ ଭାବେ ନିର୍ମାଣ କରିପାରିବେ ବୋଲି ଆକାଶ ବିସ୍ତୃତ ଭାବେ ଆଲୋକପାତ କରିଛନ୍ତି। ଉଲ୍ଲେଖଯୋଗ୍ୟ, ଜିଓ ଟ୍ରୁ-୫ଜି ଲାବ୍ ରିଲାଏନ୍ସ କର୍ପୋରେଟ୍ ପାର୍କ ନଭି ମୁମ୍ବାଇଠାରେ ରହିବ। ଅପରପକ୍ଷରେ ଆର୍‌ଆଇଏଲ୍‌ର ଅଧ୍ୟକ୍ଷ ଓ ପରିଚାଳନା ନିର୍ଦ୍ଦେଶକ ମୁକେଶ ଅମ୍ବାନୀ କମ୍ପାନୀର ବାର୍ଷିକ ସାଧାରଣ ବୈଠକରେ ଘୋଷଣା କରିଛନ୍ତି, ୫ଜି ନେଟ୍‌ୱର୍କ ଓ ଉନ୍ନତ ଓ୍ୱାୟାରଲେସ୍ ପ୍ରଯୁକ୍ତିକୁ ବ୍ୟବହାର କରି ଜିଓ ଏୟାର ଫାଇବର ଘରେ ଓ କାର୍ଯ୍ୟାଳୟରେ ଓ୍ୱାୟାରଲେସ୍ ବ୍ରଡ୍‌ବ୍ୟାଣ୍ଡ୍ ସେବା ପ୍ରଦାନ କରିବ। ଜିଓ ଏୟାର ଫାଇବର ଶୁଭାରମ୍ଭ ପରେ ଟେଲିକମ୍ କ୍ଷେତ୍ରରେ ବୈପ୍ଳବିକ ପରିବର୍ତ୍ତନ ଆଶା କରାଯାଉଛି।

# ଷ୍ଟକ୍ ବ୍ରୋକିଂରେ ଶେୟାର ଡଟ୍ ମାର୍କେଟ୍




ଭୁବନେଶ୍ୱର,୩୦।୮

ଦେଶର ପ୍ରମୁଖ ଡିଜିଟାଲ ୱାଲେଟ୍ ତଥା ଅନ୍‌ଲାଇନ ପେମେଣ୍ଟ ଆପ୍ ଫୋନ୍‌ପେ'ର ସହାୟକ କମ୍ପାନୀ ଫୋନ୍‌ପେ ୱେଲ୍‌ଥ ବ୍ରୋକିଂ ପ୍ରାଇଭେଟ୍ ଲିମିଟେଡ୍ ଦ୍ୱାରା ପରିଚାଳିତ ଶେୟାର ଡଟ୍ ମାର୍କେଟର ଶୁଭାରମ୍ଭ ହୋଇଯାଇଛି। ଏପରିକି ଷ୍ଟକ୍ ବ୍ରୋକିଂ କ୍ଷେତ୍ରରେ ମଧ୍ୟ ଶେୟାର ଡଟ୍ ମାର୍କେଟ୍‌ର ପ୍ରବେଶ ସମ୍ପର୍କରେ ମଧ୍ୟ ଘୋଷଣା କରାଯାଇଛି। ଏ ସମ୍ପର୍କରେ ଶେୟାର ଡଟ୍ ମାର୍କେଟ୍‌ର ସିଇଓ ଉଜ୍ଜ୍ୱଳ ଜୈନ୍ କହିଛନ୍ତି, ଆମେ ଶେୟାର ଡଟ୍ ମାର୍କେଟ୍‌ର ଶୁଭାରମ୍ଭକରି ବେଶ୍ ଉତ୍ସାହିତ ଅଛୁ। ଶେୟାର ଡଟ୍ ମାର୍କେଟ୍ ଆମର ବୈଷୟିକ ପ୍ରବୃତ୍ତି, ପହଞ୍ଚ, ବାଧାହୀନ ନିଯୁକ୍ତି ଓ ଉତ୍କୃଷ୍ଟ ଉତ୍ପାଦ ଅନୁଭୂତିର ସମର୍ଥନ ସହିତ ଏହି ଅଭିବୃଦ୍ଧିକୁ ପ୍ରୋତ୍ସାହିତ କରିବ। ସେହିଭଳି ଶେୟାର ଡଟ୍ ମାର୍କେଟର ଚିଫ୍ ଇନ୍‌ଭେଷ୍ଟମେଣ୍ଟ ଅଫିସର ସୁଜିତ୍ ମୋଦି କହିଛନ୍ତି,ଆମେ ନିବେଶକ ଓ ଟ୍ରେଡରମାନଙ୍କ ଷ୍ଟକ୍ ବଜାରରେ ନିୟୋଜିତ ହେବାର ଶୈଳୀକୁ ନୂଆ ରୂପ ଦେବାକୁ ଲକ୍ଷ୍ୟ ରଖିଛୁ। ବିଶେଷକରି ଶେୟାର ଡଟ୍ ମାର୍କେଟ୍ ନୂତନ ଜନଆଧାରକୁ ବ୍ରୋକିଂ କ୍ଷେତ୍ରକୁ ଆଣିବ,ସେମାନଙ୍କୁ ୱେଲ୍‌ଥ-ବାସ୍କେଟ୍ ସମେତ ଅଫ୍-ଦ-ସେଲ୍ଫ କ୍ୱାଣ୍ଟ ରିସର୍ଚ୍ଚ ଆଧାରିତ ଅଫରିଂ ସହ ନିଜର ନିବେଶ ଯାତ୍ରା ଆରମ୍ଭ କରିବାରେ ସାହାଯ୍ୟ କରିବ। ଶେୟାର ଡଟ୍ ମାର୍କେଟ୍ ଡିସ୍କାଉଣ୍ଟ ବ୍ରୋକିଂକୁ ଉନ୍ନତ କରିବା ସହ ନିବେଶକ ଓ ଟ୍ରେଡରଙ୍କ ପାଇଁ ଉନ୍ନତ ଗ୍ରାହକ ଅନୁଭୂତି ନିଶ୍ଚିତ କରୁଛି। ସେହିପରି ଶେୟାର ଡଟ୍ ମାର୍କେଟ ଏକ ମୋବାଇଲ ଆପ୍ ଓ ଡେଡିକେଟେଡ୍ ୱେବ୍ ପ୍ଲାଟ୍‌ଫର୍ମ ଭାବେ ଉପଲବ୍ଧ ହେଉଛି, ଯାହା ଖୁଚୁରା ନିବେଶକମାନଙ୍କୁ ଷ୍ଟକ୍ କିଣିବା, ଇଣ୍ଟ୍ରା ଡେ କାରବାର କରିବା, କ୍ୟୁରେଟେଡ୍ ୱେଲ୍‌ଥ ବାସ୍କେଟ୍ ଓ ମ୍ୟୁଚୁଆଲ ଫଣ୍ଡ ଆଦି କ୍ରୟ କରିବା ପାଇଁ ସକ୍ଷମ କରିଥାଏ। ଶେୟାର ଡଟ୍ ମାର୍କେଟ୍ କାର୍ଯ୍ୟକାରିତା ସହ ପରିମାଣାତ୍ମକ ଅନୁସନ୍ଧାନ ପ୍ରଦାନକରି ଷ୍ଟକ୍ ବ୍ରୋକିଂକୁ ନୂତନ ଦିଗ ପ୍ରଦାନ କରିବ।

ଉଲ୍ଲେଖଯୋଗ୍ୟ, ଫୋନ୍‌ପେ ଉପଭୋକ୍ତାମାନେ ନିଜର ଫୋନ୍‌ପେ-ଲିଙ୍କ୍‌ଡ ମୋବାଇଲ ନମ୍ବରର ବ୍ୟବହାରକରି ଏହି ଆପ୍‌କୁ ଇନ୍‌ଷ୍ଟଲ୍ କରିପାରିବେ କିମ୍ବା ୱେବ୍‌ପ୍ଲାଟ୍‌ଫର୍ମକୁ ଆକ୍‌ସେସ୍ କରିପାରିବେ।

# ଜେଏସ୍‌ଡବ୍ଲ୍ୟୁ ଫାଉଣ୍ଡେଶନ ପକ୍ଷରୁ ସଚେତନତା ଅଭିଯାନ



ଭୁବନେଶ୍ୱର,୩୦।୮

ଦେଶର ପ୍ରମୁଖ ଶିଳ୍ପସଂସ୍ଥା ତଥା ଜେଏସ୍‌ଡବ୍ଲ୍ୟୁ ଗ୍ରୁପ୍ ଅଫ୍ କମ୍ପାନିଜର ସାମାଜିକ ପ୍ରତିଷ୍ଠାନ 'ଜେଏସ୍‌ଡବ୍ଲ୍ୟୁ ଫାଉଣ୍ଡେଶନ' ପକ୍ଷରୁ ଏକ ବ୍ୟାପକ ଜନସଚେତନତା ଅଭିଯାନର ଶୁଭାରମ୍ଭ କରାଯାଇଛି। ଏପରିକି ଏକ ସ୍ୱୟଂ ସହାୟକ ଗୋଷ୍ଠୀ (ଏସ୍‌ଏଚ୍‌ଜି)ର ମିଳିତ ସହଯୋଗିତାରେ ଫାଉଣ୍ଡେଶନ ବଡବିଲର ୱାର୍ଡ ନମ୍ବର-୧୫ରେ ଡେଙ୍ଗୁ ସଂକ୍ରମଣର ବର୍ଦ୍ଧିତ ଚିନ୍ତାକୁ ଦୃଷ୍ଟିରେ ରଖି ଏକ ପୂର୍ଣ୍ଣାଙ୍ଗ ଡେଙ୍ଗୁ ନିରାକରଣ ସଚେତନତା ଅଭିଯାନ ନିକଟରେ ଆରମ୍ଭ କରିଛି। ଏହି ଅଭିଯାନର ଅଂଶସ୍ୱରୂପ ଜେଏସ୍‌ଡବ୍ଲ୍ୟୁ ଫାଉଣ୍ଡେଶନ ଉତ୍ତମ ପରିଷ୍କାର ପରିଚ୍ଛନ୍ନତା ଏବଂ ସ୍ୱାସ୍ଥ୍ୟ ରକ୍ଷା ଅଭ୍ୟାସଗୁଡିକ ଜରିଆରେ ଡେଙ୍ଗୁ ନିରାକରଣ ନିମନ୍ତେ ୨୦୦ମଶାରି ଓ ଧୂଆଁଛଡ଼ା ଯନ୍ତ୍ର ଦାନ କରିବା ସହିତ ସୂଚନା ସମ୍ବଳିତ ପ୍ରଚାରପତ୍ର ୱାର୍ଡ ମେମ୍ବର ଏବଂ ସ୍ଥାନୀୟ ଜନସାଧାରଣଙ୍କ ଉପସ୍ଥିତିରେ ଉପରୋକ୍ତ ସମସ୍ତ ସାମଗ୍ରୀ ପ୍ରଦାନ କରାଯାଇଥିଲା। ଏହି ଅବସରରେ ୧୫ ନମ୍ବର ୱାର୍ଡ ସଦସ୍ୟ ଶିବାନନ୍ଦ ଚମ୍ପିଆ ଏବଂ ୧୪ ନମ୍ବର ୱାର୍ଡ ସଦସ୍ୟ ଶୁଭଶ୍ରୀ ଦେବସ୍ମିତା ପାତ୍ର ଡେଙ୍ଗୁ ନିରାକରଣ ପଦକ୍ଷେପ ପାଳନ କରିବାକୁ ଅଧିବାସୀମାନଙ୍କୁ ଉତ୍ସାହିତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପୁଷ୍ପା ଦାସ, ଶଙ୍କର କୋନର ଏବଂ ସୁନୀଲ ଗୁପ୍ତା ପ୍ରମୁଖ ଉକ୍ତ କାର୍ଯ୍ୟକ୍ରମରେ ଉପସ୍ଥିତ ରହିବା ସହିତ ଅଭିଯାନ ନିମନ୍ତେ ସେମାନଙ୍କର ସମର୍ଥନ ଜଣାଇଥିଲେ।

ଏ ସମ୍ପର୍କରେ ଜେଏସ୍‌ଡବ୍ଲ୍ୟୁ ଫାଉଣ୍ଡେଶନର ସିଇଓ ଅଶ୍ୱିନୀ ସକ୍ସେନା କହିଥିଲେ, ରାଜ୍ୟ ସମେତ ବଡ଼ବିଲରେ ମଧ୍ୟ ଜ୍ୱର ଆକ୍ରାନ୍ତଙ୍କ ସଂଖ୍ୟା ବୃଦ୍ଧି ପାଉଛି। ବିଶେଷକରି ଡେଙ୍ଗୁ ନିରାକରଣ ସଚେତନତା ଅଭିଯାନ ଜରିଆରେ ଆମେ ଲୋକଙ୍କୁ ଆବଶ୍ୟକ ସଚେତନତା କରିବା ସହିତ ଫାଉଣ୍ଡେଶନ ଜନସାଧାରଣଙ୍କ ସ୍ୱାସ୍ଥ୍ୟ ଓ କଲ୍ୟାଣ ଦିଗରେ ନିଜର ପ୍ରତିବଦ୍ଧତାକୁ ଦୋହରାଉଛି। ଉକ୍ତ ଅଭିଯାନ ଜରିଆରେ ଆମେ ନିରବଚ୍ଛିନ୍ନ ସହଯୋଗିତା ଯୋଗାଉଛୁ। ସେହିଭଳି ସମୂହ ସକ୍ରିୟ ପ୍ରୟାସ ଜରିଆରେ ଡେଙ୍ଗୁମୁକ୍ତ ପରିବେଶ ସୃଷ୍ଟି କରିବାକୁ ଆହ୍ୱାନ ଦିଆଯାଇଛି।

# ଜେଏସ୍‌ଏଲ୍‌କୁ ଭିଏସ୍‌ଏସ୍‌ସିର ପ୍ରଶଂସାପତ୍ର

ଭୁବନେଶ୍ୱର,୩୦।୮

ଜିନ୍ଦଲ ଷ୍ଟେନ୍‌ଲେସ୍ ଲିମିଟେଡ୍ (ଜେଏସ୍‌ଏଲ୍)କୁ ନିକଟରେ ବିକ୍ରମ ସାରଭାଇ ସ୍ପେସ୍ ସେଣ୍ଟର (ଭିଏସ୍‌ଏସ୍‌ସି) ପକ୍ଷରୁ ଏକ ପ୍ରଶଂସପତ୍ର ପ୍ରଦାନ କରାଯାଇଛି। ବିଶେଷକରି ଜିନ୍ଦଲ ଷ୍ଟେନ୍‌ଲେସ୍ ଦ୍ୱାରା ଯାନ୍ତ୍ରିକ ସହାୟତା ସମେତ ସ୍ୱଦେଶୀ ଭାବେ ବିକଶିତ ହୋଇଥିବା ବିଭିନ୍ନ ଉତ୍ପାଦ ଏବଂ ଚନ୍ଦ୍ରୟାନ-୩ର ମୋଟର କେସିଙ୍ଗରେ ବ୍ୟବହୃତ ମିଶ୍ରିତ ଷ୍ଟିଲ୍ ଗ୍ରେଡ୍ ଯୋଗାଇଛି। ଏହି ସ୍ୱତନ୍ତ୍ର ଗ୍ରେଡ୍, ସାଧାରଣତଃ ଏକାଧିକ ଦେଶରୁ ଆମଦାନୀ କରାଯାଏ। ଏପରିକି ଏକ ଗୁରୁତ୍ୱପୂର୍ଣ୍ଣ ରିଫାଇନିଂ କୌଶଳ ଦ୍ୱାରା ସମର୍ଥିତ ଏବଂ ଏକ ଗୁରୁତ୍ୱପୂର୍ଣ୍ଣ ପ୍ରକଳ୍ପ ପାଇଁ ଆବଶ୍ୟକ ଗୁଣବତ୍ତା ମାନଦଣ୍ଡ ଓ ନିର୍ଦ୍ଦିଷ୍ଟତାକୁ ପୂରଣ କରିବା ପାଇଁ କମ୍ପାନୀ ଏକ ତ୍ରିକୋଣୀୟ ବିକାଶ ପ୍ରକ୍ରିୟା ଅତିକ୍ରମ କରିଛି।

ଏ ସମ୍ପର୍କରେ ଜେଏସ୍‌ଏଲ୍‌ର ଏମ୍‌ଡି ଅଭ୍ୟୁଦୟ ଜିନ୍ଦଲ କହିଛନ୍ତି, ସାରା ଦେଶ ଆଜିଚନ୍ଦ୍ରୟାନ-୩ର ସଫଳ ଅବତରଣରେ ଖୁସି ଥିବାବେଳେ ଆମେ ମଧ୍ୟ ଛୋଟିଆ ଯୋଗଦାନକରି ବେଶ୍ ଉତ୍ସାହିତ। ଏପରିକି ଭିଏସ୍‌ଏସ୍‌ସି ପକ୍ଷରୁ ମିଳିଥିବା ପ୍ରଶଂସ ପତ୍ର ଆମକୁ ଆହୁରି ଉତ୍ସାହିତ କରିଛି ବୋଲି ସେ ମତପ୍ରକାଶ କରିଛନ୍ତି। ସୂଚନାଯୋଗ୍ୟ, ଏକ ଚିଠି ମାଧ୍ୟମରେ ବିକ୍ରମ ସାରଭାଇ ସ୍ପେସ୍ ସେଣ୍ଟର (ଭିଏସ୍‌ଏସ୍‌ସି) ଭାରତର ଉଚ୍ଚାଭିଳାଷୀ ଚନ୍ଦ୍ର ମିଶନ-୩ ପାଇଁ ଏକ ବିଶେଷ, ଉଚ୍ଚ ଶକ୍ତିଶାଳୀ ଆଲୟ ଷ୍ଟିଲ ଗ୍ରେଡ୍‌ର ସଫଳ ଯୋଗାଣରେ ଜିନ୍ଦଲ ଷ୍ଟେନ୍‌ଲେସ୍ ଯୋଗଦାନ ପାଇଁ କୃତଜ୍ଞତା ଜଣାଇଛି। ଗତ ସପ୍ତାହରେ ମହାକାଶ ଯାନ ଅବିଭାଜିତ ଚନ୍ଦ୍ର ଦକ୍ଷିଣ ପୋଲ ଉପରେ ଅବତରଣ କରିଥିଲା। ଲଞ୍ଚ ଯାନ ପ୍ରଯୁକ୍ତିର ଡିଜାଇନ ଏବଂ ବିକାଶ ପାଇଁ ଭିଏସ୍‌ଏସ୍‌ସି ଇସ୍ରୋର ଏକ ଅଗ୍ରଣୀ କେନ୍ଦ୍ର।

ଫୁରସତ

# ଜରୁରୀ ହୋଇପଡ଼ିଛି ସଂସ୍କୃତ ଭାଷାର ପ୍ରସାର

ଭାରତରେ ପ୍ରତିବର୍ଷ ଶ୍ରାବଣ ପୂର୍ଣ୍ଣିମାକୁ ଶୁଭ ଉତ୍ସବ ସଂସ୍କୃତ ଦିବସ ଭାବରେ ପାଳନ କରାଯାଏ। ଚଳିତବର୍ଷ ଏହା ଅଗଷ୍ଟ ୩୧ରେ ପାଳନ କରାଯାଉଛି। ଶ୍ରାବଣ ପୂର୍ଣ୍ଣିମା ଅର୍ଥାତ୍ ରକ୍ଷାବନ୍ଧନକୁ ସାଧୁସନ୍ଥଙ୍କ ସ୍ମୃତି ଏବଂ ଉପାସନା ତଥା ଉତ୍ସର୍ଗୀକୃତ ପର୍ବ ଭାବରେ ବିବେଚନା କରାଯାଇଥାଏ। ବୈଦିକ ସାହିତ୍ୟରେ ଏହାକୁ ଶ୍ରାବଣୀ କୁହାଯାଉଥିଲା। ଏହି ଦିନ, ଗୁରୁକୁଳରେ ବେଦ ଅଧ୍ୟୟନ କରିବା ପୂର୍ବରୁ ଶିକ୍ଷାର୍ଥୀଙ୍କୁ ଯଜ୍ଞୋପବିତ ଧାରଣ କରାଯାଇଥାଏ। ଏହି ରୀତିନୀତିକୁ ଉପନୟନ ବା ଉପକର୍ମ ସମାରୋହ କୁହାଯାଇଥାଏ। ଏହି ଦିନ ପୁରୁଣା ଯଜ୍ଞୋପବିତ ମଧ୍ୟ ପରିବର୍ତ୍ତନ କରାଯାଇଥାଏ। ଏହି ଦିନ ବ୍ରାହ୍ମଣମାନେ ଯଜମାନଙ୍କ ହାତରେ ରକ୍ଷାସୂତ୍ର ମଧ୍ୟ ବାନ୍ଧି ଥାନ୍ତି।

ସାଧୁସନ୍ଥମାନେ ସଂସ୍କୃତ ସାହିତ୍ୟର ପ୍ରାଥମିକ ଉତ୍ସ, ତେଣୁ ଶ୍ରାବଣୀ ପୂର୍ଣ୍ଣିମା ଋଷି ପର୍ବ ଏବଂ ସଂସ୍କୃତ ଦିବସ ଭାବରେ ପାଳନ କରାଯାଇଥାଏ। ଦେଶର ବିଭିନ୍ନ ଅଞ୍ଚଳରେ ଏହି ଦିବସ ଉତ୍ସାହର ସହିତ ପାଳନ କରାଯାଇଥାଏ। ରାଜ୍ୟ ଓ ଜିଲା ସ୍ତରରେ ସଂସ୍କୃତ ଦିବସ ଆୟୋଜିତ ହୋଇଥାଏ। ଏହି ଅବସରରେ ସଂସ୍କୃତ କବି ସମ୍ମିଳନୀ, ଲେଖକଙ୍କ ସେମିନାର, ଭାଷଣ ଏବଂ ଶ୍ଳୋକୋଚ୍ଚାରଣ ପ୍ରତିଯୋଗିତା ଇତ୍ୟାଦି ଆୟୋଜିତ ହୋଇଥାଏ। ଯାହା ମାଧ୍ୟମରେ ସଂସ୍କୃତ ଛାତ୍ରୀଛାତ୍ର, କବି ଏବଂ ଲେଖକମାନଙ୍କ ଏକ ଉପଯୁକ୍ତ ପ୍ଲାଟଫର୍ମ ଯୋଗାଇ ଦେଇଥାଏ।



## ଆଜି ସଂସ୍କୃତ ଦିବସ

୧୯୬୯ ମସିହାରେ ଭାରତ ସରକାରଙ୍କ ଶିକ୍ଷା ମନ୍ତ୍ରଣାଳୟର ଆଦେଶ ଅନୁଯାୟୀ କେନ୍ଦ୍ରୀୟ ତଥା ରାଜ୍ୟ ସ୍ତରରେ ସଂସ୍କୃତ ଦିବସ ପାଳନ କରିବାକୁ ନିର୍ଦ୍ଦେଶ ଦିଆଯାଇଥିଲା। ସେବେଠାରୁ ଶ୍ରାବଣ ପୂର୍ଣ୍ଣିମା ଦିନ ସାରା ଭାରତରେ ସଂସ୍କୃତ ଦିବସ ପାଳନ କରାଯାଇଥାଏ। ସୂଚନାଯୋଗ୍ୟ ପ୍ରାଚୀନ ଭାରତରେ ଉକ୍ତ ଦିନ ଶିକ୍ଷାଦାନ ଆରମ୍ଭ ହେଉଥିଲା। ଏହି ଦିନ ବେଦ ପାଠ୍ୟକ୍ରମ ଆରମ୍ଭ ହେଉଥିଲା ଏବଂ ଛାତ୍ରୀଛାତ୍ରମାନେ ଏହି ଦିନ ଶାସ୍ତ୍ର ଅଧ୍ୟୟନ କରିବା ଆରମ୍ଭ କରୁଥିଲେ। ପୌଷ ମାସର ପୂର୍ଣ୍ଣିମାଠାରୁ ଶ୍ରାବଣ ମାସର ପୂର୍ଣ୍ଣିମା ପର୍ଯ୍ୟନ୍ତ ଅଧ୍ୟୟନ ବନ୍ଦ ହୋଇଯାଉଥିଲା। ପ୍ରାଚୀନ କାଳରେ, ଶ୍ରାବଣ ପୂର୍ଣ୍ଣିମା ଠାରୁ ପୌଷ ପୂର୍ଣ୍ଣିମା ପର୍ଯ୍ୟନ୍ତ ପୁନର୍ବାର ଅଧ୍ୟୟନ ଚାଲୁଥିଲା। ବର୍ତ୍ତମାନ ମଧ୍ୟ ଶ୍ରାବଣ ପୂର୍ଣ୍ଣିମା ଠାରୁ ଗୁରୁକୁଳରେ ବେଦାଧ୍ୟୟନ ଆରମ୍ଭ ହେଉଛି। ସେଥିପାଇଁ ଏହି ଦିନକୁ ସଂସ୍କୃତ ଦିବସ ଭାବେ ପାଳନ କରାଯାଇଥାଏ।

ଆଜିକାଲି କେବଳ ଆମ ଦେଶରେ ନୁହେଁ, ଜର୍ମାନୀ ସମେତ ବହୁ ବିଦେଶୀ ରାଷ୍ଟ୍ରରେ ମଧ୍ୟ ସଂସ୍କୃତ ଦିବସ ଉତ୍ସାହର ସହିତ ପାଳନ କରାଯାଉଛି। ଏଥିରେ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଅବଦାନ ମଧ୍ୟ ଉଲ୍ଲେଖନୀୟ। ଯେଉଁ ସପ୍ତାହରେ ସଂସ୍କୃତ ଦିବସ ପଡ଼େ ସେହି ସପ୍ତାହକୁ ସଂସ୍କୃତ ସପ୍ତାହ ଭାବରେ ମଧ୍ୟ ପାଳନ କରାଯାଇଥାଏ। ଏହା ଦେଶର ସମସ୍ତ ବିଦ୍ୟାଳୟରେ ଉତ୍ସାହର ସହିତ ପାଳନ କରାଯାଇଥାଏ। ଉତ୍ତରାଖଣ୍ଡରେ ସରକାର ଦ୍ୱିତୀୟ ସରକାରୀ ଭାଷା ଭାବରେ ସଂସ୍କୃତକୁ ଘୋଷଣା କରାଯାଇଛି। ସଂସ୍କୃତ ଦିବସ ଏବଂ ସଂସ୍କୃତ ସପ୍ତାହ ପାଳନ କରିବାର ମୂଳ ଉଦ୍ଦେଶ୍ୟ ହେଉଛି ସଂସ୍କୃତ ଭାଷାର ପ୍ରଚାର ପ୍ରସାର କରିବା। ଏହାଦ୍ୱାରା ଏହି ପ୍ରାଚୀନ ଭାଷାରେ ଲିଖିତ ହୋଇଥିବା ବହୁମୂଲ୍ୟ ଗ୍ରନ୍ଥ ସମ୍ପର୍କରେ ଜ୍ଞାନ ଆହରଣ କରିବା ସହଜ ହୋଇପାରିବ।

# ଗୋଟିଏ ମିନିଟ୍ ପାଇଁ ନିଅନ୍ତି ୧ କୋଟି


ଉର୍ବଶୀ ରଉତେଲା

**ମୁମ୍ବାଇ:** ଅଭିନେତ୍ରୀ ଉର୍ବଶୀ ରଉତେଲା ଅଭିନୟ ଜଗତରେ ଏତେ ସଫଳ ହୋଇ ପାରି ନ ଥିଲେ ମଧ୍ୟ ସେ ମଡେଲିଂରେ ଅନ୍ୟମାନଙ୍କଠାରୁ ବହୁ ଆଗରେ। ଏହା ବ୍ୟତୀତ ଅନେକ ସମୟରେ ସେ ନିଜର ବିଳାସପୂର୍ଣ୍ଣ ଜୀବନଶୈଳୀ ଏବଂ ଦାମୀ ଜିନିଷ ପାଇଁ ଲାଇମଲାଇଟ୍‌କୁ ଆସିଛନ୍ତି। ତାଙ୍କର ଅନେକ ମତାମତକୁ ନେଇ ଚର୍ଚ୍ଚାର ପରିସରଭୁକ୍ତ ହୁଅନ୍ତି। ଏଥିପାଇଁ ସେ ଅନେକ ଥର ଟ୍ରୋଲ୍‌ର ଶିକାର ମଧ୍ୟ ହୋଇଛନ୍ତି। ନିକଟରେ ସେ ତାଙ୍କର ଆୟ ବାବଦରେ ଜଣାଇ ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଛନ୍ତି। ଉର୍ବଶୀ ଗୋଟିଏ ମିନିଟ୍‌ରେ ୧ କୋଟି ଟଙ୍କା ପାରିଶ୍ରମିକ ନେଉଥିବା କହିଛନ୍ତି। ଏକ ସାକ୍ଷାତ୍‌କାରରେ ଆପଣ କ'ଣ ଗୋଟିଏ ମିନିଟ୍‌ରେ ୧ କୋଟି ଟଙ୍କା ଚାର୍ଜ କରୁଛନ୍ତି? ଏହି କଥାକୁ ଉର୍ବଶୀ ସ୍ୱୀକାର କରି ଏହା ତାଙ୍କୁ ଖୁସି ଦିଏ ବୋଲି କହିଥିଲେ। ପ୍ରତ୍ୟେକ ଅଭିନେତ୍ରୀଙ୍କୁ ନିଜ ଉପଲବ୍ଧି ଦେଖିବା ଉଚିତ ବୋଲି ସେ କହିଛନ୍ତି। ଏହି ଭିଡିଓରେ ଅନେକ ଅଭିନେତ୍ରୀ ଉର୍ବଶୀଙ୍କୁ ଟ୍ରୋଲ୍ କରୁଥିବା ଦେଖିବାକୁ ମିଳିଛି। ତେବେ ଉର୍ବଶୀ ୨୦୧୩ରୁ ତାଙ୍କ ଅଭିନୟ କ୍ୟାରିୟର ଆରମ୍ଭ କରିଥିଲେ। ସେ ଅନେକ ଫିଲ୍ମ କରିଥିବାବେଳେ ଶେଷଥର ପାଇଁ ଏକ ତେଲୁଗୁ ଚଳଚ୍ଚିତ୍ର 'ବ୍ରୋ'ରେ ତାଙ୍କୁ ଦେଖିବାକୁ ମିଳିଥିଲା। ଏଥିସହ ତାଙ୍କୁ ଅନେକ ମ୍ୟୁଜିକ୍ ଭିଡିଓ ଓ ଟେଲିଭିଜନରେ ଦେଖିବାକୁ ମିଳିଛି।

# ସବୁଠୁ ଛୋଟ ରାଖୀ



**ଜୟପୁର:** ରକ୍ଷା ବନ୍ଧନ ପାଇଁ ଦୋକାନଗୁଡ଼ିକରେ ବିଭିନ୍ନ କିସମର ରାଖୀର ପସରା ଦେଖିବାକୁ ମିଳିଥାଏ। ତେବେ କେତେଜଣ ଲୋକ କିଛି ନୂଆ ରକମର ରାଖୀ ପ୍ରସ୍ତୁତ କରି ଚର୍ଚ୍ଚା ମଧ୍ୟକୁ ଆସନ୍ତି। ସେହିପରି ରାଜସ୍ଥାନ ଉଦରପୁରର ଜଣେ ସୁନା କାରିଗର ଇକ୍‌ବାଲ ସକ୍କା ସବୁଠୁ ଛୋଟ ରାଖୀ ତିଆରି କରି ଚର୍ଚ୍ଚାକୁ ଆସିଛନ୍ତି। ସେ ୧ ମିଲିମିଟର ଲମ୍ବର ଏହି ରାଖୀରେ ଲେନ୍ସ ସାହାଯ୍ୟରେ ନିଖୁଣ ଭାବେ କାରୁକାର୍ଯ୍ୟ କରିଛନ୍ତି। ଏହାକୁ ତିଆରି କରିବାକୁ ତାଙ୍କୁ ୨ ଦିନ ସମୟ ଲାଗିଛି। ତାଙ୍କ ପ୍ରସ୍ତୁତ ଛୋଟ ରାଖୀ ମଧ୍ୟପ୍ରଦେଶର ଇନ୍ଦୋରର ଖଜରାନା ଗଣେଶ ମନ୍ଦିରରେ ପ୍ରଭୁ ଶ୍ରୀଗଣେଶଙ୍କୁ ଅର୍ପଣ କରାଯାଇଥିବା ସେ କହିଛନ୍ତି। ସେ ରାଜସ୍ଥାନ ମୁଖ୍ୟମନ୍ତ୍ରୀ ଅଶୋକ ଗେହଲଟ୍‌ଙ୍କଠାରୁ ଏକ ଚିଠି ପାଇଥିଲେ, ଯେଉଁଥିରେ କି ତାଙ୍କୁ ଏକ ଛୋଟ ରାଖୀ ପ୍ରସ୍ତୁତ ପାଇଁ କୁହାଯାଇଥିଲା। ଶିଳ୍ପୀ ଇକ୍‌ବାଲ ବର୍ତ୍ତମାନ ତାଙ୍କର ସୁନାରେ ସୂକ୍ଷ୍ମ କଳା ପାଇଁ ୧୦୦ଟି ବିଶ୍ୱ ରେକର୍ଡ ନିଜ ନାମରେ କରିସାରିଲେଣି। ଇକ୍‌ବାଲ କହିଛନ୍ତି, ୧୯୯୧ରୁ ସେ ବିଶ୍ୱ ରେକର୍ଡ କରିବା ଆରମ୍ଭ କରିଥିଲେ। ସେତେବେଳେ ସେ ବିଶ୍ୱର ସବୁଠୁ ଛୋଟ ସୁନାଚେନ ପ୍ରସ୍ତୁତ କରିଥିଲେ। ଏହା ପରେ ସେ ବହୁ ରେକର୍ଡ ନିଜ ନାମରେ କରିଛନ୍ତି।

# ଛାତି ବାଟେ ଖାଉଛନ୍ତି ମହିଳା



**ନୂଆଦିଲ୍ଲୀ:** ଦୁନିଆରେ ଏପରି କିଛି ରୋଗ ରହିଛି, ଯାହା ମଣିଷକୁ ସାରା ଜୀବନ ଭୋଗିବାକୁ ପଡ଼େ। ଜଣେ ମହିଳାଙ୍କୁ ଏପରି ଏକ ବିରଳ ରୋଗ ହୋଇଛି, ଯେଉଁଥିପାଇଁ ସେ ପାଟି ବଦଳରେ ସିଧା ଛାତି ବାଟେ ଖାଦ୍ୟ ଖାଉଛନ୍ତି। ସରାହ ନାମ୍ନୀ ଜଣେ ୩୦ ବର୍ଷୀୟା ମହିଳାଙ୍କୁ କରୋନା ମହାମାରୀ ସମୟରେ କିଛି ଇନ୍‌ଫେକ୍ସନ ହୋଇଥିଲା। ଫଳରେ ତାଙ୍କୁ ଏପରି ଏକ ରୋଗକୁ ସାମ୍ନା କରିବାକୁ ପଡ଼ିଲା, ଯେଉଁଥିରେ ସେ ସାଧାରଣ ମଣିଷଙ୍କ ପରି ପାଟି ବାଟେ ଖାଦ୍ୟ ଖାଇ ତାକୁ ହଜମ କରିପାରିଲେନି। ସରାହଙ୍କୁ ଗ୍ୟାଷ୍ଟ୍ରୋପୋରୋସିସ୍ ହୋଇଥିଲା। ତାଙ୍କ ଖାଦ୍ୟ ପାକସ୍ଥଳୀ ଯାଏ ଯିବା କଷ୍ଟକର ହୋଇପଡିଲା। ଏଥିପାଇଁ ତାଙ୍କୁ ଏହେଲେର ଏସ୍-ଡାନ୍‌ଲୋସ ସିଣ୍ଡ୍ରୋମ ହୋଇଗଲା। ଫଳରେ ତାଙ୍କ ପାଚନ ତନ୍ତ୍ର ପୂରାପୂରି ଖରାପ ହୋଇଗଲା। ଏହାପରେ ସେ ଯାହା ଖାଦ୍ୟ ଖାଆନ୍ତି, ତାକୁ ବାନ୍ତି କରିଦିଅନ୍ତି। ଏଥିରେ ତାଙ୍କୁ ବହୁତ କଷ୍ଟ ଅନୁଭବ ହେଉଥିଲା। ଏଥିପାଇଁ ସେ ଏବେ ପାଟି ବାଟେ ଖାଇବା ପରିବର୍ତ୍ତେ ଟୋଟାଲ ପାରେଣ୍ଟାଲ ନ୍ୟୁଟ୍ରିଶନ (ଟିପିଏନ୍)ରେ ଅଛନ୍ତି। ଏହା ଦ୍ୱାରା ସେ ତାଙ୍କ ଛାତି ବାଟେ ପାଇପ ଜରିଆରେ ଖାଦ୍ୟ ନେଉଛନ୍ତି। ସେ କହିଛନ୍ତି, ତାଙ୍କର କେବେ ଖାଦ୍ୟ ପ୍ରତି ଏତେ ଲୋଭ ନ ଥିଲା। ଏପରି ରୋଗକୁ ସେ ବରଦାନ ବୋଲି କହିଛନ୍ତି। ତାଙ୍କୁ କରୋନା ମହାମାରୀ ସମୟରେ ଖାଦ୍ୟ ଖାଇବାକୁ କଷ୍ଟ ଅନୁଭବ ହେଉଥିଲା। ହେଲେ ଟିପିଏନ୍ ପ୍ରଣାଳୀ ତାଙ୍କୁ ବଞ୍ଚାଇଦେଲା। ହେଲେ ଏଥିରେ ଇନ୍‌ଫେକ୍ସନ ହେବାର ସମ୍ଭାବନା ରହିଥିବା ସେ କହିଛନ୍ତି।

# ବଢ଼ୁଛି ୱାର୍ଡ, ବଢ଼ୁନାହାନ୍ତି କର୍ମଚାରୀ

## ବ୍ରହ୍ମପୁର: ୧୫୬ ବର୍ଷର ପୌରସଂସ୍ଥା



ବ୍ରହ୍ମପୁର ମହାନଗର ନିଗମ

ବ୍ରିଟିଶ ଶାସନରେ ଗଞ୍ଜାମ ଜିଲା ମାଡ୍ରାସ ପ୍ରେସିଡେନ୍ସି ଅଧୀନ ଥିଲା। ୧୮୬୭ରେ ବ୍ରହ୍ମପୁର ପୌରପାଳିକା ଗଠନ ହୋଇଥିଲା। ସେତେବେଳେ ରେଶମ ସହର ଜନସଂଖ୍ୟା ୩୦ ହଜାରରୁ ଅଧିକ ଥିଲା। ପରିସୀମାକୁ ନେଇ ମାତ୍ର ୨୭ଟି ୱାର୍ଡ ଗଠନ କରାଯାଇଥିଲା। ଏବେ ଏହି ସ୍ୱାୟତ୍ତ ଶାସନ ସଂସ୍ଥାକୁ ୧୫୬ ବର୍ଷ ପୂରିଛି। ୧୯୯୭ ପୌର ନିର୍ବାଚନ ପର୍ଯ୍ୟନ୍ତ ମ୍ୟୁନିସିପାଲିଟି ଶାସନ କଂଗ୍ରେସ ଦଖଲରେ ଥିଲା। ୨୦୦୩ ପୌର ନିର୍ବାଚନରେ ସଂଖ୍ୟା ଗରିଷ୍ଠ କାଉନଲସିର ନଥାଇ ମଧ୍ୟ ଘୋଡ଼ା ବେପାରରେ ୩ ସ୍ୱାଧୀନ କାଉନସିଲରଙ୍କ ସମର୍ଥନରେ ବିଜେଡି ଆସନ ଅକ୍ତିଆର କରିଥିଲା। ନଗରପାଳ ପଦବୀ ମହିଳାଙ୍କ ନିମନ୍ତେ ସଂରକ୍ଷିତ ଥିବାରୁ ସୁଲୋଚନା ସ୍ୱାଇଁ ପ୍ରଥମ ମହିଳା ଚେୟାରମ୍ୟାନ ନିର୍ବାଚିତ ହୋଇଥିଲେ।

୨୦୦୮ ପୌର ନିର୍ବାଚନରେ ୱାର୍ଡ ସଂଖ୍ୟା ୩୭କୁ ବୃଦ୍ଧି ପାଇଥିଲା। ବିଜେଡି କାଉନସିଲର ସଂଖ୍ୟାଗରିଷ୍ଠ ଥିବାରୁ ଶିବ ଶଙ୍କର ଦାସ ପରୋକ୍ଷ ଭୋଟ୍‌ରେ ନଗରପାଳ ନିର୍ବାଚିତ ହୋଇଥିଲେ। କିଛି ମାସ ପରେ ପୌରପାଳିକାକୁ ରାଜ୍ୟ ସରକାର ମହାନଗର ନିଗମର ମାନ୍ୟତା ଘୋଷଣା କଲେ। ଫଳରେ ନଗରପାଳ ଆପେ ଆପେ ମେୟର ଏବଂ କାଉନସିଲରମାନେ କର୍ପୋରେଟର ବନିଗଲେ। ନିର୍ବାହୀ ଅଧିକାରୀ ମଧ୍ୟ କମିଶନର ଆଖ୍ୟା ପାଇଲେ। ୨୦୧୩ ପୌର ନିର୍ବାଚନ ବେଳେ ୱାର୍ଡ ପୁନର୍ଗଠନ ଏବଂ ସୀମା ନିର୍ଦ୍ଧାରଣ ପ୍ରକ୍ରିୟାରେ ୱାର୍ଡ ସଂଖ୍ୟା ୪୦କୁ ବଢ଼ିଲା। ଦ୍ୱିତୀୟ ଥର ପାଇଁ ବିଜେଡି କର୍ପୋରେଟର ସଂଖ୍ୟାଗରିଷ୍ଠ ହୋଇଥିଲା। ମେୟର ପଦ ମହିଳାଙ୍କ ପାଇଁ ସଂରକ୍ଷିତ ଥିବାରୁ କେ. ମାଧବୀ ପ୍ରଥମ ମହିଳା ମେୟର ନିର୍ବାଚିତ ହୋଇଥିଲେ।

୨୦୨୨ ପୌର ନିର୍ବାଚନରେ ମହାନଗର ୱାର୍ଡ ସଂଖ୍ୟା ୪୨କୁ ବଢ଼ାଯାଇଥିଲା। ମେୟର ପଦ ମହିଳାଙ୍କ ନିମନ୍ତେ ସଂରକ୍ଷିତ ଥିଲା। ପ୍ରତ୍ୟକ୍ଷ ନିର୍ବାଚନରେ ସଂଘମିତ୍ରା ଦଳେଇ ବିପୁଳ ଭୋଟରେ ନିର୍ବାଚିତ ହେଲେ। ଅନ୍ୟପକ୍ଷରେ ପୌରନିଗମ ମଧ୍ୟ ଚତୁର୍ଥ ଥର ବିଜେଡି ହାତକୁ ଯାଇଛି। ୧୫୬ ବର୍ଷର ପୌରସଂସ୍ଥା ଓ ପୌର ନିଗମରେ ନିର୍ବାଚିତ ମୁଖ୍ୟ ଭାବେ ତୃତୀୟ ଥର ମହିଳାଙ୍କୁ ସୁଯୋଗ ମିଳିଛି। ୪୨ କର୍ପୋରେଟରଙ୍କ ମଧ୍ୟରୁ ଅର୍ଦ୍ଧେକ ତଥା ୨୧ ମହିଳା ବିଜେଡି, ଭାଜପା ଓ କଂଗ୍ରେସରୁ ନିର୍ବାଚିତ ହୋଇଛନ୍ତି। ନିଗମକୁ ପ୍ରତିବର୍ଷ କୋଟି କୋଟି ଟଙ୍କା ସରକାରୀ ଅନୁଦାନ ଆସୁଛି। ନିଜସ୍ୱ ରାଜସ୍ୱ ମଧ୍ୟ ବହୁଳ ପରିମାଣରେ ଆଦାୟ ହେଉଛି। ବିକାଶ ପାଇଁ ମଞ୍ଜୁର ଅନୁଦାନ ଠିକଣା ଭାବେ ବିନିଯୋଗ ହୋଇପାରୁନଥିବାରୁ ଅନେକ ଯୋଜନା ଅଧାରେ ରହିଛି। ନିଅଣ୍ଟିଆ କର୍ମଚାରୀ ଯୋଗୁ ପ୍ରଶାସନିକ କାର୍ଯ୍ୟ ସୂଚାରୁ ଭାବେ ହେଉନଥିବା ଅଭିଯୋଗ ହେଉଛି।

– ନରସିଂହ ସାହୁ, ବ୍ରହ୍ମପୁର

# ଉତ୍କଳମଣି ଗୋପବନ୍ଧୁ ଥିଲେ ପ୍ରଥମ ଉପାଧ୍ୟକ୍ଷ

## ୧୧୮ ବର୍ଷରେ ବାରିପଦା ପୌରପାଳିକା


ବାରିପଦା ପୌର ପରିଷଦ କାର୍ଯ୍ୟାଳୟ

ମୟୂରଭଞ୍ଜ ଜିଲା ବାରିପଦା ପୌର ପରିଷଦ ୧୧୮ ବର୍ଷରେ ପଦାର୍ପଣ କରିଛି। ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓଙ୍କ ଶାସନକାଳ ସମୟରେ ବାରିପଦା ସହରର ୨ବର୍ଗ କି.ମି. ଆୟତନକୁ ନେଇ ୧୯୦୫ ଜୁଲାଇ ୧ତାରିଖରେ ଏହି ପୌର ପରିଷଦ କାର୍ଯ୍ୟ ଆରମ୍ଭ କରିଥିଲା। ତେବେ ଚର୍ଚ୍ଚିତ ବିଷୟ ହେଉଛି ମୟୂରଭଞ୍ଜ ରାଜ୍ୟର ସରକାରୀ ଆଇନଜୀବୀ ଉତ୍କଳମଣି ଗୋପବନ୍ଧୁ ଦାସ ଥିଲେ ଏହି ପୌର ପରିଷଦର ପ୍ରଥମ ଉପାଧ୍ୟକ୍ଷ। ସେ ସମୟର ଉଚ୍ଚ ଚିନ୍ତାଧାରାକୁ ନେଇ ସହରର ରାସ୍ତାଘାଟ, ପାନୀୟଜଳ, ପରିମଳ ବ୍ୟବସ୍ଥା, ବିଦ୍ୟୁତ୍ ସେବା ସହ ବିଭିନ୍ନ ଦିଗରେ ପୌର ପରିଷଦ ଆଗରେ ଥିଲା । ଏହି ପୌର ପରିଷଦ ଅଧୀନରେ ଏବେ ୨୮ଟି ୱାର୍ଡ ରହିଛି। ୨୦୧୧ଜନଗଣନା ଅନୁଯାୟୀ ଏହି ପରିଷଦର ଜନସଂଖ୍ୟା ୧ଲକ୍ଷ ୧୬ହଜାର ଥିବା ବେଳେ ୧୧ବର୍ଷରେ ତାହା ଦେଢ ଲକ୍ଷ ଟପିଲାଣି।

ବିକାଶ ଦିଗରେ କାର୍ଯ୍ୟ କରୁଥିବା ଏହି ପୌର ପରିଷଦ ବହୁ ପଛରେ ପଡ଼ିରହିଛି। ଗମନାଗମନ, ଆମୋଦ ପ୍ରମୋଦ ଓ ଡ୍ରେନେଜ ବ୍ୟବସ୍ଥାରେ ସୁଧାର ଆସିପାରୁ ନାହିଁ । ଫଳରେ ବର୍ଷାଦିନେ ସହରବାସୀ ବିଭିନ୍ନ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ବିଭିନ୍ନ ୱାର୍ଡରେ ଡ୍ରେନ ସଫେଇ ଓ ପରିମଳ ବ୍ୟବସ୍ଥାରେ ଉନ୍ନତୀକରଣଠାରୁ ଆରମ୍ଭ କରି ଜମ୍ବୀରା ନଦୀରୁ ପାନୀୟ ଜଳ ଯୋଗାଣ କାର୍ଯ୍ୟକାରୀ ହେବାରେ ବିଳମ୍ବ ହେବା ସରକାରୀ ବ୍ୟବସ୍ଥା ପ୍ରତି ଅଙ୍ଗୁଳି ଉଠାଉଛି। ମଧୁବନ ଅଞ୍ଚଳର ଫଳ ଉଦ୍ୟାନ, ଚିଡ଼ିଆଖାନା, ଉଦ୍ୟାନ ପରିକ୍ରମା ପାଇଁ ରେଳପଥ, ଭଞ୍ଜପୁରର ବ୍ୟାଘ୍ର ସଫାରି ସହରବାସୀଙ୍କ ପାଇଁ ସ୍ୱପ୍ନ ପାଲଟିଯାଇଛି। ପୌରପାଳିକାର ନିଜସ୍ୱ କାର୍ଯ୍ୟାଳୟଟି ୧୯୧୭ ମସିହାରେ ନିର୍ମାଣ କରାଯାଇଥିବା ବେଳେ ତାହା ଦୂରକୁ ସୁନ୍ଦର ଭାବେ ଉଭା ହୋଇଛି। ଜୁବଲୀ ଲାଇବ୍ରେରି ଓ ବାରିପଦା କ୍ଲବ ଭଳି କେତେକ ଅନୁଷ୍ଠାନ କେବଳ ସ୍ମୃତିର ମୂକସାକ୍ଷୀ ହୋଇ ରହିଛି। ରକ୍ଷଣାବେକ୍ଷଣ ଅଭାବରୁ ଐତିହ୍ୟଗୁଡ଼ିକ ଏବେ ଜରାଜୀର୍ଣ୍ଣ ଅବସ୍ଥାରେ। ଜବରଦଖଲକାରୀଙ୍କ ପାଇଁ ପୌର ପରିଷଦର ମାନଚିତ୍ର ବଦଳିଥିବା ବେଳେ ବେଆଇନ ଗୃହ, ରାସ୍ତା, ଡ୍ରେନ ଓ ଦୋକାନଗୃହ ନିର୍ମାଣ ବିକାଶରେ ଅନ୍ତରାୟ ସୃଷ୍ଟି କରୁଛି।

କ୍ରମବର୍ଦ୍ଧିଷ୍ଣୁ ଜନସଂଖ୍ୟା ତୁଳନାରେ ଗାଡ଼ିମଟର ଚଳାଚଳ ଓ ଦୋକାନ ବୃଦ୍ଧି ପାଇଁ ପାର୍କିଂ ବ୍ୟବସ୍ଥା ନ ଥିବାରୁ ଟ୍ରାଫିକ ସମସ୍ୟା ଦିନକୁ ଦିନ ବଢ଼ିବାରେ ଲାଗିଛି । ବିଜୟରାମଚନ୍ଦ୍ରପୁର ନିକଟରେ ଚିହ୍ନଟ ନୂତନ ବସଷ୍ଟାଣ୍ଡ କାର୍ଯ୍ୟକାରୀ ହେବା ଜରୁରୀ ହୋଇପଡ଼ିଛି। ସ୍ୱାସ୍ଥ୍ୟ, ଶିକ୍ଷା ଓ ପାରିପାର୍ଶ୍ୱିକ ଉନ୍ନତି ପୌରପାଳିକା ବୟସ ତୁଳନାରେ ପଛରେ ପଡ଼ିଛି। ଅସ୍ତିଆ, ଚିପଟ ଅସ୍ତିଆ, ରଘୁନାଥପୁର, ମୁର୍ଗାବାଡ଼ି ଓ ପାଲବଣି ଅଞ୍ଚଳକୁ ପୌର ପରିଷଦରେ ସାମିଲ ସହିତ ୱାର୍ଡ ସଂଖ୍ୟା ବୃଦ୍ଧି କରାଗଲେ ସହରାଞ୍ଚଳ ବିକାଶ ଯୋଜନାରେ ଲୋକେ ବିଶେଷ ଉପକୃତ ହୋଇପାରନ୍ତେ। ଚଳିତ ସ୍ୱାୟତ୍ତ ଶାସନ ଦିବସ ଅବସରରେ ଦଳମତ ନିର୍ବିଶେଷରେ ଏକ ହୋଇ ସହଯୋଗର ହାତ ବଢ଼ାଇଲେ ପୌର ପରିଷଦର ହଜିଯାଇଥିବା ଗୌରବ ପୁଣି ଫେରିଆସିବ ବୋଲି ବୁଦ୍ଧିଜୀବୀମାନେ ମତପ୍ରକାଶ କରିଛନ୍ତି।

– ନୀଳାଦ୍ରି ବିହାରୀ ଦଣ୍ଡପାଟ, ବାରିପଦା

# ରାୟଗଡ଼ା: ୟୁନିୟନ ବୋର୍ଡରୁ ପୌର ପରିଷଦ




ରାୟଗଡ଼ା ପୌର ପରିଷଦ ୫୨ବର୍ଷରେ ପଦାର୍ପଣ କରିଛି। ୧୯୭୧ ଜାନୁୟାରୀ ୧୫ରେ ରାୟଗଡ଼ା ପୌର ପରିଷଦ ଭାବେ ଘୋଷଣା ହୋଇଥିଲା। ହେଲେ ଦେଶ ସ୍ୱାଧୀନ ହେବା ପୂର୍ବରୁ ୧୯୨୯ ଏପ୍ରିଲ ୧୦ରେ ରାୟଗଡ଼ା ୟୁନିୟନ ବୋର୍ଡ ଭାବେ ସହର ପରିଚାଳିତ ହେଉଥିଲା। ଦେଶ ସ୍ୱାଧୀନତା ପାଇବା ପରେ ୧୧ଟି ରାଜସ୍ୱ ଗ୍ରାମ ଯୋଡ଼ିହେବା ସହ ଜନସଂଖ୍ୟା ବୃଦ୍ଧି କାରଣରୁ ଅଞ୍ଚଳରେ ଉନ୍ନତମାନର ସେବା ପାଇଁ ୧୯୫୫ ମସିହା ମେ' ୧୫ରେ ରାୟଗଡ଼ା ବିଜ୍ଞାପିତ ଅଞ୍ଚଳ ଭାବେ ଘୋଷଣା ହୋଇଥିଲା। ସ୍ୱର୍ଗତ କୃଷ୍ଣଚନ୍ଦ୍ର ବକ୍ସିପାତ୍ର ରାୟଗଡ଼ା ପୌର ପରିଷଦର ଅଧ୍ୟକ୍ଷ ରହିଥିବା ସମୟରେ ରାୟଗଡ଼ା ସହରର ଏକ ରୋଡ୍‌ମ୍ୟାପ୍ ପ୍ରସ୍ତୁତ କରି ଏହାର ବିକାଶରେ ମୁଖ୍ୟ ଭୂମିକା ନେଇଥିଲେ। ରାୟଗଡ଼ା ସହରର ଗଳିକନ୍ଦିକୁ ରାସ୍ତା, ପାନୀୟ ଜଳ ଆଦିର ବ୍ୟବସ୍ଥା କରିବା ସହ ରାୟଗଡ଼ା ସହରର ଗଠନକୁ ମ୍ୟାପ୍‌ରେ ଏକ ସୁନ୍ଦର ସହର ଭାବେ ଗଢ଼ି ତୋଳିଥିଲେ। ତେଣୁ ତାଙ୍କୁ ରାୟଗଡ଼ା ସହରର ଆର୍କିଟେକ୍ଟ ବୋଲି ମଧ୍ୟ କୁହାଯାଏ। ସହରର ୧୧ଟି ରାଜସ୍ୱ ଗ୍ରାମକୁ ନେଇ ଗଠିତ ରାୟଗଡ଼ା ପୌର ପରିଷଦ ୩ ଥର ଉନ୍ନତ ସହର ଭାବେ ପୁରସ୍କୃତ ହୋଇଛି।

ବର୍ତ୍ତମାନ ରାୟଗଡ଼ା ପୌର ପରିଷଦ ଅଧୀନରେ ୨୪ ୱାର୍ଡ ରହିଛି। ସହରର ପ୍ରତ୍ୟେକ ଗଳିକନ୍ଦି ଓ ଅଞ୍ଚଳକୁ ପକ୍କାରାସ୍ତା ମାଧ୍ୟମରେ ସଂଯୋଗୀକରଣ ରହିଛି। ରାୟଗଡ଼ା ପୌର ପରିଷଦ ମଧ୍ୟରେ ଜାତୀୟ ରାଜପଥ ଓ ରେଳପଥର ସୁବିଧା ରହିଛି। ସହର ପରିବେଶକୁ ନିର୍ମଳ ଓ ସ୍ୱଚ୍ଛ ରଖିବା ପାଇଁ ପୌର ପରିଷଦ ପକ୍ଷରୁ ପ୍ରତିଦିନ ଅଳିଆ ଆବର୍ଜନା ଉଠାଯାଏ। ୨୦୧୧ ଜନଗଣନା ଅନୁସାରେ ପୌରାଞ୍ଚଳରେ ମୋଟ ୭୧,୨୦୮ ଜନସାଧାରଣ ବସବାସ କରୁଛନ୍ତି। ରାୟଗଡ଼ା ପୌର ପରିଷଦରେ ୧୧୭ ଜଣ କର୍ମଚାରୀ କାର୍ଯ୍ୟରତ ଥିବା ବେଳେ ୨୪ଟି ୱାର୍ଡର ସାନିଟାଇଜେଶନ କାର୍ଯ୍ୟକୁ ସୁଦୃଢ଼ ରଖିବା ନିମନ୍ତେ ସ୍ୱଚ୍ଛ ସାଥୀ, ଜଳ ସାଥୀ ଆଦିର ବ୍ୟବସ୍ଥା କରାଯାଇଛି। ଜାଗା ମିଶନ ମାଧ୍ୟମରେ ବହୁ ହିତାଧିକାରୀଙ୍କୁ ରହିବା ପାଇଁ ପ୍ରମାଣପତ୍ର ଦିଆଯାଇଛି। ସହରର ୬୪ଟି ସ୍ଥାନରେ ବର୍ଷାଜଳ ସଂରକ୍ଷଣ ପାଇଁ ବ୍ୟବସ୍ଥା କରାଯାଇଛି। ୨୦୨୨-୨୩ ଆର୍ଥିକ ବର୍ଷରେ ୩୩ଟି ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ ମଧ୍ୟରୁ ୫ଟିର କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇଥିବା ବେଳେ ୨୮ଟିର କାମ ଚାଲୁରହିଛି। ସହରରେ ବିଭିନ୍ନ ବିବାହ, ବ୍ରତ ତଥା ସରକାରୀ କାର୍ଯ୍ୟକ୍ରମ ନିମନ୍ତେ ପୌର ପରିଷଦ ପକ୍ଷରୁ ଟାଉନହଲ୍, ଅଶୋକ କଲ୍ୟାଣମଣ୍ଡପ, ବିଜୁ କଲ୍ୟାଣମଣ୍ଡପ ରହିଥିବା ସହ ନୂତନ ଭାବେ ବିଜୁ ପଟ୍ଟନାୟକ ଅଡିଟୋରିୟମ ନିର୍ମାଣ ହୋଇଛି। ସହରର ଉନ୍ନତୀକରଣ ବିଷୟରେ ପୌର ନିର୍ବାହୀ ଅଧିକାରୀ ୟାସିର ବିଲାଲ ଅହମ୍ମଦଙ୍କୁ ପଚାରିବାରୁ ରାୟଗଡ଼ା ସହରରେ ନୂତନ ୩ଟି କଲ୍ୟାଣମଣ୍ଡପ ସାଇପ୍ରିୟା ନଗର, ଆମ୍ବାଗୁଡ଼ା ଓ ଅଷ୍ଟାରିଗୁଡ଼ା ଅଞ୍ଚଳରେ ନିର୍ମାଣ ପାଇଁ ପ୍ରସ୍ତାବ ରହିଛି ବୋଲି କହିଛନ୍ତି। ଏଥିସହିତ ବସ୍‌ଷ୍ଟାଣ୍ଡର ଉନ୍ନତୀକରଣ ପାଇଁ ୩ କୋଟି ୫୦ ଲକ୍ଷ ଟଙ୍କା ଅନୁଦାନ, ମୁକ୍ତା ଯୋଜନାରେ ୮ କୋଟି ୪୬ ଲକ୍ଷ ଟଙ୍କା, ସମସ୍ତ କଚ୍ଚାରାସ୍ତାକୁ ପକ୍କାରାସ୍ତା କରିବା ପାଇଁ ୧୯ କୋଟି ଟଙ୍କା ଅନୁଦାନ ମିଳିଛି ଏବଂ ସହରରେ ପାନୀୟ ଜଳଯୋଗାଣ ସୁବିଧା ପାଇଁ ୫୬ କୋଟି ଟଙ୍କା ବ୍ୟୟରେ କାର୍ଯ୍ୟ ଚାଲିଛି। ଏହା ଡିସେମ୍ବର ସୁଦ୍ଧା କାର୍ଯ୍ୟକ୍ଷମ ହେବ ବୋଲି ନିର୍ବାହୀ ଅଧିକାରୀ ୟାସିର ବିଲାଲ ସୂଚନା ଦେଇଛନ୍ତି। ଏଥିସହ ରାୟଗଡ଼ା ସହର ନିକଟସ୍ଥ ସାଇପ୍ରିୟା ନଗରର ୧୦ଟି ଲେନ୍‌କୁ ପୌର ପରିଷଦରେ ଅନ୍ତର୍ଭୁକ୍ତ କରିବା ନେଇ ଜିଲାପାଳଙ୍କୁ ପ୍ରସ୍ତାବ ଦେଇଥିବା ନିର୍ବାହୀ ଅଧିକାରୀ କହିଛନ୍ତି।

– ଆଶିଷ ରଞ୍ଜନ ପଣ୍ଡା, ରାୟଗଡ଼ା


ସ୍ୱାୟତ୍ତ ଶାସନ ଦିବସ-୨୦୨୩ ଅବସରରେ ଅନୁଗୋଳ ପୌରପାଳିକାବାସୀଙ୍କୁ ଶୁଭେଚ୍ଛା । ପୌରପାଳିକାର ସର୍ବାଙ୍ଗୀନ ଉନ୍ନତି ପାଇଁ ଏକତାବଦ୍ଧ ହୋଇ କାର୍ଯ୍ୟ କରିବା ।

ସରିତା ମିଶ୍ର
କାଉନସିଲର, ୱାର୍ଡ ନଂ.୯,ଅନୁଗୋଳ ପୌରପାଳିକା

ସ୍ୱାୟତ୍ତ ଶାସନ ଦିବସ-୨୦୨୩ ଅବସରରେ ଅନୁଗୋଳ ପୌରପାଳିକାବାସୀଙ୍କୁ ଶୁଭେଚ୍ଛା । ପୌରପାଳିକାର ସର୍ବାଙ୍ଗୀନ ଉନ୍ନତି ପାଇଁ ଏକତାବଦ୍ଧ ହୋଇ କାର୍ଯ୍ୟ କରିବା ।

ବଳରାମ ଜେନା
ୱାର୍ଡ ନଂ.୧୯,ଅନୁଗୋଳ ପୌରପାଳିକା

ସ୍ୱାୟତ୍ତ ଶାସନ ଦିବସ-୨୦୨୩ ଅବସରରେ ଅନୁଗୋଳ ପୌରପାଳିକାବାସୀଙ୍କୁ ଶୁଭେଚ୍ଛା । ପୌରପାଳିକାର ସର୍ବାଙ୍ଗୀନ ଉନ୍ନତି ପାଇଁ ଏକତାବଦ୍ଧ ହୋଇ କାର୍ଯ୍ୟ କରିବା ।

ଶଙ୍କର ସେଠୀ
ୱାର୍ଡ ନଂ.୧୮,ଅନୁଗୋଳ ପୌରପାଳିକା

ସ୍ୱାୟତ୍ତ ଶାସନ ଦିବସ-୨୦୨୩ ଅବସରରେ ଅନୁଗୋଳ ପୌରପାଳିକାବାସୀଙ୍କୁ ଶୁଭେଚ୍ଛା । ପୌରପାଳିକାର ସର୍ବାଙ୍ଗୀନ ଉନ୍ନତି ପାଇଁ ଏକତାବଦ୍ଧ ହୋଇ କାର୍ଯ୍ୟ କରିବା ।

ସୁଶୀଳ ମୁଖୀ
ୱାର୍ଡ ନଂ.୬,ଅନୁଗୋଳ ପୌରପାଳିକା

ସ୍ୱାୟତ୍ତ ଶାସନ ଦିବସ-୨୦୨୩ ଅବସରରେ ଅନୁଗୋଳ ପୌରପାଳିକାବାସୀଙ୍କୁ ଶୁଭେଚ୍ଛା । ପୌରପାଳିକାର ସର୍ବାଙ୍ଗୀନ ଉନ୍ନତି ପାଇଁ ଏକତାବଦ୍ଧ ହୋଇ କାର୍ଯ୍ୟ କରିବା ।

ସୁକାନ୍ତି ଦାସ
କାଉନସିଲର,ୱାର୍ଡ ନଂ.୧,ଅନୁଗୋଳ ପୌରପାଳିକା

A
Well Wisher
From
Dhenkanal

ସ୍ୱାୟତ୍ତ ଶାସନ ଦିବସ-୨୦୨୩ ଅବସରରେ ଅନୁଗୋଳ ପୌରପାଳିକାବାସୀଙ୍କୁ ଶୁଭେଚ୍ଛା । ପୌରପାଳିକାର ସର୍ବାଙ୍ଗୀନ ଉନ୍ନତି ପାଇଁ ଏକତାବଦ୍ଧ ହୋଇ କାର୍ଯ୍ୟ କରିବା ।
ଅନୁଗୁଳ ପୌରପାଳିକା

ସ୍ୱାୟତ୍ତ ଶାସନ ଦିବସ-୨୦୨୩ ଅବସରରେ ଅନୁଗୋଳ ପୌରପାଳିକାବାସୀଙ୍କୁ ଶୁଭେଚ୍ଛା । ପୌରପାଳିକାର ସର୍ବାଙ୍ଗୀନ ଉନ୍ନତି ପାଇଁ ଏକତାବଦ୍ଧ ହୋଇ କାର୍ଯ୍ୟ କରିବା ।

ସୂର୍ଯ୍ୟସ୍ନାତା ସାହୁ
ୱାର୍ଡ ନଂ.୨୩,ଅନୁଗୋଳ ପୌରପାଳିକା

ବଲାଙ୍ଗିର ପୌରସଂସ୍ଥା, ବଲାଙ୍ଗିର
ନିଖିଳ ଭାରତ ସ୍ୱାୟତ୍ତ ଶାସନ-୨୦୨୩ ଉପଲକ୍ଷେ ବଲାଙ୍ଗିର ପୌରପରିଷଦ ର ସମସ୍ତ ଜନସାଧାରଣ ଙ୍କୁ ସୁଭେଚ୍ଛା ଓ ଅଭିନନ୍ଦନ ଜଣାଉଅଛୁ । ଏହି ଅବସରରେ ସମସ୍ତେ ନିଜ ନିଜ ପରିବେଶ କୁ ସ୍ୱଚ୍ଛ ଓ ନିର୍ମଳ କରି ଗଢ଼ି ତୋଳିବା ପାଇଁ ଆମର ଅନୁରୋଧ ।

ଶ୍ରୀମତୀ ଲିକା ସାହୁ, ପୌରାଧ୍ୟକ୍ଷା, ପୌରସଂସ୍ଥା, ବଲାଙ୍ଗିର
ଗାୟତ୍ରୀ ଭୋଇ, ଉପ-ପୌରାଧ୍ୟକ୍ଷା, ପୌରସଂସ୍ଥା, ବଲାଙ୍ଗିର

ପବିତ୍ର ସ୍ୱାୟତ୍ତଶାସନ ଦିବସ ଅବସରରେ ବାରିପଦାବାସୀଙ୍କୁ ହାର୍ଦ୍ଦିକ ଅଭିନନ୍ଦନ
ଆସନ୍ତୁ ସମସ୍ତେ ମିଶି ବାରିପଦା ସହରକୁ ସ୍ୱଚ୍ଛ ଓ ସୁନ୍ଦର ଭାବେ ଗଢିବା ପାଇଁ ସଂକଳ୍ପ ନେବା।
ସୀମା ଦାସ, ଉପ-ନଗରପାଳ ଓ ସମସ୍ତ କାଉନସିଲର ବୃନ୍ଦ, ବାରିପଦା ପୌରପରିଷଦ
ଶ୍ରୀ ବସନ୍ତ କୁମାର ସେଠୀ (ଓ.ଏ.ଏସ) (ଏସ), ନିର୍ବାହୀ ଅଧିକାରୀ ବାରିପଦା ପୌରପରିଷଦ
କୃଷ୍ଣାନନ୍ଦ ମହାନ୍ତି, ନଗରପାଳ, ବାରିପଦା ପୌରପରିଷଦ

ପବିତ୍ର ନିଖିଳ ଭାରତ ସ୍ୱାୟତ୍ତ ଶାସନ ଦିବସ ୨୦୨୩ ଅବସରରେ ବ୍ୟାସନଗର ପୌରାଞ୍ଚଳର ସମସ୍ତ ଜନସାଧାରଣ ତଥା ଭାଇ ଭଉଣୀ, ଛାତ୍ର ଛାତ୍ରୀ, ଓ ବରିଷ୍ଠ ନାଗରିକ ମାନଙ୍କୁ ମୋର ହାର୍ଦ୍ଦିକ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଉଛି ।

ସଙ୍ଗୀତା ପିଙ୍ଗୁଆ
ଅଧ୍ୟକ୍ଷା, ବ୍ୟାସନଗର ପୌରପରିଷଦ

# ଚକ୍‌ଦା ଏକ୍ସପ୍ରେସ୍


ଅନୁଷ୍କା

ଅନୁଷ୍କା ଶର୍ମା ଅନେକ ସିନେମାରେ ନାୟିକା ସାଜିସାରିଛନ୍ତି। ହେଲେ ତାଙ୍କର ଏକ ଆଶା ନିକଟରେ ପୂରଣ ହୋଇଛି। ଅନୁଷ୍କାଙ୍କ ଇଚ୍ଛା ଥିଲା, ଏକ କ୍ରିକେଟ୍‌ଭିତ୍ତିକ ସିନେମାରେ ଅଭିନୟ କରିବେ। ରିଲିଜ ଅପେକ୍ଷାରେ ଥିବା 'ଚକଦା ଏକ୍ସପ୍ରେସ୍'ରେ ସେ ମୁଖ୍ୟ ଭୂମିକାରେ ଅଭିନୟ କରୁଛନ୍ତି। ଭାରତୀୟ ମହିଳା କ୍ରିକେଟ୍ ଦଳର ଅନ୍ୟତମ ଲୋକପ୍ରିୟ ଖେଳାଳି ତଥା ଫାଷ୍ଟ ବୋଲର ଝୁଲଣ ଗୋସ୍ୱାମୀଙ୍କ ଜୀବନୀକୁ ନେଇ ପ୍ରସ୍ତୁତ ହୋଇଛି ଏହି ହିନ୍ଦୀ ସିନେମା। ଏଥିରେ ଝୁଲଣ ଭୂମିକାରେ ଅଭିନୟ କରୁଛନ୍ତି ଅନୁଷ୍କା। ଏପରି ସୁଯୋଗ ସମ୍ପର୍କରେ ସେ କୁହନ୍ତି, 'ଯେତେବେଳେ ଏହି ଅଫର ମୋତେ ମିଳିଲା ସେତେବେଳେ ମୁଁ ଏ ସମ୍ପର୍କରେ ବିରାଟଙ୍କ ସହ ବିଶଦ୍ ଭାବେ ଆଲୋଚନା କରିଥିଲି। ମା' ହେବା ପରେ ଏହା ହେଉଛି ମୋର ପ୍ରଥମ ସିନେମା। ତେଣୁ ଏହାକୁ ନେଇ ମୁଁ ବେଶ୍ ଉତ୍ସାହିତ ଅଛି।' ଏହି ଫିଲ୍ମର ପ୍ରଯୋଜନା କର୍ଣ୍ଣେସ୍ ଶର୍ମା କରିଛନ୍ତି ଏବଂ ନିର୍ଦ୍ଦେଶନା ଦାୟିତ୍ୱ ତୁଲାଉଛନ୍ତି ପ୍ରୋସିତ୍ ରାୟ। ଅନ୍ତର୍ଜାତୀୟ କ୍ରିକେଟ୍‌ରେ ଝୁଲଣ ଜଣେ ମହିଳା ପେସ୍ ବୋଲର ଭାବେ ବିଶ୍ୱରେ ସର୍ବାଧିକ ଉଇକେଟ ନେବାର ଗୌରବ ଅର୍ଜନ କରିଛନ୍ତି। ଚଳିତ ବର୍ଷ ଡିସେମ୍ବର ୧୬ରେ ଚିତ୍ରଟି ଓଟିଟି ପ୍ଲାଟଫର୍ମରେ ରିଲିଜ ହେବ ବୋଲି ପ୍ରଯୋଜନା ସଂସ୍ଥା ପକ୍ଷରୁ ସୂଚନା ଦିଆଯାଇଛି।

ଅପେରା ହାଲ୍‌ଚାଲ୍

# ଦର୍ଶକଙ୍କ ମାନସିକତାକୁ ପ୍ରାଥମିକତା ଦିଏ


ପ୍ରଶାନ୍ତ ନାୟକ

ବର୍ତ୍ତମାନ ଜଲିଉଡ୍‌ର ଅନ୍ୟତମ ବ୍ୟସ୍ତ ନିର୍ଦ୍ଦେଶକ ହେଉଛନ୍ତି ପ୍ରଶାନ୍ତ ନାୟକ ଓରଫ ବଳିଆ ସାର୍। ଜଣେ ଅଭିନେତା ଭାବରେ ସେ ଅପେରା ଜଗତରେ ଏଣ୍ଟ୍ରି କରିଥିଲେ। ଭୁବନେଶ୍ୱରସ୍ଥ ଉତ୍କଳ ସଙ୍ଗୀତ ମହାବିଦ୍ୟାଳୟରୁ ଅଭିନୟରେ ଡିଗ୍ରୀ ହାସଲ କରିଛନ୍ତି ସେ। ତା'ସହ ଜାତୀୟ ତଥା ଅନ୍ତର୍ଜାତୀୟ ନାଟକ ଉତ୍ସବରେ ସେ ଶ୍ରେଷ୍ଠ ଅଭିନେତା ଭାବରେ ମଧ୍ୟ ପୁରସ୍କୃତ ହୋଇଛନ୍ତି। ନିଜ କ୍ୟାରିୟର ସମ୍ପର୍କରେ ସେ କହନ୍ତି, 'ଜଣେ ଅଭିନେତା ହିସାବରେ ନାଟକକୁ ନେଇ ବେଶ୍ ଅଭିଜ୍ଞତା ରହିଛି। ଏବେ ନିର୍ଦ୍ଦେଶନା ପରି ଗୁରୁଦାୟିତ୍ୱ ତୁଲାଇବାକୁ ପଡୁଛି। ମୁଁ ସବୁବେଳେ ଦର୍ଶକଙ୍କ ମାନସିକତାକୁ ହିଁ ଗୁରୁତ୍ୱ ଦେଇଥାଏ। ନାଟକଗୁଡ଼ିକ କିପରି ପରସ୍ପରଠାରୁ ଭିନ୍ନ ଚେଷ୍ଟା କରେ।' ଏ ବର୍ଷ ତାଙ୍କ ନିର୍ଦ୍ଦେଶିତ ତଥା ଡ. ନିହାର ରଞ୍ଜନ ମହାନ୍ତିଙ୍କ ରଚିତ ଚାରୋଟି ନାଟକ ହେଲା 'କେମିତି ହେଲା ଏମିତି ପ୍ରେମ' (ସ୍ୱପ୍ନ ମହଲ), 'ଏଇ ଫଗୁଣରେ ବାଜିବ ବାଜା' (ଗୌରୀ ଗଣନାଟ୍ୟ), ଏ ଆଖି କାନ୍ଦୁଛି ତୋରି ପାଇଁ (ସ୍ୱର୍ଣ୍ଣମହଲ) ଏବଂ 'କଥାଦେଇ ଭୁଲିଗଲ' (ଅଶୋକ ସମ୍ରାଟ)।

# ରାହୁଲଙ୍କ ଏଣ୍ଟ୍ରି


ରାହୁଲ ଦେବ

ଅରିନ୍ଦମଙ୍କ ପ୍ରଯୋଜିତ ଏବଂ ଅଭିନୀତ ଓଡ଼ିଆ ସିନେମା 'ରାମ୍'ର ଶୁଟିଂ ଚାଲୁରହିଛି। ଖାସ୍ କଥା ହେଲା, ଏହାର କାଷ୍ଟିଂରେ ବଲିଉଡ୍ ଅଭିନେତା ରାହୁଲ ଦେବଙ୍କୁ ସାମିଲ କରାଯାଇଛି। ଫିଲ୍ମଟି ଏଥର ଦଶହରାରେ ରିଲିଜ ହେବାର ଯୋଜନା ରହିଛି। ବର୍ତ୍ତମାନ ଦୁଇଟି ୟୁନିଟ୍‌ରେ ଶୁଟିଂ ଚାଲିଛି। ଆଉ ଏଥିଲାଗି ଛଅଟି କ୍ୟାମେରା ବ୍ୟବହାର କରାଯାଉଛି। ଗୋଟିଏ ୟୁନିଟ୍‌ରେ ଫାଇଟ୍ ଦୃଶ୍ୟ ଏବଂ ଦ୍ୱିତୀୟ ୟୁନିଟ୍‌ରେ ରାହୁଲ ଦେବଙ୍କ ଦୃଶ୍ୟ ଶୁଟିଂ ହେଉଛି। ଚଳଚ୍ଚିତ୍ରର ନିର୍ଦ୍ଦେଶନା ଦେଉଛନ୍ତି ଅଶୋକ ପତି ଏବଂ ଚିତ୍ରନାଟ୍ୟ ଓ ସଂଳାପ ରଚନା କରିଛନ୍ତି ଭରଦ୍ୱାଜ ପଣ୍ଡା। ଗୀତଗୁଡ଼ିକର ରେକର୍ଡିଂ ମଧ୍ୟ ଶେଷ ହୋଇଯାଇଛି। ଅସାଦ ନିଜାମ ଓ ଲିଙ୍କନ୍‌ଙ୍କ ଦମ୍‌ଦାର ମ୍ୟୁଜିକ୍ ଦଶହରା ମାହୋଲକୁ ସରଗରମ ନିଶ୍ଚୟ କରିବ ବୋଲି ଆଶା ରଖିଛନ୍ତି ଅରିନ୍ଦମ। ଏ ନେଇ ସେ କହନ୍ତି, 'ଏହି ବିଗ୍ ବଜେଟ୍ ଫିଲ୍ମର କାହାଣୀ ସମ୍ପୂର୍ଣ୍ଣ ଭିନ୍ନ ଏବଂ ଦର୍ଶକ ଏଥିରୁ ଶତ ପ୍ରତିଶତ ଏଣ୍ଟରଟେନମେଣ୍ଟ ପାଇବେ। କେବଳ କାହାଣୀ ନୁହେଁ, ଏହାର ଗୀତଗୁଡ଼ିକ ମଧ୍ୟ ଶ୍ରୋତାଙ୍କ ମନକୁ ଛୁଇଁ ପାରିବ। ବର୍ତ୍ତମାନ ଏହି ଫିଲ୍ମର ମାରାଥନ ଶୁଟିଂ ଚାଲୁ ରହିଛି। ଏଥର ଦଶହରାରେ 'ରାମ୍' ସମସ୍ତଙ୍କ ମନ ଜିଣିବ ବୋଲି ଆଶା ରଖିଛି।' ଏହି ବିଗ୍ ବଜେଟ ଫିଲ୍ମର ପ୍ରଚାର ପ୍ରସାର ଦାୟିତ୍ୱରେ ଅଛନ୍ତି ମିଡ଼ିଆ ପ୍ଲାନରର କ୍ରିଏଟିଭ ହେଡ ପ୍ରଣୟ ଜେଠୀ।


ଅରିନ୍ଦମ

# ଏଥର କମେଡି


ପ୍ରିୟଙ୍କା

କଥାରେ ଅଛି ଆଶା ଅସୁମାରୀ। ହେଲେ ସବୁ ଆଶା କ'ଣ ପୂରଣ ହୁଏ ? କିନ୍ତୁ ଅନେକେ ନିଜ ମନରେ ଉଙ୍କି ମାରିଥିବା ଆଶାଟି ଦିନେ ନା ଦିନେ ସଫଳ ହେବ ବୋଲି ବିଶ୍ୱାସ ରଖନ୍ତି। ଆଉ ସେଥିରୁ ଶ୍ରୀଲଙ୍କା ସୁନ୍ଦରୀ ଜ୍ୟାକ୍‌ଲିନ୍ ଫର୍ନାଡିସ୍ ବାଦ୍ ପଡ଼ିବେ କିପରି ? କଥା କ'ଣ କି ଏକ ସମ୍ପୂର୍ଣ୍ଣ କମେଡି ସିନେମାରେ ଅଭିନୟ କରିବାକୁ ମନ ବଳାଇଛନ୍ତି। ନିଜେ ସିନା ଏ ନେଇ ଆଗ୍ରହ ପ୍ରକାଶ କରିଛନ୍ତି, ହେଲେ ସେଭଳି ସୁଯୋଗ ମିଳିବା ହେଉଛି ବଡ଼ କଥା। କିନ୍ତୁ ଏମିତି କ'ଣ ହେଲା ଯେ ଜ୍ୟାକ୍‌ଲିନ୍ ଏଭଳି ଫିଲ୍ମରେ ଆକ୍ଟିଂ କରିବାକୁ ଆଗ୍ରହ ପ୍ରକାଶ କରିଛନ୍ତି ? ଏ ନେଇ ସେ କହନ୍ତି, 'କୋଭିଡ୍ ଭିତରେ ମୁଁ ଅନେକ କମେଡିଭିତ୍ତିକ ଫିଲ୍ମ ଦେଖିଥିଲି। ଅସଲ କଥା ହେଲା, ଆକ୍ଟିଂ ଲାଇନ୍‌ରେ ପ୍ରବେଶ କରିବା ପୂର୍ବରୁ ମୋର ଏଭଳି ଫିଲ୍ମ ପ୍ରତି ଦୁର୍ବଳତା ଥିଲା। ଆଉ ଏବେ ସେପରି ଚିତ୍ରରେ ଅଭିନୟ କରିବାକୁ ଆଶା ରଖିଛି। କେବଳ ସେତିକି ନୁହେଁ, ଭଲ ଭଲ କେତୋଟି କମେଡିକୁ ଆଧାର କରି କାହାଣୀ ମଧ୍ୟ ସିଲେକ୍ସନ କରିଛି। ହେଲେ ତାହାକୁ ନେଇ ଫିଲ୍ମ ନିର୍ମାଣ କରିବାକୁ ପ୍ରଯୋଜକ ଯଦି ରାଜି ହୁଅନ୍ତି ତେବେ ମୋର ଆଶା ପୂରଣ ହେବ।' ତେବେ ଜ୍ୟାକ୍‌ଲିନ୍‌ଙ୍କୁ କମେଡି ଭୂମିକାରେ ଦର୍ଶକ କେତେ ଗ୍ରହଣ କରିବେ ତାହା ଜାଣିବାକୁ ଅପେକ୍ଷା କରିବାକୁ ପଡ଼ିବ।

# ଜି ଲେ ଜରା

ଫରହାନ୍ ଅଖତରଙ୍କ ନିର୍ଦ୍ଦେଶିତ 'ଜି ଲେ ଜରା'କୁ ନେଇ ଏବେ ଚର୍ଚ୍ଚା। କାରଣ କିଛି ବର୍ଷର ଗ୍ୟାପ୍ ପରେ ଏହି ଫିଲ୍ମରୁ ପୁଣି ଥରେ ବଲିଉଡ୍‌କୁ କମ୍‌ବ୍ୟାକ୍ କରୁଛନ୍ତି ପ୍ରିୟଙ୍କା ଚୋପ୍ରା। କେବଳ ସେତିକି ନୁହେଁ, ଏହି ଫିଲ୍ମର ସଫଳତାକୁ ନେଇ ବେଶ୍ ଆଶା ବାନ୍ଧିଛନ୍ତି ସେ। ଏ ନେଇ ପ୍ରିୟଙ୍କା କହନ୍ତି, 'ଏକଥା ସତ ଯେ ଗତ କିଛି ବର୍ଷ ହେବ ମୁଁ ହଲିଉଡ୍‌ରେ ବ୍ୟସ୍ତ ଅଛି। ଏହାର ଅର୍ଥ ନୁହେଁ ଯେ ମୁଁ ବଲିଉଡ୍‌କୁ ସମ୍ପୂର୍ଣ୍ଣ ଗୁଡ୍‌ବାୟ କରିଦେଇଛି। ଫରହାନ ଯେତେବେଳେ ମୋତେ 'ଜି ଲେ ଜରା' ପାଇଁ ଅଫର ଦେଲେ ସେତେବେଳେ ମୁଁ ଏ ନେଇ ଅନେକ ଚିନ୍ତା କରିବା ପରେ ହଁ ଭରିଥିଲି। ଏହାର କାହାଣୀ ଭିନ୍ନ ଧରଣର। ତା'ସହ ଏଥିରେ ମୋତେ ଯେଉଁ ଭୂମିକାଟି ମିଳିଛି ତାହା ଦର୍ଶକଙ୍କୁ ପ୍ରଭାବିତ କରିବ ବୋଲି ଆଶା ରଖିଛି। ଭବିଷ୍ୟତରେ ଯଦି ଏଭଳି ଭଲ ଭଲ ଅଫର ହିନ୍ଦୀ ସିନେମାରୁ ମିଳେ ତେବେ ମନା କରିବି ନାହିଁ। କାରଣ ମୋତେ ଆଜି ଦର୍ଶକଙ୍କ ନିକଟରେ ପରିଚୟ ଦେଇଛି ବଲିଉଡ୍। ତେଣୁ ଏହାର ଅଗଣିତ ଦର୍ଶକଙ୍କୁ ମୁଁ କଦାପି ନିରାଶ କରିବି ନାହିଁ।' ଚିତ୍ରଟି ଚଳିତ ବର୍ଷ ହିଁ ରିଲିଜ ହେବ ବୋଲି ସୂଚନା ଦେଇଛନ୍ତି ନିର୍ଦ୍ଦେଶକ ଫରହାନ୍। ଏହାର କାହାଣୀ ରଚନା କରିଛନ୍ତି ଜୋୟା ଅଖତର, ଫରହାନ୍ ଅଖ୍‌ତର ଏବଂ ରିମା କାଗଟି। ଏହି ଫିଲ୍ମରେ ପ୍ରିୟଙ୍କାଙ୍କ ବ୍ୟତୀତ କ୍ୟାଟ୍ରିନା କୈଫ ଏବଂ ଆଲିୟା ଭଟ୍ଟ ମଧ୍ୟ ଅଭିନୟ କରିଛନ୍ତି।


ଜ୍ୟାକଲିନ୍

# ବଡ଼ ବ୍ରେକ୍ ଅପେକ୍ଷାରେ...

ନବାଗତ ରୂପେଶ। ପ୍ରଫେଶନ ସିନା ଆଇଟି ହେଲେ ଅଭିନୟ ନିଶାରୁ ନିଜକୁ ମୁକୁଳାଇ ପାରୁନାହାନ୍ତି। ସେପ୍ଟେମ୍ବର ୧ ତାରିଖରେ ରିଲିଜ ହେବାକୁ ଯାଉଛି ନୂଆ ଓଡ଼ିଆ ସିନେମା 'କର୍ତ୍ତବ୍ୟ'। ଏଥିରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକାରେ ଅଭିନୟ କରିଛନ୍ତି ସେ। ଅସଲ କଥା ହେଲା ଏହି ଫିଲ୍ମର ମେଲ୍ ଲିଡ୍‌ରେ ଅଭିନୟ କରିଥିବା ସତ୍ୟଙ୍କର କରୋନାରେ ପରଲୋକ ହୋଇଯାଇଛି। ତା'ସହ ବିଶିଷ୍ଟ ଅଭିନେତା ତଥା ପରଲୋକଗତ ବିଜୟ ମହାନ୍ତି ମଧ୍ୟ ଏଥିରେ ଅଭିନୟ କରିଛନ୍ତି। ତେବେ ଏହି ଫିଲ୍ମ ବିଷୟରେ ରୂପେଶ କହନ୍ତି, ''ଅଭିନୟ ମାୟାରେ ମୁଁ ସତେଯେମିତି ବନ୍ଧା ପଡିଯାଇଛି। 'କର୍ତ୍ତବ୍ୟ'ରେ ଯେଉଁ ଭୂମିକାଟି ମିଳିଛି ତାହା ମୋ ଆକ୍ଟିଂ କ୍ୟାରିୟରକୁ ମାଇଲେଜ ଦେବ ବୋଲି ଆଶା ରଖିଛି। ଭବିଷ୍ୟତରେ ମୋତେ ଯେଉଁ ଭୂମିକା ମିଳୁ ନା କାହିଁକି ତାହାକୁ ତୁଲାଇବାକୁ ନିଜକୁ ମାନସିକ ସ୍ତରରେ ପ୍ରସ୍ତୁତ ରଖିଛି। ଦର୍ଶକ ଯଦି ମୋ ପ୍ରତି ସେମାନଙ୍କର ଭଲ ପାଇବା ଜାରି ରଖନ୍ତି ତେବେ ତାହା ମୋ ପାଇଁ ଆଶୀର୍ବାଦ ପରି ହେବ।'' ବର୍ତ୍ତମାନ ରୂପେଶଙ୍କ ହାତରେ ଆଉ ଏକ ଅଫର ରହିଛି। ଶଙ୍କର ପାତ୍ରଙ୍କ ପ୍ରଯୋଜିତ ଏବଂ ମାନସ ରଞ୍ଜନ ପାତ୍ରଙ୍କ ନିର୍ଦ୍ଦେଶିତ ଏହି ଫିଲ୍ମରେ ପ୍ରିୟଦର୍ଶିନୀ, ତନୁଶ୍ରୀ, ଅଂଶୁମୋଚନ ମହାନ୍ତି, ଜୀବନ ପଣ୍ଡା ଏବଂ ରତନ ମେହେର ପ୍ରମୁଖ କଳାକାର ଅଭିନୟ କରିଛନ୍ତି।


ରୂପେଶ

# କଥା ରଖିଲେ ଆଲିୟା

ଆଲିୟା ଭଟ୍ଟ ଯାହା କହିଥିଲେ ତାହା ପୂରଣ କରିଛନ୍ତି। କଥା କ'ଣ କି ସେ ତାଙ୍କ ସାଙ୍ଗମାନଙ୍କୁ କଥା ଦେଇଥିଲେ ଯେ ଯଦି ସେ ଅଭିନୟ କରିଥିବା 'ଗଙ୍ଗୁ ବାଈ କାଠିଆୱାଡି' ପାଇଁ ତାଙ୍କୁ ଜାତୀୟ ଚଳଚ୍ଚିତ୍ର ପୁରସ୍କାର ମିଳେ ତେବେ ସେ ଏକ ଡିନର ପାର୍ଟିର ଆୟୋଜନ କରିବେ। ବାସ୍, ଏହି ପୁରସ୍କାର ଘୋଷଣା ହେବାର କିଛି ଦିନ ପରେ ସେ ନିଜ କଥା ରଖିଛନ୍ତି। ନିକଟରେ ସେ ତାଙ୍କର କେତେଜଣ ସାଙ୍ଗଙ୍କ ପାଇଁ ନିଜ ଘରେ ଏକ ଡିନର ପାର୍ଟିର ଆୟୋଜନ କରିଥିଲେ। ଏ ନେଇ ସେ କହନ୍ତି, 'ଜାତୀୟ ଚଳଚ୍ଚିତ୍ର ପୁରସ୍କାରଟିଏ ପାଇବା ସହଜ କଥା ନୁହେଁ। ଏହା ଏକ ସମ୍ମାନର କଥା। 'ଗଙ୍ଗୁବାଈ କାଠିଆୱାଡି'ରେ ମୋ ଅଭିନୟର ପ୍ରକୃତ ପୁରସ୍କାର ମୋତେ ମିଳିଛି। ସେତେବେଳେ ଏହି ଭୂମିକାକୁ ନେଇ ମୁଁ ବେଶ୍ ଆଶାବାଦୀ ଥିଲି। ମୋ ସାଙ୍ଗମାନଙ୍କୁ କଥା ଦେଇଥିଲି ଯେ, ଯଦି ମୁଁ ନ୍ୟାଶନାଲ ଆୱାର୍ଡ ପାଏ ତେବେ ସେମାନଙ୍କୁ ଏକ ଡିନର ପାର୍ଟି ଦେବି। ନିକଟରେ ମୋ କଥା ମୁଁ ପୂରଣ କରିଛି।'


ଆଲିଆ

# ଅତୀତରୁ...

◂◂ ସୁଜାତା ଆର୍ଟ ପିକ୍ଚର୍ସ, ବ୍ରହ୍ମପୁର ବ୍ୟାନରରେ ପ୍ରସ୍ତୁତ ହୋଇଥିଲା ଓଡ଼ିଆ ସିନେମା 'ଜନ୍ମଦାତା'। କେ.ଏଚ୍.ଡି. ରାଓଙ୍କ ପ୍ରଯୋଜନାରେ ଏହାର ନିର୍ଦ୍ଦେଶନା ଦେଇଥିଲେ ଏମ୍.ଏସ୍. କୋଟ୍ଟା ରେଡ୍ଡି। ଚକ୍ରପାଣି, ଶରତ ପୂଜାରୀ, ରୀତା ଚାନ୍ଦ, ରାଧା ପଣ୍ଡା, ପ୍ରୀତି ପଟ୍ଟନାୟକ ପ୍ରମୁଖ କଳାକାର ଏଥିରେ ଅଭିନୟ କରିଥିଲେ।

◂◂ ପୌରାଣିକ କଥାବସ୍ତୁକୁ ଆଧାରକରି ଏନ୍. ଗୋପାଳଙ୍କ ନିର୍ଦ୍ଦେଶନାରେ ନିର୍ମିତ ହୋଇଥିଲା ଓଡ଼ିଆ ସିନେମା 'କବି ସମ୍ରାଟ ଉପେନ୍ଦ୍ର ଭଞ୍ଜ'। ଏଥିରେ ସଂଯୋଜିତ ଗୀତଗୁଡ଼ିକୁ ସ୍ୱର ଦେଇଥିଲେ ଉପେନ୍ଦ୍ର କୁମାର। ଏହାର ଟାଇଟଲ ରୋଲ୍‌ରେ ଅଭିନୟ କରିଥିଲେ ଚକ୍ରପାଣି।

◂◂ ଓଡ଼ିଆ ସିନେମା 'ନିଛୁମ ରାତିର ସାଥୀ'ର ନିର୍ଦ୍ଦେଶନା ଦେଇଥିଲେ ବିଶ୍ୱଜିତ ଦାସ। ଏହାର ବିଭିନ୍ନ ଭୂମିକାରେ ଉତ୍ତମ ମହାନ୍ତି, ମହାଶ୍ୱେତା ରାୟ, ରାଧା ପଣ୍ଡା ପ୍ରମୁଖ କଳାକାର ଅଭିନୟ କରିଥିଲେ।

◂◂ 'ଶ୍ରୀକୃଷ୍ଣଙ୍କ ରାସଲୀଳା' ଚିତ୍ରଟିର ପ୍ରଯୋଜନା କରିଥିଲେ ଚିତ୍ତରଞ୍ଜନ ମହାନ୍ତି। ସୋନା ମୁଖାର୍ଜୀଙ୍କ ନିର୍ଦ୍ଦେଶନାରେ ଉକ୍ତ ଫିଲ୍ମର ବିଭିନ୍ନ ଭୂମିକାରେ ରବୀନ୍ଦ୍ର ଅଡିବୁଦ୍ଧି, ତପତି ଭଟ୍ଟାଚାର୍ଯ୍ୟ, ପ୍ରସନ୍ନ ମିଶ୍ର, ଅରୁଣା ମହାନ୍ତି ପ୍ରମୁଖ କଳାକାରଙ୍କୁ ଦେଖିବାକୁ ମିଳିଥିଲା।

ଧରିତ୍ରୀ DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୪ Press Regd. No. R.N. 21326/74 Postal Regd. No. BN/42/21-23. ଭୁବନେଶ୍ୱର, ଗୁରୁବାର, ଅଗଷ୍ଟ ୩୧/୨୦୨୩ Bhubaneswar, Thursday, August 31/ 2023

## ଉପସଭାପତି ପଦ ପାଇଁ ଲଢ଼ିବେ ଉଷା



ଚେନ୍ନାଇ, ୩୦।୮ (ପି.ଟି.)

ଭାରତୀୟ ଅଲିମ୍ପିକ୍ ଆସୋସିଏଶନ (ଆଇଓଏ) ସଭାପତି ପି.ଟି. ଉଷା ନିଜ ପ୍ରଶାସକ କ୍ୟାରିୟର ଦିଗରେ ଆଉ ଏକ ପାଦ ଆଗକୁ ବଢ଼ିବାକୁ ଯାଉଛନ୍ତି। ସେ ଆସନ୍ତା ରାଜ୍ୟଗୋଷ୍ଠୀ ଗେମ୍ସ ଫେଡେରେଶନ (ସିଜିଏଫ୍) ନିର୍ବାଚନରେ ଉପ-ସଭାପତି ପଦ ପାଇଁ ଲଢ଼ିବେ। ଆସନ୍ତା ନିର୍ବାଚନରେ ସଭାପତି, ଉପ-ସଭାପତି ଏବଂ ସ୍ପୋର୍ଟ୍ସ କମିଟି ସଦସ୍ୟ ପାଇଁ ପ୍ରାର୍ଥୀଙ୍କ ଶର୍ଟଲିଷ୍ଟ ବୁଧବାର ପ୍ରକାଶ ପାଇଛି। ଉପ-ସଭାପତି ପଦପାଇଁ ଉଷା ଦକ୍ଷିଣ ଆଫ୍ରିକାର ବାରୀ ହେଣ୍ଡ୍ରିକ୍ସ, କୁକ୍ ଆଇସଲାଣ୍ଡର ହ୍ୟୁଗ୍ ଗ୍ରାହାମ୍, ବାର୍ବାଡୋସର ସାଣ୍ଡ୍ରା ଓସବର୍ନ, କାନାଡାର ରିଚାର୍ଡ ପାଓ୍ବାର୍ସ, ସ୍କଟଲାଣ୍ଡର ଇଆନ ରିଡ୍ ଓ ଉଗାଣ୍ଡାର ଡୋନାଲ୍ଡ ରୁକାରେଙ୍କ ସହ ପ୍ରତିଦ୍ୱନ୍ଦ୍ୱିତା କରିବେ। ସଭାପତି ପଦ ପାଇଁ ୱେଲ୍ସର କ୍ରିସ୍ ଜେନ୍‌କିନ୍ସ ଓ ନ୍ୟୁଜିଲାଣ୍ଡର କେରେନ ସ୍ମିଥ୍‌ଙ୍କ ମଧ୍ୟରେ ମୁକାବିଲା ହେବ।

# ସ୍ୱର୍ଣ୍ଣ ବିଜୟ ଲକ୍ଷ୍ୟରେ ନୀରଜ

ଜୁରିଚ୍, ୩୦।୮ (ପି.ଟି.)

ସମ୍ମାନଜନକ ଡାଇମଣ୍ଡ ଲିଗ୍ ମିଟ୍ ଗୁରୁବାରଠାରୁ ଏଠାରେ ଆରମ୍ଭ ହେବ। ନୂଆ ବିଶ୍ୱ ଚାମ୍ପିୟନ ଭାରତର ନୀରଜ ଚୋପ୍ରା ଡାଇମଣ୍ଡ ଲିଗ୍‌ରେ ମଧ୍ୟ ଚମତ୍କାର ପ୍ରଦର୍ଶନ ଜାରିରଖି ସ୍ୱର୍ଣ୍ଣ ପଦକ ବିଜୟ ଲକ୍ଷ୍ୟରେ ରହିଛନ୍ତି। ବୁଦାପେଷ୍ଟରେ ଅନୁଷ୍ଠିତ ବିଶ୍ୱ ଚାମ୍ପିୟନଶିପ୍‌ରେ ଗତ ରବିବାର ୮୮.୧୭ ମିଟର ଜାଭେଲିନ୍ ଥ୍ରୋ କରି ସେ ପ୍ରଥମଥର ପାଇଁ ଚାମ୍ପିୟନ ହୋଇଥିଲେ। ୨୦୨୨ ସଂସ୍କରଣରେ ରୌପ୍ୟ ପଦକ ହାସଲ କରିଥିବା ନୀରଜଙ୍କ ପାଇଁ ଏହାଥିଲା ପ୍ରଥମ ବିଶ୍ୱ ଚାମ୍ପିୟନଶିପ୍ ଟାଇଟଲ। ଭାରତର ଏହି ସୁପରଷ୍ଟାର ଆଥ୍‌ଲେଟ ବିଶ୍ୱର ତୃତୀୟ ଜାଭେଲିନ୍ ଥ୍ରୋୟରଭାବେ ଉଭୟ ଅଲିମ୍ପିକ୍ସ ଓ ବିଶ୍ୱ ଚାମ୍ପିୟନଶିପ୍‌ରେ ସ୍ୱର୍ଣ୍ଣ ପଦକ ଜିତିବାରେ ସକ୍ଷମ ହୋଇଥିଲେ। ଏହି ତାଲିକାରେ ଥିବା ଅନ୍ୟ ୨ ଆଥ୍‌ଲେଟ ହେଲେ ଚେକ୍ ରିପବ୍ଲିକର ଜାନ୍ ଜେଲେଜ୍‌ନି ଓ ନରୱେର ଆନ୍ଦ୍ରିଆସ ଥୋର୍କିଲ୍ଡସେନ। ଜେଲେଜ୍‌ନି ୧୯୯୨, ୧୯୯୬ ଓ ୨୦୦୦ରେ ଅଲିମ୍ପିକ୍ ସ୍ୱର୍ଣ୍ଣ ଏବଂ ୧୯୯୩, ୧୯୯୬ ଓ ୨୦୦୧ରେ ବିଶ୍ୱ ଚାମ୍ପିୟନଶିପ୍ ଟାଇଟଲ ଜିତିଥିଲେ। ସେହିପରି ଥୋର୍କିଲ୍ଡସେନ ୨୦୦୮ ଅଲିମ୍ପିକ୍ସ ଏବଂ ୨୦୦୯ ବିଶ୍ୱ ଚାମ୍ପିୟନଶିପ୍‌ରେ ସ୍ୱର୍ଣ୍ଣ ପଦକ ହାସଲ କରିଥିଲେ।

୨୦୨୦ ଟୋକିଓ ଅଲିମ୍ପିକ୍ସରେ ସ୍ୱର୍ଣ୍ଣ ପଦକ ବିଜେତା ୨୫ ବର୍ଷୀୟ ନୀରଜ ଚଳିତ ସିଜନରେ ଅପରାଜେୟ ରହିଛନ୍ତି। ବିଶ୍ୱ ଚାମ୍ପିୟନଶିପ୍ ବିଜେତା ହେବା ପୂର୍ବରୁ ସେ ଦୋହା (ମେ-୫) ଓ ଲାଉସାନେ (ଜୁନ୍-୩୦)ରେ ୨ଟି ଡାଇମଣ୍ଡ ଲିଗ୍‌ରେ ଚମତ୍କାର ପ୍ରଦର୍ଶନ କରିଥିଲେ।



ନୀରଜ ଚୋପ୍ରା

**ଡାଇମଣ୍ଡ ଲିଗ୍ ସିରିଜ**

ବିଶ୍ୱ ଚାମ୍ପିୟନଶିପ୍‌ରେ ଟାଇଟଲ ଜିତିବାର ୪ ଦିନ ପରେ ନୀରଜ ଜୁରିଚ୍‌ରେ ପ୍ରତିଦ୍ୱନ୍ଦ୍ୱିତା କରିବାକୁ ଯାଉଛନ୍ତି। ଏଠାରେ ତାଙ୍କୁ ଚେକ୍ ରିପବ୍ଲିକର ଜାକୁବ୍ ଭାଡ୍‌ଲେଚ୍, ବୁଦାପେଷ୍ଟରେ ବ୍ରୋଞ୍ଜ ବିଜୟୀ ଜର୍ମାନୀର ଜୁଲିଆନ ୱେବର ଓ ୨ ଥର ବିଶ୍ୱ ଚାମ୍ପିୟନ ଗ୍ରେନାଡାର ଆଣ୍ଡରସନ ପେଟର୍ସଙ୍କ ସହ ମୁକାବିଲା କରିବାକୁ ହେବ। ବୁଦାପେଷ୍ଟରେ ରୌପ୍ୟ ବିଜୟୀ ପାକିସ୍ତାନର ଅର୍ଶଦ ନଦିମ କିନ୍ତୁ ଜୁରିଚ୍ ପ୍ରତିଯୋଗିତାରେ ଭାଗ ନେବେନାହିଁ। ଗତବର୍ଷ ଡାଇମଣ୍ଡ ଲିଗ୍ ଟ୍ରଫି ଜିତିଥିବା ନୀରଜ ଏବର୍ଷ ୨ଟି ଇଭେଣ୍ଟ ପରେ ୧୬ ପଏଣ୍ଟ ସହିତ ତୃତୀୟ ସ୍ଥାନରେ ରହିଛନ୍ତି। ଭାଡ୍‌ଲେଚ୍ ୩ ଇଭେଣ୍ଟରୁ ୨୧ ଓ ୱେବର ୩ ଇଭେଣ୍ଟରୁ ୧୯ ପଏଣ୍ଟ ପାଇ ପ୍ରଥମ ଦୁଇ ସ୍ଥାନରେ ରହିଛନ୍ତି। ଚଳିତ ସିଜନରେ ସଂଘର୍ଷ କରୁଥିବା ପିଟର୍ସ ୧୫ ପଏଣ୍ଟ ସହିତ ଚତୁର୍ଥ ସ୍ଥାନରେ ଅଛନ୍ତି। ଗତ ବିଶ୍ୱ ଚାମ୍ପିୟନଶିପ୍‌ର ଫାଇନାଲ ରାଉଣ୍ଡରେ ସେ ପ୍ରବେଶ କରିବାରେ ବିଫଳ ହୋଇଥିଲେ। ଡାଇମଣ୍ଡ ଲିଗ୍ ସିରିଜର ଅନ୍ତିମ ଚରଣ ଜୁରିଚ୍‌ରେ ଅନୁଷ୍ଠିତ ହେବାକୁ ଯାଉଛି। ସିଜନର ଫାଇନାଲ ଆମେରିକାର ଇୟୁଜେନେଠାରେ ସେପ୍ଟେମ୍ବର ୧୬ ଓ ୧୭ରେ ଅନୁଷ୍ଠିତ ହେବ। ସେଠାରେ ଚାମ୍ପିୟନ ହେବା ପ୍ରତିଯୋଗୀ ଡାଇମଣ୍ଡ ଲିଗ୍ ବିଜେତା ଘୋଷିତ ହେବେ। ପଏଣ୍ଟ ଟେବୁଲର ଟପ୍-୬ରେ ଥିବା ପ୍ରତିଯୋଗୀ ହିଁ ଇୟୁଜେନେ ପ୍ରତିଯୋଗିତାରେ ଅଂଶଗ୍ରହଣ କରିପାରିବେ।

ଲଙ୍ଗ ଜମ୍ପର ମୁରଲୀ ଶ୍ରୀଶଙ୍କରଙ୍କୁ ମଧ୍ୟ ଜୁରିଚ୍ ଡାଇମଣ୍ଡ ଲିଗ୍ ସିରିଜରେ ଆକ୍ସନରେ ଦେଖିବାକୁ ମିଳିବ। ବିଶ୍ୱ ଚାମ୍ପିୟନଶିପ୍‌ର ଫାଇନାଲ ରାଉଣ୍ଡକୁ ଉନ୍ନୀତ ହେବାରେ ସେ ବିଫଳ ହୋଇଥିଲେ। ତାଙ୍କର ବ୍ୟକ୍ତିଗତ ଶ୍ରେଷ୍ଠ ୮.୪୧ ମିଟର ରହିଥିଲେ ହେଁ ବିଶ୍ୱ ଚାମ୍ପିୟନଶିପ୍‌ର କ୍ୱାଲିଫାଇଂ ରାଉଣ୍ଡରେ ୭.୭୪ ମିଟର ଡେଇଁ ଓଭରଅଲ୍ ୨୨ତମ ସ୍ଥାନରେ ରହିଥିଲେ। ଡାଇମଣ୍ଡ ଲିଗ୍ ସିଜନର ଲଙ୍ଗଜମ୍ପ ଷ୍ଟାଣ୍ଡିଂରେ ସେ ୨ ଇଭେଣ୍ଟରୁ ୧୦ ପଏଣ୍ଟ ସହିତ ତୃତୀୟ ସ୍ଥାନରେ ରହିଛନ୍ତି।

## ଗୋଡାର୍ଡଙ୍କ ସହ ଓଏଫ୍‌ସିର ଚୁକ୍ତି

ଭୁବନେଶ୍ୱର,୩୦।୮ (ସରୋଜ ଜେନା)




ଜାପାନ ୧୬ ବର୍ଷରୁ କମ୍ ଦଳ ପକ୍ଷରୁ ଖେଳିଥିବା ତଥା ଟଟେନହାମ୍ ହଟସ୍ପର ଯୁବ ଦଳର ୱିଙ୍ଗର ସାଇ ଗୋଡାର୍ଡଙ୍କ ସହିତ ଏକ ବର୍ଷର ଚୁକ୍ତି କରିଛି ଓଡ଼ିଶା ଫୁଟବଲ୍ କ୍ଲବ୍(ଓଏଫ୍‌ସି)। ୧୮ ଓ ୨୧ ବର୍ଷରୁ କମ୍ ଦଳ ପକ୍ଷରୁ ଖେଳିବା ସମୟରେ ୫ ବର୍ଷ ଧରି ହଟସ୍ପର ଦଳରେ ରହିଥିଲେ ଗୋଡାର୍ଡ। ୨୦୨୦ରେ ଇଣ୍ଡିଆନ୍ ସୁପର ଲିଗ୍(ଆଇଏସଏଲ୍)ରେ ପ୍ରଥମ ଥର ପାଇଁ ମୁମ୍ବାଇ ସିଟି ଏଫ୍‌ସି ପକ୍ଷରୁ ଖେଳିଥିଲେ ଗୋଡାର୍ଡ। ମୁମ୍ବାଇ ପକ୍ଷରୁ ୧୯ ମ୍ୟାଚ୍ ଖେଳିଥିବା ବେଳେ ଗୋଟିଏ ଗୋଲ ସ୍କୋର କରିଛନ୍ତି। ବେନେଭେଣ୍ଟୋ କ୍ଲବ ପକ୍ଷରୁ ୨୦୧୮ରେ ନିଜର ସିନିୟର ଡେବ୍ୟୁ କରିଥିବା ଗୋଡାର୍ଡ। ପରେ ଅଷ୍ଟ୍ରେଲିଆନ୍ ଫୁଟବଲ ଲିଗ୍‌ରେ ସେଣ୍ଟ୍ରାଲ କୋଷ୍ଟ ମେରିନର୍ସ ପାଇଁ ମଧ୍ୟ ଖେଳିଥିଲେ। ଗୋଡାର୍ଡ ନିଜର ପ୍ଲେ ମେକିଂ ଷ୍ଟାଇଲ ପାଇଁ ପ୍ରସିଦ୍ଧ। ତାଙ୍କ ଉପସ୍ଥିତିରେ ଫରୱାର୍ଡ ଲାଇନ୍ ଅଧିକ ଶକ୍ତିଶାଳୀ ହେବା ନେଇ ଆଶା କରାଯାଉଛି।

## ପାକିସ୍ତାନଠାରୁ ଭାରତ ପରାସ୍ତ

ସଲାଲା,୩୦।୮(ପି.ଟି.)

ବୁଧବାର ଓମାନରେ ଅନୁଷ୍ଠିତ ୫ ଏ ସାଇଡ୍ ହକି ବିଶ୍ୱକପ ଯୋଗ୍ୟତା ପର୍ଯ୍ୟାୟରେ ପାକିସ୍ତାନ ନିକଟରୁ ୫-୪ ଗୋଲରେ ପରାଜିତ ହୋଇଛି ଭାରତ। ବୁଧବାର ପ୍ରଥମ ମ୍ୟାଚରେ ଓମାନକୁ ୧୨-୨ରେ ହରାଇବା ପରେ ପାକିସ୍ତାନ ନିକଟରୁ ପରାଜିତ ହୋଇଥିଲା ଭାରତ। ଭାରତ ପକ୍ଷରୁ ମନିନ୍ଦର ସିଂ (୧୭ ଓ ୨୯ ମିନିଟ) ଡବଲ ଗୋଲ ଦେଇଥିବା ବେଳେ ଗୁରଜୋତ ସିଂ(୧୨ ମିନିଟ) ଓ ମହମ୍ମଦ ରାହିଲ(୨୧ ମିନିଟ) ଗୋଟିଏ ଲେଖାଏ ଗୋଲ ଦେଇଥିଲେ। ପାକିସ୍ତାନ ପକ୍ଷରୁ ଅହତିଶାମ ଅସଲମ୍ ଡବଲ ଗୋଲ (୨ ଓ ୩ ମିନିଟ) ଦେଇଥିଲେ। ଜିକ୍ରିୟା ହାୟତ(୫), ଅବଦୁଲ ରେହମାନ(୧୩) ଓ ଅବଦୁଲ ରାଣା(୨୬ ମିନିଟ) ଅନ୍ୟ ୩ଟି ଗୋଲ ଦେଇଥିଲେ।

ସନ୍ଧ୍ୟାର ପ୍ରଥମ ମ୍ୟାଚରେ ମହମ୍ମଦ ରାହିଲ(୨, ୯ ଓ ୩୦), ରାଜଭର(୯, ୧୦ ଓ ୨୧), ମନିନ୍ଦର(୧୬, ୨୩, ୨୬) ମିନିଟରେ ୩ଟି ଲେଖାଏ ଗୋଲ ସ୍କୋର କରିଥିବା ବେଳେ ଭାରତ ୧୨-୨ରେ ଓମାନକୁ ହରାଇଥିଲା। ଯୁଗରାଜ ସିଂ(୩ ଓ ୨୮) ମିନିଟରେ ଦୁଇଟି ଓ ୨୯ତମ ମିନିଟରେ ସୁଖବିନ୍ଦର ଗୋଟିଏ ଗୋଲ ଦେଇଥିଲେ।

# ସ୍ପୋର୍ଟ୍ସ ଓଡ଼ିଶା ଜିତିଲା ଫାଓ ସୁପରକପ୍

କଟକ,୩୦।୮
(ସୁପ୍ରିୟା ପ୍ରିୟଦର୍ଶିନୀ)

ଫୁଟବଲ ଆସୋସିଏସନ ଅଫ ଓଡିଶା (ଫାଓ) ଆନୁକୂଲ୍ୟରେ ଫାଓ ଲିଗ ସୁପର କପ ଫାଇନାଲ ବାରବାଟୀ ଷ୍ଟାଡିୟମରେ ବୁଧବାର ଅନୁଷ୍ଠିତ ହୋଇଛି। ଏଥିରେ ସ୍ପୋର୍ଟ୍ସ ଓଡିଶା ୧-୦ ଗୋଲରେ ସନରାଇଜ କ୍ଲବକୁ ହରାଇ ଚାମ୍ପିୟନ ହୋଇଛି। ୭୭ତମ ମିନିଟରେ ମିଡଫିଲ୍ଡର ଜଗନ୍ନାଥ ଟୁଡୁଙ୍କ ଗୋଲ ସ୍ପୋର୍ଟ୍ସ ଓଡ଼ିଶା ଦଳକୁ ବିଜୟୀ କରିଥିଲା। ଚାମ୍ପିୟନ ସ୍ପୋର୍ଟ୍ସ ଓଡ଼ିଶା ଦଳକୁ ୧ଲକ୍ଷ ଟଙ୍କା ସମେତ ଟ୍ରଫି ପ୍ରଦାନ କରାଯାଇଛି। ଫାଇନାଲରେ ଗୋଲକିପର ସଞ୍ଜୟ ହେମ୍ବ୍ରମଙ୍କୁ ପ୍ରଦର୍ଶନ ଅତ୍ୟନ୍ତ ପ୍ରଭାବଶାଳୀ ରହିଥିଲା। ତେଣୁ ଓସିଏ ସମ୍ପାଦକ ସଞ୍ଜୟ ବେହେରା ତାଙ୍କୁ ସ୍ୱତନ୍ତ୍ର ଭାବେ ୧୦ହଜାର ଟଙ୍କାର ଆର୍ଥିକ ପୁରସ୍କାର ପ୍ରଦାନ କରିଛନ୍ତି।

ଫାଓ ଲିଗ୍ ସୁପରକପ୍ ରନରଅପ ସନରାଇଜ୍ ଦଳକୁ ଟ୍ରଫି ସମେତ ୫୦ହଜାର ଟଙ୍କାର ଆର୍ଥିକ ପୁରସ୍କାର ପ୍ରଦାନ କରାଯାଇଛି। ଏତଦବ୍ୟତୀତ ସନରାଇଜ ଦଳ ଚଳିତ ସଂସ୍କରଣର ଫାଓ ଲିଗ୍ ଡାଏମଣ୍ଡ ଗ୍ରୁପ ଚାମ୍ପିୟନ ହୋଇଥିବା ହେତୁ ୧ ଲକ୍ଷ ଟଙ୍କା ସହ ଟ୍ରଫି ଗ୍ରହଣ କରିଛି। ସେହିପରି ଫାଓ ଗୋଲ୍ଡ ଲିଗ୍‌ର ଚାମ୍ପିୟନ ରାଇଜିଂ ଷ୍ଟାର କ୍ଲବକୁ ୭୫ ହଜାର, ସିଲଭର ଲିଗ୍ ଚାମ୍ପିୟନ ଇଣ୍ଡିପେଣ୍ଡେଣ୍ଟ କ୍ଲବକୁ ୫୦ହଜାର, ଦ୍ୱିତୀୟ ଡିଭିଜନ ଲିଗ୍‌ର ଚାମ୍ପିୟନ ଜୁନିୟର ଗାଲା କ୍ଲବକୁ ୨୫ହଜାର ଏବଂ ରନରଅପ ୟଙ୍ଗ ଆସୋସିଏଶନ ଫୁଟବଲ କ୍ଲବକୁ ୧୫ହଜାର ଟଙ୍କାର ଆର୍ଥିକ ରାଶି ଏବଂ ଟ୍ରଫି ଦିଆଯାଇଛି। ପିଣ୍ଟୁ ସାମଲ ଶ୍ରେଷ୍ଠ ଡିଫେଣ୍ଡର, ଗୌରବ ନେଗୀ ଶ୍ରେଷ୍ଠ ମିଡଫିଲ୍ଡର, ଦୀନବନ୍ଧୁ ଦାସ ଶ୍ରେଷ୍ଠ ଫରୱାର୍ଡ, ରବି ଦେଉଳ ପିଡିଆ ଶ୍ରେଷ୍ଠ ଗୋଲ କିପର, ଗୋରାଚାନ୍ଦ ମାରାଣ୍ଡି ଶ୍ରେଷ୍ଠ ଖେଳାଳି ଭାବେ ପୁରସ୍କୃତ ହୋଇଥିଲେ। ସ୍ପୋର୍ଟ୍ସ ଓଡ଼ିଶା ଦଳକୁ ଫେୟାର ପ୍ଲେ ଆୱାର୍ଡ ମଧ୍ୟ ମିଳିଥିଲା। ଏହି ଅବସରରେ ବିଜୁ ପଟ୍ଟନାୟକ କ୍ରୀଡା ପୁରସ୍କାର ପ୍ରାପ୍ତ ପୂର୍ବତନ ଅନ୍ତର୍ଜାତୀୟ ଖେଳାଳି ରାଜେନ୍ଦ୍ର ପ୍ରସାଦ ସିଂଙ୍କୁ ସମ୍ବର୍ଦ୍ଧନା ଦିଆଯାଇଥିଲା। ଉଦ୍‌ଯାପନୀ ଉତ୍ସବରେ ମେୟର ସୁବାସ ସିଂ, ଡିସିପି ପିନାକ ମିଶ୍ର, ଓସିଏ ସମ୍ପାଦକ ସଞ୍ଜୟ ବେହେରା, ଫାଓ ସଭାପତି ଦେବାଶିଷ ସାମନ୍ତରାୟ, ସମ୍ପାଦକ ଆଶୀର୍ବାଦ ବେହେରା, କୋଷାଧ୍ୟକ୍ଷ ଭକ୍ତବତ୍ସଳ ଦାସ, ଉପସଭାପତି ବିଜୟ ଦାସ, ଦିଲ୍ଲୀପ ସାହୁ, ଯୁଗ୍ମ ସମ୍ପାଦକ ଅଭିଜିତ ପାଲ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ।



କଟକ ବାରବାଟୀ ଷ୍ଟାଡିୟମରେ ଅନୁଷ୍ଠିତ ଫାଓ ସୁପରକପ୍ ଫୁଟବଲ ଟୁର୍ନାମେଣ୍ଟରେ ଚାମ୍ପିୟନ ସ୍ପୋର୍ଟ୍ସ ଓଡ଼ିଶା ଦଳ।

## ଆୟର୍ଲାଣ୍ଡ ମହିଳା କୋଚ୍ ବିଦା

ଡବ୍ଲିନ୍,୩୦।୮(ପି.ଟି.)

ଆୟର୍ଲାଣ୍ଡ ମହିଳା ଫୁଟବଲ୍ ଦଳକୁ ବିଶ୍ୱକପରେ ପହଞ୍ଚାଇଥିଲେ ମଧ୍ୟ ମହିଳା ଦଳର କୋଚ୍ ଭେରା ପାଓଙ୍କୁ ବିଦା ହେବାକୁ ପଡିଛି। ଭେରାଙ୍କ ଅଧୀନରେ ଆୟର୍ଲାଣ୍ଡ ପ୍ରଥମ ଥର ବିଶ୍ୱକପ୍ ଖେଳିବାକୁ ଯୋଗ୍ୟତା ଅର୍ଜନ କରିଥିଲା। ତେବେ ଆସନ୍ତା ସପ୍ତାହରେ ତାଙ୍କର ଚୁକ୍ତି ଶେଷ ହେଉଥିବା ବେଳେ ତାଙ୍କୁ ବାଦ ଦେବାକୁ ନିଷ୍ପତ୍ତି ନେଇଛି ଫୁଟବଲ ଆସୋସିଏଶନ ଅଫ ଆୟର୍ଲାଣ୍ଡ (ଏଫ୍‌ଏଆଇ)। ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଜୋନାଥନ୍ ହିଲ୍ ଧନ୍ୟବାଦ ଜଣାଇ ଏକ ପୋଷ୍ଟ ମଧ୍ୟ କରିଛନ୍ତି। ଆମକୁ ପ୍ରଥମ ଥର ଫୁଟବଲ ବିଶ୍ୱକପରେ ପହଞ୍ଚାଇ ଥିବାରୁ ଭେରାଙ୍କୁ ଧନ୍ୟବାଦ। ଇତିହାସ ସୃଷ୍ଟି କରି ସେ ଏକ ଦେଶକୁ ଗର୍ବିତ କରିଥିବାରୁ ତାଙ୍କର ଉଜ୍ଜ୍ୱଳ ଭବିଷ୍ୟତ କାମନା କରୁଛୁ ବୋଲି ହିଲ୍ ଲେଖିଛନ୍ତି। ପ୍ରଥମ ଥର ଯୋଗ୍ୟତା ଅର୍ଜନ କରିଥିବା ଆୟର୍ଲାଣ୍ଡ ଅଷ୍ଟ୍ରେଲିଆ ଓ କାନାଡା ନିକଟରୁ ପରାଜିତ ହୋଇଥିବା ବେଳେ ନାଇଜେରିଆ ସହିତ ମ୍ୟାଚ୍ ଡ୍ର ରଖିଥିଲା।

## ଖେଲୋ ଇଣ୍ଡିଆ ମହିଳା ଉଷୁ ଲିଗ୍: ଖୋର୍ଦ୍ଧା ଚାମ୍ପିୟନ



ଚାମ୍ପିୟନ ଖୋର୍ଦ୍ଧା ଦଳର ପ୍ରତିଯୋଗୀମାନେ ଅତିଥି ଓ କର୍ମକର୍ତ୍ତାଙ୍କ ଗହଣରେ।

ଭୁବନେଶ୍ୱର, ୩୦।୮
(ତପନ ସ୍ୱାଇଁ)

ଓଡ଼ିଶା ଉଷୁ ସଂଘ ଓ ଝାରସୁଗୁଡ଼ା ଜିଲା ଉଷୁ ସଂଘର ମିଳିତ ଆନୁକୂଲ୍ୟରେ ବେଲପାହାଡ଼ଠାରେ ଦିନିକିଆ ଖେଲୋ ଇଣ୍ଡିଆ ମହିଳା ଉଷୁ ଲିଗ୍ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଏଥିରେ ଝାରସୁଗୁଡ଼ା, ସମ୍ବଲପୁର, ଖୋର୍ଦ୍ଧା, ପୁରୀ, ନୟାଗଡ଼, କଟକ, ଗଞ୍ଜାମ, କେନ୍ଦୁଝର, ସୁନ୍ଦରଗଡ଼, ସୋନପୁର, ନୂଆପଡ଼ା, ନବରଙ୍ଗପୁର, କଳାହାଣ୍ଡି, ଅନୁଗୋଳ, ବଲାଙ୍ଗୀର, ବାଲେଶ୍ୱର, ବରଗଡ଼ ଓ ମୟୂରଭଞ୍ଜ ଆଦି ୧୮ ଜିଲାରୁ ୨୦୦ରୁ ଅଧିକ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। ପ୍ରତିଯୋଗିତାରେ ଖୋର୍ଦ୍ଧା ଦଳଗତ ଚାମ୍ପିୟନ ହୋଇଥିବାବେଳେ କେନ୍ଦୁଝର ଓ ସୁନ୍ଦରଗଡ଼ ପରବର୍ତ୍ତୀ ୨ ସ୍ଥାନ ଅଧିକାର କରିଥିଲେ। ଖୋର୍ଦ୍ଧା ପ୍ରତିନିଧି ଦଳରେ ୨୧ ଖେଳାଳି, ୧ କୋଚ୍ ଓ ୪ ଜଜ୍ ସାମିଲ ଥିଲେ। ପ୍ରତିଯୋଗିତାରେ ଦଳକୁ ୧୬ ସ୍ୱର୍ଣ୍ଣ, ୭ ରୌପ୍ୟ ଓ ୮ ବ୍ରୋଞ୍ଜ ପଦକ ମିଳିଥିଲା। କେନ୍ଦୁଝର ୧୪ ସ୍ୱର୍ଣ୍ଣ, ୧ ରୌପ୍ୟ ୪ ବ୍ରୋଞ୍ଜ୍ ଏବଂ ସୁନ୍ଦରଗଡ଼ ୪ ସ୍ୱର୍ଣ୍ଣ, ୧୦ ରୌପ୍ୟ ଓ ୮ ବ୍ରୋଞ୍ଜ ପଦକ ପାଇଥିଲା। ଟିଆରଏଲ୍ କ୍ରୋଷାକି କମ୍ପାନୀର ବରିଷ୍ଠ ଅଧିକାରୀ ପ୍ରଫୁଲ୍ଲ ରଥ, ଦୀପକ ସାହୁ, ତାନ୍‌ଭି ଶେଖର, ଓଡ଼ିଶା ଉଷୁ ସଂଘ ଅଧ୍ୟକ୍ଷ ସୁଧାଂଶୁ ଶେଖର ହରିଚନ୍ଦନ, ସମ୍ପାଦକ ଯୁବରାଜ ହରିଚନ୍ଦନ, ଝାରସୁଗୁଡ଼ା ଜିଲା ଉଷୁ ସଂଘ ସଭାପତି ବିନୟ ବେହେରା, ଉପସଭାପତି ସୁଶାନ୍ତ ଗୁପ୍ତା, ସମ୍ପାଦକ ନବୀନ ସିଂ ଅତିଥିରୂପେ ଯୋଗ ଦେଇଥିଲେ। ଓଡ଼ିଶା ଉଷୁ ସଂଘ ବୈଷୟିକ ନିର୍ଦ୍ଦେଶକ ପ୍ରଦ୍ୟୁମ୍ନ ବେହେରା ସଭାକାର୍ଯ୍ୟ ପରିଚାଳନା କରିଥିଲେ। ଏହି ଅବସରରେ ଅନ୍ତର୍ଜାତୀୟ ଉଷୁ ପ୍ରତିଯୋଗିତାରେ ସ୍ୱର୍ଣ୍ଣ ପଦକ ବିଜେତା କେନ୍ଦୁଝର ଜିଲାର ଶ୍ୱେତା ରାଣୀ ମହନ୍ତଙ୍କୁ ସମ୍ମାନିତ କରାଯାଇଥିଲା।

# ପାକିସ୍ତାନ ୨୩୮ ରନ୍‌ରେ ବିଜୟୀ

ମୁଲତାନ,୩୦।୮(ପି.ଟି.)

ଏସିଆ କପ୍‌ର ଉଦ୍‌ଘାଟନୀ ମ୍ୟାଚ୍‌ରେ ନେପାଳକୁ ୨୩୮ରନରେ ପରାସ୍ତ କରି ବୃହତ ବିଜୟ ହାସଲ କରିଛି ପାକିସ୍ତାନ। ପ୍ରଥମେ ବ୍ୟାଟିଂ କରି ପାକିସ୍ତାନ ଅଧିନାୟକ ବାବର ଆଜମଙ୍କ ୧୫୧ ଓ ଇଫତିଖାର ଅହମଦଙ୍କ ୧୦୯ ରନ୍ ବଳରେ ୬ ଉଇକେଟରେ ୩୪୨ ରନ୍ କରିଥିଲା। ଜବାବରେ ନେପାଳ ୨୩.୪ ଓଭରରେ ୧୦୪ ରନ୍ କରି ଅଲଆଉଟ ହୋଇ ଯାଇଥିଲା।

ଟସ୍ ଜିତି ପାକିସ୍ତାନ ପ୍ରଥମେ ବ୍ୟାଟିଂ ନିଷ୍ପତ୍ତି ନେଇଥିଲା। ଦୁଇ ଓପନର ଫଖର ଜମନ (୧୪) ଓ ଇମାମ ଉଲ ହକ୍(୫) ପ୍ରଥମ ଉଇକେଟରେ ୨୧ ରନ୍‌ଯୋଡିଥିଲେ। ତେବେ ମାତ୍ର ୪ ରନ୍ ବ୍ୟବଧାନରେ ଉଭୟ ଓପନର ପ୍ୟାଭିଲିୟନ ଫେରିଥିଲେ। ମହମ୍ମଦ ରିଜୱାନ ୪୪ ରନ ଏବଂ ବ୍ୟାଟିଂ ପଦୋନ୍ନତି ପାଇଥିବା ଆଘା ସଲମାନ(୫) ବିଫଳ ହେବାରୁ ପାକିସ୍ତାନ ୧୨୩ ରନ୍‌ରେ ୪ ଉଇକେଟ ହରାଇଥିଲା। ଦିନିକିଆ କ୍ରିକେଟରେ ୧୯ ତମ ଶତକ ହାସଲ କରିଥିବା ଅଧିନାୟକ ବାବର ଆଜମ ୧୫୧ ରନ୍ କରିବା ସହ ଇଫତିଖାର ଅହମଦଙ୍କ ସହିତ ୨୧୪ ରନ୍‌ର ଭାଗୀଦାରି କରିଥିଲେ। ୧୩୧ ବଲ୍‌ର ସମ୍ମୁଖୀନ ହୋଇଥିବା ବାବର ୧୪ ଚୌକା ଓ ୪ ଛକା ମାରି ଶେଷ ଓଭରରେ ଆଉଟ ହୋଇଥିଲେ। ଅନ୍ୟ ପକ୍ଷରେ ଅପରାଜିତ ୧୦୯ ରନ୍ କରିଥିବା ଇଫତିଖାର ୬୭ ବଲରେ ନିଜର ଶତକ ପୂରଣ କରିଥିଲେ। ଦିନିକିଆରେ ଏହା ତାଙ୍କର ପ୍ରଥମ ଶତକ। ଉଭୟ ଖେଳାଳି ୧୩୧ ବଲ୍‌ର ସମ୍ମୁଖୀନ ହୋଇ ୨୧୪ ରନ ଯୋଡିବା ସହିତ ନେପାଳ ହାତରୁ ମ୍ୟାଚ ଛଡାଇ ନେଇଥିଲେ। ନେପାଳ ପକ୍ଷରୁ ସୋମପାଲ କାମି ସର୍ବାଧିକ ୨ ଉଇକେଟ ନେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ସନ୍ଦୀପ ଲାମିଚାନେ ଓ କରନ୍ କେସି ଗୋଟିଏ ଲେଖାଏ ଉଇକେଟ ନେଇଥିଲେ।

୩୪୩ ରନ୍ ଜବାବରେ ନେପାଳର ଆରମ୍ଭ ଅତ୍ୟନ୍ତ ଦୟନୀୟ ରହିଥିଲା। ଶାହିନ୍ ଆଫ୍ରିଦି ଓ ନଶିମ୍ ଶାହା ଘାତକ ବୋଲିଂ କରିବାରୁ ନେପାଳ ୧୪ ରନରେ ୩ ଉଇକେଟ ହରାଇଥିଲା। ପରେ ହାରିଶ ରୌଫ୍ ୨ ଓ ଶଦାବ ଖାନ ୪ ଉଇକେଟ ନେବାରୁ ନେପାଳ ୧୦୪ ରନ୍‌ରେ ଅଲଆଉଟ ହୋଇଥିଲା।

**ଏସିଆ କପ୍ କ୍ରିକେଟ**

(ଆଜିର ମ୍ୟାଚ)
ଶ୍ରୀଲଙ୍କା ବନାମ ବାଂଲାଦେଶ
ମ୍ୟାଚ ସ୍ଥାନ: ପାଲେକେଲ
ମ୍ୟାଚ୍ ସମୟ: ଅପରାହ୍ନ ୩.୦୦
ପ୍ରସାରଣ:ଷ୍ଟାର ସ୍ପୋର୍ଟ୍ସ


ପ୍ଲେୟର ଅଫ୍ ଦି ମ୍ୟାଚ୍ ବାବର ଆଜମ।



ଶତକ ହାସଲ ପରେ ଇଫ୍‌ତିଖାର ଅହମଦ।

**ସଂକ୍ଷିପ୍ତ ସ୍କୋର**

ପାକିସ୍ତାନ ୫୦ ଓଭରରେ ୩୪୨/୬ (ବାବର ଆଜମ୍-୧୫୧, ଇଫତିଖାର ଅହମଦ-୧୦୯*, ମହମ୍ମଦ ରିଜୱାନ-୪୪, ସୋମପାଲ କାମି-୨/୮୫, କରଣ କେସି-୧/୫୪, ସନ୍ଦୀପ ଲାମିଚାନେ-୧/୬୯)। ନେପାଳ ୨୩.୪ ଓଭରରେ ୧୦୪/୧୦ (ସୋମପାଲ କାମି-୨୮, ଆରିଫ୍ ଶେଖ୍-୨୬, ଗୁଲଶନ ଝା-୧୩, ଶଦାବ୍ ଖାନ୍-୪/୨୭, ହରିଶ୍ ରୌଫ୍-୨/୧୬, ଶାହିନ୍ ଆଫ୍ରିଦି-୨/୨୭)।

## ୟୁନାଇଟେଡ ୟୁଥ୍‌ର ବୃହତ୍ ବିଜୟ

ଭୁବନେଶ୍ୱର, ୩୦।୮
(ତପନ ସ୍ୱାଇଁ)

ଭୁବନେଶ୍ୱର ଆଥ୍‌ଲେଟିକ ଆସୋସିଏଶନ ଆନୁକୂଲ୍ୟରେ ୟୁନିଟ-୧ସ୍ଥିତ ଫୁଟବଲ ଏକାଡେମୀ ପଡ଼ିଆରେ ଚାଲିଥିବା ଗତିକୃଷ୍ଣ ମେମୋରିଆଲ 'ବି' ଡିଭିଜନ ଫୁଟବଲ ଲିଗ୍‌ରେ ୟୁନାଇଟେଡ ୟୁଥ୍ ବୃହତ୍ ବିଜୟ ହାସଲ କରିଛି। ବୁଧବାର ମ୍ୟାଚରେ ଏହି ଦଳ ୬-୦ ଗୋଲରେ କଳିଙ୍ଗ ସ୍ପୋର୍ଟିଂକୁ ପରାସ୍ତ କରିଛି। ୟୁନାଇଟେଡ ୟୁଥ୍ ପକ୍ଷରୁ ବାପୁନି ବିନ୍ଧାଣି ୫୪ ଓ ୫୮ତମ ମିନିଟରେ ୨ଟି ଏବଂ କାବୁଲାଲ ସାହୁ ୭ମ, ବାପୁନି ବିନ୍ଧାଣି ୧୮, ପିପୁନା ରାଉତ ୪୮ ଓ ଅଭିଷେକ ପଢ଼ିଆରି ୬୪ତମ ମିନିଟରେ ଗୋଟିଏ ଲେଖାଏ ଗୋଲ ସ୍କୋର କରିଥିଲେ। ବିଜୟୀ ଦଳର ବାପୁନି ବିନ୍ଧାଣୀ ପ୍ଲେୟର ଅଫ୍ ଦି ମ୍ୟାଚ ବିବେଚିତ ହୋଇଥିଲେ। ଆୟୋଜକ ଆସୋସିଏଶନର କବାଡ଼ି ସମ୍ପାଦକ ସୂର୍ଯ୍ୟକାନ୍ତ ମହାନ୍ତି ପୁରସ୍କାର ପ୍ରଦାନ କରିଥିଲେ। ୟୁନାଇଟେଡ ୟୁଥ୍ ଏହାର ୩ଟି ମ୍ୟାଚ ଜିତି ୯ ପଏଣ୍ଟ ସହ ଗ୍ରୁପ୍ 'ବି'ରେ ଶୀର୍ଷରେ ରହିଛି। ଅନ୍ୟପକ୍ଷରେ ନୟାପଲ୍ଲୀର କଳିଙ୍ଗ ସ୍ପୋର୍ଟିଂ ୩ ମ୍ୟାଚରୁ ୪ ପଏଣ୍ଟରେ ସ୍ଥିର ରହିଛି। ଗୁରୁବାର ଗ୍ଲୋବାଲ ଫୁଟବଲ କ୍ଲବ ଓ କିସ୍ ମଧ୍ୟରେ ମ୍ୟାଚ ଅନୁଷ୍ଠିତ ହେବ।


ବାପୁନି ବିନ୍ଧାଣୀ ଅତିଥିଙ୍କଠାରୁ ପୁରସ୍କାର ଗ୍ରହଣ କରୁଛନ୍ତି।

4-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ